ଶ୍ରୀଲାଲ ଶୁକ୍ଳଙ୍କ କେତୋଟି ଗଳ୍ପ



ଅନୁବାଦ :

ପ୍ରୀତୀଶ ଆଚାର୍ଯ୍ୟ

Digitized by srujanika@gmail.com

ଶ୍ରୀଲାଲ ଶୁକ୍ଳ

ଶ୍ରୀଲାଲ ଶୁକ୍ଳଙ୍କର ଜନ୍ମ ୧୯୨୫ ମସିହାରେ ଉତ୍ତରପ୍ରଦେଶର ଲକ୍ଷ୍ନୌ ଜିଲ୍ଲାରେ । ସ୍ନାତକ ଶିକ୍ଷା ଆହ୍ଲାବାଦ ବିଶ୍ୱବିଦ୍ୟାଳୟରୁ ସମାପ୍ତ କରି ରାଜ୍ୟ ପ୍ରଶାସନିକ ସେବାରେ ଯୋଗଦାନ । ପରେ ଭାରତୀୟ ପ୍ରଶାସନିକ ସେବାକୁ ଉନ୍ନୀତ । ୧୯୮୩ ମସିହାରେ ଅବସର ଗ୍ରହଣ । ଉପନ୍ୟାସ 'ରାଗଦରବାରୀ' ପାଇଁ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ଲାଭ । ତାଙ୍କର ବ୍ୟଙ୍ଗ ରଚନାମାନ ପ୍ରାୟ ସବୁ ଭାରତୀୟ ଭାଷା ଏବଂ ଇଂରାଜୀରେ ଅନୁଦିତ । ତାଙ୍କ ରଚିତ ଅନ୍ୟ କେତୋଟି ଚର୍ଚ୍ଚିତ ପୁସ୍ତକ ହେଲା- 'ମକାନ', 'ସୁରକ୍ଷା ତଥା ଅନ୍ୟ କହାନିଆଁ', 'ପହଲା ପଡ଼ାବ', 'ଉମରାବ ନଗର ମେଁ କୁଛ ଦିନ', 'କୁଛ ଜମୀନ ପର କୁଛ ହଓ୍ୱା ମେଁ', 'ବିଶ୍ରାମ ପୁର କା ସନ୍ତ' ଇତ୍ୟାଦି । ଏହି ସଂକଳନରେ ସ୍ଥାନିତ ଅନେକ ଲେଖା ତାଙ୍କର ''ମେରୀ ଶ୍ରେଷ୍ଠ ବ୍ୟଙ୍ଗ ରଚନାଏଁ''ରୁ ସଂଗୃହିତ ।

Digitized by srujanika@gmail.com

ଶ୍ରୀଲାଲ ଶୁକ୍ଳଙ୍କ କେତୋଟି ଗଳ୍ପ

ମୂଳଲେଖା:

ଶ୍ରୀଲାଲ ଶୁକ୍ଳ

ଅନୁବାଦ :

ପ୍ରୀତୀଶ ଆଚାର୍ଯ୍ୟ

ବର୍ଣ୍ଣ ପ୍ରକାଶନ

ବାଦାମବାଡ଼ି, କଟକ-୧୨

ଫୋନ୍ - ୦୬୭୧-୨୩୧୮୧୬୮

Digitized by srujanika@gmail.com

ଶ୍ରୀଲାଲ ଶୁକ୍ଳଙ୍କ କେତୋଟି ଗଳ୍ପ

ମୂଳଲେଖକ: ଶ୍ରୀଲାଲ ଶୁକ୍ଳ

୧୧୩୨, ଇନ୍ଦିରା ନଗର

ଲକ୍ଷ୍ନୌ- ୨୨୬୦୦୧

ଅନୁବାଦ : ପ୍ରୀତୀଶ ଆଚାର୍ଯ୍ୟ

ଇତିହାସ ପ୍ରାଧ୍ୟାପକ

ଆଞ୍ଚଳିକ ଶିକ୍ଷା ସଂସ୍ଥାନ, ଭୁବନେଶ୍ୱର-୨୨

ପ୍ରକାଶକ : ବର୍ଣ୍ଣ ପ୍ରକାଶନ

ବାଦାମବାଡ଼ି, କଟକ-୧୨

ପୋନ୍ - ୦୬୭୧-୨୩୧୮୧୭୮

ମୁଦ୍ରଣ : ସୁରେଖା ପ୍ରିଣ୍ଟର୍ସ, କଟକ

ପ୍ରଥମ ସଂସ୍କରଣ : ୨୦୦୬

ମୂଲ୍ୟ : ୧୦୦/-

SHRILAL SHUKLANKA KETOTI GALPA

by Shrilal Shukla. Translated from Hindi into Oriya by Pritish Acharya. Published by Varna Prakashan, Badambadi, Cuttack-12, Orissa.

First Edition : 2006 Rs. 100

Digitized by srujanika@gmail.com

ଉତ୍ସର୍ଗ :

ପୂଜ୍ୟ ବାପା ଶ୍ରୀଯୁକ୍ତ ହେମଚନ୍ଦ୍ର ଆଚାର୍ଯ୍ୟଙ୍କ କରକମଳରେ ।

Digitized by srujanika@gmail.com

ସୂଚୀପତ୍ର

		ପୃଷ୍ଠା
●	ଘର	୧୧
●	ଛାତ୍ର ଅନୁଶାସନହୀନତା	୧୬
●	ଶିବପାଲ ଗଂଜ	୨୦
●	ପ୍ରଥମ ଭୁଲ୍	୨୬
●	ଦୁଇ ବୁଢ଼ା	୩୦
●	ଆତ୍ମହତ୍ୟା ନିବାରଣ	୩୪
●	ଯାତ୍ରା	୩୯
●	ଭୂମିକା ଭାଷ୍ୟ	୪୪
●	ଆଜି ଶୁଭଦିନ	୫୦
●	ନାଗଛୁଆ	୫୩
●	ଖଦଡ଼ମୁନା	୭୨
●	ସୁରକ୍ଷା	୮୨
●	ଛଳ	୯୬
●	ଦଂଗା	୧୦୧

☆

Digitized by srujanika@gmail.com

ଭୂମିକା

ହିନ୍ଦୀ ସାହିତ୍ୟର ଜଣେ ସଫଳ ସ୍ରଷ୍ଟା ଭାବରେ ଶ୍ରୀଲାଲ ଶୁକ୍ଳ (୧୯୨୫–) ଭାରତୀୟ ସାହିତ୍ୟ ଜଗତରେ ବେଶ୍ ଜଣାଶୁଣା । 'ରାଗ ଦରବାରୀ' (୧୯୬୮) ଉପନ୍ୟାସ ସକାଶେ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ । ତାଙ୍କର ଅନ୍ୟ କେତେଗୋଟି ସଫଳ ସର୍ଜନା ମଧ୍ୟରେ 'ସୁନୀ ଘାଟୀକା ସୂରଜ' (୧୯୫୭), 'ଅଙ୍ଗଦ କା ପାଁବ'(୧୯୫୮), 'ଆଦମୀ କା ଜହର', 'ପହଲା ପଡ଼ାବ' (୧୯୮୭), 'କୁଛ ଜମୀନ ପର କୁଛ ହାୱା ମେଁ' (୧୯୯୦), 'ସୁରକ୍ଷା ତଥା ଅନ୍ୟ କାହାନିଆଁ' (୧୯୯୨) ଏବଂ 'ଉମରାବ ନଗର ମେଁ କୁଛ ଦିନ' (୧୯୮୮) ଆଦି ଅନ୍ତର୍ଭୁକ୍ତ । କେବଳ ବ୍ୟଙ୍ଗ ରଚନା କ୍ଷେତ୍ରରେ କାହିଁକି, ପ୍ରେମଚାନ୍ଦଙ୍କ ପରେ ସାହିତ୍ୟକୁ ସର୍ବବୋଧ କରିବାରେ ଯେଉଁ କେତେକ ସାହିତ୍ୟିକ ସଫଳ ପ୍ରମାଣିତ ହୋଇଛନ୍ତି, ତନ୍ମଧ୍ୟରେ ଶ୍ରୀ ଶୁକ୍ଳ ନିଶ୍ଚିତ ଭାବରେ ଜଣେ –ଏହା ଅକ୍ଳେଶରେ କୁହାଯାଇ ପାରେ । ଗ୍ରାମ୍ୟ ଜୀବନ, ସହରି ନିଃସଙ୍ଗତା ଏବଂ ଉଚ୍ଚ ମଧ୍ୟବିତ୍ତୀୟ ସଂବେଦନହୀନତାର କୋଣ ଅନୁକୋଣକୁ ସେ ଯେଉଁ ସହଜତାର ସହ ଅଭିବ୍ୟକ୍ତ କରିପାରିଛନ୍ତି, ତାହା ନିଶ୍ଚିତ ରୂପେ ପ୍ରଣିଧାନଯୋଗ୍ୟ । ଭାରତୀୟ ପ୍ରଶାସନିକ ସେବାରେ କାର୍ଯ୍ୟରତ ରହି ସୁଦ୍ଧା ଶ୍ରୀ ଶୁକ୍ଳ ବ୍ୟବସ୍ଥା ଓ ବ୍ୟବସ୍ଥାକାରମାନଙ୍କ ସଂପର୍କରେ ବେଶ୍ ଖୋଲା ବିଚାର ପ୍ରକଟ କରନ୍ତି । ଅବସର ଗ୍ରହଣ କଲାପରେ ସେ ସଂପ୍ରତି ଲକ୍ଷ୍ନୌରେ ଅବସ୍ଥାନ କରି ନିୟମିତ ସାହିତ୍ୟ ସାଧନାରେ ନିୟୋଜିତ ।

ପ୍ରାୟ କୋଡ଼ିଏ ବର୍ଷ ତଳେ 'ରାଗଦରବାରୀ'ର ଓଡ଼ିଆ ଅନୁବାଦ ପଢ଼ିବାର ମତେ ସୁଯୋଗ ମିଳିଥିଲା । ଉପନ୍ୟାସଟି ଏତେ ମନଛୁଇଁ ଗଲା ଯେ ପରବର୍ତ୍ତୀ ସମୟରେ ତାକୁ ମୂଳ ହିନ୍ଦୀରେ ପଢ଼ିଲି । ସାଙ୍ଗରେ ତାଙ୍କର ଅନ୍ୟ ଲେଖାମାନ ବି ପଢ଼ିଲି । ସବୁଗୁଡ଼ିକ, ମୋ ସ୍ଥୂଳ ବିଚାରରେ, ଅନନ୍ୟ । ସେଥିରୁ ଶ୍ରେଷ୍ଠ ଲେଖା କେତୋଟି ବାଛିବା ସହଜ ନୁହେଁ । ଥରେ ଭେଟିବା ପାଇଁ ଲକ୍ଷ୍ନୌ ବି ଗଲି । ତାଙ୍କ ଲେଖା ପରି, ତାଙ୍କ ସହଜ, ସରଳ ବ୍ୟକ୍ତିତ୍ୱ

Digitized by srujanika@gmail.com

ବି ଆକର୍ଷଣୀୟ ମନେ ହେଲା । ସେତେବେଳେ ସ୍ଥିର କଲି, ସବୁ ଲେଖା ତ ମୋ' ପକ୍ଷରେ ସମ୍ଭବ ନୁହେଁ, କିଛି ଲେଖା ଓଡ଼ିଆରେ ଅନୁବାଦ କରିବି । ଲେଖା ନିର୍ବାଚନ ବେଳେ ମୋ ଆଗରେ ଆବଶ୍ୟକୀୟ ମାପଦଣ୍ଡ ଥିଲା ତା'ର ଆକାର । ପ୍ରତି ଲେଖା ନାତିଦୀର୍ଘ ହେବା କଥା, ଅନ୍ୟଥା ମୋ' ଦେଇ ଅନୁବାଦ କାମ ହେଇ ପାରିବନି । ପାଣ୍ଡୁଲିପି ପ୍ରସ୍ତୁତ ହେଲା । ମାତ୍ର ମୋର ବ୍ୟକ୍ତିଗତ ଯୋଗାଯୋଗ ଅଭାବରୁ ପ୍ରକାଶକ ଯୋଗାଡ଼ ହୋଇ ପାରିଲେ ନାହିଁ । ଅନେକ ବର୍ଷ ଯାଏଁ ପାଣ୍ଡୁଲିପି ପଡ଼ି ରହିଲା । ପୁଣି ବସ୍ତାନି ଭିତରେ ତାହା କେଉଁଠି ରହିଗଲା ଯେ, ଟେର ମିଳିଲା ନାହିଁ । ଏହି କିଛିଦିନ ତଳେ ପାଣ୍ଡୁଲିପିଟି ଖୋଜି ପାଇଲି । ସୌଭାଗ୍ୟକୁ ଜଣେ ପ୍ରକାଶକ, ଡଃ ସୁମନ ବି ପ୍ରକାଶନପାଇଁ ରାଜି ହେଲେ । ସବୁଠାରୁ ବଡ଼ କଥା, ପ୍ରକାଶକ ବନ୍ଧୁ ଭଲଭାବରେ ଶ୍ରୀ ଶୁକ୍ଳଙ୍କ ସାହିତ୍ୟ ସହିତ ପରିଚିତ । ଅର୍ଥାତ୍ ତାଙ୍କର ସାହିତ୍ୟ ରୁଚି ରହିଛି । ଶ୍ରୀଲାଲ ଶୁକ୍ଳଙ୍କ ସାହିତ୍ୟର ଓକିଲ ସାଜି ମତେ ଅନେକ ବକ ବକ ହେବାକୁ ପଡ଼ିଲା ନାହିଁ ।ଏହାକୁ ଅପୂର୍ବ ସୁଯୋଗ ମନେ କରି ପାଣ୍ଡୁଲିପିଟିକୁ ବନ୍ଧୁ ରାଧୁ ମିଶ୍ରଙ୍କୁ (ଶ୍ରୀହରିବୋଲର ସଂପାଦକ ଓ ଅଗ୍ରଜ) ପଢ଼ିବାକୁ ଦେଲି । ସେ କେବଳ ପାଣ୍ଡୁଲିପିରେ ଆବଶ୍ୟକୀୟ ସଂଶୋଧନ କଲେ ନାହିଁ, ସାଙ୍ଗରେ କେତୋଟି ଲେଖାକୁ 'ଶ୍ରୀ ହରିବୋଲ' ପତ୍ରିକାରେ ମଧ୍ୟ ପ୍ରକାଶିତ କଲେ । ପାଠକୀୟ ପ୍ରତିକ୍ରିୟା ପାଣ୍ଡୁଲିପିଟିର ପ୍ରକାଶନ ନିମିତ୍ତ ପୂର୍ବପ୍ରସ୍ତୁତି କଲାବେଳେ ମତେ ବେଶ୍ ଉତ୍ସାହିତ କଲା । ସାହିତ୍ୟିକ ବନ୍ଧୁ ଡଃ ବସନ୍ତ କୁମାର ପଣ୍ଡା ମଧ୍ୟ ପାଣ୍ଡୁଲିପିର ପୁନରାବଲୋକନ କଲେ । ହିନ୍ଦୀର ଅଧ୍ୟାପକ ବନ୍ଧୁ ଡଃ ଗୁଲାମ ମହମ୍ମଦ ଖାନ ବି ସାହାଯ୍ୟ କଲେ । ଏହି ଅବସରରେ ସମସ୍ତଙ୍କପ୍ରତି ମୁଁ କୃତଜ୍ଞତା ଜଣାଉଛି । ଆଶା, ନିର୍ବାଚିତ ଲେଖାଗୁଡ଼ିକୁ ଓଡ଼ିଆ ପାଠକ ପସନ୍ଦ କରିବେ ଏବଂ ପରବର୍ତ୍ତୀ ସମୟରେ ଶ୍ରୀଲାଲ ଶୁକ୍ଳଙ୍କର ରଚନା ସଂଭାରକୁ ମୂଳ ହିନ୍ଦୀରେ ପଢ଼ିବା ସକାଶେ ପ୍ରୋତ୍ସାହିତ ହେବେ ।

ପ୍ରୀତୀଶ ଆଚାର୍ଯ୍ୟ

Digitized by srujanika@gmail.com

ଶ୍ରୀଲାଲ ଶୁକ୍ଳଙ୍କ କେତୋଟି ଗଳ୍ପ

Digitized by srujanika@gmail.com

ଘର

ପ୍ରାସାଦର ଗୋଟିଏ ଭାଗରେ ପିଛୁଳି ଉନ୍ନୟନ ଶାଖା କାର୍ଯାଳୟ ନାମକ ସରକାରୀ ଅଫିସ । କାର୍ଯ୍ୟାଳୟ ଆଗରେ ସୁନ୍ଦର ସୁନ୍ଦର ଫୁଲକୁଣ୍ଡ, କୋମଳ ଦୁବଘାସର ଲନ୍ ଏବଂ ବିଭିନ୍ନ କିସମର ଗୋଲାପ ଗଛ । ଏଗୁଡ଼ା ହେଲେ କାର୍ଯ୍ୟାଳୟର ସମୃଦ୍ଧିର ସନ୍ତକ । ପ୍ରାସାଦର ଅନ୍ୟ ଭାଗରେ ଯେଉଁଠି କୌଣସି ସରକାରୀ କାର୍ଯ୍ୟାଳୟ ନ ଥିଲା ସେଠି ଏମାନେ ବି ନ ଥିଲେ । ଉପର ମହଲାର କେତୋଟି ରୁମ୍‌ରେ ଭୂ-ସ୍ୱାମୀ ଓରଫ୍ ଘର ମାଲିକ ରହନ୍ତି । ତଳ ମହଲାର ଛାତ ସାମନାରେ ଅଙ୍ଗୁରଲତା । ବାଉଁଶ ପାତିଆର ସିଡ଼ିରେ ଭରା ଦେଇ ତାହା ପୋର୍ଟିକୋ ଭଳି ପ୍ରସରି ଯାଇଥିଲା ।.ସବୁଜ ବନାନୀରେ ଆଚ୍ଛାଦିତ ପ୍ରାସାଦର କୌଣସି ଏକ କୋଠରୀରେ ଦିନ ବିତାଇବାର କଳ୍ପନା ନାରାୟଣକୁ ଉତ୍କଣ୍ଠିତ କଲା । ହେଲେ ଅନ୍ତର ପୁରୁଷ ତା'ର ବାଧା ଦେଇ କହିଲା, 'ସ୍ୱପ୍ନ କି କେବେ ସାକାର ହେବ ?' ଲତାଗୁଚ୍ଛ ତଳକୁ ନଜର ପେଲି ଦେବାରୁ ଏକ ସାଇନବୋର୍ଡ଼ ଦୃଷ୍ଟିଗୋଚର ହେଲା । ଅର୍ଥାତ୍ ରୁମ୍ ଗୁଡ଼ିକର ଅନ୍ତରାଳରେ ଆଉ ଏକ ସରକାରୀ ଅଫିସ । ସାଇନବୋର୍ଡ଼ରେ ଲେଖାଥାଏ, 'ଜିଲ୍ଲା ମତ୍ସ୍ୟ କ୍ରୟ ବିକ୍ରୟ ଅଧିକାରୀଙ୍କ କାର୍ଯ୍ୟାଳୟ' ।

ଭେଟ ହେଲା ପରେ ଭୂ-ସ୍ୱାମୀ ଓରଫ ଘରମାଲିକ ତ୍ରୁଟିପୂର୍ଣ୍ଣ ହେଲେ ବି ନିଃଶଙ୍କ ଭାବେ ଇଂରାଜୀରେ କହିଲେ, 'ଚାରିଶହ ଟଙ୍କା ଭଡ଼ାରେ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କୁ କାଲି ଦୁଇଟି ରୁମ୍ ଦେଇ ଦେଲି । ଟିକିଏ ଆଗରୁ ଆସିଥିଲେ ଆପଣମାନଙ୍କୁ ନିରାଶ ହେବାକୁ ପଡ଼ି ନ ଥାନ୍ତା । ଚିହ୍ନା ଲୋକ । ଦଶ ପଚିଶ କମ ହେଇଥିଲେ ବି କ'ଣ ମନା କରନ୍ତି ?' ବାରିନଦା' କହିଲା, 'ଟିକିଏ କ'ଣ ମାସେ ଆଗରୁ ଆସିଥିଲେ ବି କିଛି ଲାଭ ହୋଇ ନ ଥାନ୍ତା । କାରଣ, ନାରାୟଣର ସର୍ବମୋଟ ଦରମା ହେଲା ମାସକୁ ପାଞ୍ଚ ଶହ ଟଙ୍କା ।' ସେ ପରାମର୍ଶ ଦେଲେ 'ତା'ହେଲେ ଆପଣ ଆଉ କେଉଁଠି ଘର ଖୋଜନ୍ତୁ । ରବୀନ୍ଦ୍ର ନଗର କଲୋନୀକୁ ଛାଡ଼ି ଦିଅନ୍ତୁ । ସରକାରୀ କ୍ୱାଟର୍ସ କିମ୍ବା ମ୍ୟୁନିସିପାଲଟି ଫ୍ଲାଟ୍‌ର ଫାଙ୍କେ ଅଧେ ମିଳିଯାଏ ଯଦି ଭଲ । ଆପଣଙ୍କ କାମ ଚଳିବ । ଏଠି ପରା ଷାଠିଏ ସତୁରି ଟଙ୍କା ଭଡ଼ାରେ ଗେରେଜ ମଧ୍ୟ ଆଉ ମିଳୁନି ।' ଗେରେଜକୁ ଚର୍ଚ୍ଚାର ପରିସରକୁ ଆଣିଲା ପରେ ଘରମାଲିକ ପୁଅକୁ ଚା' ପାଇଁ ନିର୍ଦ୍ଦେଶ ଦେଲେ ।

Digitized by srujanika@gmail.com

ବାରିନ୍ ହାଲଦାର ଘର ମାଲିକ ସାଙ୍ଗରେ ସହରରେ ଘର ସମସ୍ୟା ନେଇ ଆଲୋଚନା କରୁ କରୁ ହଠାତ୍ ପ୍ରସଙ୍ଗର ପଟ୍ଟ ପରିବର୍ତ୍ତନ କରି କହିଲା, 'ଆପଣଙ୍କୁ ହେଲେ କ'ଣ କମ କଷ୍ଟ ? ଘର ସିନା ହୋଇଗଲା, ଋଣର ନିୟମିତ କିସ୍ତି, ବିଜୁଳି ପାଣିର ବିଲ୍, ତା' ସାଙ୍ଗକୁ ଇନକମ୍ ଟ୍ୟାକ୍ସ - ବୋଧହୁଏ ଭଡ଼ା ଟଙ୍କା ସବୁ ଗୋଳ ହୋଇ ଯାଉଥିବ ! ନା କ'ଣ ? ଦିନରାତି ଖାଲି ଘରର ଟେନ୍‌ସନ୍ !' ଭୂ-ସ୍ୱାମୀ ଓଲଟା କହିଲେ, 'ଟାକ୍ସ ନିଅନ୍ତୁ ଯେତେ ନେବେ । କୋଉ ନିଜ ପକେଟରୁ ଯାଉଛି ? ସବୁ ଯାଇ ମଧ୍ୟ ନିଜ ପାଇଁ କିଛି ବଞ୍ଚିବ ଆଉ ସତ କହିବାକୁ ଗଲେ, ବର୍ଷ କେତୁଟାରେ ଘର ନିଜର ହୋଇଯାଏ ।'

'ତୁମକୁ ଲୁଚେଇ କି ଲାଭ ବାରିନ୍‌ଦା', ମତେ ଦେଖ । ଏଠି ଘର ତିଆରିବାକୁ ମୁଁ ତ ମୁଁ, ମୋ ବାପର ବି ତାକତ ନ ଥିଲା । ସବୁ କକ୍କଡ଼ ବାବୁଙ୍କର କରୁଣା । ରାତିରେ ଦିନେ ଫୋନକରି କହିଲେ, "ରବି, ତୁ ଫ୍ଲାଟ୍ ଖୋଜୁଥିଲୁ ନା ? କାଲି ମ୍ୟୁନିସିପାଲିଟି ଫ୍ଲାଟ୍ ବିକ୍ରୀ କରୁଛି । ଯିଏ ଆଗ, ତାର ଭାଗ । ସକାଳକୁ ହଜାର ହଜାର ଲୋକଙ୍କ ଭିଡ଼ ହେବ ଆମ ଅଫିସରେ । ତୁ ଭକୁଆ ବସିଥା ଘରେ । ତୁ, ଗୋଟାଏ କାମ କର, ଦରଖାସ୍ତଟିଏ ଏବେ ମୋ' ପାଖକୁ ପଠେଇଦେ । ତିନି ଚାରି ନମ୍ବରରେ ତୋ' ନାଁ ରଖିଦେବି । ଭିଡ଼ ଆଉ ଲାଇନରେ ଛିଡ଼ା ହେବାକୁ ପଡ଼ିବ ନାହିଁ ।" ମୁଁ କହିଲି, "ହେଲା ଯେ, ଦରଖାସ୍ତ ସାଙ୍ଗରେ ଦୁଇ ହଜାର ଟଙ୍କାର ଚେକ ଦେବାକୁ ପଡ଼ିବ ପରା ? ଏତେ ଟଙ୍କା ଏବେ କ'ଣ କାହାରି ପକେଟ ମାରି ଆଣିବି ?" ସେ କହିଲେ, "ହାଉସିଂ ବୋର୍ଡ଼ର ଇଂଜିନିୟର ହୋଇ ଯଦି ମୁଁ ତୋ'ପାଇଁ ଘରଟିଏ କରି ନ ପାରିଲି, ମୋର କି ଇଜ୍ଜତ ରହିବ ? ତୁ ଗୋଟାଏ କାମ କର, ଚେକ ପଠେଇ ଦେ ମୋ ପାଖକୁ । ତେଣିକି ବ୍ୟାଙ୍କରେ ଯଦି ଟଙ୍କା ନାହିଁ ତା'ର ବ୍ୟବସ୍ଥା ମୁଁ କରିବି । ଦୁଇ ତିନିମାସ ଯାଏଁ ମୋ ଅଫିସରେ ପଡ଼ି ରହିବ । ଚେକ୍ ବ୍ୟାଙ୍କକୁ ଯେତେବେଳେ ଯିବ ଯେତେବେଳେ ତୁ ତାକୁ ଗ୍ରୀନ ଫ୍ଲାଗ ଦେଖାଇବୁ ।" ଫ୍ଲାଟ୍ ଏଲଟ ହେଲା ପରେ ମାଡ଼ିପଡ଼ିଲା ଋଣର ଝଞ୍ଜଟ । ଭଗବାନଙ୍କ କୃପାରୁ ତା'ବି ସମାଧାନ ହୋଇଗଲା । କିଛି ମିଳିଲା ସରକାରୀ ଋଣ, କିଛି ଦେଲେ ଜୀବନବୀମା ବାଲା । ଘର ତିଆରି ହେଲା । ଆପଣମାନଙ୍କ କୃପାରୁ ସରକାରୀ ଅଫିସବାଲା ତାକୁ ଭଡ଼ାରେ ନେଲେ । ଜୀବନର ବଡ଼ କାମଟିଏ ହୋଇଗଲା । ଏବେ ଅଫିସରେ ପଛାଏ ଲାଗିଛନ୍ତି ମୋତେ ରିଟାୟାର୍ଡ଼ କରାଇବେ । ମୁଁ ତ ଭଗବାନଙ୍କୁ ନିତି ଡାକୁଛି, କରିଦିଅ ରିଟାୟାର୍ଡ଼। ଭଲ ହେବ ମାସକୁ ଷୋହଳ ଶହ ଟଙ୍କା ଭଡ଼ା ତ ଆଉ କେହି ଛଡ଼େଇ ନେଇ ପାରିବ ନାହିଁ ! ଏହି କୁଡ଼ିଆରେ ପଡ଼ି ମରିବାଯାକେ ହାଇକୋର୍ଟରେ ରିଟ ଲଢ଼ିବି । ହୁଁଃ ! ବିନା ମୋକଦ୍ଦମା ଲଢ଼ି ରବୀନ୍ଦ୍ରବାବୁ ରିଟାୟାର୍ଡ଼ ହେବ ?"

Digitized by srujanika@gmail.com

ଖୁବ୍ ବଡ଼ ଘର । ଫିକା ସବୁଜ ରଙ୍ଗର ମୋଜାଇକ ଚଟାଣ ଉପରେ ନୂଆ ଫର୍ନିଚର ପଡ଼ିଥାଏ । ଗୋଟାଏ କଡ଼ରେ କାନ୍ଥକୁ ଲାଗି ଗଦି । ଘର ଖାଲି ନ ଥିବା ଜନିତ ଦୁଃସମ୍ବାଦ ନାରାୟଣକୁ ଘର ଓ ଘରମାଲିକ ପ୍ରତି ଉଦାସୀନ କରିଦେଲା । ବାରିନ୍ କିନ୍ତୁ ସମସ୍ୟାକୁ କେନ୍ଦ୍ର କରି ଆଲୋଚନା ଅବ୍ୟାହତ ରଖିଥାଏ । ପୁଣିଥରେ ନାରାୟଣ ରୁମଟିକୁ ନୟନ ପୂରାଇ ଦେଖିଲା । ତାକୁ ଲାଗିଲା, ଆଗରୁ କେବେ ସେ ଆସିଛି ଏଠିକୁ ଗଦିରେ ବସି ସିତାର ବଜେଇଛି । ବାରିନ୍ ଓ ଭୂ-ସ୍ୱାମୀଙ୍କୁ ଚିନ୍ତାରାଜ୍ୟର ସୀମା ବାହାରେ ରଖି ସେ ଏକ ଭିନ୍ନ ଲୋକର ସଂରଚନା କଲା । ସକାଳ ପାହିଛି, ବୃଶାଳ ବୃକ୍ଷରାଜିକୁ ଭେଦକରି ସୂର୍ଯ୍ୟ କିରଣ ରୁମର ଚାରିଆଡ଼େ ବିଛେଇ ପଡ଼ିଛି କିନ୍ତୁ ଭୋର ହେବା ସତ୍ତ୍ୱେ ତା'ମନ ଜାଣି ଝିଙ୍କାରୀ ବିକଳ କଣ୍ଠରେ ଚିତ୍କାର କରୁନାହିଁ । ସବୁଆଡ଼େ ନୀରବତା । ..... କାନ୍ଥକୁ ଆଉଜି ସେ ସିତାରରେ ତାନ ଦେଉଛି ।

ଅହିର ଭୈରବ ରାଗରେ ପୂର୍ଣ୍ଣଛେଦ ଟାଣି ବାରିନ୍ କହିଲା, 'ଉଠ, ଯିବା ଚାଲ, ନିଦ ମାଡ଼ିଲାଣି ତତେ ।'

ଘର ମାଲିକ ଗଦ୍‌ଗଦ୍ ଚିତ୍ତରେ ବିଦାୟ ଦେଇ କହିଲେ, 'ଚିନ୍ତା ନାହିଁ । ଘର ଖାଲି ହେଲେ ଖବର ଦେବି । ଅବଶ୍ୟ ଏଠି ଭଡ଼ା ଏତେ ବେଶୀ ଯେ କହିବାର ନୁହେଁ । ଅଫିସ ପାଇଁ ସରକାରୀ ଲୋକ ମାସକୁ ଚାରି ପାଞ୍ଚ ହଜାର ଦେବାକୁ ଅଣ୍ଟା ଭିଡ଼ିଲେଣି । କେହି ଚାହୁଁନାହାନ୍ତି ପୁରୁଣାକାଳିଆ ଘର । ଅଫିସ ହେଲା ମାନେ ଲୋଡ଼ା ମୋଜାଇକର ଚଟାଣ, ଚକଚକିଆ ବାଥରୁମ । କମ୍ପାନୀ ବାଲା ଚାହାଁନ୍ତି, ଆହୁରି ଅଧିକ । ଓଟ କର୍ପୋରେସନ, ହାତୀ କର୍ପୋରେସନ –କେତେ ନୂଆ କର୍ପୋରେସନ ରୋଜ ବାହାରୁଛି, ତା'ର ଇୟତ୍ତା ନାହିଁ । ଭଡ଼ା ଦେବାରେ ପୁଣି ସମସ୍ତଙ୍କର ଖୋଲା ଦିଲ୍ । ଏତେ ଭଡ଼ା ଯାଚୁଛନ୍ତି ଯେ ପରା ନେବା ଲୋକର ଟଙ୍କା ନେଲାବେଳକୁ ହାତ ଯାଉନାହିଁ । ଏମିତିକା ପରିସ୍ଥିତିରେ ପ୍ରାଇଭେଟ ରହିବାପାଇଁ ଘର ଖୋଜିବାକୁ କାହାରି ଦମ୍ ହେବ ? ନା, କ'ଣ ଭୁଲ କହୁଛି, ବାରିନ୍ ଦା' ?'

ବାଟସାରା କିସମ କିସମ ଘର । ପ୍ରତ୍ୟେକ ଘର ଆଗରେ ଫୁଲ କିଆରି ସଜା ହୋଇଛି । ମୌକା ଉଣ୍ଡି ନାରାୟଣ ଆଉ ଥରେ ଅହୀର ଭୈରବ ରାଗ ଆଡ଼େ ଟାଣି ହେଲା, କିନ୍ତୁ ବାରିନ୍ ହାଲଦାରର ଚେହେରାରେ ନଜର ପଡ଼ିବାରୁ ବିଚାରା ଅହୀର-ଭୈରବର ଫୁଲ କିଆରିଯାଏଁ ପହଞ୍ଚି ପାରିଲା ନାହିଁ । ଛାତି ଉପରକୁ ଓହଳି ଗଲାଣି ବାରିନ୍‌ର ମୁଣ୍ଡ, ଆଖି ଯୋଡ଼ିକ ଆଭ୍ୟନ୍ତରୀଣ ନାଟକର ଦୁଃଖାନ୍ତକ ଦୃଶ୍ୟ ଦେଖିବାରେ ନିମଗ୍ନ । ନାରାୟଣର ମନେହେଲା, ରାଜନୀତିରେ ବାରିନ୍‌ର ଫ୍ଲପ୍ ହେବାରେ ଏଇଟା

Digitized by srujanika@gmail.com

ବିଳମ୍ବିତ ଝଟ୍‌କା । ବାରିନଙ୍କୁ କିଛି କହିବା ପାଇଁ ତା'ର ଇଚ୍ଛା ହେଲା । କିନ୍ତୁ ସେହି ବିଷାଦମୟ ସ୍ଥିତିରୁ ତାକୁ ବାହାରକୁ କ'ଣ ଆଣିହେବ ? ନାରାୟଣର ସାହସ ଜୁଟିଲା ନାହିଁ ।

ହସ, ଅଟ୍ଟହାସ୍ୟ, ଉଦାସ ଓ ଅବଶୋଷର ଏକ ମିଶାମିଶି ମୁଦ୍ରାରେ କେତେବେଳେ ଅନର୍ଗଳ ତ, ଆଉ କେବେ ରହିରହି ବାରିନ୍ ହାଲଦାର କାହାଣୀ ଆରମ୍ଭ କଲା ।

'ଅନ୍ତତଃ କାହାଣୀଟିକୁ ବୁଝିବାପାଇଁ ତତେ କିଛି ବେଳ ହରିଜନ, ମେହେନ୍ତର ବା ତା'ଠୁ ତଳ ତଳିଆଙ୍କ ନିମନ୍ତେ ତିଆରି ଦଶପାଞ୍ଚଟି କଲୋନୀକୁ ବୁଲି ଯିବାକୁ ପଡ଼ିବ । ମଦଗ୍ଲାସ ପାଟିକୁ ନେବା ଆଗରୁ ଜଣେ ଜଣେ ତାନ୍ତ୍ରିକ ଯେମିତି ମା' କାଳୀ ନାଁରେ ଦୁଇ ଚାରି ବୁନ୍ଦା ମଦ ଚଳୁ କରନ୍ତି, ଠିକ୍ ସେମିତି ହାଉସିଂବୋର୍ଡ଼ର ପୂରା ସ୍କିମ୍‌କୁ ଗିଳିବା ଆଗରୁ ଚାଲାକ ଲୋକ ଆଦିବାସୀ ହରିଜନ ନାଁରେ ଦଶ କୋଡ଼ିଏଟି ପ୍ଲଟ୍ ଦାନ କରନ୍ତି । ଗିଳେ କିଏ ? ପଇସାବାଲା ଯିଏ ପଇସାବାଲାଙ୍କ ଉଦ୍ଦେଶ୍ୟରେ ଅଧିକ ପଇସାବାଲା ବଙ୍ଗଳା ନିର୍ମାଣ କରନ୍ତି ।'

'ପ୍ରତ୍ୟେକ ସହରରେ ଆଜିକାଲି ନୂଆ ନୂଆ କଲୋନୀର ଭିଡ଼ । ଏହା ଏମିତି ଏକ ଅର୍ଥକରୀ ଫସଲ ଯାହାର ଚେର ସହଜରେ ଦେଖା ଯାଏନା, ଦେଖାଯାଏ କେବଳ ଗଛର ସବୁଜ ପତ୍ର, କାରଣ ଗଛର ଚେର ମାଡ଼ିଥାଏ ସାର୍ବଜନୀନ ପଣ୍ଡରେ ବା ଟିକିଏ ତଳକୁ ଦେଖିବୁ ଯଦି ମାଡ଼ିଛି ଆମ ଭଳି ଲୋକର ପକେଟରେ ।'

'ନାଁ ଶୁଣିଲେ, କେତେ ନିରୀହ ଜଣା ପଡ଼ନ୍ତି ଏ କଲୋନୀ ଗୁଡ଼ିକ । ରବୀନ୍ଦ୍ର ନାଥ ଏକ୍ସଟେନ୍‌ସନ୍ ! ନାମ ଉଚ୍ଚାରଣରେ ମନ ପବିତ୍ର ହୋଇଯିବ । ଗୌତମ ପଲ୍ଲୀ! ଲାଗିବ କଲୋନୀର ପ୍ରତିଟି ଧୂଳିକଣାରେ ଗୌତମଙ୍କର ତ୍ୟାଗ ଓ ତପସ୍ୟାର ପ୍ରତିଫଳନ । ତା' ସାଙ୍ଗକୁ ପୁଣି ଅଛି ସର୍ବୋଦୟ ନଗର ! ଜାଣି, ଘରେ ଘରେ ବିନୋବା ଭାବେ ଜନ୍ମ ହେଉଥିବେ । ପୁଣି ଆଉ କେଉଁ କଲୋନୀର ନାଁ ରଖିଛନ୍ତି ରାମକୃଷ୍ଣ ପୁରମ୍, ତାନ୍ତ୍ୟାଟୋପେ ନଗର । ସେଠି ଯେମିତି, କାନ୍ଥ ଓ ଛାତ ନିର୍ମାଣ ବେଳେ ଇଟା ଓ ଲୁହାଛଡ଼ ବଦଳରେ ତ୍ୟାଗ ଓ ଆଦର୍ଶର ସିମେଣ୍ଟ-ବାଲି ବ୍ୟବହାର ହୋଇଛି ! କଲୋନୀର ଅଧିବାସୀ କିଏ ? ସାହେବ, ବିବି ଆଉ ଗୋଲାମ । ଅନ୍ୟ ବାଗରେ କହିଲେ, ଅଫିସର, ନେତା ଓ ବେପାରୀ ।'

ନାମକରଣ ବେଳେ ମହାପୁରୁଷଙ୍କୁ ମନେ ପକେଇଦେଲେ କ'ଣ ହେବ, ରାମକୃଷ୍ଣ ପୁରମ୍, ତାନ୍ତ୍ୟାଟୋପେ ନଗର ଉଚ୍ଚାରଣ କରିବାକୁ ଜିଭ ପଇଟେ ନାହିଁ ।

Digitized by srujanika@gmail.com

ଅଭ୍ୟାସ ଅଛି ଗ୍ରୀନପାର୍କ, କ୍ଳେ ସ୍କୋୟାର କହିବାକୁ । ତେଣୁ ସର୍ଟ ଫର୍ମରେ ଆର୍.କେ. ପୁରମ୍ ବା ଟି.ଟି. ନଗର କହି ମୁକ୍ତି ପା'ନ୍ତି । ସବୁଆଡ଼େ ଏହି କାହାଣୀ । ଯୋଜନା ଥିଲା, ନିର୍ମାଣ କରିବେ ମେହେନ୍ତର କଲୋନୀ, ଗୃହ ନିର୍ମାଣ ବିଭାଗ ଛିଡ଼ା କଲା, ଅମର ଶହୀଦ ପଣ୍ଡିତ ଜଟାଶଙ୍କର ଅବସ୍ଥୀ ନଗର । ଏତେ ଲମ୍ବା ନାଁ କ'ଣ ମୁହଁରେ ପଇଟିବ ? କହିଲେ ତାକୁ- ଏସ୍ଥା ନଗର । କଲୋନୀର ଭିତ୍ତିରେ କାହିଁ କେଉଁଠି ଅମର ଶହୀଦଙ୍କ ସମ୍ପର୍କ ନାହିଁ । ନିଜ ଭାର ବାହକଙ୍କୁ ବାଣ୍ଟିଲେ ଦୁଇଶହ ଫ୍ଲାଟ୍, ବାକି ହଜାରେ ଗଲା ସାହେବ, ବିବି, ଗୋଲାମଙ୍କ ଖାତାରେ ।

କାହାଣୀର ବାକି ଭାଗ ବି ଏବେ ଶୁଣିଯା । କଲୋନୀ ନିର୍ମାଣର ଏକ ଗୂଢ଼ ରହସ୍ୟ ଅଛି । ସବା ଆଗ ଗାଁ ବାଲାଙ୍କ ଜମି ନିଅ । ନଗର ଉନ୍ନୟନ ଓ ସହରୀ ବିକାଶର ସ୍ଲୋଗାନ ଦେଇ ତାକୁ ପେଲି ଦିଅ ଆଉ କେଉଁଠିକି । ତେଣିକି ଅଧିକୃତ ଜମିକୁ ମ୍ୟୁନିସିପାଲିଟି ବା କୌଣସି ଉନ୍ନୟନ ପରିଷଦ କିମ୍ବା ଆଉ କେଉଁ ସୋସାଇଟି ହାତରେ ଦିଅ, ବାଣ୍ଟୁ ସେ ତାକୁ ଖଣ୍ଡ ଖଣ୍ଡ କରି ନିଜ ଇଚ୍ଛା ମତେ । ହେଲେ ବୁଲିବାଲି ଆସି ଫ୍ଲାଟ ସବୁ ଏକତ୍ରିତ ହେବେ ସାହେବ, ବିବି, ଓ ଗୋଲାମ ହାତରେ । ବ୍ୟାଙ୍କ, ଜୀବନ ବୀମା ବା ଆଉ କେଉଁଠୁ କିଛି ଋଣ ନିଅ । ଲୋକ ଜାଣନ୍ତୁ, ଋଣରେ ଗୃହ ନିର୍ମାଣ ଚାଲିଛି । ଏହ ନୀତି ଧରି ଚାଲାକ ଲୋକ ଅନ୍ୟର ଜମିରେ, ଅନ୍ୟର ଅର୍ଥରେ ନିଜେ ଘର ମାଲିକ ହୁଅନ୍ତି । କେବଳ ସେତିକି ନୁହେଁ, ମନ ଇଚ୍ଛା ଭଡ଼ା ମଧ୍ୟ ଅସୁଲନ୍ତି । ଚେଷ୍ଟା ରହେ, ଘର ସରକାର ଘରକୁ ବା ଅର୍ଦ୍ଧ-ସରକାରୀ ସଂସ୍ଥାକୁ ଦେବେ, ଭଡ଼ା ଅସୁଲି ବେଳେ ଅସୁବିଧା ହେବ ନାହିଁ । ସବୁଠାରୁ ଭଲ ଋଣଦାତା ଯଦି ନିଜେ ଭଡ଼ାଟିଆ ଭାବେ ଜୁଟନ୍ତି । ତାଙ୍କ ପଇସାରେ ତାଙ୍କ ଋଣର କିସ୍ତି ଦେଇ କିଛି ନିଜ ପାଇଁ ମଧ୍ୟ ବଞ୍ଚେଇ ରଖ । ଯେ ହେଲା ''ମିୟାଁ କେ ଜୁତି ମିୟାଁକେ ସିର'' ତତ୍ତ୍ୱର ସାରକଥା ।

ବାକି ରହିଲେ ହରିଜନ, ଆଦିବାସୀ ଆଉ ମେହେନ୍ତରମାନେ । ତାଙ୍କ ପାଇଁ ଗୋଟାଏ ରୁମବାଲା ବେରେକ୍ ଯଥେଷ୍ଟ । ସେଠି ଜଣେ ରହୁ କି ବାରଜଣ । ଆର୍.କେ. ପୁରମ୍, ଟି.ଟି. ନଗରର କଳଙ୍କ ଧୋଇବା ପାଇଁ ଏତିକି କ'ଣ ଯଥେଷ୍ଟ ନୁହେଁ ?

❑

Digitized by srujanika@gmail.com

ଛାତ୍ର ଅନୁଶାସନହୀନତା

ସ୍କୁଲରେ ଆମକୁ କୁହାଯାଉଥିଲା, ପ୍ରତ୍ୟେକ ନିବନ୍ଧର ଆରମ୍ଭ ପରିଭାଷାରୁ ହେବା ଉଚିତ । ଅର୍ଥାତ୍ ଗାଈ ଉପରେ ନିବନ୍ଧ ଲେଖିଲା ବେଳେ ପ୍ରଥମେ କହିବା କଥା ଗାଈ କେଉଁ ଚଢ଼େଇର ନାଁ ? ଉକ୍ତ ନୀତି ଅନୁଯାୟୀ ଶଂସିତ ନିବନ୍ଧରେ ଆମେ ପ୍ରଥମେ ଦେଖିବା, ଛାତ୍ରଙ୍କ ଅନୁଶାସନହୀନତାର ମାନେ କ'ଣ ?

ଏକଥା ସତ ଯେ, ଶ୍ରେଣୀ ଗୃହରେ ଅନୁପସ୍ଥିତ ରହିବା, ସ୍କୁଲର ମାସିକ ପାଉଣା ନ ଦେବା, ଶିକ୍ଷକଙ୍କୁ 'ତୁ', 'ତା' କରିବା, ବହିଠାରୁ ଦୂରତା ବଜାୟ ରଖିବା, ସହପାଠିନୀମାନଙ୍କୁ ଲାଇନ ମାରିବା, ଯାଚ୍ଛାତା ଡ୍ରେସ୍ ପିନ୍ଧିବା ଏବଂ ତା'ଠାରୁ ଆହୁରି ଯାଚ୍ଛାତା ଭାଷା ପ୍ରୟୋଗ କରିବା କଦାପି ଅନୁଶାସନହୀନତା ଶ୍ରେଣୀଭୁକ୍ତ ହୋଇ ନ ପାରେ । ଅନ୍ତତଃ ଯା'କୁ ଆଧାର କରି କୌଣସି ଛାତ୍ରକୁ ଅନୁଶାସନହୀନ ଘୋଷଣା କରିବା ଘୋର ମୂର୍ଖତା ହେବ । ଯା' ବ୍ୟତୀତ ସିନେମା ହଲରେ ଝଗଡ଼ା କରିବା, ବିନା-ଟିକଟ ଟ୍ରେନ ଯାତ୍ରା, ବଜାରରେ ହପ୍ତା ଓ ଜିଜିୟାକର ଅସୁଲ କରିବା, ହୋଟେଲରେ ମୋଗଲ ସମ୍ରାଟର ଅଧ୍ୟାଦେଶ ଜାରି ଓ ତା' ବଦଳରେ ମାଗଣା ଭୋଜନର ଦାବୀକୁ ମଧ୍ୟ ଅନୁଶାସନହୀନତା କୁହାଯାଇ ନ ପାରେ । ପ୍ରକୃତରେ ଛାତ୍ରଙ୍କ ଅନୁଶାସନହୀନତାକୁ ବୁଝିବାକୁ ହେଲେ ଆମକୁ କେତେବର୍ଷ ତଳର ବିହାର ଓ ଗୁଜରାଟର ରାଜନୀତି ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ । ରାଜରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରିବା, ଜନଆନ୍ଦୋଳନର ଡାକରା ଦେବା, ସରକାରୀ ବସ୍‌ରେ ନିଆଁ ଲଗାଇବା, ପୋଲିସର ଗୁଳି ଖାଇବା, ଜେଲ ଯିବା, ବା ଗୋଟିଏ ଶବ୍ଦରେ କହିଲେ ରାଜନୀତି କରିବା ହେଲା ଛାତ୍ରଙ୍କ ଅନୁଶାସନହୀନତାର ବ୍ୟାପକ ଅର୍ଥ ।

ବର୍ତ୍ତମାନ ପ୍ରଶ୍ନ ହେଲା, ଛାତ୍ରଙ୍କ ଅନୁଶାସନହୀନତା ବା ରାଜନୀତିକୁ ନିରାକରଣ କରାଯିବ କେମିତି ?

ଅନୁଶାସନହୀନତାର ସଠିକ ପରିଭାଷା ଜାଣିଲା ଉତ୍ତାରୁ ନିରାକରଣର ପନ୍ଥା ଖୋଜିବା କଠିନ କାମ ନୁହେଁ । ସବୁଠାରୁ ସିଧା ଉପାୟ ହେଲା, ରାଜନୀତିରେ କଟକଣା ଲଗେଇ ଦିଅ, ସବୁ ଛାଏଁ ଠିକ୍ ହୋଇଯିବେ । ବାଉଁଶ ରହିବ ନାହିଁ କି ବଇଁଶି ବାଜିବ

Digitized by srujanika@gmail.com

ନାହିଁ । ମାତ୍ର ସେପରି ସ୍ଥଳେ ମଫସଲରୁ ସର୍ବଭାରତୀୟ ସ୍ତର ପର୍ଯ୍ୟନ୍ତ ସେବାରତ ଲକ୍ଷ ଲକ୍ଷ ରାଜନେତା କ'ଣ ବେକାର ହୋଇଯିବେ ନାହିଁ ? ଦେଶର ବେକାରୀ ସମସ୍ୟା ଏମିତିତ ଉତ୍କଟ । ତା' ଦେହରେ ଆଉ କିଛି ଲକ୍ଷ ବେକାରଙ୍କୁ ପୂରାଇଦେଲେ ସମସ୍ୟା ଉତ୍କଟତର ହେବା ସ୍ୱାଭାବିକ । ତେଣୁ, ରାଜନୀତି ଭଲ ହେଉ ବା ମନ୍ଦ ହେଉ ବେକାରୀ ସମସ୍ୟା ନିୟନ୍ତ୍ରଣରେ ତ ସାହାଯ୍ୟ କରୁଛି । ତା' ଦେହରେ କଟକଣା ଲଗେଇ ହେବନି ।

ଆଉ ଏକ ବିକଳ୍ପ ହେଲା, ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକୁ ବନ୍ଦ କରିଦିଆଯାଉ । ଯଦି ଛାତ୍ର ହିଁ ରହିବେ ନାହିଁ, ଅନୁଶାସନହୀନତା ଆସିବ କେଉଁଠୁ ? କିନ୍ତୁ ଏଥିରେ ବି ସେହି ଏକା ସମସ୍ୟା – ଲକ୍ଷ ଲକ୍ଷ ଶିକ୍ଷକ ଓ ଅଧ୍ୟାପକ ବେକାର ଦଳଭୁକ୍ତ ହେବେ । କାହାକୁ ବା ଅଛପା ଅଛି ଯେ, ଆଜିର ଶିକ୍ଷା ବ୍ୟବସ୍ଥା ହୁଏତ ଛାତ୍ରଙ୍କ ପାଇଁ ଅଦରକାରୀ ହୋଇପାରେ, କିନ୍ତୁ ଅଧ୍ୟାପକଙ୍କ ପାଇଁ ତାହା ଅନ୍ନସଂସ୍ଥାନର ଏକମାତ୍ର ବିକଳ୍ପ । ତେଣୁ ତାଙ୍କର ଉନ୍ମୂଳନ କଥା ଚିନ୍ତା କରାଯାଇ ନପାରେ । ଅବଶ୍ୟ ଶିକ୍ଷା ଅନୁଷ୍ଠାନ ବନ୍ଦ ହେଲେ, ସେହି ଅନୁପାତରେ ମଦଭାଟି, ପାଗଳଗାରଦ ଓ ଜେଲଖାନା ଖୋଲିବାକୁ ପଡ଼ିବ । ଲୋକ ନିଯୁକ୍ତି ପାଇବେ । ହେଲେ ଏହା ନୈତିକତା ଦୃଷ୍ଟିରୁ ସର୍ବଦା ଅନିଷ୍ଟକର । ତେଣୁ ବର୍ତ୍ତମାନ ସ୍ଥିତିରେ ଶିକ୍ଷା ଅନୁଷ୍ଠାନକୁ ଅବଧ୍ୟ ଘୋଷଣା କରିବାକୁ ପଡ଼ିବ ।

ତୃତୀୟ ଉପାୟ ହେଲା, ଶିକ୍ଷା ଅନୁଷ୍ଠାନଗୁଡ଼ିକୁ ନ ହେଲା ନାହିଁ, ଅନ୍ତତଃ ପରୀକ୍ଷା ବ୍ୟବସ୍ଥାକୁ ରଦ୍ଦ କରାଯାଉ, କାରଣ ପ୍ରାୟ କ୍ଷେତ୍ରରେ ଦେଖାଯାଉଛି ଯେ, ପରୀକ୍ଷା କେନ୍ଦ୍ରରୁ ହିଁ ଇନକିଲାବ ଜିନ୍ଦାବାଦର ଶ୍ରୀଗଣେଶ ହେଉଛି । ହେଲେ, ପ୍ରଶ୍ନପତ୍ର ପ୍ରଣେତା, କେନ୍ଦ୍ର ନିରୀକ୍ଷକ, ପର୍ଯ୍ୟବେକ୍ଷକ, ପର୍ଯ୍ୟବେକ୍ଷକଙ୍କ ପର୍ଯ୍ୟବେକ୍ଷକ, ଟେବୁଲେଟର ବା ଅନ୍ୟ ଅର୍ଥରେ କହିଲେ, ପରୀକ୍ଷାକୁ ଅର୍ଥକରୀ ଫସଲ ଜାଣି ଚାଷ କରୁଥିବା କୃଷକ ଦଳ ଯିବେ କୁଆଡ଼େ ? ତାଙ୍କ ସଂଖ୍ୟା ବି କୋଉ ଲକ୍ଷରୁ କମ୍ ? ଯଦି ପରୀକ୍ଷା ସବୁ ରଦ୍ଦ ହୁଏ, ସେମାନେ ଜୀବିକା ଅର୍ଜିବେ କେମିତି ? ଅସଲରେ ପରୀକ୍ଷା ବ୍ୟବସ୍ଥା ଛାତ୍ରଙ୍କ ନିମନ୍ତେ ଅନାବଶ୍ୟକ ହୋଇପାରେ, କିନ୍ତୁ ଆଉମାନଙ୍କ ପାଇଁ ଏହାର ଖୁବ୍ ମହତ୍ତ୍ୱ ଅଛି । ତେଣୁ ଯଦି ଶିକ୍ଷାର ଉନ୍ମୂଳନ ହେବ ତ ହେଉ, ହେଲେ ପରୀକ୍ଷାସବୁ ନିର୍ବାଧ ଚାଲିଥାଉ ।

ପ୍ରଶ୍ନ ଉଠେ, ରାଜନୀତି, ଶିକ୍ଷାସଂସ୍ଥା ଏବଂ ପରୀକ୍ଷା ବ୍ୟବସ୍ଥାକୁ ହତାହତ ନ କରି କ'ଣ ଛାତ୍ରଙ୍କ ଅନୁଶାସନହୀନତାର ନିରାକରଣ କରିବା ସମ୍ଭବ ନୁହେଁ ? ସମ୍ଭବ କାହିଁକି ହେବ ନାହିଁ ? ଆଜିର ଯୁଗରେ ସବୁକିଛି ସମ୍ଭବ । ଏହି ସନ୍ଦର୍ଭରେ ନିମ୍ନରେ କେତୋଟି ଉପାୟ ଦିଆଗଲା । ନିରାକରଣର ସୂତ୍ରରୂପେ ସେଗୁଡ଼ିକୁ କାର୍ଯ୍ୟକାରୀ କରାଯାଇପାରେ ।

Digitized by srujanika@gmail.com

(୧) ରାଜନେତାମାନେ ରାଜନୀତିର ଦଳାଚକଟାରେ ମାତି ନିଜେ ମାଛ ଖାଉଥାନ୍ତୁ, ତା' ସଙ୍ଗେ ଚିତ୍କାର ମଧ୍ୟ କରୁଥାନ୍ତୁ ଯେ, ଛାତ୍ର ରାଜନୀତିରୁ ଦୂରରେ ରହିବା ଉଚିତ୍ ।

(୨) ସାମାଜିକ ଜୀବନର ଚିତ୍ରଣ ଓ ସମକାଳୀନ ସମସ୍ୟାର ବର୍ଣ୍ଣନା ଥିବା ସାହିତ୍ୟ ଉପରେ କଟକଣା ଜାରି କରାଯାଉ । ତା' ବଦଳରେ 'ଯୁଥ ଟାଇମ୍ସ', 'ମାଧୁରୀ', 'ଫିଲ୍ମଫେୟାର', 'ଦିବାନା', 'କନ୍‌ଫିଡ଼େନ୍ସିଆଲ ଆଡଭାଇଜର' କିସମର ପତ୍ରପତ୍ରିକାର ବହୁଳ ପ୍ରସାର ନିମନ୍ତେ ସରକାରୀ ସୁବିଧା ମିଳୁ । ସ୍କୁଲରେ ସେଗୁଡ଼ିକୁ ମାଗଣା ବାଣ୍ଟିଲେ ସବୁଠୁ ଭଲ ।

(୩) 'ଗରମହାଓ୍ୱା' ପରି ଗରମ ସିନେମାର ପ୍ରଦର୍ଶନ ଉପରେ କଟକଣା କରାଯାଉ ଏବଂ 'ମନୋରଂଜନ', 'ସେକ୍ସିକ୍ୱିନ', 'ଜରୁରତ' ଇତ୍ୟାଦି ସିନେମାକୁ କଳାତ୍ମକ ଫିଲ୍ମ ବୋଲି ଘୋଷଣା କରାଯାଉ । ଏଭଳି ସିନେମା ଉପରୁ ମନୋରଂଜନ କର ଉଠାଇ ଦେଲେ ସବୁଠୁ ଭଲ । ଯା' ବ୍ୟତୀତ ଅଶ୍ଳୀଳ ସିନେମା ନିର୍ମାତାଙ୍କର ଏକ ବାର୍ଷିକ ପ୍ରତିଯୋଗିତାର ଆୟୋଜନ ହେବା ମଧ୍ୟ ଅତି ବାଞ୍ଛନୀୟ ।

(୪) ପାଠ୍ୟପୁସ୍ତକକୁ ମହଙ୍ଗା କରି ମଦ ଶସ୍ତା ହେଉ । ଖୋଲାବଜାରରେ ଡ୍ରଗ୍ସର ଗୁପ୍ତପ୍ରଚାର କରାଯାଉ ।

(୫) ଗାନ୍ଧୀଜୀଙ୍କ ବ୍ରହ୍ମଚର୍ଯ୍ୟ ସାଧନାକୁ କଚ୍ଛାବାଦୀ ରାଜନୀତି ଆଖ୍ୟା ଦେଇ ଯୌନ ସମ୍ବନ୍ଧୀୟ ସ୍ୱଚ୍ଛନ୍ଦତାକୁ ରାଷ୍ଟ୍ରୀୟ ମାନ୍ୟତା ଦିଆଯାଉ ।

(୬) ବିଶ୍ୱବିଦ୍ୟାଳୟ ସ୍ତରରେ ଗଣତାନ୍ତ୍ରିକ ସିଦ୍ଧାନ୍ତ, ଅର୍ଥନୀତି, ମୁଦ୍ରାସ୍ଫୀତି ଆଦି ପ୍ରସଙ୍ଗ ବଦଳରେ 'ସିନେମାରେ ଚୁମ୍ବନ ଦୃଶ୍ୟର ଔଚିତ୍ୟ', 'ପତ୍ନୀ ସଙ୍ଗେ ପ୍ରେମିକାର ରହଣୀ ସ୍ୱାସ୍ଥ୍ୟ ପକ୍ଷେ ହିତକର ନା ନୁହେଁ' ଇତ୍ୟାଦି ସମସ୍ୟାକୁ ନେଇ ନିୟମିତ ବିଚାର ଗୋଷ୍ଠୀ, ସେମିନାର ତଥା ତର୍କ ପ୍ରତିଯୋଗିତା ଆୟୋଜନ କରାଯାଉ ।

(୭) ସିନେମା ଏବଂ ବିଜ୍ଞାପନ ମାଧ୍ୟମରେ ଲମ୍ବାବାଳ, ଉଦ୍ଭଟ ଫେସନ ଓ ନିକୃଷ୍ଟ ଆଚରଣକୁ ପ୍ରୋତ୍ସାହିତ କରାଯାଉ ।

(୮) ହୋଟେଲ, ମିଷ୍ଟାନ୍ନ ଭଣ୍ଡାର, ଲଣ୍ଡ୍ରି ଏବଂ ମଦଭାଟିରୁ ନିୟମିତ ଧାର ମିଳିବାର ଗ୍ୟାରେଣ୍ଟି ଦିଆଯାଉ ।

(୯) ଅବସରପ୍ରାପ୍ତ ସେନାଧିକାରୀ, ପ୍ରଶାସକ, ରାଜନେତା ଏବଂ ବିଫଳ ଅଧ୍ୟାପକଙ୍କ ସମେତ ସେକ୍ସବମ୍ ଚିତ୍ରତାରକାଙ୍କୁ ବିଶ୍ୱବିଦ୍ୟାଳୟର କୁଳପତି ନିଯୁକ୍ତ କରାଯାଉ ।

Digitized by srujanika@gmail.com

(୧୦) ବିଶ୍ୱବିଦ୍ୟାଳୟର ଡିଗ୍ରୀ ପ୍ରାପ୍ତି ନିମନ୍ତେ ଅନ୍ୟୂନ ପଚିଶବର୍ଷର ସମୟସୀମା ନିର୍ଦ୍ଧାରିତ ହେଉ । ଫଳରେ ଡିଗ୍ରୀ ଧାରଣ ପରେ ଛାତ୍ର ଯୁବକ ନ ରହି ବାନପ୍ରସ୍ଥୀ ହୋଇ ସାରିଥିବେ ।

(୧୧) ଉପରୋକ୍ତ ଡିଗ୍ରୀ ପ୍ରାପ୍ତି ସମୟ ସୀମା କେବଳ ସାଧାରଣ ଛାତ୍ରଙ୍କ ନିମନ୍ତେ ପ୍ରଯୁଜ୍ୟ ହେଉ । ଅସାଧାରଣ ଛାତ୍ର ଅର୍ଥାତ୍ ଶିଳ୍ପପତି, ସରକାରୀ ପଦବୀଧାରୀ ଏବଂ ରାଜନେତାଙ୍କ ବଂଶଜଙ୍କପାଇଁ ଗୋପନୀୟଭାବେ ଶିକ୍ଷାନୁଷ୍ଠାନ ଖୋଲାଯାଉ ଏବଂ ତହିଁରେ ଶୀଘ୍ର ଡିଗ୍ରୀ ବଣ୍ଟନର ବ୍ୟବସ୍ଥା ହେଉ । ଫଳରେ ଡିଗ୍ରୀ ଧରି ସେମାନେ ନିଜ ପୂର୍ବପୁରୁଷଙ୍କ ଉତ୍ତରପୁରୁଷତ୍ୱକୁ ସୁରକ୍ଷିତ ରଖିବେ ।

(୧୨) ସଂକ୍ଷେପରେ କହିଲେ, ଏଭଳି ଏକ ଛାତ୍ର ସମାଜର ସର୍ଜନା ହେଉ, ଯେଉଁଥିରେ ସେମାନେ 'ଗଲିଭର ଟ୍ରାଭେଲ୍ସ'ର 'ୟାହୁ' ନାମକ ଜନ୍ତୁର ବଂଶଜ ଭଳି ମନେ ହୁଅନ୍ତି । ଜୀବନରୁ ଅଧାରୁ ଅଧିକ ସମୟ ତାଙ୍କର ବାଳ ବୃଦ୍ଧି ବା କର୍ତ୍ତନ କ୍ରିୟାରେ, ଅଳାନୁସଳାନୁ ସିନେମା ଦର୍ଶନରେ, ନିମ୍ନକୋଟୀର ପତ୍ରିକା ପଠନରେ, ଜଣେ ଅନ୍ୟକୁ ଥଟ୍ଟାଟାପରା କରିବାରେ, ଚିତ୍କାରରେ, ଧମକ ଦେବାରେ, ଦ୍ୱନ୍ଦ୍ୱରେ, ପ୍ରତି ସପ୍ତାହରେ ପରିବର୍ତ୍ତନଶୀଳ ଫେସନକୁ ଅଖ୍ତିଆର କରିବାରେ ଏବଂ ସର୍ବୋପରି ମିଳୁଥିବା ପ୍ରତିଟି ମଉକାରେ ନିଜକୁ ବରବାଦ କରିବାରେ ଅତିବାହିତ କରନ୍ତୁ ।

ଏହା ଆସନରେ ଆସୀନ ବ୍ୟକ୍ତିଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କରିବା ସଙ୍ଗେ ସଙ୍ଗେ ଛାତ୍ରଙ୍କୁ ଅନୁଶାସନର ପାଠ ପଢ଼େଇବ ।

ଲକ୍ଷ୍ୟ କରିବା କଥା ଯେ, ଆମ ଦେଶରେ ଏମିତି ବିଜ୍ଞଜନ ସବୁ ଅଛନ୍ତି ଯେଉଁମାନେ ପ୍ରଦତ୍ତ ଉପାୟଗୁଡ଼ିକୁ ସ୍ୱ ସ୍ୱ ସ୍ତରରେ ବହୁ କାଳ ହେଲା ପାଳନ ମଧ୍ୟ କରୁଛନ୍ତି । ୟା' ପରେ ବି କ'ଣ ଛାତ୍ରଙ୍କ ଅନୁଶାସନହୀନତାର ନିରାକରଣ ହେବ ନାହିଁ ? ହେବ, ନିଶ୍ଚୟ ହେବ ! ଆମେ ଖାଲି ଆଶାବାଦୀ ହେଲେ ହେଲା !

❑

Digitized by srujanika@gmail.com

ଶିବପାଳଗଞ୍ଜ

ଗାଁଟିଏ, ନାଁ ଶିବପାଳଗଞ୍ଜ । ଅବସ୍ଥିତି ତା'ର ସହର ନିକଟ ଓ ରାଜରାସ୍ତା କଡ଼ । ଏଭଳି ଅବସ୍ଥିତି ବା କେତୋଟି ଗାଁ'ର ଭାଗ୍ୟରେ ଜୁଟେ ? ତେଣୁ ରାଜନେତା ଓ ପଦାଧିକାରୀଙ୍କ ସେଠିକି ସରକାରୀ ଗସ୍ତରେ ଆସିବାରେ କୌଣସି ସୈଦ୍ଧାନ୍ତିକ ଆପତ୍ତି ନାହିଁ । ପୁଣି କୂଅ ପୋଖରୀ ବ୍ୟତୀତ କେତେଗୋଟି ହେଣ୍ଡପମ୍ପ ମଧ୍ୟ ଗାଁ'ରେ । ଶୋଷହେଲେ ଗସ୍ତକାରୀ ପର୍ଯ୍ୟଟକମାନେ ସେଇଠି ନିର୍ବିରୋଧ ପାଣି ପିଇ ପାରୁଥିଲେ । ଯା'ସାଙ୍ଗକୁ ଗାଁ'ରେ ଭୋଜନର ମଧ୍ୟ ବିଶେଷ ଅସୁବିଧା ନାହିଁ । ଅଧସ୍ତନ ଗସ୍ତକାରୀଙ୍କ ମଧ୍ୟରୁ କାହାରି ନା କାହାରି ଚିହ୍ନା ପରିଚୟ ବିଦ୍ୟମାନ ଥିଲେ ସେଠି । ଗାଁ ଲୋକେ ତାଙ୍କୁ ପକ୍କା ହାରାମୀ କୁହନ୍ତୁ ପଛେ, ପଦାଧିକାରୀଙ୍କ ସାଙ୍ଗରେ ଚିହ୍ନା କରେଇ ଅଧସ୍ତନ ପରିଚିତଙ୍କ ନାଁରେ କହନ୍ତି, 'ସଂଭ୍ରାନ୍ତ ଘରର ସନ୍ତାନ ହଜୁର, ପକ୍କା ଭଦ୍ରଲୋକ ! ଆମ ଚିକୋବାବୁଙ୍କ କ୍ୱାଇଁ !' ଆଉ ଚିକୋ ବାବୁଙ୍କ ଯେତେବେଳେ କ୍ୱାଇଁ ତାଙ୍କ ଘରେ ମଧ୍ୟାହ୍ନ ଭୋଜନ କରିବାରେ ବଡ଼ ସାହେବଙ୍କ ଆଦର୍ଶ ନଷ୍ଟ ହେବାର ପ୍ରଶ୍ନ ଉଠୁଛି କେଉଁଠି ? କାରଣ ଭୋଜନ ପାଣି ମିଳିବା ଯୋଗୁଁ ହେଉ ବା କାରଣ ଆଉ କିଛି ହେଉ ଶିବପାଳଗଞ୍ଜକୁ ଖୁବ୍ ଲୋକ ସରକାରୀ ଗସ୍ତରେ ଆସୁଥିଲେ, ସମସ୍ତେ ଶିବପାଳଗଞ୍ଜର ବିକାଶପାଇଁ ଖୁବ୍ ଉଦ୍‌ଗ୍ରୀବ । ଫଳରେ ସୁନ୍ଦର ସୁନ୍ଦର ଭାଷଣ ଦେବାକୁ ସମସ୍ତେ ବାଧ ହେଉଥିଲେ ।

ଗଞ୍ଜ ନିବାସୀଙ୍କ ମନରେ ଭାଷଣର ବିଶେଷ ମହତ୍ତ୍ୱ ଥିଲା । କାରଣ, ପ୍ରତ୍ୟେକ ଭାଷଣଦାତା ଶ୍ରୋତାଙ୍କୁ ଏବଂ ଶ୍ରୋତା ଭାଷଣଦାତାଙ୍କୁ ଆରମ୍ଭରୁ ଗଣ୍ଡମୂର୍ଖ ଶ୍ରେଣୀରେ ରଖିଥିଲେ । ଭାଷଣ ଦୃଷ୍ଟିରୁ ଗାଁରେ ଏହା ଏକ ଆଦର୍ଶ ପରିବେଶ ସୃଷ୍ଟି କରିଥାଏ । ତଥାପି ତା'ର ମାତ୍ରା ଅଧିକ ହୋଇ ପଡୁଥିବାରୁ ବେଳେବେଳେ ଲୋକେ ହଜମ କରିପାରନ୍ତି ନାହିଁ । ଭାଷଣ ସେତେବେଳେ ଭଲ ଲାଗେ ଯେତେବେଳେ ବକ୍ତା ଜାଣେ ଯେ ସେ ବାଜେକଥା ବକୁଛି ଏବଂ ଶ୍ରୋତା ମଧ୍ୟ ଜାଣେ ଯେ, ବକ୍ତା ଅବାନ୍ତର କଥା ଗପୁଛି । କିନ୍ତୁ ଜଣେ ଜଣେ ବକ୍ତା ଏତେ ଭାବପ୍ରବଣ ହୁଅନ୍ତି ଯେ, ଶ୍ରୋତା ଦ୍ୱିଧାରେ ପଡ଼ିଯାଏ ଲୋକଟି ସତ ମଣି ଏସବୁ କହୁନି ତ ? ଏଭଳି ଦ୍ୱିଧାପୂର୍ଣ୍ଣ ସ୍ଥିତିରେ ଭାଷଣ

Digitized by srujanika@gmail.com

କେବେ ଗାଢ଼ ହୁଏ ତ କେବେ ପତଳା, ଫଳରେ ବଦହଜମୀ ଧରେ । ତେଣୁ ଗ୍ରାମବାସୀ ନିଜ ଶକ୍ତି ମତେ ଭାଷଣାମୃତ ପାନ କରନ୍ତି । କେହି ଖାଇବା ପୂର୍ବରୁ ଡୋଜ ନିଏ, ତ କେହି ଖାଇବା ପରେ , ପୁଣି କେହି କେହି ସଂଜବେଳେ ଡୋଜ ପାଇଁ ଚାଲି ଆସନ୍ତି ।

ଆଜିକାଲି କୃଷି ହେଲା ଭାଷଣର ମୁଖ୍ୟ ପ୍ରସଙ୍ଗ । ଏହାର ଅର୍ଥ ନୁହେଁ ଯେ, ଆଗରୁ ଅଲଗା କିଛି ପ୍ରସଙ୍ଗ ଥିଲା । ଗତ କିଛି ବର୍ଷ ଧରି ଭାଷଣ ଛଳରେ ସମସ୍ତେ ଗୋଟାଏ କଥା କହୁଥିଲେ –ଭାରତ ଏକ କୃଷିପ୍ରଧାନ ଦେଶ । ଯଦିଓ କେହି ତଥ୍ୟଟିକୁ ଭୁଲ ବୋଲି କହି ନ ଥିଲେ, ଭାଷଣ ଆରମ୍ଭରୁ ବକ୍ତାଙ୍କର ଆଶଙ୍କା ରହୁଥିଲା - ଲୋକ ଏହାର ବିରୋଧ କରିବେ । ତେଣୁ ପ୍ରତ୍ୟେକ ଭାଷଣଦାତା ଗୋଟାକ ପରେ ଗୋଟାଏ ଯୁକ୍ତି ଆଣି କହୁଥିଲେ - ଭାରତ ଏକ କୃଷି ପ୍ରଧାନ ଦେଶ, କୃଷିର ଉନ୍ନତିରେ ଦେଶର ଉନ୍ନତି । ଭାଷଣ ଆଗକୁ ବଢ଼ି ପାରେନା । ସଂଭ୍ରାନ୍ତ ଘର ସନ୍ତାନ, ବିବେକବାନ ଯୁବକ, ଚିକୋବାବୁଙ୍କ ଛ୍ୱାଇଁ ଆସି କୁହନ୍ତି, 'ମଉସା, ଖାଇବା ବେଳା ହେଲା' । ତା' ସତ୍ତ୍ୱେ ଜଣେ ଜଣେ ବକ୍ତା ଭାଷଣର ଦ୍ୱିତୀୟ ପର୍ଯ୍ୟାୟକୁ ଧସେଇ ପଶନ୍ତି । ତେଣିକି ଲାଗେ, ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ପାର୍ଥକ୍ୟ ନାହିଁ । ବୁଲିବାଲି ଆସି ସେହି ଗୋଟାଏ ସିଦ୍ଧାନ୍ତରେ ଉପନୀତ ସମସ୍ତେ - ଭାରତ ଏକ କୃଷି ପ୍ରଧାନ ଦେଶ, ତୁମେ ଜଣେ କୃଷକ, ତୁମର ଲକ୍ଷ୍ୟ ଉନ୍ନତ କୃଷି, ଅଧିକ ଅନ୍ନ ଉତ୍ପାଦନ ସର୍ବାଦୌ ପ୍ରୟୋଜନ । ବକ୍ତା ନିଃସନ୍ଦେହ ଯେ ଚାଷୀ ହେଉଛି ଅଧିକ ଉତ୍ପାଦନର ଘୋର ବିରୋଧୀ, ତେଣୁ ତାକୁ ପ୍ରୋତ୍ସାହିତ କରିବାକୁ ହେବ ।

କଥାଟିକୁ ବୁଝେଇବା ପାଇଁ ବିଜ୍ଞାପନ ମଧ ଦେବା ଦରକାର ପଡୁଥିଲା । ତେଣୁ ଗାଁର କାନ୍ଥ ବାଡ଼ରେ ସେ ପୋଷ୍ଟର ବାଲା ବିଜ୍ଞାପନ ହେଉ ବା କୋଇଲା ଲେଖା ହେଉ ଭରପୁର ବିଜ୍ଞାପନ ଦେଖିବାକୁ ମିଳୁଥିଲା । ବିଜ୍ଞାପନରୁ ଜାଣି ହୁଏ ଯେ, ସମସ୍ୟା କ'ଣ ଏବଂ ତା'ଠାରୁ ବଡ଼ କଥା, ତା'ର ସମାଧାନ କ'ଣ ? ଉଦାହରଣ ସ୍ୱରୂପ କୁହାଯାଇପାରେ ଯେ, ସମସ୍ୟା ହେଲା- ଭାରତ ଏକ କୃଷି ପ୍ରଧାନ ଦେଶ । କିନ୍ତୁ ବଦମାସ ଚାଷୀ ଅଧିକ ଅନ୍ନ ଉତ୍ପାଦନ କରୁନାହିଁ । ଏ ସମସ୍ୟାର ସମାଧାନ ହେଲା -ଚାଷୀକୁ ନିୟମିତ ଭାଷଣ ଶୁଣିବାକୁ ଏବଂ ପୋଷ୍ଟରର ସୁନ୍ଦର ଚିତ୍ରସବୁ ଦେଖିବାକୁ ଦିଆଯାଉ । ଚାଷୀ ଜାଣୁ ଯେ, ତା' ନିଜପାଇଁ ନ ହେଲା ନାହିଁ, ଅନ୍ତତଃ ଦେଶପାଇଁ ତାକୁ ଅନ୍ନ ଉତ୍ପାଦନ କରିବାକୁ ପଡ଼ିବ । ଏ କଥାକୁ ସ୍ପଷ୍ଟ କରିବାପାଇଁ ଗାଁର ଚାରିଆଡ଼େ ପୋଷ୍ଟର ବାଜି କରା ଯାଇଥିଲା, ପୋଷ୍ଟରରେ ଚାଷୀ ଅଧିକ ଅନ୍ନ ଉତ୍ପାଦନ କରୁଥିଲେ । ଭାଷଣ ଏବଂ ପୋଷ୍ଟରର ମିଶ୍ରିତ ପ୍ରଭାବରେ ଅତି ସିଧା ସରଳ ଚାଷୀ ବି କହିବାକୁ ଲାଗିଲେ, ତୁମେ ଯାହା କହ ଏହା ପଛରେ ନିଶ୍ଚୟ କିଛି ରହସ୍ୟ ଅଛି ।

Digitized by srujanika@gmail.com

ଶିବପାଳଗଞ୍ଜରେ ଆଜିକାଲି ଗୋଟାଏ ପୋଷ୍ଟର ଭାରି ଲୋକପ୍ରିୟ ହୋଇଥାଏ । ପୋଷ୍ଟରରେ ଜଣେ ହୃଷ୍ଟପୁଷ୍ଟ ହାଫ୍ ଜାକେଟ୍ ପିନ୍ଧା ଚାଷୀ ମୁଣ୍ଡରେ ପାଗମାରି, କାନରେ ଗହମ କେଣ୍ଡାଟିଏ ଖୋସି ଦା'ରେ ଗହମ କାଟୁଥାଏ । ଜଣେ ସ୍ତ୍ରୀ ତା' ପଛରେ କୃଷି ବିଭାଗ ଅଧିକାରୀ ଭଳି ମୁଲ୍ ମୁଲ୍ ହସୁଥାଏ । ଫଟୋ ତଳେ ଓ ଉପରେ ଉଭୟ ଇଂରାଜୀ ଓ ହିନ୍ଦୀରେ ଲେଖାଥାଏ – ଅଧିକ ଶସ୍ୟ ଉତ୍ପାଦନ କରନ୍ତୁ । ହାଫ୍ ଜ୍ୟାକେଟ୍ ପିନ୍ଧା ଇଂରାଜୀ ଜ୍ଞାତା ଚାଷୀଙ୍କ ପାଇଁ ଇଂରାଜୀରେ ଏବଂ ହିନ୍ଦୀ ଭାଷାବିଦ୍ ଚାଷୀପାଇଁ ହିନ୍ଦୀରେ ତର୍କ ଯୋଗାଡ଼ କରାଯାଇଥାଏ । ଉଭୟ ଭାଷାଜ୍ଞାନରୁ ବଞ୍ଚିତ ଚାଷୀ ସ୍ତ୍ରୀ-ପୁରୁଷର ଯୋଡ଼ି ଦେଖି ତଥ୍ୟଟିକୁ ବୁଝିନେବେ ବୋଲି ଆଶା କରାଯାଉଥାଏ । ସରକାରୀ ଯୋଜନା ଅନୁଯାୟୀ ସ୍ମିତହାସିନୀ ସ୍ତ୍ରୀଟିକୁ ଦେଖି ଚାଷୀ ମତ୍ତ ହସ୍ତୀ ଭଳି କ୍ଷେତକୁ ମାଡ଼ିଯିବେ, ଅଧିକ ଶସ୍ୟ ଉତ୍ପାଦନ କରିବେ । ପୋଷ୍ଟରଟି ଲୋକପ୍ରିୟ ହେବାର ଗୋଟାଏ ବଡ଼ କାରଣ ହେଲା, ଲୋକଙ୍କ ମତରେ ହାଫ୍ ଜାକେଟ ପିନ୍ଧା ଚାଷୀ ଦେଖିବାକୁ ଗାଁର ବଦ୍ରୀ ପହଲମାନ ଭଳି । ସ୍ତ୍ରୀ ଲୋକଟି ସଂପର୍କରେ ଅନେକ ମତଭେଦ ରହିଥିଲା । ଗାଁର କେଉଁ ମଫସଲି ସ୍ତ୍ରୀ ସାଙ୍ଗରେ ସ୍ମିତହାସିନୀର ଚେହେରା ମିଶୁଛି - ତାହା ସେ ଯାଏଁ ସ୍ଥିର ହୋଇ ପାରି ନ ଥିଲା ।

ଅବଶ୍ୟ କୃଷିଠାରୁ ମଧ ଅଧିକ ଆକର୍ଷଣୀୟ ଥିଲା ମେଲେରିଆ ବିଜ୍ଞାପନ । ଗାଁର ପ୍ରାୟ କାନ୍ଥରେ ଗେରୁରେ ଲେଖାଥାଏ, 'ମଶାମାରଣ କାର୍ଯ୍ୟକ୍ରମରେ ଅଧିକାରୀଙ୍କ ସହଯୋଗ କରନ୍ତୁ । ମଶା ବଂଶ ନାଶ ହେଉ ।' ଅଧିକାରୀଙ୍କ ଦୃଢ଼ ଧାରଣା ଯେ, ଗୋରୁ-ଗାଈଙ୍କ ଭଳି ଆଗ୍ରହରେ ଚାଷୀ ମଶା ମଧ ପାଳେ । ତେଣୁ କାର୍ଯ୍ୟକ୍ରମକୁ ସଫଳ କରିବାକୁ ହେଲେ ତା'ର ହୃଦୟ ପରିବର୍ତ୍ତନ ହେବା ଆବଶ୍ୟକ । ହୃଦୟ ପରିବର୍ତ୍ତନ ପାଇଁ ଧମକ୍ ଏବଂ ଧମକ୍ ନିମନ୍ତେ ଇଂରାଜୀର ଆବଶ୍ୟକତା ଥିବାରୁ ସମସ୍ତ ବିଜ୍ଞାପନ ଥିଲା ଇଂରାଜୀ ଭାଷାରେ । ଫଳସ୍ୱରୂପ ଗ୍ରାମବାସୀଙ୍କ ନିମିତ୍ତ ତାହା ଗଦ୍ୟ ବା ପଦ୍ୟ ନ ହୋଇ ଚିତ୍ରକଳାର ଉତ୍କୃଷ୍ଟ ନମୁନା ରୂପେ କାର୍ଯ୍ୟ କରୁଥାଏ । ଅଧିକାରୀଙ୍କୁ ଗେରୁରେ ମନଇଚ୍ଛା ଲେଖିବାପାଇଁ ସଂପୂର୍ଣ୍ଣ ଅଧିକାର ମିଳିଥାଏ । କାନ୍ଥ ଗେରୁଆ ହୁଏ, ମଶା ବଂଶ ନାଶ ହୁଏ । କୁକୁର ତା'ର ଭୁକୁଥାଏ, ଲୋକ ଚାଲୁଥାନ୍ତି ନିଜ ବାଟରେ ।

ଆଉ ଏକ ବିଜ୍ଞାପନରେ ସାନ ଛୁଆକୁ ପାଠ ପଢ଼େଇଲା ଢଙ୍ଗରେ ଲେଖାଥାଏ, ସମସ୍ତେ ଅର୍ଥ ସଞ୍ଚୟ କରନ୍ତୁ । ଅର୍ଥ ସଞ୍ଚୟର ଲାଭକାରୀ ଦିଗ ସମ୍ପର୍କରେ ପିଲାଦିନୁ ମଣିଷ ତା' ପୂର୍ବପୁରୁଷଙ୍କଠାରୁ ଜ୍ଞାନ ପାଇଥାଏ ଏବଂ ଜ୍ଞାନର ସଦୁପଯୋଗ ମଧ କରେ । ତେଣୁ ବିଜ୍ଞାପନଟିରେ କିଛି ବିଶେଷତ୍ୱ ରହିବା କଥା ନୁହେଁ । ମାତ୍ର ରାଷ୍ଟ୍ରର ନାମୋଲ୍ଲେଖ ଯୋଗୁଁ ବିଜ୍ଞାପନର ଗୁରୁତ୍ୱ ଖୁବ୍ ଅଧିକ ହୋଇ ପଡ଼ିଥାଏ । ନିଜ ପାଇଁ

Digitized by srujanika@gmail.com

ନହେଲା ନାହିଁ, ଅନ୍ତତଃ ରାଷ୍ଟ୍ରପାଇଁ ସଞ୍ଚୟ କର । ସତକଥା । ସେଠ୍, ସାହୁକାର, ଓକିଲ, ଡାକ୍ତର ଆଦି ସଂଭ୍ରାନ୍ତ ଲୋକ ତ ନିଜପାଇଁ ଧନ ସଞ୍ଚନ୍ତି । ଅନ୍ତତଃ ଚାଷୀ ରାଷ୍ଟ୍ରପାଇଁ ସଞ୍ଚୁ ନୂଆ କିଛି କରୁ ! ସଞ୍ଚୟ ମାମଲାରେ କାହାରି ଅସହମତି ନଥିଲା । ଧନ କିଭଳି ସଞ୍ଚିବ, କେଉଁଠି ରଖିବ – ତା ବି ବିଜ୍ଞାପନ ଓ ଭାଷଣରେ ସ୍ପଷ୍ଟଭାବେ ଉଲ୍ଲେଖ ଥାଏ । ଉଲ୍ଲେଖ ନଥାଏ କେବଳ ଗୋଟାଏ ତଥ୍ୟ – ଦିନରେ ମଜୁରି କେତେ ମିଳିବା କଥା । ଦ୍ୱିତୀୟତଃ ଆୟ ସଙ୍ଗେ ବ୍ୟୟର ପ୍ରଶ୍ନ ଜଡ଼ିତ, ସଞ୍ଚୟର ପ୍ରଶ୍ନ ଜଡ଼ିତ । ଅବଶ୍ୟ ବିଜ୍ଞାପନଗୁଡ଼ା କାନ୍ଥରେ ରହିବାରେ ଲୋକଙ୍କର ବିଶେଷ କିଛି ଆପତ୍ତି ନ ଥିଲା । କାରଣ ବିଚରାଗୁଡ଼ାକ ଚୁପଚାପ କାନ୍ଥରେ ଲଟକି ରହିଥିଲେ । ଆହା, ଦିନେ କାଳେ ନା ଖାଇବାକୁ ମାଗୁଛନ୍ତି ନା ପିଇବାକୁ ମାଗୁଛନ୍ତି ନା କାହାରି କିଛି ଲାଭ କରୁଛନ୍ତି ନା କ୍ଷତି । ଛାଡ଼୍, ବିଚରା ପୋଷ୍ଟରଗୁଡ଼ିକ ସାଙ୍ଗରେ ଲାଗ ନାହିଁ । ଲୋକେ କୁହାକୁହି ହୁଅନ୍ତି ।

ଗୋଟାଏ ବେସରକାରୀ ବିଜ୍ଞାପନ ରଙ୍ଗନାଥର ମନ ଟାଣେ । ତା'ର ସାରମର୍ମ ହେଲା ଯାଦୁ ସବୁଠାରୁ ମାରାତ୍ମକ ରୋଗ ତା'ପାଇଁ ଏକ ଔଷଧ ବାହାରିଛି । ତାକୁ ମାଲିସ୍ କଲେ ଯାଦୁ ମୂଳରୁ ଉପୁଡ଼ି ଯାଏ, ପାଟିରେ ନେଲେ ଶର୍ଦ୍ଦି-କାଶରୁ ମୁକ୍ତି ମିଳେ, ଏବଂ ଚିନିପାଣିରେ ଘୋଳି ପିଇଲେ ହଇଜା ଧରେ ନାହିଁ । ଏଭଳି ଔଷଧ ଦୁନିଆରେ ଅନ୍ୟ କେଉଁଠି ମିଳିବା ମୁସ୍କିଲ । ଔଷଧର ଆବିଷ୍କାରକ ଏବେ ମଧ ଜୀବିତ, ପାଶ୍ଚାତ୍ୟ ଦେଶର ଚକ୍ରାନ୍ତ ଯୋଗୁଁ ବେଚାରା ନୋବେଲ ପୁରସ୍କାରରୁ ବଞ୍ଚିତ ।

ନୋବେଲ ପୁରସ୍କାରରୁ ବଞ୍ଚିତ ଅନେକ ବିଜ୍ଞ ଲୋକ ଆମ ଦେଶରେ ଅଛନ୍ତି । ତନ୍ମଧ୍ୟରୁ ଜଣେ ରହନ୍ତି ଜାହାନାବାଦ ନାମକ ସହରରେ । ସହରରେ ବିଜୁଳି ପହଞ୍ଚି ଯାଇଛି ବୋଲି ସେ ବିଜୁଳିଦ୍ୱାରା ବନ୍ଧ୍ୟାଦୋଷର ବିନାଶ କରନ୍ତି । ବନ୍ଧ୍ୟାରୋଗୀ ନିରାଶ ହୁଅନ୍ତୁ ନାହିଁ । ହୁଏତ ବିଶ୍ୱସ୍ତରରେ ହୋଇ ନ ପାରେ, ମାତ୍ର ସର୍ବଭାରତୀୟ ସ୍ତରରେ ଖ୍ୟାତିପ୍ରାପ୍ତ ଅନ୍ୟ ଜଣେ ଡାକ୍ତର ବିନା ଅପରେସନରେ ଅଣ୍ଡକୋଷ ବୃଦ୍ଧିକୁ ପ୍ରତିରୋଧ କରନ୍ତି । କୋଇଲାରେ ବିଭିନ୍ନ ପ୍ରକାରେ ଏହା ଶିବପାଳଗଞ୍ଜର ପ୍ରତ୍ୟେକ କାନ୍ଥରେ ଲେଖା ଥିଲା । ଅବଶ୍ୟ ଦୁଇ ଚାରୋଟି ବିଜ୍ଞାପନ ଶିଶୁ ରୋଗ ଏବଂ ଆଖିର ମୋତିଆ ବିନ୍ଦୁ ବିରୁଦ୍ଧରେ ମଧ ଉଦ୍ଦିଷ୍ଟ ଥିଲେ, କିନ୍ତୁ ପ୍ରମୁଖ ରୋଗର ସଂଖ୍ୟା ହେଲା ମାତ୍ର ତିନି - ଯାଦୁ, ହାର୍ଣିଆ ଓ ବନ୍ଧ୍ୟା ଦୋଷ । ବିଜ୍ଞାପନ ଜ୍ଞାନ ଯୋଗୁଁ ଶିବପାଳଗଞ୍ଜ ଟୋକାଏ ଅକ୍ଷରଜ୍ଞାନ ନ ହେଉଣୁ ଉକ୍ତ ରୋଗ ଗୁଡ଼ିକର ଚିକିତ୍ସାବିଧି ସଂପର୍କରେ ସଂପୂର୍ଣ୍ଣ ଅବଗତ ଥିଲେ ।

ଦିନେ ସକାଳେ ଗାଁରେ ଚିକିତ୍ସା ବିଜ୍ଞାନର ଏକ ନୂଆ ପ୍ରୟୋଗ ଦେଖାଗଲା । କେତେ ଲୋକ କାନ୍ଥରେ ବଡ଼ ବଡ଼ ଅକ୍ଷରରେ ଲେଖିଲେ - 'ଅର୍ଶ' । ଏ ହେଲା ଶିବପାଳଗଞ୍ଜର ପ୍ରଗତିର ଲକ୍ଷଣ । 'ଅର୍ଶ'ର ଦୁଇଟି ବିରାଟକାୟ ଅକ୍ଷର ଚିତ୍କାର କରି

Digitized by srujanika@gmail.com

କହିଲେ, 'ପୁରାତନତାର ପ୍ରତୀକ ଝାଡ଼ାବାନ୍ଧିର ଯୁଗ ଶେଷ ହେଲା ଆଜି । କମନୀୟ ଶରୀର, କାର୍ଯ୍ୟାଳୟର ଆରାମଦାୟୀ ସୋଫା, ଶିଷ୍ଟାଚାରପୂର୍ଣ୍ଣ ରହଣି, ଅନବରତ ଚାଲିଥିବା ଭୋଜନ-ପାଣି ଏବଂ ସ୍ୱଚ୍ଛ ପରିଶ୍ରମର ଆଧୁନିକ ଯୁଗ ଧୀରେ ଧୀରେ ବ୍ୟାପିବାରେ ଲାଗିଛି । ଆଧୁନିକତାର ପ୍ରତୀକ 'ଅର୍ଶ' ସର୍ବବ୍ୟାପୀ ବନ୍ଧ୍ୟାଦୋଷକୁ ଟକ୍କର ଦେବା ନିମିତ୍ତ କୃତସଂକଳ୍ପ ଆଜି । ସଂଧ୍ୟାବେଳକୁ ଦୈତ୍ୟାକାର ବିଜ୍ଞାପନଟି ଗୋଟାଏ କାନ୍ଥରେ ତା'ର ବହୁରୂପୀ ରଂଗରେ ଉଭା ହେଲା, ଆହୁରି ଜୋରରେ ଚିତ୍କାର କଲା, 'ଅର୍ଶ' ରୋଗର ଗେରେଣ୍ଟିଯୁକ୍ତ ଚିକିତ୍ସା ।

ଦେଖୁ ଦେଖୁ ଦିନ କେତେଟାରେ ସଂପୂର୍ଣ୍ଣ ପରିବେଶ 'ଅର୍ଶ' ଓ ତା'ର ଗେରେଣ୍ଟିଯୁକ୍ତ ଚିକିତ୍ସା ଭିତରେ ଚାପି ହୋଇଗଲା । ଦିନେ ବିଜ୍ଞାପନଟି ସ୍ଥାନୀୟ ପେପରରେ ପ୍ରଥମ ପୃଷ୍ଠା ମଣ୍ଡନ କରିଥିବାର ଦେଖି ରଙ୍ଗନାଥ ଆଶ୍ଚର୍ଯ୍ୟ ହେଲା । ପେପରର କାମ ହେଲା, ରୋଜ ଦିନ ଦଶଟାରେ ସହରରୁ ଶିବପାଳଗଞ୍ଜ ଆସି ଟ୍ରକ-ଷ୍କୁଟର ସଂଘର୍ଷର ସବିଶେଷ ବିବରଣୀ ଦେବା ଓ 'ପରିବା ଚୋର' ଇରସାଦ ଉପରେ ଆବାସୀ ଗୁଣ୍ଡାର ଛୁରାଘାତର କାହାଣୀ ଶୁଣେଇବା । କିନ୍ତୁ ସେଦିନ ତା'ର ପ୍ରଥମ ପୃଷ୍ଠାର ଅଧାରୁ ଅର୍ଦ୍ଧେକ ଅଂଶକୁ କଳାରଙ୍ଗରେ ରଙ୍ଗୀନ କରାଯାଇଥିଲା ଏବଂ ତା' ମଝିରେ ବଡ଼ ବଡ଼ ଧଳା ଅକ୍ଷରରେ ଲେଖାଥାଏ, 'ଅର୍ଶ' । ଅକ୍ଷରଗୁଡ଼ିକର ବେଶ ପରିପାଟୀ ଶିବପାଳଗଞ୍ଜର କାନ୍ଥ ବିଜ୍ଞାପନଠାରୁ ଅଲଗା ଜଣାପଡୁ ନଥାଏ । ମୁଦ୍ରିତ ଅକ୍ଷର କେତୋଟି 'ଅର୍ଶ' କୁ ଏକ ନୂଆରୂପ ଦେଲେ, ଆଖପାଖର ସମ୍ବାଦଗୁଡ଼ିକ ମଧ୍ୟ 'ଅର୍ଶ' ର ପୁରା କାବୁରେ । କଳା ପୃଷ୍ଠଭୂମିରେ ଗୋରା ତକ୍ ତକ୍ 'ଅର୍ଶ' ଦୂରରୁ ପାଠକକୁ ନିଜ ପରିସୀମାକୁ ଟାଣି ଆଣୁଥିଲା । ଏମିତି କି ଗାଁର ଶନିଚର ଯିଏ ସମ୍ବାଦମୁଡ଼ିକର ଶୀର୍ଷକ ପଢ଼ିଲାବେଳେ ମଧ୍ୟ ଧଇଁସଇଁ ହୋଇଯାଏ, ପେପର ପାଖକୁ ମାଡ଼ି ଆସିଲା ଏବଂ ମନଯୋଗ ସହକାରେ 'ଅର୍ଶ' କୁ ଦେଖି ଚାଲିଲା । ଅନେକ ବେଳ ଦେଖିଲା ଉତ୍ତାରୁ ଶନିଚର ରଙ୍ଗନାଥକୁ କହିଲା, 'ସେଇ ଏକା ଜିନିଷ ମ !'

'ଅର୍ଶ' ପେପରରେ ବାହାରିଲା ପରେ ଗାଁର ସ୍ୱାଭିମାନ ବଢ଼ିଲା । ଲୋକେ ଜାଣିଲେ, କାନ୍ଥଲେଖା ଅକ୍ଷରର ବି ଓଜନ ଅଛି, ତା'ର ପେପରରେ ଛପା ହେବାର ତାକତ ଅଛି । ଅର୍ଥାତ୍ ଯାହା ବାହାରେ ଅଛି, ତାହା ଶିବପାଳଗଞ୍ଜରେ ମଧ୍ୟ ରହିଛି ।

ରଂଗନାଥ ଖଟିଆ ପକେଇ ବାହାରେ ବସିଥାଏ । ତା' ଆଗରେ ପେପର ଛାତି ମେଲି ପଡ଼ିଥାଏ । ଆମେରିକାର ଉପଗ୍ରହ ପ୍ରେରଣ, ଭାରତ-ପାକ ସୀମାରେ ଗୋଳା ବର୍ଷଣ, ଅନ୍ନ-ଉତ୍ପାଦନର ବିବରଣୀ ତଥା ଦକ୍ଷିଣ ଆଫ୍ରିକାରେ ସାମାଜିକ ସୁରକ୍ଷା ପ୍ରଶ୍ନ, ଇତ୍ୟାଦି ସମସ୍ତ ଛୋଟ ଛୋଟ ସମ୍ବାଦକୁ ଦୈତ୍ୟାକାର ବାଜପକ୍ଷୀ ଭଳି କଳା-ଧଳା

Digitized by srujanika@gmail.com

ରଂଗର ବିଜ୍ଞାପନଟି ନିଜ ଡେଣା ତଳେ ଢାକି ଧରିଥାଏ ଏବଂ ଚିତ୍କାର କରି କହୁଥାଏ 'ଅର୍ଶ' ! 'ଅର୍ଶ' ! ପ୍ରକୃତରେ କହିବାକୁ ଗଲେ ପେପରରେ ଛପା ହେଲା ପରେ 'ଅର୍ଶ' ଏଣିକି ଶିବପାଲଗଞ୍ଜ ଓ ଆନ୍ତର୍ଜାତିକ ପରିବେଶ ମଧ୍ୟରେ ଏକ ଦୃଢ଼ ମାଧ୍ୟମ ରୂପେ କାର୍ଯ୍ୟ କଲା ।

(ଉପନ୍ୟାସ 'ରାଗ ଦରବାରୀ'ରୁ ଆନୀତ ।)

❑

Digitized by srujanika@gmail.com

ପ୍ରଥମ ଭୁଲ

ଉତ୍ତମ କୃଷି, ବାଣିଜ୍ୟ ମଧ୍ୟମ

ଅଧମ ଚାକିରୀ, ଭିକାରୀ ସମ ।।

ଏଇ ପଦଟି ମୁଁ ପିଲାଦିନୁ ଶୁଣିଛି । ବି.ଏ. ପାସ ପରେ ଯେବେ ଅଧମ ଚାକିରୀଟି ମଧ୍ୟ ସ୍ୱପ୍ନ ହେଲା, ତାକୁ ଭିକ୍ଷା ସଙ୍ଗେ ତୁଳନା କରି, ଉତ୍ତମ କୃଷି କରିବାକୁ ନିଷ୍ପତ୍ତି ନେଲି ଏବଂ ଚାଲିଲି ସିଧା ଗାଁ କୁ ।

ଗାଁ ରେ କାକା କହିଲେ, ସତକଥା । ନିଶ୍ଚିତ ରୂପେ କୃଷି ହେଉଛି ସର୍ବୋତ୍ତମ କାର୍ଯ୍ୟ । ମାତ୍ର ପାରସୀ ପଢ଼ି ଯେମିତି କେହି ତେଲ ବିକେନା ସେମିତି ଇଂରାଜୀ ପଢ଼ି କେହି କ୍ଷେତରେ ହଳ ଯୋତେନା । ମୁଁ କହିଲି, 'ଏ ସବୁ ହେଲା ପ୍ରକୃତିର ନିୟମ ।' ପାରସ୍ୟବାସୀ ତେଲି କେବେ ସଂସ୍କୃତ ଟୋଲକୁ ଯାଏ ନାହିଁ, ପାରସୀ ହିଁ ପଢ଼େ, ଇଂଲଣ୍ଡର ଚାଷୀ ସବୁବେଳ ଖାଲି ଇଂରାଜୀ କହୁ ନଥାଏ, ଜମି ମଧ୍ୟ ହଳ କରେ ।

କାକା କହିଲେ, 'ପୁଅ, ଚାଷ ତୋ'ଦ୍ୱାରା ହେଲା ଭଳିଆ ଲାଗୁ ନାହିଁ । ଏ ହେଲା ଆମ ପରି ଗଣ୍ଡମୂର୍ଖଙ୍କର କାମ । ଦିନରାତି ଝାଳନାଳ ହୋଇ ଏଥିରେ ପାଣି,ପବନ, ମାଟି, ଗୋବରକୁ ଖାଲି ଘାଣ୍ଟିବାକୁ ପଡ଼େ ।'

ମୁଁ କହିଲି, 'ଏ ଶରୀର ହେଲା ମାଟିରେ ଗଢ଼ା । ପୁଣି ଗୋବର ହେଉଛି ଅତି ପବିତ୍ର ଦ୍ରବ୍ୟ । ମାଟି ଯେମିତି ପଞ୍ଚଭୂତ ମଧ୍ୟରୁ ଗୋଟାଏ, ଗୋବର ସେମିତି ପଞ୍ଚଗବ୍ୟର ଅଂଶବିଶେଷ ମାତ୍ର ।'

ମୋ ମୁହଁରୁ ପବିତ୍ର ଭାବନା ସବୁ ଶୁଣି ସେ ଖୁସି ହେଲେ । ପାଖ ପଡ଼ିଶା ମଧ୍ୟ ମତେ 'ଧନ୍ୟ ଧନ୍ୟ' କଲେ । ପୁଣି କହିଲି, 'କିଏ କହେ କୃଷିକୁ ମୂର୍ଖର କାର୍ଯ୍ୟ ? ବଡ଼ ବଡ଼ ମହାପୁରୁଷ ପରା କୃଷିର ଜୟଗାନ କରି ଯାଇଛନ୍ତି । କାର୍ଲାଇଲ କୃଷି ଉପରେ ନିବନ୍ଧ ଲେଖିଲେ, ଟଲଷ୍ଟୟ ସ୍ୱୟଂ କୃଷିକର୍ମ କରୁଥିଲେ, ତ ଭୋଲଟେୟାର ବଗିଚା କାମ କରୁଥିଲା । ଗ୍ଲେଡଷ୍ଟୋନ ପୁଣି କାଠ ହାଣି ଜୀବିକା ନିର୍ବାହ କରୁଥିଲେ । ଆମ ଦେଶରେ ମଧ୍ୟ ଏହି ଭଳି ଉଦାହରଣ ବିରଳ ନୁହେଁ । କିଏ ନ ଜାଣେ ଗୌତମ ଋଷି

Digitized by srujanika@gmail.com

ଗହମର ବୀଜ ରୋପିଥିଲେ ବୋଲି ? ସ୍ୱୟଂ ଫଳ-ମୂଳ ଭକ୍ଷୀ ହୋଇଥିବାରୁ ଅବଶ୍ୟ ତାଙ୍କର ହର୍ଟିକଲଚରରେ ଆଗ୍ରହ ଥିଲା, ଫଳ ଓ କନ୍ଦମୂଳ ଉତ୍ପାଦନ କରୁଥିଲେ । ତେଣୁ କୃଷିକୁ ଉତ୍ତମ ବ୍ୟବସାୟ ବୋଲି ଗଣନା କରିବାର ଯଥେଷ୍ଟ ଯଥାର୍ଥତା ରହିଛି । ଆସନ୍ତା କାଲିଠାରୁ ମୁଁ କୃଷି କରିବି । ଏହା ମୋର ଦୃଢ଼ ନିଷ୍ପତ୍ତି ।'

ମୋ ବକ୍ତବ୍ୟ ଶୁଣି କାକା ପ୍ରଭାବିତ ହେଲେ । ତଥାପି ସତର୍କ କରି କହିଲେ, 'ଚାଷ କରିବୁ, ଠିକ ଅଛି । ମାତ୍ର ମନେରଖ ଯେ, କ୍ଷେତ ଆଖପାଖରେ ନା ରେଷ୍ଟୁରାଣ୍ଟ ଥାଏ, ନା କ୍ଲବ, ସିନେମା ହଲର ଗଦିବାଲା ଚୌକି ବଦଳରେ ଥୁଣ୍ଟା ହରଡ଼ ଡାଳର ବୁଦା ଗହଣରେ ଦିନ କାଟିବାକୁ ପଡ଼େ ।'

ସିନେମା କଥା ପଡ଼ିଛି ଯେତେବେଳେ, ଏଠାରେ ମୁଁ କହିରଖେ ଯେ, ସିନେମା ପ୍ରତି ମୋର ଭାରି ଦୁର୍ବଳତା । ଏହାର ମୁଖ୍ୟ କାରଣ ହେଲା, ସିନେମା ହେଉଛି କୃଷି ପ୍ରଗତିର ଏକ ଦୃଢ଼ ମାଧ୍ୟମ । ସିନେମା ହେତୁ କୃଷି ଖୁବ୍ ଲୋକପ୍ରିୟ ହୋଇଛି । ବଡ଼ ବଡ଼ ହୀରୋ ସବୁ ଜମିରେ ହଳ କରନ୍ତି ଏବଂ ତା' ସଙ୍ଗରେ ଗୀତ ଗାଆନ୍ତି । ହୀରୋଇନ ଟୋକେଇରେ କ୍ଷେତକୁ ପଖାଳ ଧରି ଆସେ । ସବୁଜ ଧାନ କିଆରି ମଝିରେ ଦୁହେଁ ମିଶି ଲୁଚକାଳି ଖେଳନ୍ତି । ଧାନକଟା ସମୟରେ ହୀରୋଇନ ସାଙ୍ଗରେ ପଚାଶେ ଝିଅ ନାଚି ନାଚି ଗୀତ ଗାଆନ୍ତି । ତାଙ୍କ ନାଚ ସହ ତାଳ ଦେଇ ଧାନ ଆପେ ଆପେ କାଟି ହୋଇଯାଏ । କ୍ଷେତର ଏଭଳି ମନୋରମ ଦୃଶ୍ୟ ଦେଖି ଶିକ୍ଷିତ ବର୍ଗ ଗାଁ କୁ ଆସେ, କ୍ଷେତ ଚାରିକଡ଼େ ବୁଲିଯାଏ । ଏହିଭଳି ଭାବେ ସିନେମା ଆମକୁ କୃଷି ସମ୍ବନ୍ଧୀୟ ଜ୍ଞାନ ବିତରଣ କରେ । ସତ କହିବାକୁ ଗଲେ, ସିନେମା ଦେଖାରୁ ହିଁ ମୋର କୃଷି ପ୍ରତି ଆଗ୍ରହ ଜନ୍ମିଥିଲା ।

ପରଦିନ କାକା ମତେ କ୍ଷେତକୁ ଯିବାକୁ ନିର୍ଦ୍ଦେଶ ଦେଲେ । ମୁଁ ପଚାରିଲି, 'କ୍ଷେତ କେଉଁଠି ?'

ସେ କହିଲେ, 'ଗାଁର ଦକ୍ଷିଣରେ ରାମେଶ୍ୱରର ଆମ୍ବତୋଟା, ତା' ଆଗକୁ ଏକ ଧରସା । ଧରସାର ପଶ୍ଚିମକୁ ଏକ ପାଦଚଲା ରାସ୍ତା । ରାସ୍ତାର ଉତ୍ତରକୁ ଗଲେ ଗୋଟାଏ ଆଡ଼ି ଅଛି । ଆଡ଼ି ଉପରେ ଠିଆ ହେଲେ ଆମର ଆଖୁ କିଆରି ଦେଖାଯିବ । ତା' ପାଖରେ ମାଣ୍ଡିଆ ମଧ୍ୟ ଅଛି । ସେଠି ଆମ ଜମି ଯୋତା ଚାଲିଛି, ତୁ ଯାଇ କାମ ଦେଖ ।'

ମୁଁ କ୍ଷେତକୁ ବାହାରିଲି । ଦଶହରା ମାସ । ଆକାଶରେ ଟିକିଏ ଟିକିଏ ମେଘ । ପବନରେ ଝୁଲି ଝୁଲି ତାଳ ଓ ଖଜୁରି ଗଛମାନେ ଆନନ୍ଦରେ କୁଣ୍ଢାକୁଣ୍ଢି ହେଉଥାନ୍ତି । ବିଲକୁଲ ସିନେମାର ଦୃଶ୍ୟ ! ରାସ୍ତାରେ ଗୋଟାଏ କୂଅ ପଡ଼ିଲା । ହୀରୋ ସେ ବାଟରେ

Digitized by srujanika@gmail.com

ଗଲାବେଳେ ସିନେମାର ହୀରୋଇନ କୂଅରୁ ପାଣି କାଢୁଥାଏ । ଦୁହେଁ କଥାବାର୍ତ୍ତା କରନ୍ତି । ସାମାନ୍ୟ ଅଟକି ମୁଁ ସୁସୁରି ମାରିଲି । ହେଲେ କୂଅ ପାଖରେ କେହି ନ ଥିଲେ । କାହାରି ଗୋଡ଼ର ପାଉଁଜି ବାଜିଲା ନାହିଁ, କି କାହାରି କାଖର ମାଠିଆ ଭାଙ୍ଗିଲା ନାହିଁ । ପୂରା ବାଟ ଚାଲିଗଲି ପଛେ, ନାଁ କେଉଁଠି ଲୁଚକାଳି ଦୃଶ୍ୟ ଦେଖାଗଲା, ନା ହୀରୋର ବଂଶୀ ସ୍ୱନ ଶୁଭିଲା । ନା ହୀରୋଇନ ଗୀତ ଗାଇଲା, ନା ହଳିଆମାନେ କୋରସ ଶୁଣାଇଲେ । ଗାଁ ମୋତେ ନିରାଶ କରିଦେଲା । ଚୁପଚାପ ଆପଣା ବାଟରେ ବାଟ ଚାଲୁଥାଏ ।

ବର୍ତ୍ତମାନ ଏମିତି ଏକ ସ୍ଥାନରେ ଆସି ପହଞ୍ଚିଲି ଯେଉଁଠି ଆମର କ୍ଷେତ ଥିବା କଥା । କାକା କହିଥିଲେ, ସେଠି ଆମ୍ବ କିଆରି ଏବଂ ପାଖରେ ମାଣ୍ଡିଆ ଅଛି । ଆମ୍ବ ଉପରେ ମୋର ବିଶେଷ ଧାରଣା ନ ଥିଲା । ମାଣ୍ଡିଆକୁ ଭରଷା କରି କ୍ଷେତ ଖୋଜିବା କଥା । ଆଡ଼ି ଉପରେ ବୁଢ଼ା ଲୋକଟିଏ ଛିଡ଼ା ହୋଇଥାଏ । ସୁସୁରି ବନ୍ଦ କରି ପଚାରିଲି, 'ତୁ ମାଣ୍ଡିଆ କି ?'

ବୁଢ଼ା ଚାଷୀ ମୋତେ ଓଲଟି ଚାହିଁଲା । ସାମାନ୍ୟ ଘାବୁରେଇ ଯାଇ ପଚାରିଲା, 'କ'ଣ କହୁଛ ବାବୁ? ମୋ ନାଁ ପରା ରାମଚରଣ ।'

ରାମଚରଣର କାନ୍ଧରେ ହାତ ରଖି ମୁଁ ବିଶ୍ୱଭ୍ରାତୃତ୍ୱର ଭାବ ପ୍ରଦର୍ଶନ କଲି । 'ଆଚ୍ଛା, ଭାଇ ରାମଚରଣ, କହିଲୁ ଦେଖି, ମାଣ୍ଡିଆ କିଏ ? ତା' ଘର କୋଉଠି ? କେଉଁଠି ଛିଡ଼ା ହୁଏ ସେ ? ମୋର ପ୍ରଶ୍ନ ଶୁଣି ରାମଚରଣ ବଡ଼ ପାଟିରେ ହସିଲା, ଆଖପାଖରେ କାମ କରୁଥିବା ଅନ୍ୟମାନଙ୍କୁ ଶୁଣେଇ କହିଲା, 'ହେ ଶୁଣ, ବାବୁ ମାଣ୍ଡିଆକୁ ମଣିଷ କରିଦେଲେଣି ।' ଦୁଇ ଚାରିଜଣ ହଳ ଛାଡ଼ି ଆସି ହିଡ଼ରେ ପହଞ୍ଚିଲେ । ମୁଁ ଜାଣିଗଲି, ମୋର କେଉଁଠି ଭୁଲ୍ ହୋଇଛି, କଥା ବୁଲେଇ କହିଲେ, 'ଆରେ, ମୁଁ ତ ମଜା କରୁଥିଲି । ପ୍ରକୃତରେ ମାଣ୍ଡିଆ ଗଛ ଛାଇତଳେ ମୁଁ ଟିକେ ବିଶ୍ରାମ ନେବାକୁ ଚାହୁଁଥିଲି । ତା' ପାଖରେ ଆମ କ୍ଷେତ ତ !'

ଏଥର ସେମାନେ ବେଶି ଜୋରରେ ହସିଲେ, ମୋ ମନରେ ଧକ୍କା ଲାଗିଲା, ହସରେ କଥାକୁ ଟାଳି ଦେଲି ।

ତା' ପରଦିନଠାରୁ ସତର୍କ ହେଲି - ଦ୍ୱିତୀୟ ଥର ଯେମିତି ଭୁଲ ନ ହୁଏ, ତେଣୁ କୃଷି ବିଜ୍ଞାନର ମୋଟା ବହି ସବୁ କିଣି ପଢ଼ିବା ଆରମ୍ଭ କଲି । ଗାଁ ମତେ ନିରାଶ କରି ସାରିଥାଏ । ରୂପେଲି ପର୍ଦ୍ଦାରେ ପରିଦୃଶ୍ୟମାନ ଗାଁର ଚିହ୍ନବର୍ଣ୍ଣ ନ ଥାଏ ଏଠି । ତଥାପି ଅଧ୍ୟୟନ ମୋର ଅବ୍ୟାହତ ରହିଲା । ଅଧ୍ୟୟନ ଓ ଅନୁଭୂତିଗୁଡ଼ିକରୁ ଏହି ସିଦ୍ଧାନ୍ତରେ ଆସି ଉପନୀତ ହେଲି ଯେ, ଆଦର୍ଶ କୃଷି କଦାଚିତ ଗାଁରେ ସମ୍ଭବ ନୁହେଁ । ତା'ପାଇଁ ସହରହିଁ ପ୍ରକୃଷ୍ଟ କ୍ଷେତ୍ର । ଅନୁଭୂତି ଥିଲା ଅବିକଳ ନିମ୍ନ ପ୍ରକାରର –

Digitized by srujanika@gmail.com

ପ୍ରଥମ ଦିନ ସାର ଓ ବିହନ କିଣିବାପାଇଁ ସରକାରୀ ଗୋଦାମକୁ ଯାଇ ଦେଖିଲି - ସଂପୃକ୍ତ କର୍ମଚାରୀ ସହର ଯାଇଛନ୍ତି । ତେଣୁ ମୋତେ ମଧ୍ୟ ସହରକୁ ଯିବାକୁ ପଡ଼ିଲା । ଦ୍ୱିତୀୟ ଦିନ, ଜମି ହଳକରିବା ପାଇଁ ଟ୍ରାକ୍ଟର ଦରକାର ପଡ଼ିଲା । ଟ୍ରାକ୍ଟର ସହରରେ ମିଳେ । ତେଣୁ ସହର ଗଲି । ତୃତୀୟ ଦିନ ଶାଖା କେନାଲରେ ଏକ ନୂଆ ପାଇପର ଦରକାର ପଡ଼ିଲା । ସେଥିପାଇଁ କେନାଲ ଇଂଜିନିୟରଙ୍କ ଅନୁମତି ଲୋଡ଼ା । ଇଂଜିନିୟର ସହରରେ ରହନ୍ତି । ତେଣୁ ସହର ଗଲି । ଚତୁର୍ଥ ଦିନ କୀଟନାଶକ ଔଷଧ କିଣିବା ପାଇଁ ସହର ଗଲି, ତ ପଞ୍ଚମ ଦିନ କୃଷି ଉନ୍ନୟନ ବିଭାଗର ଜଣେ ଅଧସ୍ତନ କର୍ମଚାରୀଙ୍କ ନାଁରେ ମହାଭିଯୋଗ ଆଣିବା ନିମିତ୍ତ ସହର ଗଲି । ବେଲୁବେଳ କୃଷି ସମସ୍ୟାକୁ ଯେତେ ବେଶି ବୁଝିଲି, ମତେ ସେତେ ଥର ସମସ୍ୟାର ସମାଧାନ ନିମିତ୍ତ ସହରକୁ ଯିବାକୁ ପଡ଼ିଲା । ଶେଷରେ ଦିନେ କୃଷି ବିଜ୍ଞାନ ସମ୍ବନ୍ଧୀୟ ସମସ୍ତ ପୁସ୍ତକକୁ ବସ୍ତାନିରେ ଭର୍ତ୍ତି କଲି, କର୍ଡ଼ରାୟ ପ୍ୟାଣ୍ଟ ଓ ରଙ୍ଗୀନ ଟି-ସାର୍ଟ ପିନ୍ଧିଲି, ମୁଣ୍ଡରେ ଫେଲ୍ଟ କ୍ୟାପ୍ ଲଗେଇ କାକାଙ୍କୁ କହିଲି, 'କାକା, ସହରରେ ନ ରହି ଉତ୍ତମ କୃଷି କରିବା ସମ୍ଭବ ନୁହେଁ। ତେଣୁ ମୁଁ ସହର ଚାଲିଲି । ସେଠି ରହି ବୈଜ୍ଞାନିକ ପଦ୍ଧତିରେ କୃଷି କରିବି ।'

ଗଦ୍‌ଗଦ୍ ହୋଇ କାକା କହିଲେ, 'ପଘା ଛିଣ୍ଡେଇ ଘୋଡ଼ା ଯେମିତି ଦାନା ବସ୍ତା ଆଡ଼େ ଦୌଡ଼େ, ଖରାରେ ବନ୍ଧା ହୋଇଥିବା ମଇଁଷି ଯେମିତି ପୋଖରୀ ଭିତରକୁ ମାଡ଼ିଯାଏ, ସେମିତି ତୋର ସହରମୁହାଁ ହେବା ସ୍ୱାଭାବିକ ଏବଂ ଉଚିତ ମଧ୍ୟ । ମଣିଷ ଚିହ୍ନିବାରେ ମୋର କେବେ ଭୁଲ୍ ହୁଏନି । ତୋତେ ଚିହ୍ନିବାରେ କିନ୍ତୁ ଭୁଲ ହୋଇଗଲା, ପ୍ରଥମ ଭୁଲ୍ । ଯା, ସହରରେ ରହି ଚାଷ କର ।'

ପ୍ରସନ୍ନ ମୁଦ୍ରାରେ ମୁଁ ମଧ୍ୟ କହିଲି, 'ନା, କାକା ! ଭୁଲ ତୁମର ନୁହେଁ, ମୋର ହୋଇଛି । ପ୍ରଥମ ଭୁଲ କଲି ମାଣ୍ଡିଆ ଗଛ ଚିହ୍ନିବାରେ । ପ୍ରଥମେ ମଣିଷ ଭାବିଲି, ପରେ ତାକୁ ଭାବିଲି - ଛାୟାପ୍ରଦ ବର ବା ପିପଳ ଗଛତୁଲ୍ୟ ହୋଇଥିବ । କିଛି କଥା ନାହିଁ । ଏବେ ସହରରେ ମାଣ୍ଡିଆ ଉପରେ ଗବେଷଣା କରିବି, ସେମିନାରରେ ଯାଇ ପେପର ପଢ଼ିବି, କେଉଁ ରାସାୟନିକ ସାର ପ୍ରୟୋଗ କଲେ ମାଣ୍ଡିଆ ଡାଳରେ ମିଠା ଓ ବଡ଼ ଆକାରର ଫଳ ଫଳିବ- ତାହା ଆବିଷ୍କାର କରିବି ।'

ଯା'ପରେ ଆମେ ଦୁହେଁ ପ୍ରସନ୍ନ ଚିତ୍ତରେ ପରସ୍ପରଠାରୁ ବିଦାୟ ନେଲୁ । ସୁସୁରି ମାରି ମାରି ମୁଁ ବସ ଷ୍ଟେସନ ବାହାରିଲି ଏବଂ ବଳଦର ଲାଞ୍ଜ ମୋଡ଼ି ମୋଡ଼ି କାକା କ୍ଷେତକୁ ଗଲେ ।

❑

Digitized by srujanika@gmail.com

ଦୁଇ ବୁଢ଼ା

ଅବସର ଗ୍ରହଣ ପରେ ଏଇ କିଛି ଦିନ ହେଲା ରାମାନନ୍ଦ ବାବୁ ଓ ରାକେଶ ବାବୁ ସିଭିଲ ଲାଇନ୍ସରେ ଘର କରି ରହୁଥିଲେ । ଅବସର ଗ୍ରହଣ କରିବା ପରେ ଏବଂ ଇହ ଲୋକରୁ ବିଦାୟ ନେବା ପୂର୍ବରୁ ସିଭିଲ ଲାଇନ୍ସରେ କୋଠା କରି ରହିବା ହେଲା ଏଠିକା ଫେସନ । ତେଣୁ ଫେସନର ଦାସ ବୁଢ଼ା ଦୁଇଜଣ ମଧ୍ୟ ସେଠି ରହିବାକୁ ଲାଗିଲେ ।

ଅବସର ପୂର୍ବରୁ ରାମାନନ୍ଦ ବାବୁ ଚୋରୀ କରୁଥିଲେ । ତାଙ୍କ ଜମାନାର ଖୁବ ନାମକରା ଚୋର ଥିଲେ ସେ । ପୁରାତନ ପନ୍ଥୀ ଚୋର ଥିଲେ, ତେଣୁ ତନ୍ତ୍ରରେ ମଧ୍ୟ ତାଙ୍କର ବିଶ୍ୱାସ ଥିଲା । କିଛି ବର୍ଷର ଅନୁଭୂତି ପରେ ଚୋରଙ୍କୁ ଟ୍ରେନିଂ ଦେବାପାଇଁ ନାଇଟ ସ୍କୁଲଟିଏ ଖୋଲିଲେ । ପରେ ଚୋରାମାଲ କ୍ରୟବିକ୍ରୟ କେନ୍ଦ୍ର ନାମରେ ଏକ ସଂସ୍ଥାର ସଂଚାଳନ ମଧ୍ୟ କରୁଥିଲେ । ଏବେ ସବୁକିଛି ଛାଡ଼ି ନିଜକୁ ରିଟାୟାର୍ଡ଼ ଘୋଷଣା କରିଥିଲେ ।

ରାକେଶ ବାବୁ ଅବସର ଗ୍ରହଣ କଲେ ସତ, କିନ୍ତୁ ନିଜକୁ ରିଟାୟାର୍ଡ଼ କହୁ ନ ଥିଲେ । କାରଣ ସେ ଥିଲେ କବି । ସେ ଏକଦା ଏମ୍.ଏ. ପାସ କରି କଲେଜରେ ଅଧ୍ୟାପକ ଚାକିରୀ କରୁଥିଲେ । ମାତ୍ର ଅଧ୍ୟାପନାରେ ତାଙ୍କୁ ସଫଳତା ମିଳିଲା ନାହିଁ, ବରଂ କବି ଭାବରେ ଖୁବ୍ ଖ୍ୟାତି ଅର୍ଜିଲେ । ଅର୍ଥାତ୍ ଚାକିରୀରୁ ଅବସର ନେଲାବେଳକୁ ତାଙ୍କ ପାଖରେ ସବୁକିଛି ଥିଲା ଯାହା ତାଙ୍କର ସ୍ୱଉପାର୍ଜିତ, ଯଥା - କେତୋଟି କବିତା ସଂକଳନ, ହାତରେ ପ୍ରକାଶକ, ବୋଲକରା ସମୀକ୍ଷକ, ପ୍ରଶଂସକ ଏବଂ ଉପର୍ଯ୍ୟୁପରି କେତେଗୋଟି ପୁରସ୍କାର ଦାତା । ଅବଶ୍ୟ ଏହି କିଛିଦିନ ହେଲା କେତେକ ସମୀକ୍ଷକ ତାଙ୍କୁ କବିତାଜଗତରୁ ରିଟାୟାର୍ଡ଼ ବୋଲି କହିବା ଆରମ୍ଭ କରିଦେଇଥିଲେ ।

ଦୁଇ ବୁଢ଼ା ହେଲେ ପଡ଼ୋଶୀ । ଜଣକୁ ଅନ୍ୟର ପୁରୁଣା ଧନ୍ଦା ବିଷୟରେ ସବୁକିଛି ମାଲୁମ । ଦୁହିଁଙ୍କ ମଧ୍ୟରେ ଭଲ ବନ୍ଧୁତା । ସାଧାରଣତଃ ମତାନ୍ତର ହୁଏନି । ଦୁହେଁ ଗୋଟାଏ ସତ୍ୟରେ ଉପନୀତ ଯେ, ଆଜିକାଲି, ସବୁକ୍ଷେତ୍ରରେ ଯୋଗ୍ୟତା ଓ କଳାର ହ୍ରାସ ଘଟୁଛି ଏବଂ ନୂଆ ପୀଢ଼ି ମୂର୍ଖ, ଅବାଞ୍ଛିତ ଓ ସଂପୂର୍ଣ୍ଣ ଅଯୋଗ୍ୟ ।

Digitized by srujanika@gmail.com

ଦିନେ ଲନ୍‌ରେ ବୁଲୁ ବୁଲୁ ରାକେଶ ବାବୁ କହିଲେ, 'ଆଜିକାଲିକା ପାଠରେ ଅଛି କ'ଣ ? ଆମ ସମୟରେ ଅଷ୍ଟମ ଶ୍ରେଣୀରେ ହିନ୍ଦୀ କବିତାର ଇଂରାଜୀରେ ଅର୍ଥ ଲେଖିବାକୁ ପଡୁଥିଲା, ଆଜି ବି.ଏ. ପିଲାଙ୍କୁ କହୁଛନ୍ତି ଇଂରାଜୀ କବିତାର ହିନ୍ଦୀରେ ଅର୍ଥ ଲେଖ' ।

ରାମାନନ୍ଦ ବାବୁ କହିଲେ, 'ଠିକ୍ କହୁଛନ୍ତି ଆପଣ । ଆମ ସମୟରେ ଲୋକ ଚଟାଣରେ ବାଡ଼ି ଠୁକେଇ ଗୁପ୍ତଧନର ଅବସ୍ଥିତି କଥା କହି ପାରୁଥିଲେ । ଆଉ ଆଜି ପରଦା ଢାଙ୍କି ଟ୍ରେଜେରୀ ରଖିଦିଅ, ଲୋକ ତାକୁ ଟେବୁଲ ମନେକରି ହାତ ଦେବେ ନାହିଁ ।'

ରାକଶେ ବାବୁ କହିଲେ, 'ସାଧନାପାଇଁ କାହାରି ପାଖରେ ସମୟ ନାହିଁ । ସମସ୍ତେ ଖାଲି ..... ।'

ରାମାନନ୍ଦ ବାବୁ କହିଲେ, 'ଏମାନେ କ'ଣ ସେ ଭଳିଆ ସାଧନା କରିପାରିବେ ? ଅମାବାସ୍ୟା ରାତିରେ ଆମେ ପରା ମଶାଣି ଜଗୁଥିଲୁ । ଖପୁରୀ ରନ୍ଧା ଭାତ ଯେଉଁଠି ପିଙ୍ଗିବ, ସେଇଠି ମାଲ.... ।'

– ନା, ନା ମୁଁ ସେ ସାଧନା କଥା କହୁନାହିଁ । ସାହିତ୍ୟ ସାଧନା, ବ୍ୟାକରଣ, ପିଙ୍ଗଳ କାବ୍ୟର ନା ଯାକେ ଶୁଣିନାହାନ୍ତି, ହେଲେ କହୁଛନ୍ତି କ'ଣ ନା – ନୂଆ ସାହିତ୍ୟ ଲେଖିବେ । କିଏ ଦୁଇପଦ ଲେଖି 'ମୁକ୍ତଛନ୍ଦ' ଆରମ୍ଭ କଲାଣି ତ କିଏ ତିନୋଟି ପୃଷ୍ଠା ଗାରେଇ ନିଜକୁ ମହାକବି ଘୋଷଣା କଲାଣି । ସେଥିରେ ପୁଣି କିଏ କେମିତି କ୍ରିୟାରେ ନୂତନ ପ୍ରୟୋଗ କଥା କହିଲେଣି । ଏଣେ ଆକର୍ମକ ଓ ସକର୍ମକ କ୍ରିୟାର ତଫାତ ପଚାର, ଖାଲି ଇଂରାଜୀ ବଡ଼ବଡ଼େଇବେ । ରାକେଶ ବାବୁ କହିଲେ ।

ଏକ ଦୀର୍ଘ ନିଃଶ୍ୱାସ ଛାଡ଼ି ରାମାନନ୍ଦ ବାବୁ ରାକେଶ ବାବୁଙ୍କ କଥାକୁ ସମର୍ଥନ କଲେ । 'ସତକଥା । ଆମ ଧନ୍ଦାରେ ବି ପରା ସେହି ଏକା ଦଶା । କାମ୍ଭ କଥା କିଏ ପଚାରେ ? କାଗଜ ଫର୍ଦ୍ଦଟିଏ ହାତରେ ଦିଅ, ଭଲକରି ସିଂଧିଟିଏ ଖୋଳି ପାରିବେ ନାହିଁ, ହେଲେ ମୁହଁରେ ଖାଲି ଫୁଟାଣି କାହିଁରେ କ'ଣ । କବାଟ ଭାଙ୍ଗିବା, ବିଜୁଳି ଖମ୍ବ ଉପାଡ଼ିବା, ପକେଟ କାଟିବାଠାରୁ କେହି କ'ଣ ତଳକୁ କଥା କହୁଛନ୍ତି । ଯାହାକୁ ଦେଖ ନୂଆ କୌଶଳ ନା'ରେ ଖାଲି ଡିଙ୍ଗ ମାରୁଛନ୍ତି । ପୁରୁଣା....' ।

ରାକେଶ ବାବୁ ନିଜ ଚିନ୍ତା ରାଜ୍ୟରେ ଥା'ନ୍ତି । କହିଲେ, 'ବିନମ୍ରତାର ଯୁଗ ଗଲା ବୋଲ ଜାଣନ୍ତୁ । ଶିଖିବାପାଇଁ କାହାରି ଆଗ୍ରହ ନାହିଁ । କିଛି କହିଲା ମାନେ, କିଛି ନ ବୁଝି ନଶୁଣି ଲଢ଼ି ପଡ଼ିବେ । ଆଜିର ଲେଖକ ଆଉ କଲମଧାରୀ ହୋଇ ରହି ନାହାନ୍ତି, ବିଲକୁଲ ଠେଙ୍ଗାଧାରୀ ।

Digitized by srujanika@gmail.com

ରାକେଶବାବୁଙ୍କ କଥାକୁ ନିଜର ସମର୍ଥନ ଜଣାଇ ରାମାନନ୍ଦ ବାବୁ ମତ ଦେଲେ, 'ସାହିତ୍ୟ କଥା ଛାଡ଼ ଭାଇ । ଆଜିକାଲିକା ଚୋର ପରା ଆଉ ଚୋର ହୋଇ ରହିନାହାନ୍ତି । ଶତକଡ଼ା ଶହେ ଡକାୟତ ହୋଇଗଲେଣି । ଆମ ଜମାନାରେ ଯଦି ଘରକୁ ପଶିଛ ଆଉ ଛୁଆଟିଏ ବି ଛିଙ୍କି ଦେଲା, ନମ୍ରତା ସହକାରେ ଘର ଚାଡ଼ି ଚାଲି ଆସିବୁ । ଆଉ ଆଜି ? କା'ର ଯଦି ନିଦ ଭାଙ୍ଗିଯାଏ ଏମାନେ ପରା ତା'ର ....', ନିଜକୁ ଆୟତ୍ତରେ ଆଣି ପୁଣି କହିଲେ 'ବାପରେ ବାପ .... ।'

ଉତ୍ସାହିତ ହୋଇ ରାକେଶବାବୁ କହିଲେ, 'ସବୁଗୁଡ଼ାକ ମୂର୍ଖ, ଅବାଞ୍ଛିତ । ଆଗ ଲେଖି ଲେଖି ହାତ ମାଜି ହୋଇଯାଏ । ନପଢ଼ି ବି ପାଠକ କହିଦେବ ଏଇଟା ଅମୁକ କବିର କବିତା । କବିତାରେ କବିର କବିତ୍ୱ ଝଲସି ଯାଉଥିଲା ।

ରାମାନନ୍ଦ ବାବୁ ଧୀର ଗଳାରେ କହିଲେ, 'ହଁ, ପରା, ସିନ୍ଧିର ଆକାର ପ୍ରକାରରୁ ଲୋକ କହିଦେବେ, ଏ ଅମୁକ ଚୋର ର କାମ । ଆଉ ଆଜି କବାଟ ଭଙ୍ଗା ହୋଇ ପଡ଼ିଥିବ, କେହି ... ।'

ଉପମାଟି ରାକେଶ ବାବୁଙ୍କ ମନକୁ ପାଇଲା । କହିଲେ, 'ସତକଥା, ଠିକ୍ ଏହି ଦୁରବସ୍ଥା ଆଜି ସାହିତ୍ୟର, କବାଟ ଭାଙ୍ଗି କେତେ ଯେ ଲୋକ ତା' ଭିତରେ ରୋଜ ପଶୁଛନ୍ତି, ତା'ର ଇୟତ୍ତା ନାହିଁ ।''

କିଛି ନବୁଝି ରାମାନନ୍ଦ ବାବୁ କହିଲେ, 'ଆଗକାଳେ ସିନ୍ଧିର ନିୟମ ଥିଲା.....' ।

କଥାକାଟି ରାକେଶ ବାବୁ କହିଲେ, 'ଆପଣ ମୋ କଥାର ଅର୍ଥ ବୁଝୁ ନାହାନ୍ତି । ମୁଁ କହୁଥିଲି ....' । ହଠାତ୍ ଚମକି ପଡ଼ି ସେ ପକେଟରେ ହାତ ଦେଲେ । ରାମାନନ୍ଦ ବାବୁଙ୍କ ହାତ ତାଙ୍କ ହାତମୁଠାରେ । ସାମାନ୍ୟ ରାଗିଯାଇ କହିଲେ, 'ଯେ କ'ଣ ହେଉଛି ? ଆଜି ଶେଷକୁ ଆପଣ ମୋ ପକେଟରେ ହାତ ସପେଇ...' ।

ନମ୍ରତାର ସହ ରାମାନନ୍ଦ ବାବୁ ହାତ ବାହାର କରି କହିଲେ, 'ତାହାହିଁ ଭାବନ୍ତୁ । କଥା କ'ଣ କି... ନୂଆ ଧନ୍ଦାବାଜମାନେ ତ ଏ କାମ ଆରାମରେ କରି ପକାନ୍ତି । ମୁଁ ଦେଖୁଥିଲି - ମୋ ଭଳି ଲୋକ ଏହା କରି ପାରୁଛି ନା ନାହିଁ ।'

ନରମି ଯାଇ ରାକେଶ ବାବୁ କହିଲେ, 'ଏବେ ଦେଖିଲେ ତ ?' କୌଣସି ଉତ୍ସାହ ନ ଥିଲା ଭଳି ରାମାନନ୍ଦବାବୁ ଦୀର୍ଘଶ୍ୱାସ ଛାଡ଼ି କହିଲେ, 'ହଁ ପରା, ଆମେ ପାରିବୁ ନାହିଁ ଏ ସବୁ । ଆଜିକାଲିକା ଟୋକା ଯେମିତି ଆମ କାମ ପାରିବେ ନାହିଁ, ତାଙ୍କ କଳା-କୌଶଳ ମଧ୍ୟ ଆମଦ୍ୱାରା ସମ୍ଭବ ନୁହେଁ । ନିଜ ନିଜ ଜମାନାର ବାହାଦୁରି ଏ ସବୁ ।'

Digitized by srujanika@gmail.com

ହଠାତ୍ ବିଗିଡ଼ି ଯାଇ ରାକେଶ ବାବୁ କହିଲେ, 'ସେସବୁ ଆପଣଙ୍କ ଧନ୍ଦାରେ ହୋଇପାରେ । ଆମ ଧନ୍ଦାରେ ଏବେ ବି ଯାହା କହିବେ, ଦୁଇ ମିନିଟ୍‌ରେ କରିଦେବି ମୁଁ । ରାମାନନ୍ଦ ବାବୁ, ଏ ହେଲା ଅଭ୍ୟାସର କରାମତି । ସେ କବିତା ହେଉ କି କବିତ୍ୱ, କି ଅତ୍ୟାଧୁନିକ କବିତା । ଆମେ ଲେଖିଲେ, ଆଜିକାଲିକା ଟୋକା କେବେ ଆମକୁ ପାରିବେ ନାହିଁ ।'

ରାମାନନ୍ଦବାବୁ ରାକେଶ ବାବୁଙ୍କ ମୁହଁକୁ ଚାହିଁଲେ । ଆଜିଯାଏଁ ଦୁଇ ବୃଦ୍ଧଙ୍କ ମଧ୍ୟରେ କେବେ କୌଣସି କଥାରେ ମତଭେଦ ହୋଇ ନଥିଲା । ପ୍ରଥମ ଥର ପାଇଁ ଆଜି ଲାଗିଲା, ଏମିତି କେତୋଟି ଜିନିଷ ଅଛି, ଯେଉଁଥିରେ ଦୁହେଁ ଏକମତ ହୋଇ ପାରିବେ ନାହିଁ ।

❑

Digitized by srujanika@gmail.com

ଆତ୍ମହତ୍ୟା ନିବାରଣ

ସେଦିନ ଜଣେ କବିଙ୍କ ସାଙ୍ଗରେ ଦେଖା ହେଲା । କହିଲେ, 'ଶରୀର ଅସାର ଅଟେ ।' ମୁଁ ମାନିନେଲି ତାଙ୍କ କଥାକୁ । ଦୀର୍ଘଶ୍ୱାସ ଛାଡ଼ି ପୁଣି କହିଲେ, 'ସଂସାର ହେଲା ଛଳନା ଓ ମରିଚିକାର ଏକ ଗନ୍ତାଘର ।' ଏ ଉକ୍ତିର ମଧ ମୁଁ ବିରୋଧ କଲି ନାହିଁ । ତେଣିକି କାନ ପାଖକୁ ମୁହଁ ଆଣି କହିଲେ, 'ମୁଁ ତ ଜୀବନରୁ ନିରାଶ ହୋଇଗଲିଣି । ଶରୀରକୁ ଅନ୍ୟର ସମ୍ପତ୍ତି ଭାବି ଚଳେଇ ନେବା କଥା ଯାହା, ଅନ୍ୟଥା ସଂସାର ମୋ'ପାଇଁ ଉଜୁଡ଼ି ସାରଛି, ଚାରିଆଡ଼େ ଖାଲି ଶୂନ୍ୟତା ଆଉ ଶୂନ୍ୟତା ।'

ମୁଁ କହିଲି, 'ଶରୀରରୂପୀ ସମ୍ପତ୍ତି ଯଦି ଅନ୍ୟର, ତାକୁ ଦଖଲ କରନ୍ତୁ । ଦେଖିବେ, ବିଶ୍ୱ ମଧୁମୟ ଦିଶିବ ।'

ଶାନ୍ତ ଅଥଚ କରୁଣ ଭାବରେ ସେ କହିଲେ, 'ନା ! ତା କେମିତି ସମ୍ଭବ ? ଯେ ହେଲା ଅନ୍ୟର ସମ୍ପତ୍ତି । ଆପଣ ଜାଣନ୍ତି ? କଲ୍ଲୋଳିନୀର ଚଳଚଞ୍ଚଳ ଢେଉ ମତେ ଆମନ୍ତ୍ରଣ କରୁଛି । ସମୁଦ୍ରର ଉଦ୍ଧତ ଊର୍ମି ମତେ ମଧୁର ଆବାହନୀ ସଂଗୀତ ଶୁଣାଉଛି, ମହୋଦଧିର ତରଙ୍ଗ କଣ୍ଠ ଫଟାଇ ଡାକୁଛି, 'ଆ ରେ, ଏ ! ଆ ରେ ଏ ! ତୁ ତୁ ତୁ ।' 'ମାତ୍ର ନା, ନା, କଦାପି ନୁହେଁ ! ଏ ମର ଶରୀର ଅନ୍ୟ କାହାରି ସମ୍ପତ୍ତି । ତା' ଖାତିରରେ ମୁଁ ଯାକୁ ସଜାଇ ରଖିଛି । ହେ ତରଙ୍ଗ, ହେ ସରିତା, ହେ ସାଗର ! ମତେ କ୍ଷମା କର । ମୁଁ ତୁମର ହୋଇ ପାରିବି ନାହିଁ ।'

ମତେ ଲାଗିଲା, କବି-ପ୍ରାଣ ସଙ୍କଟ ସାଗରରେ । ଯେ କୌଣସି ମୁହୂର୍ତ୍ତରେ ବି ଆତ୍ମହତ୍ୟା କରି ପାରନ୍ତି ସେ । ବେଶ୍ ଏହି ସାକ୍ଷାତ୍ ପରେ ମୋ ହୃଦୟରେ ସମାଜ ସେବାର ଭାବନା ଉଦ୍ରେକ ହେଲା । ଆତ୍ମହତ୍ୟା କରି କବିଙ୍କ ଭଳି କେତେ ଯେ ସାହିତ୍ୟିକ କାଳର କବଳରେ ଲୁପ୍ତ ହେଉ ନ ଥିବେ, ଆତ୍ମହତ୍ୟା ପରି ସମସ୍ୟା ଯୋଗୁଁ କେତେ ମାଆଙ୍କର କୋଳ ଯେ ଶୂନ୍ୟ ହେଉ ନ ଥିବ, କେତେ ରମଣୀଙ୍କ ସୀମନ୍ତ ସିନ୍ଦୁର ଯେ ଲିଭି ଯାଉ ନ ଥିବ ... ଇତ୍ୟାଦି ଇତ୍ୟାଦି । ତେବେ ଆତ୍ମହତ୍ୟାକୁ ସମାଜରୁ ନିବାରଣ କରିବାକୁ ହେବ ।

Digitized by srujanika@gmail.com

ଏ ସବୁ ଚିନ୍ତା କରି ଏକ ଆତ୍ମହତ୍ୟା ନିବାରଣ ସମିତି ଗଠନ କରିବାକୁ ସ୍ଥିର କଲି । ନମ୍ରତା ରକ୍ଷା କରି ସ୍ୱୟଂ ସମିତିର ସଭାପତି ହେଲି ନାହିଁ । ସଭାପତି ହେଲେ ଜଣେ ଓକିଲ ବନ୍ଧୁ । ଧନ୍ଦା ଭଲ ନ ଚାଲିବାରୁ ଆତ୍ମହତ୍ୟା ନିମନ୍ତେ ଉଦ୍ୟମ କରିଥିଲେ ସେ । ମାତ୍ର ଆତ୍ମହତ୍ୟା ଫଳରେ ବ୍ୟକ୍ତିର ମୃତ୍ୟୁ ହୁଏ –ଏହା ଜାଣିଲା ପରେ ଉଦ୍ୟମକୁ ଫଳବତୀ କଲେ ନାହିଁ । ଉପସଭାପତି ଭାବରେ କବିଙ୍କୁ ମନୋନୀତ କରାଗଲା । ଶରୀର ଅନ୍ୟର ସମ୍ପତ୍ତି ହୋଇଥିବାରୁ ତାକୁ ସେ ଖୁବ୍ ହେପାଜତରେ ରଖିଥିଲେ । ସମିତିର ସମ୍ପାଦକ ହେଲି ମୁଁ ନିଜେ । ପଦବୀ ପାଇଁ ମୋର ଯୋଗ୍ୟତା ହେଲା – ମୁଁ ଥରେ ଆତ୍ମହତ୍ୟା କରିବାକୁ ଇଚ୍ଛା ପ୍ରକଟ କରିଥିଲି । ମାତ୍ର ଆତ୍ମହତ୍ୟା କାପୁରୁଷର କାର୍ଯ୍ୟ ଏବଂ ଆତ୍ମହତ୍ୟା ନ କରିବାରେ ହିଁ ପୁରୁଷତ୍ୱ ଅଛି ବୋଲି ବିଚାର କରି ଇଚ୍ଛାକୁ କାର୍ଯ୍ୟକାରୀ କଲି ନାହିଁ ।

ଆମେ ଜାଣୁ, ସଭାସମିତିଗୁଡ଼ିକ ଗଠନ ମାତ୍ରକେ ସର୍ବଭାରତୀୟ ସ୍ତରର ହୋଇପଡ଼ନ୍ତି । ତେଣୁ ସମିତିର ନାମ ରଖାଗଲା, 'ସର୍ବଭାରତୀୟ ଆତ୍ମହତ୍ୟା ନିବାରଣ ସମିତି ।' ଯା ପରେ ଆଉ କ'ଣ ? ଚାନ୍ଦା ଉଠିଲା, ବିଜ୍ଞାପନ ବାହାରିଲା, ପ୍ରଚାରପତ୍ର ଛପା ହେଲା ଏବଂ ସମିତିର ବାର୍ଷିକ ଅଧିବେଶନର ଆୟୋଜନ ଚାଲିଲା ।

ଅଧିବେଶନ ବେଳକୁ ପ୍ରତିନିଧି ଜୁଟିଲେ ହଜାର ହଜାର । ଆଗତ ପ୍ରତିନିଧିଙ୍କ ମଧ୍ୟରୁ ପ୍ରତ୍ୟେକ ଜୀବନରେ ଅନ୍ୟୁନ ଥରଟିଏ ଆତ୍ମହତ୍ୟା ପାଇଁ ପ୍ରୟାସ କରି ସାରିଥିଲେ । ତନ୍ମଧ୍ୟରେ ସାମିଲ ଥିଲେ ବମ୍ବେ ଯାତ୍ରା କରି ସୁଦ୍ଧା ସିନେମାରେ ରୋଲ ଯୋଗାଡ଼ରେ ବିଫଳ, ଜୀବନସଂଗ୍ରାମରେ ପରାସ୍ତ ନବଯୁବକ ଗଣ, ପ୍ରେମ ସତ୍ୟ ଜଗତ ମିଥ୍ୟା ମନ୍ତ୍ର ଜପୁଥିବା ଶିକ୍ଷିତା ନବଯୁବତୀମାନେ । ଭର୍ତ୍ତୃହରିଙ୍କ ପରି ପତ୍ନୀ ହସ୍ତେ ମାଡ଼ଖାଇ ଧିକ୍ ତାଂ ଚ, ଧିକ୍ ତାଂ ଚ' କରୁଥିବା କତିପୟ ଭଦ୍ରଲୋକ, ଏବଂ ବିଶ୍ୱାମିତ୍ରଙ୍କ ସଦୃଶ ଜୀବନର ସମସ୍ତ ଉପାର୍ଜନକୁ କେଉଁ ଅପ୍ସରାଙ୍କ ପାଦ ତଳେ ଅର୍ପଣ କରିଥିବା ପ୍ରେମିକ ପ୍ରବରଗଣ । ଏମାନଙ୍କ ବ୍ୟତୀତ ଅନେକ ଜନତା ଜନାର୍ଦ୍ଦନ ଆସିଲେ, ତ ସାଙ୍ଗରେ କିଛି ଦରିଦ୍ର ନାରାୟଣ ବି ଆସି ପହଞ୍ଚିଲେ । ନୋବେଲ ପୁରସ୍କାର ଲୋଭରେ ସାହିତ୍ୟ ସର୍ଜ୍ଜନା କରି ଅଶ୍ଳୀଳତା ଅଭିଯୋଗରେ ଅଭିଯୁକ୍ତ କେତେକ କବି ମଧ୍ୟ ଜୁଟିଲେ । ସମାଜରେ ଗଣ ବିପ୍ଳବ ଆଣିବା ଆଶାରେ ରାଜନୀତି ଆରମ୍ଭ କରି ପକେଟ ମାରିବା ଅପରାଧରେ ସହରରୁ ତଡ଼ା ଖାଇଥିବା କେତେଜଣ ରାଜନେତା ମଧ୍ୟ ଆସିଥିଲେ । ପୁଣି ଆନ୍ତର୍ଜାତୀୟ ଏବଂ ଅନ୍ତର୍ରାଷ୍ଟ୍ରୀୟ ବିବାହ ମାଧ୍ୟମରେ ବିଶ୍ୱ ବଂଧୁତ୍ୱ ବାଂଧିବାକୁ ଉଦ୍ୟମରତ, କିନ୍ତୁ ଦୁଃଶ୍ଚରିତ୍ର ଆଖ୍ୟାରେ ଆଖ୍ୟାୟିତ କେତେକ ସମାଜସେବକ ମଧ୍ୟ ପହଞ୍ଚିଥିଲେ ସଭାରେ । ଗୋଟିଏ ଶବ୍ଦରେ କହିଲେ

Digitized by srujanika@gmail.com

ଯୁଗର ତାଡ଼ନାରେ ତାଡ଼ିତ, ହୃଦୟହୀନ ଦୁନିଆଁରୁ ବିତାଡ଼ିତ, ଅବୁଝା ସମାଜପାଇଁ ବଳିଦାନ କରୁଥିବା ସମସ୍ତ ବ୍ୟକ୍ତି ସେଦିନ ସମ୍ମିଳନୀରେ ଉପସ୍ଥିତ ଥିଲେ ।

କବିଙ୍କର କବିତା ଓ ଭାଷଣ ଦ୍ୱାରା ସମ୍ମିଳନୀ ଉଦ୍‌ଘାଟିତ ହେଲା । କବିତା ମାଧ୍ୟମରେ ସେ ପୁଣି କହିଲେ, ଜୀବନ ସାରହୀନ ଅଟେ । ତାକୁ ବଞ୍ଚାଇ ରଖିବାର କୌଣସି ଯଥାର୍ଥତା ନାହିଁ । ମାତ୍ର ସେ ହେଲା ଅନ୍ୟର ସମ୍ପତ୍ତି । ତାକୁ ନଷ୍ଟ କରିବାର ଅଧିକାର ତୁମର ନାହିଁ । ତାକୁ ସଜାଅ, ଶୃଙ୍ଗାର କର । ଅର୍ଥାତ୍ ଶରୀରକୁ କଷ୍ଟ ଦେବା ଅନୁଚିତ । ଭଲ ଖାଇବାକୁ ଦିଅ, ପିନ୍ଧିବାକୁ ଦିଅ । ଆଉ ପାଦରେ କଣ୍ଟାଟିଏ ଲାଗିଲେ ଏତେ ଜୋର୍‌ରେ ଚିତ୍‌କାର କର ଯେ, ଲୋକ ଭାବନ୍ତୁ କିଏ ବୋଧେ ପେଟରେ ଭୁଜାଲି ଭୁଷି ଦେଇଛି ।

ତାଙ୍କ ବ୍ୟାଖ୍ୟାନର ସାର ତତ୍ତ୍ୱ ହେଲା, 'ଆକାଂକ୍ଷାର ମରିଚିକା ଚାରିଆଡ଼େ । ପ୍ରକୃତିର ପ୍ରତ୍ୟେକ ମଧୁଭରା ରମଣୀୟ ସ୍ପନ୍ଦନରେ ଏକ ମୌନ ଇଙ୍ଗିତ ଥାଏ । କେହି ଡାକେ, ''ଚାଲ, ପଳେଇ ଯିବା – ଉତ୍ପୀଡ଼ନ ଓ ଉତ୍କ୍ରନ୍ଦନର ଆର ପାରିକୁ । ଦିବାସ୍ୱପ୍ନର ଏହି ମୋହଭରା ପରିବେଷ୍ଟନୀକୁ ଲମ୍ଫ ଦେଇ ଜୀବନର ଜଟିଳ ବିଡ଼ମ୍ବନାକୁ ଚିରି ଦେଇ ।'' ଗହନ ତରୁରାଜିର ସ୍ୱପ୍ନିଳ ଅନ୍ଧକାର, ଦୁର୍ଗମ ଗିରି-ଗହ୍ୱରର ଅସ୍ପଷ୍ଟ ନିବିଡ଼ତା, ସମୁଦ୍ରର ଗର୍ଜନ, ସରିତାର ଉତ୍ତାଳ ତରଙ୍ଗ – ପ୍ରକୃତିର ଏ ସମସ୍ତ ଉପାଦାନ ସ୍ପଷ୍ଟସ୍ୱରରେ ମୋତେ କହନ୍ତି, ''ଆ, ଆ, ଆ । ଜଗତର ଜଡ଼ତାରେ ଜର୍ଜରିତ ହୋଇ ପ୍ରଫୁଲ୍ଲ ଚିତ୍ତରେ, ପ୍ରଲୁବ୍ଧ ହୃଦୟରେ ମନ୍ତ୍ରମୁଗ୍ଧ ହୋଇ ସ୍ୱପ୍ନାବିଷ୍ଟ ଭାବରେ ମୁଁ ଆଗକୁ ବଢ଼େ । କିନ୍ତୁ ସୁଦୂର ଦିଗ୍‌ବଳୟ ଅନ୍ତରାଳରେ କାହାରି ମୌନ ସନ୍ଦେଶ ସମୀରଣର ସ୍ପନ୍ଦନରେ ଭରା ଦେଇ ଆସେ ଓ କହେ, ''ନା, ନା, ତୁ କେବେ ତୋର ହେଲୁ ? ତୁ ତ ଆଉ କାହାର ସଂପତ୍ତି । ଏହି ଆବାହନକୁ ଉପେକ୍ଷା କର, ପ୍ରତ୍ୟାଖ୍ୟାନ କର । ଆରେ ! ତୁ - ତୁ - ତୁ ।''

କବିଙ୍କ ପାଟି ପଡ଼ିଗଲା । ଆଖି ଛଳ ଛଳ ହେଲା । ଶବ୍ଦ ସବୁ ଭାଙ୍ଗିରୁଜି ତଳେ ପଡ଼ିଲେ । ସେ ବସି ପଡ଼ିଲେ ଲଥ୍ କରି । ଉପସ୍ଥିତ ସଭାଜନଙ୍କ ହୃଦୟରେ ବିଷାଦ ଘୋଟିଗଲା । କେହି ତାଳି ସୁଦ୍ଧା ମାରିଲେ ନାହିଁ ।

ବ୍ୟାଖ୍ୟାନଗୁଡ଼ିକ ମାଧ୍ୟମରେ ଆମେ ସଭାଜନଙ୍କୁ କହିଲୁଯେ, 'ଆମକୁ ବଞ୍ଚିବାକୁ ହେବ । 'ତୁ ବଞ୍ଚିଥା, ତୁ ବଞ୍ଚିଥା, ବିଷକୁ ଅମୃତ ଭାବି ପିଉଥା ।' 'ଏକାକୀତ୍ୱରେ ବଳ ଅଧିକ, ହତାଶ ନ ହୋଇ ସାହସ ରଖ ।' 'ଏବେ ହେଲେ ଜାଗି ଉଠ, ତୁ ନୀଚ, ତୁ ମୂର୍ଖ' । ଇତ୍ୟାଦି ଇତ୍ୟାଦି ।

Digitized by srujanika@gmail.com

ନିଜ ବକ୍ତବ୍ୟରେ ମୁଁ ଘୋଷଣା କଲି, 'ଆତ୍ମହତ୍ୟା ହେଲା କାପୁରୁଷର କାମ, ବଞ୍ଚିବାରେ ପୁରୁଷତ୍ୱ ଅଛି ।' ଏହା ସମସ୍ତଙ୍କ ମନକୁ ପାଇଲା । ସର୍ବସମ୍ମତି କ୍ରମେ ସଭାରେ କେତୋଟି ପ୍ରସ୍ତାବ ପାସ ହେଲା –

ଆତ୍ମହତ୍ୟା ନିବାରଣ ସମିତି ଏହି ସିଦ୍ଧାନ୍ତରେ ଉପନୀତ ଯେ, ବ୍ୟକ୍ତି ନିଜ ଜୀବନର ମହତ୍ୱକୁ ହୃଦୟଙ୍ଗମ କରୁ ଏବଂ ସ୍ୱୀକାର କରୁ ଯେ ଆତ୍ମହତ୍ୟା ହେଲା କାପୁରୁଷର କାର୍ଯ୍ୟ । ବଞ୍ଚି ରହିବାରେ ପୁରୁଷତ୍ୱ ଥାଏ । ସମିତିର ଅନୁରୋଧ, ବ୍ୟକ୍ତି କେବଳ ଜୀବିତ ରହି ଏ ବସୁନ୍ଧରାକୁ ପୁରୁଷ-ଶୂନ୍ୟ ହେବାରୁ ରକ୍ଷା କରି ପାରିବ ।

ଦ୍ୱିତୀୟ ପ୍ରସ୍ତାବ ଥିଲା ସ୍ୱୟଂ ସଭାପତିଙ୍କର । ଓକିଲ ମହାଶୟ ନିଜର ତତ୍ତ୍ୱପୂର୍ଣ୍ଣ ବ୍ୟାଖ୍ୟାନରେ ମତ ଦେଲେ, 'ବନ୍ଧୁଗଣ, ଆପଣମାନେ ଜାଣନ୍ତି ଆତ୍ମହତ୍ୟା ହେଉଛି ଏକ ବିପଦ ସଙ୍କୁଳ କାର୍ଯ୍ୟ । ଏଥିରେ ବ୍ୟକ୍ତିର ମୃତ୍ୟୁ ହେବାର ମଧ ଆଶଙ୍କା ଥାଏ । ଭାରତୀୟ ଦଣ୍ଡବିଧିର ଦଫା ୩୦୯ ଅନୁସାରେ ଏହା ଏକ ଅପରାଧ । ମାତ୍ର ଅପରାଧ ହୁଏ କେତେବେଳେ ? ଯେତେବେଳେ ଉଦ୍ୟମୀ ପୁରୁଷ ନିଜ ପ୍ରୟାସରେ ବିଫଳ ହୁଅନ୍ତି । ଏହାର ଅର୍ଥ ହେଲା, ଆତ୍ମହତ୍ୟା ଅପରାଧ ନୁହେଁ, ଅପରାଧ ହେଉଛି ଆତ୍ମହତ୍ୟାର ଉଦ୍ୟମ । ତା'ପାଇଁ ଦଣ୍ଡ କେତେ ? ଖୁବ୍ ମାମୁଲି । ସାମାନ୍ୟ ଜେଲ କିମ୍ୱା କିଛି ଟଙ୍କା ଜରିମାନା । ଏହି ପରିପ୍ରେକ୍ଷୀରେ ମୁଁ ଦୁଇଟି ପ୍ରସ୍ତାବ ଆଗତ କରୁଛି :

ପ୍ରଥମ, ଆତ୍ମହତ୍ୟାର ପ୍ରୟାସକୁ ମଧ ଏକ ଗର୍ହିତ ଅପରାଧ ପାହ୍ୟା ମିଳୁ ଏବଂ ଅପରାଧୀକୁ ଅନ୍ତତଃ ଫାସୀ ଦଣ୍ଡ ଦିଆଯାଉ । ଏହାକୁ ଦୃଷ୍ଟିରେ ରଖି ଦଫା ୩୦୯ ସଂଶୋଧିତ ହେଉ । ଦ୍ୱିତୀୟ ପ୍ରସ୍ତାବ ହେଲା – ଆତ୍ମହତ୍ୟା ପ୍ରୟାସରେ ସଫଳ ବ୍ୟକ୍ତି ନିମିତ୍ତ ମଧ କଠିନ ଦଣ୍ଡର ବିଧାନ ହେଉ । ତାକୁ ଜେଲ, ଦ୍ୱିପାନ୍ତର କିମ୍ୱା ଫାଶୀ ଦଣ୍ଡ ମିଳୁ ।'

ସଭାସଦ କରତାଳି ଦ୍ୱାରା ପ୍ରସ୍ତାବର ଅନୁମୋଦନ କଲେ । ସର୍ବସମ୍ମତି କ୍ରମେ ପ୍ରସ୍ତାବଗୁଡ଼ିକ ଗୃହୀତ ହେଲା ।

ଧନ୍ୟବାଦ ଜ୍ଞାପନ ଅବସରରେ ସୁବିଧା ଉଣ୍ଡି ମୁଁ ଆଉ କେତୋଟି ପ୍ରସ୍ତାବ ଆଗତ କଲି । ପ୍ରସ୍ତାବର ସାରାଂଶ ହେଲା, ରୋଗର ଉପଚାରଠାରୁ ଅଧିକ ଆବଶ୍ୟକ ରୋଗର ନିରାକରଣ । ତେଣୁ ଆତ୍ମହତ୍ୟା ଜନିତ ସମସ୍ୟାର ନିରାକରଣ ନିମିତ୍ତ କବିମାନଙ୍କୁ ସନ୍ତରଣ ଓ ଅଶ୍ୱଚାଳନା ତାଲିମ ଦିଆଯାଉ । ଫଳରେ ସମୁଦ୍ର, ଗିରିଗହ୍ୱର ଆଦି ଆତ୍ମହତ୍ୟାପାଇଁ ଆମନ୍ତ୍ରଣ ଜଣାଇଲେ ସୁଦ୍ଧା ସେମାନେ ଆତ୍ମହତ୍ୟା କରିପାରିବେ ନାହିଁ । ଯୁବକମାନଙ୍କୁ ବିଦ୍ ବଜାରରେ ପ୍ରେମ ଓ ପ୍ରେମ ବିବାହ ପାଇଁ ସୁଯୋଗ ମିଳୁ ।

Digitized by srujanika@gmail.com

ଏ କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟିକାରୀଙ୍କୁ, ଯଥା ପିତାମାତାଙ୍କୁ, ଆତ୍ମହତ୍ୟାର ସହଯୋଗୀ ମନେକରି ପୋଲିସ ହାଜତରେ ରଖାଯାଉ । ଦରିଦ୍ର, ବୁଭୁକ୍ଷୁ ଜନତାର ଖାଦ୍ୟ ଓ ବସ୍ତ୍ର ସଂସ୍ଥାନ ବିଷୟକ ଏକ ପ୍ରସ୍ତାବ ମଧ ରଖିଲି । କିନ୍ତୁ ପ୍ରସ୍ତାବଟିକୁ ରାଜନୀତି ପ୍ରପୀଡ଼ିତ ଏବଂ ଜୀବନର ଅନ୍ୟ ଶାଶ୍ୱତ ସତ୍ୟଗୁଡ଼ିକ ଭଳି ନିରର୍ଥକ ଘୋଷଣା କରି କବି ବିରୋଧ କଲେ । ଆରମ୍ଭରୁ ଆମ ସମିତି ରାଜନୀତି ଓ ଯୁକ୍ତିତର୍କରେ ଜଡ଼ିତ ନ ହେବାପାଇଁ ନିଷ୍ପତ୍ତି ନେଇଥିବାରୁ ବିନା ସର୍ତ୍ତରେ ପ୍ରସ୍ତାବଟିକୁ ମୁଁ ପ୍ରତ୍ୟାହାର କଲି ।

ଯେଉଁ ଅନୁଷ୍ଠାନର ପାଣ୍ଠି ନାହିଁ, ସେ କି ଅନୁଷ୍ଠାନ ? ପ୍ରତ୍ୟେକ ପ୍ରତିନିଧିଙ୍କ ଠାରୁ ଆମେ ଦୁଇଟଙ୍କା ଲେଖା ଚାନ୍ଦା ସଂଗ୍ରହ କଲୁ । ଜୀବନକୁ ବଳି ଦେବାରେ ଯାହାର ଆପତ୍ତି ନାହିଁ, ମାତ୍ର ଦୁଇଟଙ୍କା ଚାନ୍ଦା ଦେବାରେ ତାଙ୍କର କି ଆପତ୍ତି ବା ହୋଇପାରେ ? ଦେଖୁଁ ଦେଖୁଁ ପ୍ରାୟ କୋଡ଼ିଏ ହଜାର ଟଙ୍କା ସଭାପତିଙ୍କ ଆଗରେ ଜମା ହୋଇଗଲା ।

ଏବେ ଦେଖନ୍ତୁ, ଏମିତି ଏକ ଗୁରୁତ୍ୱପୂର୍ଣ୍ଣ ସମିତିର ପୂର୍ଣ୍ଣାହୁତି ପଡ଼ିଲା କେମିତି ? ଯୁଗେଯୁଗେ ସମ୍ପତ୍ତି ହେଲା ସବୁ ଝଗଡ଼ାର ମୂଳ । ସେ ମହାଭାରତ ଯୁଦ୍ଧ ହେଉ କି ଦ୍ୱିତୀୟ ବିଶ୍ୱଯୁଦ୍ଧ । ସମିତିର ଅନୁଭୂତି ଏତେ ତିକ୍ତ ମନେହେଲା ଯେ, ତେଣିକି ବ୍ୟକ୍ତିଗତ ସମ୍ପତ୍ତିର ମୁଁ ଶତ୍ରୁ ହୋଇ ପଡ଼ିଲି ଏବଂ ରାଜନୀତିକୁ ନିଜର ଶେଷ ଭରସା କରି ବଞ୍ଚିରହିଲି ।

ଘଟଣା ଘଟିଲା ଠିକ୍ ନିମ୍ନ ପ୍ରକାରେ – ଅଧିବେଶନ ସମାପ୍ତ ନ ହେଉଣୁ ଦେଖିଲି ସଭାପତି ଓ ଉପସଭାପତି ନିଜ ନିଜ ଛାତିରେ ଛୁରାଘାତ ପାଇଁ ପ୍ରୟାସ କରୁଛନ୍ତି । ସଭାପତି ପାଟିକଲେ, 'ନା, ତା କେମିତି ହେବ ? ମୋତେ ଟଙ୍କା ନ ମିଳିଲେ, ମୁଁ ଆତ୍ମହତ୍ୟା କରିବି ।'

କବି କହୁଥିଲେ, 'ନା, ଆମ ଶରୀର ଭଳି ଏ ଟଙ୍କା ହେଲା ଅନ୍ୟର ସମ୍ପତ୍ତି । ମୋ' ଶରୀର ରହିଲା ପରି ସେ ମୋ ସାଙ୍ଗରେ ରହୁ । ସେଥିରେ କେହି ପ୍ରତିବନ୍ଧକ ସୃଷ୍ଟି କଲେ, ମୁଁ ଆତ୍ମହତ୍ୟା କରିବି ।'

ଆପଣ ବୁଝି ପାରୁଥିବେ, ଏହାର ପରିଣାମ କ'ଣ ହୋଇଥିବ । ଦୁହିଁଙ୍କ ମଝିରେ ମୁଁ ପଶିଯିବାରୁ ଉଭୟେ ନା ସେତେବେଳେ ଆତ୍ମହତ୍ୟା କଲେ, ନା ଭବିଷ୍ୟତରେ କରିବେ ! ହତ୍ୟା ହେଲା କେବଳ 'ଆତ୍ମହତ୍ୟା ନିବାରଣ ସମିତିର ' ।

❑

Digitized by srujanika@gmail.com

ଯାତ୍ରା

ଅନେକ ଦିନ ତଳର କଥା । ସେତେବେଳେକୁ ମୋର ବୟସ ଉଣେଇଶ ବା କୋଡ଼ିଏ ବର୍ଷ ହେବ । କଲେଜରେ ପଢୁଥାଏ । ଦଶହରା ଛୁଟିରେ ଜଣେ ସାଙ୍ଗର ନିମନ୍ତ୍ରଣରେ ଆମେ ତିନିଜଣ ବନ୍ଧୁ ସହରରୁ ତା' ଗାଁ ଅଭିମୁଖେ ଯାତ୍ରା କଲୁ । ଘୋଡ଼ାଗାଡ଼ିରେ ରେଲ ଷ୍ଟେସନ, ରେଲଗାଡ଼ିରେ ଆଉ ଏକ ଛୋଟିଆ ଷ୍ଟେସନ ଏବଂ ସେଠୁ ଶଗଡ଼ ଗାଡ଼ିରେ ବାର ମାଇଲ ବାଟ ଗଲେ ସାଙ୍ଗର ଗାଁ । ଛୋଟିଆ ଷ୍ଟେସନରେ ପହଞ୍ଚି ଆମେ ଶଗଡ଼କୁ ଅପେକ୍ଷା କଲୁ ।

ଠିକ୍ ଏତେବେଳକୁ ଜଣେ ନିହାତି ଅପରିଚିତ, ନିକୁଛିଆ ବ୍ୟକ୍ତି ଆସି ଆମକୁ ଜୁହାର କଲା । ମୁଁ ପଚାରିଲି, କ'ଣ ଦରକାର ?'

ନିକୁଛିଆ ବ୍ୟକ୍ତି ଓଲଟା ପଚାରିଲା, 'ହଜୁରମାନେ କ'ଣ ସହରରୁ ଆସିଲେ, ଚାଲନ୍ତୁ, ରାମବାବୁ ଶଗଡ଼ ପଠେଇଛନ୍ତି ।' ଏତିକି କହି ସେ ତା' ଦୁଇ ଅସମାନ୍ତର ମଇଳା ଦାନ୍ତର ପଟୁଆର ବାହାର କଲା ଏବଂ କୌଣସି କାରଣ ଅଥବା ଉତ୍ସାହ ନଥିବା ସତ୍ତ୍ୱେ ଜୋର ଜୋରରେ ହସିଲା ।

ସହରରୁ ଆସିବାରେ କିମ୍ବା ରାମବାବୁଙ୍କ ଶଗଡ଼ଗାଡ଼ି ପଠେଇବାରେ ହସର କ'ଣ ସମ୍ପର୍କ ଜାଣିବା ପୂର୍ବରୁ ଆମେ ନିକୁଛିଆ ବ୍ୟକ୍ତିକୁ ଅନୁସରଣ କଲୁ । ମଝିରେ ମୁଁ ଥରେ ପଚାରିଲି, 'ତୁ ହଳିଆ ଟି ?' ଉତ୍ତରରେ ସେ ପୂର୍ବବତ ଦାନ୍ତ ଦେଖାଇଲା ।

ଆମେ ଷ୍ଟେସନ ବାହାରେ ଥିବା ବରଗଛ ପାଖରେ ଆସି ପହଞ୍ଚିଲାବେଳକୁ ଦିନ ପ୍ରାୟ ବାରଟା ହେବ । ଦଶହରା ମାସ । ଖରା କାଟୁଥାଏ । ଗଛ ତଳେ ଗାଢ଼ କଳା ଛାଇ । ମୋର ଦୁଇ ବନ୍ଧୁଙ୍କ ଭିତରୁ ଜଣେ ସାହିତ୍ୟ ଓ ଦର୍ଶନର ଛାତ୍ର । ନିଜ ପାଣ୍ଡିତ୍ୟର ପ୍ରମାଣ ଦେବାକୁ ଯାଇ ସେ କହିଲା, 'ଏହିଭଳି ଛାୟାକୁ ଦେଖି ହୁଏତ କବି କହିଛନ୍ତି, ତା'ପରେ ସେ ଛାଇକୁ ନେଇ ଗୋଟିଏ କବିତା ଆବୃତ୍ତି କରିବାରେ ଲାଗିଲା - କୁହ କେଉଁ ଦମୟନ୍ତୀ ପରି...'

ମୋର ନିଘା ଥାଏ ସେହି ନିକୁଛିଆ ହଳିଆ ଆଡ଼େ । ଗଛ ତଳେ ଥିବା ଶଗଡ଼ ପାଖକୁ ସେ ଗଲା । ଶଗଡ଼ ଥାଟରେ ବଳଦଯୋଡ଼ିକ ବନ୍ଧା ହୋଇଥାନ୍ତି । ଗୋଟାଏ

Digitized by srujanika@gmail.com

ଧଳା, ଅନ୍ୟଟି କଳା । ଦୁହିଁଙ୍କ ମଝିରେ କିଛି ନଡ଼ା ପୁଆଳର ଅବଶେଷ ପଡ଼ିଥାଏ । ଅର୍ଥାତ୍ ପେଟପୂରା ଖାଇ ସାରିଛନ୍ତି ଦୁହେଁ । ଶାନ୍ତ ଓ ସଂଯତ ମୁଦ୍ରାରେ ଆଖିବୁଜି ଏବେ ପାକୁଳି କରିବା ବେଳ । ବର୍ତ୍ତମାନ ପରିବେଶରେ ମୋ ମୁଣ୍ଡକୁ 'ଦମୟନ୍ତୀ' ପଶିଲେ ନାହିଁ । ବରଂ ଲାଗିଲା, କେଉଁ ଋଷି ଆଶ୍ରମରେ ଆମେ ଉପସ୍ଥିତ । ଦାର୍ଶନିକ ବନ୍ଧୁଙ୍କୁ କହିଲି, 'ଏବେ ତୋ କଳ୍ପନାର କାଟତି ନାହିଁ । ଏଠି ଦମୟନ୍ତୀ କାହିଁ ? ଏ ହେଲା ବଟବୃକ୍ଷର ଛାୟା ! ବଳଦ ଦୁଇଟି ହେଲେ ଦୁଇଜଣ ମହର୍ଷି, ସାଂସାରିକ ମୋହ ମାୟାର ଜୁଆଳିକୁ କାନ୍ଧ-ଚ୍ୟୁତ କରି ମୁଦ୍ରିତ ନୟନରେ ପରମହଂସଙ୍କ ଠାଣିରେ ଆସୀନ ଉଭୟେ ।'

ତୃତୀୟ ବନ୍ଧୁ ହେଲା ରାଜନୀତି ବିଜ୍ଞାନର ଛାତ୍ର । କହିଲା, 'ଟିକିଏ ଭଲ କରି ଦେଖ, ଗୋଟାଏ ବଳଦ କଳା, ଅନ୍ୟଟି ଧଳା । ହେଲେ ତାଙ୍କ ମନରେ କଳା-ଗୋରାର ରଙ୍ଗଭେଦ ନୀତି ନାହିଁ । ଦୁହେଁ ଗୋଟିଏ ଜାଗାରେ ସାଙ୍ଗହୋଇ ଭୋଜନ କରନ୍ତି । କାନ୍ଧକୁ କାନ୍ଧ ମିଳାଇ ସଂସାରର ଭାର ବୁହନ୍ତି । ଗୋଟାଏ ଶଗଡ଼ରେ ପୁଣି ଫାନ୍ଦି ହୁଅନ୍ତି । ଏହି ଯୋଡ଼ିବଳଦ ତ ରଙ୍ଗଭେଦ ନୀତିରେ ଆକ୍ରାନ୍ତ ଦେଶଗୁଡ଼ିକୁ ଉଚିତ ଶିକ୍ଷା ଦେଇପାରନ୍ତେ !'

ହଳିଆର 'ଉଠରେ-ଉଠରେ' ଡାକର କଟୂ ଚିତ୍କାର ରାଜନୈତିକ ବନ୍ଧୁର କଥାରେ ପ୍ରତିବନ୍ଧକ ସୃଷ୍ଟି କଲା । ନିକୁଛିଆ ଲୋକଟି ମନ୍ତ୍ରଟିକୁ ବାରମ୍ବାର ଜପୁଥାଏ । ତାଳୁ, ଜିଭ ଓ ତଣ୍ଟିକୁ ଏକା ସାଙ୍ଗରେ ବ୍ୟବହାର କରି ଏମିତି ସ୍ୱରଟିଏ ସେ ବାହାର କଲା ଯେ, ତାକୁ ଶୁଣି ବଳଦ ଯୋଡ଼ିକ ଲାଞ୍ଜ ପିଟି ଠିଆ ହେଲେ । ମୁହଁର ଫେଣ ତଳେ ପଡ଼ିଲା, ଜୋରରେ ପ୍ରଶ୍ୱାସ ଛାଡ଼ିଲେ, ଶିଂଗ ହଲେଇ ବେକର ଘଣ୍ଟି ବଜେଇଲେ ଏବଂ ଜଣାଇ ଦେଲେ ଯେ, ଦୁଇ-ମହର୍ଷି ସାଂସାରିକ ମୋହମାୟାର ଜୁଆଳିକୁ ପୁନର୍ବାର କାନ୍ଧରେ ବୋହିବାକୁ ପ୍ରସ୍ତୁତ ।

ନିକୁଛିଆ ଲୋକଟି ଏବେ ଗାଡ଼ିରେ ପୁଆଳ ପାରିଲା । ଚଟେଇ ବିଛେଇ ଆମ ପାଇଁ ଆସନର ବ୍ୟବସ୍ଥା କଲା । ମୁଁ ଭଲ କରି ଆଉ ଥରେ ଶଗଡ଼କୁ ଦେଖିନେଲି । ସେଇଟି ନା ଥିଲା କେଁ କଟର-କେଁ କଟର କରି ଝାଟିମାଟି, ନଡ଼ା ପୁଆଳ ବୋହିଲା ଭଳି ଶଗଡ଼, ନା ଥିଲା ପୁଞ୍ଜିବାଦୀ 'ବ୍ୟବସ୍ଥାର ଭିତ୍ତିକୁ ମଜବୁତ କରି ଗଢୁଥିବା ଉଚ୍ଚ ଶ୍ରେଣୀର ଶଗଡ଼ । ମୃଚ୍ଛକଟିକ ନାଟକର ନାୟିକା ବସନ୍ତସେନାର ପରିଭ୍ରମଣ ନିମିତ୍ତ ଉଦ୍ଦିଷ୍ଟ ଉଚ୍ଚକୋଟୀର ଶଗଡ଼ ମଧ୍ୟ ସେ ନ ଥିଲା । ଅସଲରେ ସେଇଟି ଥିଲା ଏକ ମଧ୍ୟମ ଧରଣର ଶଗଡ଼ । ତା' ଥାଟରେ ଏ ଯାଏଁ ଗୋବରର ଚିହ୍ନ ଲାଗି ଥାଏ । ବୋଧହୁଏ ଅଧିକ ଅନ୍ନ ଉତ୍ପାଦନ ମୂଳକ ଆନ୍ଦୋଳନରେ ମଧ୍ୟ ତାକୁ ବ୍ୟବହାର କରାଯାଏ । ଚକର 'ହବ'ରେ ପୋଡ଼ା ମୋବିଲ ପଚ ପଚ କରୁଥାଏ । ହୁଏତ, ଅନେକ ଦିନର ବ୍ୟବଧାନ ପରେ ଥାଟ ଓ ଚକକୁ ଏକଜୁଟ କରି କାର୍ଯ୍ୟକ୍ଷମ କରାଯାଇଥାଏ ।

Digitized by srujanika@gmail.com

ଗାଡ଼ିରେ ବଳଦ ଫନ୍ଦା ହେଲେ । ମହର୍ଷି ଯୁଗଳ ଗୃହସ୍ଥାଶ୍ରମରେ ପୁନଃ ପ୍ରବେଶ କଲେ । ଆମେ ବସି ପଡ଼ିଲୁ । ଖରାରୁ ରକ୍ଷା କରିବାପାଇଁ ନିକୁଛିଆ ଲୋକଟି ପୁରୁଣା ଚାଦରର ଏକ ହୁଡ୍ ଟାଙ୍ଗିଦେଲା । ଏକା ସାଙ୍ଗରେ ସମସ୍ତେ ଗୋଟାଏ ଶଗଡ଼ରେ ବସିଲା ପରେ, ଲୋକଟି ଆଉ 'ନିକୁଛିଆ' କିମ୍ବା 'ଅପରଛନିଆ' ଗୋଷ୍ଠୀର ନଥିଲା, ଶଗଡ଼ିଆ ସ୍ତରକୁ ଉନ୍ନୀତ ହୋଇ ଆସିଲା ।

'ଅର୍-ତ-ତ-ତ-ତ-' କହି ଶଗଡ଼ିଆ ଗାଡ଼ି ଷ୍ଟାର୍ଟ କଲା । କିଛି କ୍ଷଣ ପରେ ଶଗଡ଼ ଛାଇରୁ ଖରାକୁ ଷ୍ଟେସନ୍‌ରୁ ଖୋଲାକୁ ଏବଂ ପିଚୁରାସ୍ତାରୁ ଯାଇ ଏକ ସଂକୀର୍ଣ୍ଣ ଧରସାରେ ପ୍ରବେଶ କଲା । ଯୋଡ଼ିବଳଦଙ୍କ ଉତ୍ସାହ ବୋଲି କିଛି ଖାସ୍ ନଥାଏ । ପ୍ରଗତିର ଗତିରେ ତାକତ୍ ନଥାଏ । ଗାଡ଼ି ଚାଲିଥାଏ ଘଣ୍ଟାକୁ ଦେଢ଼ ମାଇଲ ବେଗରେ । ଗତି ବୃଦ୍ଧି ପାଇଁ ପ୍ରଥମେ ଶଗଡ଼ିଆ 'ଅର-ତ-ତ-ତ-ତ'ର ସ୍ଲୋଗାନ୍ ଦେଲା, ତା'ପରେ ହଳକୁ ଗାଳି କଲା । ତୃତୀୟ ପର୍ଯ୍ୟାୟରେ ବଳଦଙ୍କ ଲାଞ୍ଜ ମୋଡ଼ିଲା, ଚତୁର୍ଥରେ ନିଜେ ଚୁପ ହୋଇ ବସିଲା । ପର ଦୃଶ୍ୟରେ ଆମ ଆଡ଼େ ଗୋଡ଼ ଲମ୍ୱେଇଲା ଏବଂ ଶେଷରେ ନିଛପଟ ଶୋଇଗଲା ।

ହଳ ଧୀରେ ଧୀରେ ଚାଲିଥାନ୍ତି ।

କାହିଁକି କେଜାଣି ମନଟା ମୋର ଉଦାସ ଲାଗୁଥାଏ । ଶଗଡ଼କୁ ବଳଦ ଟାଣନ୍ତି । ବଳଦ ହେଲେ ଧର୍ମର ପ୍ରତୀକ । ଅତଏବ ଶଗଡ଼ ଧର୍ମ ବଳରେ ଚାଲେ । ଆମ ଧର୍ମଭିତ୍ତିକ ପ୍ରାଚୀନ ସଂସ୍କୃତିର ଏ ହେଲା ପ୍ରକାଶ୍ୟ ରୂପ । ଶଗଡ଼ ହେତୁ ଆମ ସଂସ୍କୃତିର ସ୍ଥିତି ଭବିଷ୍ୟତରେ ମଧ୍ୟ ଅତୁଟ ରହିବ । ଉପଗ୍ରହ ପ୍ରେରଣ ଓ ରକେଟ ନିର୍ମାଣ କ୍ଷେତ୍ରରେ ହୁଏତ ଆମେ କେତେଗୋଟି ଦେଶର ମୁକାବିଲା କରି ପାରିବା ନାହିଁ, ମାତ୍ର ଧୀର ପାଣି ପଥର କାଟେ ପ୍ରବାଦର କଚ୍ଛପକୁ ଆମେ ଚିହ୍ନୁ । ଯେତେଦିନ ପର୍ଯ୍ୟନ୍ତ ଆମ ଶଗଡ଼ ସତ୍ୟପଥର ମଝି ଧରସାରେ ଚାଲିଥିବ, ଭୟର କୌଣସି ଆଶଙ୍କା ନାହିଁ.... ।

ଠିକ୍ ଏତେବେଳକୁ ଗାଡ଼ିର ଗୋଟାଏ ଚକ ଖାତରେ ପଡ଼ି ପୁଣି ଉପରକୁ ଉଠିଗଲା । ଲାଗିଲା, ଅଣ୍ଟାରୁ ଗଣ୍ଠିକୁ କେହି କୁସାରି (ଆଖୁ) ଭାଙ୍ଗିଲା ଭଳି ଭାଙ୍ଗିଦେଲା । ଦାର୍ଶନିକ ବନ୍ଧୁ ମତ ଦେଲେ, 'ଶଗଡ଼ର ଚକ ତଳ ଉପର ହୋଇ ସୁଖ-ଦୁଃଖର ଚକ୍ର ସଂପର୍କରେ ଅବଗତ କରାଏ – ଚକ୍ରବତ୍ ପରିବର୍ତ୍ତନ୍ତେ ସୁଖାନି ଚ ଦୁଃଖାନି ଚ ।'

ମୁଁ କହିଲି, 'ଶଗଡ଼ ହେଲା ଆମ କାବ୍ୟ ଓ ଦର୍ଶନର ଆଦି ସ୍ରୋତ । ସେଥିପାଇଁ କାଳିଦାସ ଲେଖିଛନ୍ତି, 'ନିଝେର୍ଗଚ୍ଛତୁ ୍ୟପରି ଚ ଦଶା ଚକ୍ରନେମି କ୍ରମେଣ' ।

Digitized by srujanika@gmail.com

ଏ ଭିତରେ ଶଗଡ଼ର ପଛଭାଗ ଗୋଟାଏ ପଟକୁ ଅଜାଡ଼ି ହେଲା । ଜୁଆଳି ଊର୍ଦ୍ଧ୍ୱମୁଖୀ ଦେଖାଗଲା । କୁଣ୍ଡାବସ୍ତାପରି ଆମେ ଜଣେ ଅନ୍ୟର ଉପରେ ମାଡ଼ି ହୋଇ ପଡ଼ିଲୁ । କଥା ହେଲା ଗାଡ଼ି ଧରସାରୁ ବାହାରି ଗୋଟାଏ ଖାତରେ ପଡ଼ି ଯାଇଥାଏ । ବଳଦ ହଳକ ଜୁଆଳିରୁ ଖୋଲିହୋଇ ଶିଙ୍ଗ ଓ ଲାଞ୍ଜ ପ୍ରଦର୍ଶନ କରୁଥାନ୍ତି । ମନେହେଲା, ଶତ୍ରୁର ମୁକାବିଲା ନିମନ୍ତେ ପ୍ରସ୍ତୁତ ସେମାନେ ।

ହଳିଆ ଲମଡୋରି ଟାଣି ଜୋର ଜୋରରେ ବଳଦଙ୍କ ମୁହଁରେ ମାଇଲା । ଜୁଆଳି ଫାନ୍ଦିଲା ଏବଂ ପୂର୍ବବତ୍ ହସି ହସି କହିଲା, 'ଭାରି ସରସ ବଳଦ, ହଜୁର । ଗୋଲାପି ପାଗ ମାରି ଆଗରେ ସେ ଯେ ସାଇକେଲିଆ ଯାଉଛି ? ତାକୁ ଦେଖି ପରା ହଳ ଭିଡ଼କି ଗଲେ । ତୁଆଁ ଫାନ୍ଦିଛୁଁ ତ ।

ତା' ତର୍କର କୌଣସି ବିତର୍କ ନଥିଲା । ଗାଡ଼ି ପୁଣି ଆଗକୁ ବଢ଼ିଲା । ରାଜନୈତିକ ବନ୍ଧୁ କହିଲେ, 'ଶଗଡ଼ ଉତ୍କୃଷ୍ଟ ସାହିତ୍ୟ ରଚନା ନିମନ୍ତେ କାଳିଦାସଙ୍କୁ ଯେମିତି ପ୍ରେରଣା ଯୋଗାଏ, ବର୍ତ୍ତମାନର ଗଣତନ୍ତ୍ରକୁ ମଧ୍ୟ ବୁଝିବାରେ ସାହାଯ୍ୟ କରେ । ହଳ ହେଲେ କେବିନେଟ ସଦସ୍ୟ । ହଳିଆ ହେଲା ରାଷ୍ଟ୍ରପତି ସଦୃଶ – କେବେ ସେ ଗାଡ଼ିକୁ ଚଳାଏ, ତ ପୁଣି କେବେ ଗାଡ଼ି ତାକୁ ଚଳାଏ । ଆମେ ହେଲେ ଜନତା ଜନାର୍ଦ୍ଦନ ।'

ବନ୍ଧୁର ବକ୍ତବ୍ୟ କେବେ ଶେଷ ହେଲା କେଜାଣି ? ଦଶହରା ମାସ, ସବୁଜିମା, ଆଳସ୍ୟଭରା ଅପରାହ୍ନ, ଶୀତଳ ପବନ ..... ସମସ୍ତେ ମିଶି ଆମଉପରେ କୁହୁକ କରିସାରି ଥିଲେ । ଥକା ଥକା ଭାବ ଥାଏ ଦେହରେ । ଜଣକ ଉତାରୁ ଜଣେ ନିଧଡ଼କ ଶୋଇଗଲୁ । ଶୋଇବା ପର୍ବ ଆରମ୍ଭ କରିଥିଲା ପ୍ରଥମେ ଶଗଡ଼ିଆ, ମୁହଁ ଉପରେ ଗାମୁଛା ଢାଙ୍କି । ଗାଡ଼ି ଧୀରେ ଧୀରେ ଆଗକୁ ଚାଲିଥାଏ ।

ହଠାତ୍ କାହା ଡାକରେ ମୋର ନିଦ ଭାଙ୍ଗିଲା । ଆଖି ମଳି ଦେଖିଲି, ଗାଡ଼ି ପୂର୍ବର ସେହି ବରଗଛ ମୂଳେ ଅଟକି ରହିଛି । ଭଲକରି ଦେଖିଲି, ଆମେ ଷ୍ଟେସନରେ । ହଳିଆ ଦୁଇ ବଳଦକୁ ପିଟି ଚାଲିଥାଏ । ଆମର ନିଦ ଭାଙ୍ଗିବା ଦେଖି ପୂର୍ବବତ ଦାନ୍ତ ଦେଖାଇଲା ସେ । କହିଲା, 'ହଜୁର, ୟେ ଗୋରୁ ବି ପକ୍କା ଗବା କେଉଁଠିକାର । ଭାରି ସାଦାସିଧା ପଶୁ, ହଜୁର । ଏଠିକା ଲୋକ ହେଲେ ପକ୍କା ବଦମାସ । ମୋର ଟିକିଏ ଆଖି ପଡ଼ିଗଲା ତ, କିଏ ଗାଡ଼ିର ମୁହଁ ମୋଡ଼ିଦେଲା । ଷ୍ଟେସନ ଆଡ଼େ ହଳ ଖେଦିଦେଲା । ଦୁଇ କୋଶ ବାଟ ଆମେ ଯାଇଥିଲେଣି, ହଜୁର । ପୁଣି ଏବେ ଫେରିବାକୁ ହେବ ।'

Digitized by srujanika@gmail.com

ଶଗଡ଼ିଆର ହସ ଆରମ୍ଭ ହେବା ପୂର୍ବରୁ ଦାର୍ଶନିକ ବନ୍ଧୁ ଗମ୍ଭୀର ହୋଇ କହିଲେ, 'ପ୍ରଗତି ଏକ ମିଥ୍ୟା ତତ୍ତ୍ୱ । ଆମେ ଯେତେ ବାଟ ଆଗକୁ ଚାଲିଲେ ମଧ୍ୟ ଘୂରି ଆସି ସେହି ମୂଳ ଜାଗାରେ ପହଞ୍ଚୁ ଯାଉ ।'

ଦ୍ୱିତୀୟ ବନ୍ଧୁ ମତ ଦେଲେ, 'ଗଣତନ୍ତ୍ରର ସଫଳତା ଜନତାର ଜାଗୃତି ଉପରେ ନିର୍ଭର କରେ । ଆମେ ଶୋଇଗଲେ ବୋଲି ସିନା ଏ ଦୁର୍ଦ୍ଦଶା ହେଲା ।'

ହସି ହସି ଶଗଡ଼ିଆ ବଳଦ ଫାନ୍ଦିଲା । ମହର୍ଷିଦ୍ୱୟ ପୁଣିଥରେ ସଂସାର-ଚକ୍ରକୁ ପଶିଲେ । 'ଅର-ତ-ତ-ତ-ତ'ର ସ୍ଲୋଗାନ ସହିତ ପୁଣିଥରେ ଆମ ଶଗଡ଼ ପିଚୁରାସ୍ତାରୁ ଯାଇ ସଂକୀର୍ଣ୍ଣ ଧରସାରେ ପ୍ରବେଶ କଲା ।

❑

Digitized by srujanika@gmail.com

ଭୂମିକା ଭାଷ୍ୟ

ଜର୍ଜ ବାର୍ଣ୍ଣାଡ଼ ଶ' ଅନେକ ଦିନରୁ ମୃତ୍ୟୁବରଣ କଲେଣି । ଜଣେ ତତ୍ତ୍ୱବିଦ ଓ ନାଟ୍ୟକାର ଭାବରେ ତାଙ୍କର ଖୁବ୍ ଖ୍ୟାତି ଥିଲା । ସେ ଥିଲେ ଆୟରଲାଣ୍ଡ ଅଧିବାସୀ । ଆୟରଲାଣ୍ଡର ଅଧିବାସୀମାନଙ୍କୁ ଆୟରିଶ କୁହାଯାଏ । ଆୟରଲାଣ୍ଡ ଇଂଲଣ୍ଡର ପଶ୍ଚିମରେ ଅବସ୍ଥିତ । ପଶ୍ଚିମ ସେହି ଦିଗର ନାମ ଯାହାର .... ।

ଛାଡ଼ । ଏଭଳି କଥାରୁ କଥା ବାହାର କରି କି ଲାଭ ? ବାର୍ଣ୍ଣାଡ଼ ଶ' ଆଉ ଏ ଇହ ଜଗତରେ ନାହାନ୍ତି । ତେଣୁ କୌଣସି ପ୍ରତିବାଦର ଆଶଙ୍କା ନଥିବାରୁ ମୁଁ ସଫା ସଫା କହିବାକୁ ଚାହେଁ ଯେ, ମୋର ତାଙ୍କ ସହ ଭେଟ ହୋଇଛି । ଦୁହେଁ ଦୀର୍ଘ ସମୟ ଧରି କଥାବାର୍ତ୍ତା କରିଛୁ । ମୋ'ଠାରୁ ସେ କେତୋଟି ତତ୍ତ୍ୱପୂର୍ଣ୍ଣ ଜ୍ଞାନ ମଧ୍ୟ ସଂଗ୍ରହ କଲେ ।

ବିଶ୍ୱାସ ହେଉ ନାହିଁ ? ତେବେ ତାଙ୍କ ସହ ମୋର ସ୍ୱପ୍ନରେ ସାକ୍ଷାତ ହେଲା ବୋଲି ଧରି ନିଅନ୍ତୁ । ଭେଟ ହେଲା ଠିକ୍ ନିମ୍ନ ପ୍ରକାରେ –

ମୁଁ ଗୋଟିଏ ନାଟକ ଲେଖିଥିଲି । ଏମିତି ତ ନାଟକ ଅନେକ ଲେଖିଛି । କିନ୍ତୁ ନିର୍ଦ୍ଦିଷ୍ଟ ଏକ ନାଟକର ଭୂମିକା ବାର୍ଣ୍ଣାଡ଼ ଶ'ଙ୍କ ହାତରେ ଲେଖାଇବା ପାଇଁ ଆଗ୍ରହ ହେଲା । ଭେଟ କଲି ତାଙ୍କ ସହ । ସ୍ୱପ୍ନର ମାମଲା ତ ! କଥାଭାଷା ସବୁ ରାତିରେ ହିଁ ହେଲା ।

ଭାରତୀୟ ରୀତି ଅନୁଯାୟୀ ପ୍ରଥମେ କହିଲି, 'ମୁଁ ଆପଣଙ୍କ କୁଟୁମ୍ବ ଲୋକ, ନାଟ୍ୟକାର, ନିରାମିଷ ଭୋଜୀ, ମଦ୍ୟପାନ କରେ ନି, କେବେ କେବେ ବ୍ୟଙ୍ଗ ରଚନା ମଧ୍ୟ କରେ । ନିଜ ଲୋକ ଭାବି ଆପଣ ମୋ ନାଟକର ଭୂମିକାଟିଏ ଲେଖି ଦିଅନ୍ତୁ ।'

ଶ' ମତେ ତିର୍ଯ୍ୟକ୍ ଚାହାଣୀରେ ଅନେଇ ହସିଲେ କିଛି ସମୟ । ସାମାନ୍ୟ ଅଡୁଆ ଲାଗିଲା ମୋତେ । ମୁଁ ଆପଣଙ୍କ ନିଜ ଲୋକ । ଦାଢ଼ୀ କଥା କହୁଛନ୍ତି ? ଏବେ ରଖିବା ଆରମ୍ଭ କରିବି । ମୁଁ ଯୋଡ଼ି ଦେଲି ।

ସେ ବଡ଼ ପାଟିରେ ହସିଲେ । ମୁଁ ଅନେଇ ରହିଲି ତାଙ୍କ ଆଡ଼େ । କହିଲେ, 'ମୁଁ ତୁମ କଥାରେ ଭାରି ଖୁସି । ତୁମେ ବୋଧହୁଏ ପ୍ରଥମ ଭାରତୀୟ ଯିଏ ବିନା ଉପକ୍ରମଣିକାରେ ନିଜ ମତଲବ କଥା ବକିଗଲା । ଅନ୍ୟଥା ଭାରତୀୟମାନେ ଅଯଥା

Digitized by srujanika@gmail.com

ଦୁଇ ତିନି ଘଣ୍ଟା ବକିବେ ଏବଂ ଯିବାବେଳେ ଦୁଆର ମୁହଁରେ ଚୁପ ଚୁପ କହିବେ, "ଗୋଟାଏ ଛୋଟିଆ କାମ ଥିଲା ଆପଣଙ୍କ ପାଖରେ.... ।"

ସ୍ୱଜାତି ନିନ୍ଦାର ଅବସର ମିଳିଲେ କ'ଣ ଚୁପ ରହିହେବ ? ଏ ତ ଭାରତୀୟ ପରମ୍ପରା ! କହିଲି, 'ସେଗୁଡ଼ା ମୂର୍ଖମାନଙ୍କର କାମ । ଆପଣଙ୍କୁ ସ୍ୱ-ପରିବାର-ଜନ ମନେ କରି ପରା ମୁଁ ସିଧା କଥା କହୁଛି । ଆପଣଙ୍କୁ ଭୂମିକା ଲେଖିବାକୁ ହେବ ।'

ବିନା କୌଣସି ଆଗ୍ରହ ପ୍ରଦର୍ଶନକରି ସେ ଥଣ୍ଡା ଭାବରେ ପଚାରିଲେ, 'ନାଟକର ନାୟକ କିଏ ?'

– ଡାକ୍ତର ।

– ଡାକ୍ତରଙ୍କ ସମ୍ପର୍କରେ ଯାହା କହିବା କଥା, ମୁଁ 'ଡକ୍ଟର୍ସ ଡାଇଲେମା' ନାଟକରେ କହି ଦେଇଛି । ଏବେ ନୂଆ କିଛି କହିବାପାଇଁ ମୋଠାରେ ନାହିଁ ।'

– ନାଟକରେ ଜଣେ ଏଗ୍ରେସିଭ ଟାଇପ ନାୟିକା ଅଛି ।

– 'ମେନ ଏଣ୍ଡ ସୁପର ମେନ' ପଢ଼ ।

– ନାଟକରେ ଗ୍ରାମୀଣତା ଅଛି ।

– 'ଦି ପିଗମିଲିୟନ'ରେ ସବୁ ମିଳିବ ।

– ହେ ମୋର ସ୍ୱଜନ ଶ', ଏ ସବୁ ସତ୍ତ୍ୱେ ମୋର ନାଟକ ମୌଳିକ । ତେଣୁ ତା'ପାଇଁ ଏକ ମୌଳିକ ଭୂମିକା ତୁମକୁ ଲେଖିବାକୁ ହେବ ।' କଥାରେ ନାଟକୀୟତାକୁ ଅତୁଟ ରଖି ମୁଁ କହିଲି ।

ଏହା ଶୁଣି ଶ' ବସି ପଡ଼ିଲେ । ଖଲିଲ ଜିବ୍ରାନଙ୍କର କୌଣସି ଏକ ଅତି ମାନବୀୟ ଚରିତ୍ର ଭଳି ତୀକ୍ଷ୍ଣ ସ୍ୱରରେ କହିଲେ, 'ହେ ଭୂମିକା ପ୍ରେମୀ ଭାରତୀୟ, ମୁଁ ନାଟକ ଲେଖିଛି, ନାଟକର ଭୂମିକା ମଧ୍ୟ ଲେଖିଛି । ତେଣୁ ଭୂମିକା ଲେଖାର ରହସ୍ୟ ମତେ ଜଣା । ଆଜି ସେ ରହସ୍ୟର ଉଦ୍‌ଘାଟନ କରୁଛି, ମନ ଦେଇ ତୁମେ ଶୁଣ ।'

ଭୂମିକା ଲେଖା ପଛରେ ଉଦ୍ଦେଶ୍ୟ ହେଲା ପାଠକ ଜାଣୁ ଲେଖକର ଏକ ନିଜସ୍ୱ ଭିତ୍ତିଭୂମି ଅଛି । ତେଣୁ ଭୂମି-ଶୂନ୍ୟ ଲେଖକ ପାଇଁ ଭୂମିକାର ଆବଶ୍ୟକତା ଅଧିକ । ନାଟକର ଦୁଇ ଚାରୋଟି ଦୃଶ୍ୟ ବଦଳରେ ସେମାନେ ଭୂମିକାକୁ ସ୍ଥାନ ଦେବାକୁ ଚାହିଁବେ ଏବଂ ସ୍ୱ ବୁଦ୍ଧିମତ୍ତାର ପରିଚୟ ଦେବେ ।

କେତେଜଣ ଲେଖକ ଅନ୍ୟ ହାତରେ ସ୍ୱ-କୃତିର ଭୂମିକା ଲେଖାଇ ଭୁଲି ଯାନ୍ତି ଯେ କୃତି ତାଙ୍କର । ମନ୍ତ୍ରୀ ହାତରେ ପାୱାର ହାଉସ୍ ଉଦ୍‌ଘାଟନ କରାଇ ଯନ୍ତ୍ରୀ ଯେମିତି ଭୁଲିଯାଏ ଯେ ସେଇଟା ତା' ଉଦ୍ୟମର ଫଳ । ଏଭଳି ଲେଖକର ସ୍ଥିତି ସେମିତି ଯନ୍ତ୍ରୀ ପରି ।

Digitized by srujanika@gmail.com

କେତେ ଲେଖକ ପ୍ରକାଶକ ହାତରେ ପ୍ରସ୍ତାବନା ଲେଖାନ୍ତି । ଅବଶ୍ୟ ଏଥିରେ ବିଜ୍ଞାପନ ଖର୍ଚ୍ଚ ବଞ୍ଚିଯାଏ, କିନ୍ତୁ କୃତି ତାଙ୍କର ରେଜିଷ୍ଟାର୍ଡ଼ ମେଡିସିନ ତାଲିକାଭୁକ୍ତ ହୋଇପଡ଼େ ।

କେବଳ ଭୂମିକା ପାଠ କରିଥିବା ପାଠକ ଅବଗତ ହୁଏ ଯେ, ପୁସ୍ତକର ବିଷୟବସ୍ତୁ ପଠନୀୟ ନୁହେଁ । ଠିକ୍ ସେହିଭଳି ଭୂମିକା ପାଠ କରୁ ନଥିବା ପାଠକ ସୂଚାଇ ଦିଏ ଯେ, ଲେଖକଠାରୁ ଅଧିକ ଆଗ୍ରହ ତା'ର ସାହିତ୍ୟ କୃତିରେ ।

ଭୂମିକାରେ ନିଜକୁ ଅଜ୍ଞ ଘୋଷଣା କରି ପୁସ୍ତକ ଲେଖାଜନିତ ତା'ର ଦୁଃସାହସ ନିମନ୍ତେ କ୍ଷମା ଯାଚନା କରୁଥିବା ଲେଖକକୁ ପଦାପି କ୍ଷମା ଦିଅ ନାହିଁ । ନିଜ କୃତିପାଇଁ ଯିଏ ଏତେ କରୁଣା-ପ୍ରାର୍ଥୀ ତାକୁ ବରଂ କରୁଣା-ସାଗରର ମଝିକୁ ପେଲି ଦିଅ । ସେ ଦ୍ୱିତୀୟ ପୁସ୍ତକ ଲେଖିବାର ସାହସ ନ କରୁ ।

ନୂଆ ଲେଖକ ଯଦି ଭୂମିକାରେ ପ୍ରଥମ କୃତି ନିମନ୍ତେ କ୍ଷମା ମାଗନ୍ତି, ସେ ବିଲକୁଲ ମୂଢ଼ଟିଏ । ତାଙ୍କ କୁହ, ପ୍ରଥମ ଥର ପ୍ରେମ କଲାବେଳେ କ'ଣ ପ୍ରେମିକାଠାରୁ କ୍ଷମା ମାଗିଥିଲେ ? କାକୁସ୍ଥ ହୋଇ କ'ଣ କହିଥିଲେ, "ତୁମେ ମୋର ପ୍ରଥମ ପ୍ରେମିକା ?"

ପଞ୍ଚାଏ ଜ୍ୟୋତିଷ, ଗଣନା ସତ ନ ହେଲେ, କହନ୍ତି, "ଭୁଲ ମୋର ନୁହେଁ, ଜାତକର ।" ଠିକ୍ ସେହିଭଳି ଦଳେ ଲେଖକ ଭୂମିକାରେ ଲେଖିବେ, ସାବଧାନତାର ସହ ପଢ଼ିଲେ ଯାଇ ଏ ପୁସ୍ତକର ଗୂଢ଼ତତ୍ତ୍ୱ ବୁଝିହେବ, ନୋହିଲେ ନାହିଁ । ଏମାନେ ହେଲେ ଡରକୁଳା ଗୋଷ୍ଠୀର ଲେଖକ । ସାବଧାନ ତାଙ୍କୁ ।

ଯିଏ ଝାଡ଼ିଝୁଡ଼ି ହୋଇ ଭୂମିକାରେ ଲେଖନ୍ତି, "ପୁସ୍ତକଟି ପଢ଼ିଲେ ପାଠକର ଚିନ୍ତାଧାରା ବଦଳିଯିବ", ସେ ହେଲେ ଚାଲବାଜ ଲେଖକ । ଅନେକ ଭାବିଚିନ୍ତି ତା'ର କୃତି ପଢ଼ । ରାସ୍ତା କଡ଼ରେ ଯାଦୁକରକୁ ଠକ ବୋଲି ଜାଣି ମଧ୍ୟ ଯେମିତି ଲୋକ ତାର ଖେଳ ଦେଖନ୍ତି ଏବଂ ପୁଣି ଠକି ଯାଆନ୍ତି, ଏ ଲେଖକ ହେଲେ ସେହି ଠକ ଯାଦୁକର ଶ୍ରେଣୀର ।

'ଯିଏ ଭୂମିକାରେ ବିଦ୍‌ବତ୍ତାପୂର୍ଣ୍ଣ ତଥ୍ୟ ଦେବାକୁ ଯାଉଛନ୍ତି ବୋଲି କହି, ପୁସ୍ତକରେ ବାୟବୀୟ କଥାସବୁ ଗପନ୍ତି ସେ ହେଲେ ରାସ୍ତାକଡ଼ର ଗାୟକ ଗୋଷ୍ଠୀର । ଦୁଇ ଚାରୋଟି କଣ୍ଠସ୍ଥ କରା ଶାସ୍ତ୍ରୀୟ ସଂଗୀତ ଶୁଣାଇଲା ପରେ ଆଖି ମିଟକେଇ ଗାୟକଟି ଯେମିତି ଶସ୍ତା ସିନେମା ଗୀତ ଗାଏ, ଏଭଳି ଲେଖକ ମଧ୍ୟ ଠିକ୍ ସେମିତି କରନ୍ତି ।'

'ଭୂମିକାରେ ହସମଜା କରି ପୁସ୍ତକରେ ଗାମ୍ଭୀର୍ଯ୍ୟ ଭର୍ତ୍ତି କରିଥିବା ଲେଖକ ହେଲା ଦଗାବାଜ ସ୍କୁଲ ମାଷ୍ଟର ଭଳି ଯିଏ ବର୍ଷସାରା ପିଲାଙ୍କୁ ଲେମନଚୁସ ବାଣ୍ଟନ୍ତି, ହେଲେ ପରୀକ୍ଷା ବେଳକୁ ବେତରେ ମାରନ୍ତି ।'

Digitized by srujanika@gmail.com

'କୌଣସି ଉଦ୍ଦେଶ୍ୟ ରଖି ଭୂମିକା ଲେଖିଲେ, ପୁସ୍ତକର ଉଦ୍ଦେଶ୍ୟ ଗୌଣ ହୋଇପଡ଼େ । ଯେଉଁ ଲେଖକ ବିନା କୌଣସି ଉଦ୍ଦେଶ୍ୟରେ ଭୂମିକା ଲେଖେ, ସେ ବିନା ଉଦ୍ଦେଶ୍ୟରେ ପୁସ୍ତକ ବି ଲେଖିପାରେ ।

ଯେଉଁ ବ୍ୟକ୍ତି ବିଦ୍ୱାନ ଆଖ୍ୟା ପାଇ, ନିଜେ କୌଣସି କୃତି ନ ଦେଇ କେବଳ ଅନ୍ୟର କୃତିର ଭୂମିକା ମାତ୍ର ହିଁ ଲେଖନ୍ତି, ସେ ହେଲେ ଷଣ୍ଢ ମାର୍କା ଭୂମିକା ଲେଖକ । ଅନ୍ୟର ବଗିଚାରେ ଘାସ ଦେଖି ଯେମିତି, ଷଣ୍ଢ ପଶିବାକୁ ଉଦ୍ୟମ କରେ, ଏଭଳି ବ୍ୟକ୍ତି ସେମିତି ଅନ୍ୟର କୃତିରେ ମୁହଁ ମାରନ୍ତି ।'

ଯିଏ ଅନ୍ୟର ପୁସ୍ତକର ଭୂମିକା ଲେଖିବା ଆଳରେ ଲମ୍ବା ଚୌଡ଼ା ସ୍ୱତନ୍ତ୍ର ଆଲୋଚନା ଆରମ୍ଭ କରନ୍ତି ଏବଂ ପରିଶେଷରେ ଗୋଟାଏ ପାରାରେ ପୁସ୍ତକ ଓ ପୁସ୍ତକ ପ୍ରଣେତା ଉପରେ ନିଜର ରାୟ ଦିଅନ୍ତି ସେ ନା ଲେଖକକୁ 'ଜାଣନ୍ତି, ନା ଲେଖାକୁ ପଢ଼ିଥାନ୍ତି ।

ଯେଉଁ ବ୍ୟକ୍ତି ଭୂମିକାରେ ଲେଖକ ସହ ତାଙ୍କ ମଧୁର ସଂପର୍କ ଥିବା କଥା ଉଲ୍ଲେଖ କରନ୍ତି ଏବଂ କୃତିର ସମୀକ୍ଷା କରନ୍ତି ନାହିଁ, ସେ ସ୍ପଷ୍ଟ କରି ଦିଅନ୍ତି ଯେ, କୃତି ନିମ୍ନମାନର । ଏଭଳି ଭୂମିକାକାର ହେଲେ ଲେଖକର ପ୍ରଚ୍ଛନ୍ନ ସମାଲୋଚକ ।

ଭୂମିକାକାର ଯଦି କୃତିର ପ୍ରଶଂସା କରେ ତେବେ ତାକୁ ଭାଟ ବୋଲି ଜାଣ । ଯଦି ନିନ୍ଦା କରେ ସେ ହେଲା ବିଶ୍ୱାସଘାତକ । ଯଦି ନିରପେକ୍ଷ ରହେ, ତେବେ ସେ ଧୋକାବାଜ, ଅଦାଲତର ଡାକରା ଶୁଣି, ପେଟବ୍ୟଥା ହେବାର ନାଟକ କରୁଥିବା ବେଇମାନ ସାକ୍ଷୀ ଭଳି । ଭୂମିକାକାର ଯଦି ଅତିଶୟ ଆଗ୍ରହ ଦେଖାଏ କୃତିପ୍ରତି, ତେବେ ସେ ହେଲା ନିଜର ଅନ୍ଧ ସନ୍ତାନକୁ ନେତ୍ରସୁଖ ସମ୍ବନ୍ଧରେ ଜ୍ଞାନ ଦେଉଥିବା ବାପ ଭଳି ।

'ଅତଏବ ବିଦ୍ୱାନ ଏବଂ ବୁଦ୍ଧିମାନ ଲୋକ କେବେ ଅନ୍ୟର ଭୂମିକା ଲେଖେ ନାହିଁ । ମୁଁ ଜଣେ ବିଦ୍ୱାନ ଓ ବୁଦ୍ଧିମାନ ଶ୍ରେଣୀର ବ୍ୟକ୍ତି । ତେଣୁ ତୁମ ନାଟକର ଭୂମିକା ଲେଖି ପାରିବି ନାହିଁ । କେବଳ ମୋ ନିଜ ନାଟକର ମୁଁ ଭୂମିକା ଲେଖିଛି । ତାହା ଏତେ ବଡ଼ ଯେ, ତାକୁ ସ୍ୱତନ୍ତ୍ର ପୁସ୍ତକ କହିଲେ ଚଳିବ । ଭୂମିକାର କଳାଦାଗ ତା' ଉପରେ ନାହିଁ ।'

'ତୁମେ ଜଣେ ଭାରତୀୟ । ତୁମ ନାଟ୍ୟକାର ମହଲରେ ଯାଇ ଖୋଜ, ଅନେକ ଭୂମିକାକାର ମିଳିଯିବେ ।'

'ଏଠି ତୁମ ଉଦ୍ଦେଶ୍ୟ ସାଧିତ ହେବାର ଆଶା ନାହିଁ । ତେଣୁ ତୁମର ଏଠି ରହିବାର କୌଣସି ଆବଶ୍ୟକତା ନାହିଁ । ଏହିକ୍ଷଣି ବାହାରି ଯାଅ ଘରୁ ।'

Digitized by srujanika@gmail.com

ଶେଷ ବାକ୍ୟଟିକୁ ଶ' ବଡ଼ ପାଟିରେ କହିଲେ । ପାଟି ଶୁଣି ଲାଗିଲା, ତାଙ୍କୁ ଗାନ୍ଧୀବାଦୀ ଡୋଜ ମିଳିବା ଉଚିତ । ଅତଏବ ଶାନ୍ତି, ଅହିଂସା ଏବଂ ନିରାମିଷ ସ୍ୱରରେ ମୁଁ କହିଲି, 'ହେ ସ୍ୱ-ଜନ ଜର୍ଜ ବାର୍ଣ୍ଣାଡ ଶ', ତୁମ ଯୁକ୍ତିରେ କୌଣସି ଦମ୍ଭ ନାହିଁ । ଆମେ ହେଲୁ ତତ୍ତ୍ୱ ପ୍ରଧାନ ଦେଶର ଅଧିବାସୀ । କେଣୁ କେତୋଟି ତତ୍ତ୍ୱ ଦେଉଛି ତୁମକୁ, ମନ ଦେଇ ଶୁଣ ।'

'ତୁମେ ଅନ୍ୟଠାରୁ ଭୂମିକା ଲେଖାଇବା ବିରୁଦ୍ଧରେ । କିନ୍ତୁ ନିଜ କୃତିର ଯଦି ମୁଁ ସ୍ୱୟଂ ଭୂମିକା ଲେଖେ, ସେଥିରେ କ'ଣ କମ୍ ବିପତ୍ତି ? ଯଦି ଲେଖିଲି ଭୂମିକା, ସମସ୍ତେ ଭୂମିଶୂନ୍ୟ ମନେ କରିବେ ମୋତେ । ନ ଲେଖିଲେ, କୃତି ମୋର ଶସ୍ତା ଡିଟେକ୍ଟିଭ ଉପନ୍ୟାସର ସ୍ତରକୁ ପେଲି ହୋଇଯିବ । ଯେଉଁଠି ନମ୍ରତାବଶତଃ ଯଦି ଭୂମିକାରେ ନିଜକୁ ଅଜ୍ଞ ଏବଂ ଅନୁଭବହୀନ ବୋଲି କହେ, ସମୀକ୍ଷକ ମୋ ବିରୁଦ୍ଧରେ ମୋର ଉକ୍ତିକୁ ଉଦ୍ଧୃତ କରିବେ । ଆଉ ଯଦି ପ୍ରଶଂସା କରେ, ଜାଣିଛ କ'ଣ କହିବେ ସମସ୍ତେ ?'

'ମୋ ମୁହଁରୁ ମୋ ପ୍ରଶଂସା ଶୁଣି, ଯଦି କେହି ଦାମ୍ଭିକ କୁହନ୍ତା ମତେ, ପରବାୟ ନ ଥାନ୍ତା । ହେଲେ ଏବେ ତ ସମସ୍ତେ କହିବେ ଜର୍ଜ ବାର୍ଣ୍ଣାଡ ଶ'ର ନକଲିଆ । ସଂପୂର୍ଣ୍ଣ ରୂପେ ମୌଳିକ ଆତ୍ମ-ପ୍ରଶଂସାକୁ ଯଦି ବିଦେଶୀ ଏବଂ ମୌଳିକତା-ଶୂନ୍ୟ କୁହାଯାଏ କ'ଣ କଣାଯିବ ? ଆତ୍ମୀୟ ଜର୍ଜ ! ନିଜ ମୁହଁରେ ତୁମେ ଏତେ ବଡ଼ିମା ପ୍ରଦର୍ଶନ କରିଛ ଯେ, ଆଜିର ଲେଖକ ଆତ୍ମ-ପ୍ରଶଂସା ଜନିତ ଅଧିକାରରୁ ମଧ୍ୟ ବଂଚିତ ହୋଇ ପଡ଼ିଛି । ବର୍ତ୍ତମାନ ସ୍ଥିତି ଏମିତି ଯେ ଲେଖକ ଯଦିବା ନିଜର ପ୍ରଶଂସା କରେ, ସମୀକ୍ଷକ ତାକୁ ତୁମର ପ୍ରଶଂସା ବୋଲି ଉପେକ୍ଷା କରି ଦିଅନ୍ତି ।''

'ଆତ୍ମପ୍ରକାଶ କରିବାକୁ ତୁମକୁ ମୌକା ଦେଉଥିଲି ମୁଁ । ନିଜ କୃତିର ଯେତେବେଳେ ତୁମେ ଏତେ ଭୂମିକା ଲେଖି ଯାଇଛ, ଏବେ ପୁଣି ଥରେ ଆସି ନିଜ ଶକ୍ତିର ପରିଚୟ ଦିଅ ।'

'ବିନମ୍ରତାର ପଣିକିଆ ପାଠ ପଢ଼ିବାପାଇଁ ତୁମକୁ ମୁଁ ଆମନ୍ତ୍ରଣ ଜଣାଉଥିଲି । ମୋ ନାଟକର ଭୂମିକା ଲେଖିଥିଲେ, ମାସ ଛଅଟାରେ ଜାଣିଥାନ୍ତ ତୁମର ସ୍ଥିତି କ'ଣ । ଆମ ସାହିତ୍ୟ-ଶୈଳୀ ଆଜି ଏତେ ମାତ୍ରାରେ ଉନ୍ନତ ଯେ, ଭୂମିକା ଦେଖି ଆଲୋଚକଗଣ ତୁମ ଉପରେ ଆକ୍ରମଣ କରି ଦେଇଥାନ୍ତେ – ପ୍ରଥମେ ଭୂମିକାର ଆକାରକୁ ନେଇ ଏବଂ ପରେ ତୁମ ବ୍ୟଂଗୋକ୍ତି ଉପରେ । ପରିଶେଷରେ ତୁମ ଆଦର୍ଶର ପର୍ଦ୍ଦାଫାସ କରିବା ଲୋଭରେ ପ୍ରତ୍ୟେକ ଆଲୋଚକ ତୁମ ବ୍ୟକ୍ତିଗତ ଜୀବନ ସମ୍ବନ୍ଧରେ ନିଶ୍ଚୟ

Digitized by srujanika@gmail.com

କିଛି ନା କିଛି କହିଥାନ୍ତେ । ତେଣିକି ଡରି ଯାଇ ତୁମେ ନମ୍ର ହୋଇ ପଡ଼ନ୍ତ । ଅବଶ୍ୟ ଏଥିରେ ତୁମର ପ୍ରଚାର ବି ହୋଇଥାନ୍ତା ।’

‘ମୁଁ ତୁମକୁ ଜଣାଇ ଦେବାକୁ ଚାହେଁ ଯେ, ଆମ ସାହିତ୍ୟିକ ଚେତନା ଆଜି ଅତି ବିକଶିତ । ଆମ ଆଲୋଚକଗଣ ଖୋଜି ଖୋଜି ଆତ୍ମ ପ୍ରଚାରକମାନଙ୍କର ହନନ କରୁଛନ୍ତି । ସ୍ୱୟଂ ତାଂଙ୍କୁ କେହି ଆତ୍ମପ୍ରଚାରକ ନ କହୁ– ସେହି ଆଶଙ୍କାରେ ସମସ୍ତେ ଛଦ୍ମନାମ ରଖିଛନ୍ତି । ସନ୍ଦେହର କେଉଁଠି ଆଭାସ ସୁଦ୍ଧା ମିଳିଲେ ଚାରିଆଡୁ ଆତ୍ମ-ପ୍ରଚାରବାଦୀକୁ ଘେରାଉ କରି ଦିଅନ୍ତି ।

‘ହେ ମୋର ସ୍ୱ-କୁଟୁମ୍ବୀ ଜର୍ଜ, ଭୂମିକା ଲେଖିବାକୁ ମନା କରି ତୁମେ ଭଲ କରିଛ । ନୋହିଲେ ଆମ ଦେଶର ଚିରନ୍ତନ-ବିନମ୍ରତାମାର୍କା ସଂସ୍କୃତି ତୁମ ଭୂମିକାର ଶୈଳୀକୁ ହଜମ କରି ପୂର୍ବବତ ମୁଣ୍ଡ ପୋତି ବସି ପଡ଼ନ୍ତା ।’

‘ମୁଁ ଜାଣେ, ଅନେକ ଭୂମିକାକାର ମିଳିଯିବେ ଏଠି । ଏମିତି ବି ଏବେ ତୁମେ ‘ଆଉଟ୍ ଡେଟେଡ୍’ । ଆମେରିକାର ଅର୍ବାଚୀନ ବଜାର ବ୍ୟବସ୍ଥାରେ ବିଜ୍ଞାପନ ଲିଖନ ମଧ୍ୟ ଏକ ମହାନ କଳା । ସେହି କଳାର ସେବକ ଆମର ଅଗଣିତ ବିଦ୍ୱାନଙ୍କୁ ତୁମେ ଗୋଟାଏ ନିଃଶ୍ୱାସରେ କ’ଣ ଉଡ଼େଇ ଦେଇ ପାରିବ ? ସେମାନଙ୍କ ମଧ୍ୟରୁ କାହାକୁ ଜଣକୁ ମୁଁ ଅନୁରୋଧ କରିବି । ତାଙ୍କ ଲେଖା ଭୂମିକା ପଢ଼ିଲେ ଜାଣିବ ତୁମ ସମ୍ପର୍କରେ କେତେ ଉଦାର ମନ୍ତବ୍ୟ ତାଙ୍କର । ତା’ହାତରେ ମୁଁ ତୁମର ପ୍ରଶଂସା କରାଇବି । ଫଳରେ ତୁମେ ଘନ ଘନ୍ ଲଜ୍ଜିତ ହେବ ।’

ସଂପୂର୍ଣ୍ଣ କଥାଭାଷା ଯେହେତୁ ସ୍ୱପ୍ନାବସ୍ଥାରେ ଚାଲିଥିଲା, ଏଇଠି ମତେ ତାକୁ ବନ୍ଦ କରିବାକୁ ପଡ଼ିବ । ଶ’ ମତେ ତୀକ୍ଷ୍ଣ ଦୃଷ୍ଟିରେ ଦେଖି ହସିବାକୁ ଲାଗିଲେ । ସ୍ୱପ୍ନବାଲା ଟେକ୍‌ନିକ୍‌ରେ ଲିଖିତ ଗଳ୍ପରେ ସାଧାରଣତଃ ନାୟକ ଶେଷରେ ଖଟରୁ ତଳକୁ ପଡ଼ିଯାଏ, ଅଥବା ପତ୍ନୀର ଡାକରେ ସ୍ୱପ୍ନଦ୍ରଷ୍ଟାର ନିଦ ଭାଙ୍ଗେ । ମାତ୍ର ମୋ କେସ୍‌ରେ ସେମିତି କିଛି ହେଲାନାହିଁ । ମୁଁ ଶୋଇ ରହିଲି ।

ଆଉ ଶ’ଙ୍କ ଚିନ୍ତାଧାରା ବୁଝିବା ପ୍ରଶ୍ନ ଯେତେବେଳେ ପଡ଼ିଛି, ମୁଁ କହିଦେବାକୁ ଚାହେଁ ଯେ, ମୋର ଅନ୍ୟ ବନ୍ଧୁମାନଙ୍କ ଭଳି ସେ କ୍ଷେତ୍ରରେ ଏବେ ବି ମୁଁ ଶୋଇଛି ।

❑

Digitized by srujanika@gmail.com

ଆଜି ଶୁଭଦିନ

ସକାଳେ ଗାଧୋଇ ସାରି ପିନ୍ଧିବା ପାଇଁ ଲଣ୍ଡ୍ରିରୁ ସଫା ହୋଇ ଆସିଥିବା କୁର୍ତ୍ତା ପାଇଜାମାକୁ ଖୋଲି ଦେଖିଲି, ସେଥିରେ ସବୁଯାକ ବଟନ୍ ଠିକ୍ ଅଛି । ଆଶ୍ଚର୍ଯ୍ୟ କଥା ! ରୁମ୍ କୋଣରେ ରଖା ହୋଇଥିବା କଳା ଜୋତା ଉପରେ ନଜର ପଡ଼ିଲା, ସେଥିରେ ଲାଲ ପଲିସ ଲଗା ହୋଇନି । ପୁରୁଣା ଅଭ୍ୟାସ ସତ୍ତ୍ୱେ ଚାକର ପିଲା କଳା ଜୋତାରେ କଳା ପାଲିସ ମାରିଛି । ମନେ ମନେ ଭାବିଲି ଜୀବନର ଆଜି ଏକ ଶୁଭଦିନ ।

କଲେଜ ଯିବାପାଇଁ ବସରେ ଚଢ଼ିଲି । ଟିକେଟ ପାଇଁ କଣ୍ଡକ୍ଟର ହାତକୁ ଟଙ୍କାଟିଏ ବଢ଼େଇବାରୁ ଟିକେଟ୍ ସାଙ୍ଗରେ ସେ ଖୁଚୁରା ପଇସା ବି ଫେରାଇ ଦେଲା । ଟିକେଟ୍ ପଛରେ ଦଶ ପଇସା ବାକୀ ବୋଲି ଲେଖିଲା ନାହିଁ । ବସରେ ମୋ ପାଖ ସିଟରେ କୌଣସି ମହିଳା ବସି ନ ଥିଲେ । ତେଣୁ ମତେ ଫିଲ୍ମ ରୋମାନ୍ସ କରିବାରୁ ତ୍ରାହି ମିଳିଲା । ବରଂ ତା' ସାଙ୍ଗକୁ ଗୋଡ଼ ହାତ ଲମ୍ବେଇ ବସିବାର ସୁଯୋଗ ମଧ୍ୟ ପାଇଲି । ଅସଲରେ ମୋତେ ଲାଗି ବସିଥିଲେ ଜଣେ ଭଦ୍ରଲୋକ । ନିବିଷ୍ଟ ଚିତ୍ତରେ ଓଲଟାଉ ଥିଲେ ସେ ଆଜିର ଖବର କାଗଜ । ଖବର କାଗଜରେ ମୁଁ ଆଖି ପହଁରାଇବାର ଅନୁମାନ କରି ସେ କାଗଜର ପ୍ରଥମ ପୃଷ୍ଠାକୁ ମୋ ଆଡ଼କୁ ବଢ଼େଇ ଦେଲେ । ମୁଖ୍ୟ ସମ୍ବାଦରେ ନା କୌଣସି ବିଦେଶୀ ସାହେବ ଭାରତର ଉନ୍ନତି ଓ ବିକାଶର ଭୁରି ଭୁରି ପ୍ରଶଂସା କରିଥିଲେ ନା ଦେଶୀ ପ୍ରଧାନମନ୍ତ୍ରୀଙ୍କ ଭାଷଣର ମୁଖ୍ୟ ଅଂଶ ଉଦ୍ଧୃତ ଥିଲା । ଏବେ ବିନା ବିରକ୍ତିରେ ଖୁସି ମନରେ ମୁଁ କାଗଜ ପଢ଼ିବାରେ ଲାଗିଲି ।

ବସ ଆଗେଇ ଚାଲିଥାଏ । ରେଲୱେ ଫାଟକର ଚୌକିଦାର ବସ ଆସୁଥିବା ଦେଖି ସୁଦ୍ଧା ଫାଟକ ବନ୍ଦ କଲା ନାହିଁ ଏବଂ ବସ ତଥା ଆମକୁ ଗେଟ ପାରିହେବାପାଇଁ ଅନୁମତି ଦେଲା । ବସ ମଧ୍ୟ ଫାଟକ ପୂର୍ବରୁ ନ ଅଟକି, କ୍ରସିଂ ପାର କରିଗଲା । ଜାଣି, ଏମିତି କ୍ରସିଂ ପାରିରେ ସେ ବେଶ୍ ଅଭ୍ୟସ୍ତ । କଲେଜ ଛକରେ ବସ୍ ରହିବା କ୍ଷଣି କାହାକୁ ଧକ୍କା ନ ଦେଇ ବା କାହାରିଠାରୁ ଧକ୍କା ନ ଖାଇ ମୁଁ ତଳକୁ ଓହ୍ଲାଇଲି । ସେଥିପାଇଁ କାହାରି ଉପରେ ମୋତେ ହାମୁଡ଼େଇ ହେବାକୁ ପଡ଼ିଲା ନାହିଁ କିମ୍ବା କାହାକୁ ବହୁତ ବହୁତ 'ଧନ୍ୟବାଦ' ଅଥବା 'ସରି' କହିବାକୁ ପଡ଼ିଲା ନାହିଁ ।

Digitized by srujanika@gmail.com

କଲେଜ ରାସ୍ତାରେ ଜଣେ ଚାଟ ବିକୁଥିଲା ସତ, ହେଲେ ମୋତେ ଦେଖି ସେ ଗରମା ଗରମ ଚାଟ୍, ଖାଇଲେ ଜାଣିବେ ମଜା ବୋଲି ପାଟି କଲା ନାହିଁ ।

କଲେଜରେ ଆଜି ଦିନଟା ଭାରି ଖୁସିରେ କଟିଲା । ଗୋଟାଏ ଶ୍ରେଣୀରେ ୟୁରୋପ ଭ୍ରମଣ ଶୀର୍ଷକ ଏକ ନିରାମିଷ ନିବଂଧ ପଢ଼େଇଲି । ଅନ୍ୟ ଏକ ଶ୍ରେଣୀରେ ସଦାଚାରର ମହନୀୟତା ଉପରେ ବ୍ୟାଖାନ ଦେଲି । ଆଜି କୌଣସି ପ୍ରେମମୂଳକ କବିତା ବା ରମ୍ୟୋକ୍ତିର କଦର୍ଥ କରିବାକୁ ପଡ଼ିଲା ନାହିଁ । ନିଜ ରୁମରେ ଘଣ୍ଟାଏ କାଳ ବସିଲି । କିନ୍ତୁ ଆଶ୍ଚର୍ଯ୍ୟର କଥା, ସେ ଭିତରେ ଜଣେ ବି ଛାତ୍ରୀ, ନିଜ ଭାବନାପ୍ରଧାନ ଗଳ୍ପ କିମ୍ବା କବିତାର ସଂଶୋଧନ ନିମନ୍ତେ ଜୁଟିଲେ ନାହିଁ । ତାଠୁ ବଡ଼ କଥା କେହି ତେଲିଆ ଛାତ୍ର ମଧ୍ୟ ମୋର କୌଣସି ବିଫଳ ସାହିତ୍ୟକୃତିର ପ୍ରଶଂସା ଉଦ୍ଦେଶ୍ୟରେ ସେଠି ପହଞ୍ଚିଲେ ନାହିଁ । କୌଣସି ଅଧ୍ୟାପକ ବନ୍ଧୁ ଆଜି ଛାତ୍ରଙ୍କ ଉପସ୍ଥିତିରେ ମୋତେ 'ତୁ, ତା' କଲେ ନାହିଁ । ଏସବୁ ବାଦେ ବଡ଼ ସୌଭାଗ୍ୟର କଥା ଯେ, ମୋର ଜଣେ ପ୍ରତିଦ୍ୱନ୍ଦୀ ଅଧ୍ୟାପକଙ୍କ ବିରୁଦ୍ଧରେ ବଡ଼ ପାଟିରେ ମୁର୍ଦ୍ଦାବାଦ ସ୍ଲୋଗାନ ଦିଆଯାଉଥିବାର ଶୁଣିଲି । ମୋର କୌଣସି ସକ୍ରିୟ ସହଯୋଗ ବିନା ଅଧ୍ୟକ୍ଷଙ୍କ ନାଁରେ କମନ ରୁମରେ କେତେପଦ ଅଶ୍ଳୀଳ ଗାଳି ମଧ୍ୟ ଶୁଣିବାକୁ ମିଳିଲା । ଆହା ! ସଂଧ୍ୟାରେ ଫେରିବାବେଳେ ଜଣେ ବନ୍ଧୁ ରାସ୍ତାରୁ ଚା' ପିଇବାପାଇଁ ଏକ ଦାମୀ ରେଷ୍ଟୁରାଣ୍ଟକୁ ଡାକି ନେଲେ । ହେଲେ ଶେଷ ପର୍ଯ୍ୟନ୍ତ ସେ ଚୁପ ରହିଲେ ଏବଂ କହିବାପାଇଁ ମୋତେ ସୁଯୋଗ ଦେଲେ । ରେଷ୍ଟୁରାଷ୍ଟରେ ଆଜି ଟିକିଏ ବି ଅଖାଡୁଆ ଲାଗିଲା ନାହିଁ । ଚା' ପରଷୁଥିବା ବେହେରାର ଚେହେରା ଭଦ୍ରବ୍ୟକ୍ତି ପରି ନ ଥିଲା । ଜଣେ ଖାନଦାନୀ ଚାକର ପରି ଶୁଖାରୁଖା ଦିଶୁଥିଲା ସେ । ଆମ ପାଖ ଟେବୁଲ ଖାଲି ଥିଲା । ସେଠି ନା ହଳେ ଉଦ୍ଧତ ଯୁବକ ବସିଥିଲେ; ନା ବେଶ ପରିପାଟୀ ହୋଇ କତିପୟ ଯୁବତୀ କଫି ପିଉଥିଲେ । ତେଣୁ ହୋଟେଲର ଅବହାଓ୍ୱାରେ ତାଚ୍ଛଲ୍ୟଭରା ବିଦ୍ରୁପ ନ ଥିଲା କି ହସର ମୃଦୁ ଗୁଂଜରଣ ଶୁଣାଯାଉ ନ ଥିଲା, କେହି ମୋତେ ସେଠି ଆଖି ମଟମଟ କରି ଅନେଇ ନଥିଲେ କି ମୋ ଚେହେରା ଉପରେ କଟୂ ମନ୍ତବ୍ୟର ଛୋଟ ଛୋଟ 'ମିଶାଇଲ' ଛାଡୁ ନ ଥିଲେ । ମୋଟ କଥା ହେଲା ରେଷ୍ଟୁରଣ୍ଟରେ ଭିଡ଼ ନ ଥିଲା । ଯାର ଅର୍ଥ ନୁହେଁ ଯେ ଆମ ବ୍ୟତୀତ ସେଠି ଆଉ କେହି ଗ୍ରାହକ ନ ଥିଲେ । ଥିଲେ କେତେ ଜଣ । ଫଳରେ କାଉଣ୍ଟରରେ ବସିଥିବା ମେନେଜରର ଚକ୍ଷୁଶୂଳ ହେବା ନିମନ୍ତେ କେବଳ ଆମେ ହିଁ ନ ଥିଲୁ । ଆମ ଉଠିବାର ଅଳ୍ପ ସମୟ ପୂର୍ବରୁ ଦୁଇ ଜଣ ଗମ୍ଭୀର ଭାବମୂର୍ତ୍ତି ସଂପନ୍ନ ବ୍ୟକ୍ତି ରେଷ୍ଟୁରାଣ୍ଟକୁ ପଶିଲେ ଏବଂ ଆମ ପାଖ ସିଟ୍‌ରେ ବସିଲେ । କଥାବାର୍ତ୍ତା ଛଳରେ ଯେତେବେଳେ ମୋ ମୁହଁରୁ 'ଏକ୍‌ଜିଷ୍ଟସିଆଲିଜମ୍' ଶବ୍ଦଟି ବାହାରି

Digitized by srujanika@gmail.com

ପଡ଼ିଲା, ଦୁହେଁ ଆଶ୍ଚର୍ଯ୍ୟ ହୋଇ କିଛି ବେଳ ମୋତେ ଭକୁଆ ଭଳି ଅନାଇ ରହିଲେ । ହୋଟେଲ ବାହାରେ ସାମନା ଆଡୁ ଜଣେ ପରିଚିତ ବୀମା କମ୍ପାନୀ ଏଜେଣ୍ଟ ଆସୁଥିବାର ଲକ୍ଷ୍ୟ କଲି । ମାତ୍ର ସୌଭାଗ୍ୟକୁ ସେ ମୋତେ ଦେଖି ପାରିଲେ ନାହିଁ । ତା'ପରେ ହଠାତ୍ ତିନିଜଣ ପରିଚିତ ବ୍ୟକ୍ତି ଦେଖା ହେଲେ । ସେମାନେ ମୋତେ ନମସ୍କାର ଜଣାଇଲେ । ବନ୍ଧୁଙ୍କର କୌଣସି ଚିହ୍ନାଜଣଙ୍କ ସହ ଦେଖା ହେଲା ନାହିଁ । ପରିଶେଷରେ ରିକ୍ସାରୁ ଓହ୍ଲାଇ ପଇସା ଦେବାପାଇଁ ମୁଁ ଯେତେବେଳେ ପକେଟ ଅଣ୍ଡାଳିଲି ପକେଟରୁ ପଚାଶ ଟଙ୍କିଆ ନୋଟ୍‌ଟିଏ ବାହାରିଲା । ହେଲେ ବନ୍ଧୁଙ୍କ ପକେଟରୁ ଦୁଇଟଙ୍କାର ନୋଟ ବାହାରିଲା । ଅଗତ୍ୟା ରିକ୍ସାବାଲାକୁ ପଇସା ତାଙ୍କୁ ଦେବାକୁ ପଡ଼ିଲା । ଘରେ ନିରର୍ଥକ ଭାବରେ କୌଣସି ବଲ ଜଳୁ ନଥାଏ କିମ୍ୱା ଗାଧୁଆ ଘର ଟେପରୁ ଅକାରଣରେ ପାଣି ପଡୁ ନ ଥାଏ । ନା କବାଟରେ କୌଣସି ଅତିଥିର ଦୁରାଗମନର ସଂକେତ ଥିଲା ନା ରୋଷେଇ ଘରେ କାଚ ଗ୍ଲାସ ଭାଙ୍ଗିବାର ଶବ୍ଦ ଶୁଣଯାଉଥିଲା । ରେଡ଼ିଓର କୌଣସି କବି ସମ୍ମେଳନର କାର୍ଯ୍ୟକ୍ରମ ନ ଥାଏ କି ମୋ ପଡ଼ୋଶୀ ଡାକିଡାକି ଯନ୍ତ୍ର ମାର୍ଫତରେ କୀର୍ତ୍ତନ କରୁ ନଥାନ୍ତି । ସବୁଠାରୁ ବଡ଼ ଖୁସିର କଥା ଆସନ୍ତାକାଲି ଥାଏ ରବିବାର । ମାତ୍ର ମୋର ସମସ୍ତ ଆଗ୍ରହୀ ଓ ଉତ୍ସାହୀ ବନ୍ଧୁ ସ୍ଥିର କରିଥାନ୍ତି ସହର ବାହାରେ ଯାଇ ପିକନିକ କରିବେ । ସେଥିନିମିତ୍ତ ସମସ୍ତ ପୂର୍ବ ପ୍ରସ୍ତୁତି ମଧ୍ୟ ସରିଯାଇଥିଲା ଏବଂ ସକାଳକୁ ପିକନିକ ବାତିଲ ହେବାର କୌଣସି ଆଶଂକା ନ ଥିଲା । ସତ କହିବାକୁ ଗଲେ ଏମିତି ଏକ ଶୁଭଦିନ ପୁଣି ଜୀବନରେ ଆଉଦିନେ ଆସିବ –ଏ ଆଶା ମୋର କେବେ ନ ଥିଲା ।

❑

Digitized by srujanika@gmail.com

ନାଗଛୁଆ

ଯୋଗୀବାବୁ ଅଫିସରୁ ଆଜି ସାମାନ୍ୟ ଶୀଘ୍ର ଫେରି ଆସିଥିଲେ । ପତ୍ନୀ ଆଶ୍ଚର୍ଯ୍ୟ ହେଲେ । ତାଙ୍କୁ ଅସୁବିଧା ବି ହେଲା । ନିୟମିତ ଯୋଜନା ଅନୁଯାୟୀ ତାଙ୍କର ବଜାର ଯିବାର ଥିଲା । ପଡ଼ୋଶିନୀ ମିସେସ୍ ..... ବାହାରେ ଅପେକ୍ଷା କରିଥିଲେ ।

'ମୋ ଯୋଗୁଁ ପ୍ରୋଗ୍ରାମ୍‌ ଖରାପ କରନା । ଏମିତିରେ ବି ମୁଁ ଏଇନେ ଚାଲିଯିବି । ରହିବିନି । ବାଲିଗା ବାବୁଙ୍କୁ ଭେଟିବାର ଅଛି ।' ଯୋଗୀବାବୁ କହିଲେ ।

'ବାଲିଗା ବାବୁଙ୍କୁ ? କାହିଁକି ?' ପତ୍ନୀ ଦରଜା ଖୋଲି ସାରି ଯାଉଁ ଯାଉଁ ରହିଗଲେ । ତେଣିକି ଲଥ କରି ସୋଫାରେ ବସିଗଲେ । ଭାଗ୍ୟ ଭଲ ତଳେ ପଡ଼ି ନାହାନ୍ତି । ତାଙ୍କ ବସିବାରୁ ଲାଗୁଥାଏ, ଆଉ ସେ କସ୍ମିନ୍ କାଳେ ଉଠିବେନି । ପତିଙ୍କ ସହ ଖୋଲିତାଡ଼ି ସବୁ ଆଲୋଚନା କରିବେ ।.

ଯୋଗୀବାବୁ ବିଷାଦବଶତଃ ଓଠ ଚାଟିଲେ, କାନ୍ଧକୁ ଟେକିଲେ ; ପାଟିରୁ କିଛି ବାହାରୁ ନ ଥାଏ ।

'ଡଃ ରମେଶ ପୁଣି ନୂଆ ଚାଲ କିଛି ଚାଲିଲେ କି ?'

'ନା ମ, ସେହି ପୁରୁଣା ଚାଲ । ତାକୁ ହିଁ ଖୋଳୁଛି, ତାଡୁଛି ।'

କିଛି ବେଳ ପତି-ପତ୍ନୀ ଗୁମସୁମ ହୋଇ ବସିଲେ । ତେଣିକି ସୋଫା କଡ଼ରେ ପଡ଼ିଥିବା ଛୋଟିଆ ଟେବୁଲରେ ବିଦ୍ୟମାନ କଲିଂବେଲକୁ ପତ୍ନୀ ଚାପିଲେ । ଘର ଭିତରେ ବେଲ ବାଜିଲା । ତାକୁ ଶୁଣି ଜଣେ କେହି ଡାଇନିଂ ପାରି ହୋଇ ଯଥୋଚିତ ସମ୍ମାନ ସହକାରେ ତାଙ୍କ ପାଖରେ ଆସି ପହଞ୍ଚିଲା । ବାବୁଙ୍କ ପାଇଁ ଚା'ର ଅର୍ଡ଼ର ନେଇ ବ୍ୟକ୍ତିଜଣକ ଆସିଥିବା ରାସ୍ତାରେ ନିୟମ ମୁତାବକ ପ୍ରତ୍ୟାବର୍ତ୍ତନ କଲା ।

'ତୁମେ ତ କହୁଥିଲ ମାମଲାରେ ପୂର୍ଣ୍ଣାହୁତି ପଡ଼ି ସାରିଲାଣି ।'

ଯୋଗୀବାବୁ ଭାଗ୍ୟକୁ ଦୋଷଦେଇ ବାଁ କାନ୍ଧରେ ମୁଣ୍ଡ ଲଦିଲେ । କହିଲେ, 'ଚା' ଥାଉ । କୋଡ଼ିଏ ମିନିଟରେ ମତେ ବାଲିଗା ଘରେ ପହଞ୍ଚିବାକୁ ହେବ । ସେ ଅପେକ୍ଷା କରିଥିବ ।'

Digitized by srujanika@gmail.com

ବାଲିଗା ବାବୁ ହେଲେ ହାଇକୋର୍ଟ ଯାକେ ଯାଉଁ ଯାଉଁ ବାଟରେ ଅଟକି ଯାଇଥିବା ଜଣେ ଜଜ । ଆଜିକାଲି ଅବସର ନେଲେଣି । ଅତୀତରେ ରାଜ୍ୟ ସରକାରଙ୍କ ଆଇନ ପରାମର୍ଶଦାତା ଏବଂ ଆଇନ ସଚିବ ପଦବୀରେ ରହି ସାରିଛନ୍ତି ସେ । ସରକାରୀ ଅଧିକାରୀଙ୍କ ବିରୋଧରେ ନିଆଯାଉଥିବା ପ୍ରଶାସନିକ ଏବଂ ନ୍ୟାୟିକ ପଦକ୍ଷେପ ସଂପର୍କୀୟ ମାମଲାର ବିଶେଷଜ୍ଞ ଭାବରେ ତାଙ୍କର ଭାରି ନାଁ । ଅଯଥା ଦୁର୍ନୀତି ଆଦି ମାମଲାରେ ପଡ଼ି ହଇରାଣ ହରକତ ହେଉଥିବା ପଦାଧିକାରୀମାନେ ପରାମର୍ଶପାଇଁ ଦୂରଦୂରାନ୍ତରରୁ ତାଙ୍କ ପାଖକୁ ହିଁ ଆସନ୍ତି । ରାଜଧାନୀର ପ୍ରାୟ ସବୁ ଧନାଢ଼୍ୟ ପଦାଧିକାରୀଙ୍କ ନିମନ୍ତେ ବାଲିଗାବାବୁ ହେଲେ ବଡ଼ ରକ୍ଷାକବଚ । ପ୍ରତିବଦଳରେ ମୋଟା ଅଙ୍କର ଫିସ ମିଳେ । ବିଭିନ୍ନ ଆଇନଗତ ଓ ବେ-ଆଇନଗତ ବିକଳ୍ପ ଖୋଜି ସେ ମୁକ୍ତିର ବାଟ ଦେଖାନ୍ତି । ବାଲିଗା ସହ ପରାମର୍ଶ କଲାପରେ ଅଧିକାରୀ ଜାଣି ପାରନ୍ତି ଯେ, ମୁକ୍ତିର ବାଟ କେବଳ ଗୋଟାଏ କାହିଁକି ଅସଂଖ୍ୟ ।

'ନା ନା, ଚା' ପିଇ ଯାଅ । ଟିକେ ଖୋଲି କହୁନ, କଥା କ'ଣ ?'

'ଗତଥର ଯାହା ଘଟିଥିଲା, ତା'ର ପୁନରାବୃତ୍ତି ବୋଲି ଜାଣ । କିନ୍ତୁ ସେତେବେଳେ ଆମ କନକର ମାମୁଁ ଥିଲେ ଭିଜିଲାନ୍ସର ନିର୍ଦ୍ଦେଶକ । ଏଥର ତାଙ୍କ ଯାଗାରେ ଗୋଟାଏ ବଡ଼ ହାରାମି ଆସି ଜୁଟିଛି । ଦିନ ଥିଲା, ତୁମ ରନ୍ଧା କୋବି ତରକାରୀକୁ କୁକୁଡ଼ାମାଂସ ଠାରୁ ବି ସୁସ୍ୱାଦୁକର ମନେକରି ସେ ହାତ ଚାଟୁଥିଲା । ଆଜି ? ଶଳାର ଆଖିରେ ଭୁଲଟା ତ ନୁହେଁ, ପୁଂଜାଏ ଘୁଷୁରୀର ବାଳ ଶୋଭା ପାଉଛି ।'

ତଥାପି ପତ୍ନୀ ବିଶେଷ ବିଚଳତ ଜଣା ପଡ଼ିଲେନି । ବ୍ୟକ୍ତିର ଶାରୀରିକ ଗଠନ ଅପେକ୍ଷା ଘଟଣାଟିକୁ ନେଇ ବିଶେଷ ତଥ୍ୟ ଜାଣିବାରେ ଏବେ ତାଙ୍କର ଅଧିକ ଆଗ୍ରହ ରହିଥିଲା । ମନ୍ତବ୍ୟ ଦେଲେ, 'ତୁମେ ପରା କହୁଥିଲ, ଅଭିଯୋଗ ତଳି ପଡ଼ିଗଲାଣି ।'

ସେ ତ ପୁରୁଣା କଥା । ଏଥର ଜଣେ ଏମ.ଏଲ.ଏକୁ ଧରି ସିଧା ମୁଖ୍ୟମନ୍ତ୍ରୀ ଅଫିସରୁ ଅର୍ଡ଼ର କରେଇ ଆଣିଛି । ମାମଲା ଭିଜିଲାନ୍ସର ହାତକୁ ଗଲାଣି । ଜଣେ କେହି ଡି.ଏସ୍.ପି. କାଲି ତଦନ୍ତ କରିବାପାଇଁ ଆସିବ । ମୁଁ କହିଲି, 'ଘରକୁ ଆସ । ଅଫିସରେ ପଚରା ଉଚରା କଲେ ଅଯଥା ସମସ୍ୟା ବଢ଼ିବ ।'

ଚା' ପହଞ୍ଚି ସାରିଥାଏ । ଚା' ଶରୀରର ପ୍ରତି ଧମନୀରେ ଫୁର୍ତ୍ତି ଆଣେ, ପ୍ରାଣରେ ନୂଆ ଆଶାର ସଂଚାର କରେ । ଏହି ଉକ୍ତିର ପ୍ରାମାଣିକତା ସିଦ୍ଧ କରିବା ଭଙ୍ଗୀରେ ପତ୍ନୀ ପିଆଲାରେ ଚା' ଢାଳିଲେ । କହିଲେ, 'ଅଯଥା ଚିନ୍ତା କରନା । ଚାରିଆଡୁ ଆଶାଭରସାର ଖିଆ ତୁଟିଗଲେ, ଶେଷକୁ ଭଗବାନ ହିଁ ସଙ୍କଟ ମୋଚନ କରନ୍ତି । କେବଳ ତାଙ୍କ ଉପରେ ଭରସା ରଖ ।'

Digitized by srujanika@gmail.com

ତା'ର ପ୍ରଥମ ଢୋକରେ ବିଷାଦର କଳାଧୂଆଁ କ୍ରମଶଃ ପରିଚ୍ଛନ୍ନ ହେବାକୁ ଲାଗିଲା । ଯୋଗୀବାବୁ ବାହୁ ପ୍ରସାରଣ କରି ଧୀରେ ଧୀରେ ପତ୍ନୀଙ୍କ କାନ୍ଧକୁ ଧଇଲେ । କହିଲେ, 'ନିଶ୍ଚୟ ନିଶ୍ଚୟ । ଭଗବାନଙ୍କ ଉପରେ ତ ଭରସା ରହିଛି, ସାଙ୍ଗରେ ତୁମଠାରେ ବି କମ ଭରସା ନାହିଁ ।'

ପତିଙ୍କ ସ୍ପର୍ଶ ସତ୍ତ୍ୱେ ପତ୍ନୀ ମୃଦୁ ହସ ହସିଲେନି । ଭଗବାନଙ୍କ ଭୂମିକା ବାଲା 'ସ୍ୱପ୍ନ' ଏ ଯାଏଁ ପୂରା ହେଇ ନ ଥାଏ । 'ପଣ୍ଡିତଙ୍କୁ ଡକେଇବି । କାଲିଠାରୁ 'ବିଘ୍ନ ବିନାଶିକା ଜପ' ଆରମ୍ଭ କରିବାକୁ ହେବ ।'

ପ୍ରତିକ୍ରିୟା ସ୍ୱରୂପ ପାଖ ରୁମରେ ପପ ସଙ୍ଗୀତର କୌଣସି ଚାଲୁମାର୍କା ଦେଶୀ କେସେଟ ବାଜିଲା । ଖୁବ୍ ଯୋର ଯୋରରେ । ଶ୍ରୋତା ତାଙ୍କ ଅଠର ବର୍ଷ ବୟସ୍କା ସ୍ୱାସ୍ଥ୍ୟବତୀ କନ୍ୟାରତ୍ନ । ସୋଫାରୁ ହିଁ ସେ ଡାକ ଛାଡ଼ିଲେ । ଡାକରେ ତୀବ୍ରତା ଥିଲା, ସାଙ୍ଗରେ ପିତୃସୁଲଭ ଅନୁରାଗ ବି ରହିଥିଲା । 'ଏତିକିରେ ତାକୁ କ'ଣ ଶୁଣାଯିବ ?' ପତ୍ନୀ ମନ୍ତବ୍ୟ ଦେଲେ ଏବଂ ଝିଅ ରୁମ ଆଡ଼େ ଯିବାକୁ ଉଠିଲେ । ମାତ୍ର ଟେଲିଫୋନର ଘଣ୍ଟି ବାଜିବାରୁ ବାଟରେ ଅଟକିଗଲେ । ରିସିଭର ନେଇ କିଛି ଶୁଣିବା ପରେ ପତିଙ୍କ ହାତକୁ ରିସିଭର ବଢ଼େଇ ଦେଇ କହିଲେ, 'ବାଲିଗା ବାବୁଙ୍କ ଫୋନ ।' ଝିଅକୁ 'ବାପା ଅଫିସରୁ ଆସିଲେ । ଟେପର ଭଲ୍ୟୁମ ଟିକେ କମ କର' କହି ସେ ପୁଣି ପତିଙ୍କ ପାଖକୁ ଫେରିଲେ । ଯୋଗୀବାବୁ କହିଲେ, 'ଆଜି ଆଉ ଯିବାକୁ ପଡ଼ିବନି । ବାଲିଗା କାଲି ଆସିବାକୁ କହୁଛି ।'

'କାଲି ପରା ଡି.ଏସ.ପି.ର ଆସିବାର ଥିଲା ?'

'ସେ କାଲି ଆଉ ଆସିବନି । ପାଞ୍ଚଦିନ ପରେ ଆସିବ । ବାଲିଗା ସାଙ୍ଗରେ ତା'ର କଥାବାର୍ତ୍ତା ହେଇ ଯାଇଛି ।'

ପତ୍ନୀ ଭଗବାନଙ୍କ ପ୍ରତି କୃତଜ୍ଞତା ଜଣାଇବା ଉଦ୍ଦେଶ୍ୟରେ ଦୁଇ ହାତକୁ ମୁଣ୍ଡଯାଏଁ ନେବାର ଉପକ୍ରମ କରୁଥିଲେ । ଠିକ୍ ଏତିକିବେଳକୁ ଝଡ଼ ବେଗରେ ଝିଅ ଆସି ଡ୍ରଇଁ ରୁମରେ ପହଞ୍ଚିଲା ।

'ପାପା, ତୁମେମାନେ ଏଠି କ'ଣ କରୁଛ ? ବାହାରକୁ ଯାଇ ଦେଖ । କି ସୁନ୍ଦର ଶୀତଳ ପବନ । ମେଘ .... ।'

ଭଗବାନଙ୍କ ଆଶୀର୍ବାଦରୁ ଅଚାନକ ପାଗ ବଦଳି ଯାଇଥାଏ ।

Digitized by srujanika@gmail.com

ଶ୍ରାବଣର ଗତ ଦଶଦିନ ଯାକ ପ୍ରବଳ ଗରମ । ପାଗ ଚିପ୍‌ଚିପା ରହୁଥିଲା । ସେଦିନ ସଂଧ୍ୟାରେ ହଠାତ ପଶ୍ଚିମାବାୟୁ ପ୍ରବାହିତ ହେଲା । ଦେଖୁ ଦେଖୁ ଆକାଶରେ ମେଘ ଉପରେ ମେଘ ଲଦି ହେଲେ । ପାଗର ଏ ଦିଲଦାରିଆ ପରିବର୍ତ୍ତନ ଯୋଗୁଁ ଭିଜିଲେନ୍ସର ଦୁଷ୍ଚିନ୍ତା ନିମ୍ନଗାମୀ ହେଲା, ନା ଦୁଷ୍ଚିନ୍ତା ନିମ୍ନଗାମୀ ହେବାଯୋଗୁଁ ପାଗରେ ପରିବର୍ତ୍ତନ ଆସିଲା – ତାହା ସ୍ପଷ୍ଟଭାବେ ଜଣା ପଡୁ ନ ଥାଏ । ସେ ଯାହା ହେଉ ଝିଅର ଉତ୍ସାହରେ ପତି-ପତ୍ନୀ ସମ୍ମିଳିତ ହେଲେ । ଝିଅକୁ ସାଙ୍ଗରେ ନେଇ ମୋଟରରେ ଘେରାଏ ବୁଲି ଅସିବାକୁ ସେମାନେ ନିଷ୍ପତ୍ତି ନେଲେ । ବୁଲିବା ଭିତରେ ରାସ୍ତାକଡ଼ର ଏକ ନିର୍ଦ୍ଦିଷ୍ଟ ଢାବାରୁ କଫି ଓ ସେଠାକାର ପ୍ରସିଦ୍ଧ 'ପେଷ୍ଟ୍ରି' ମଗେଇ ଖାଇବା ସାମିଲ ଥିଲା ।

ଯୋଗୀବାବୁ ଅର୍ଥାତ୍ ସରକାରୀ ସୂଚୀରେ ନାଁ ହେଲା ଡଃ ଯୋଗେଶ ଚନ୍ଦ୍ର ଗୁପ୍ତ । ସ୍ୱାସ୍ଥ୍ୟ ବିଭାଗର ଉଚ୍ଚାଧିକାରୀ । ସଂପ୍ରତି, ତାଙ୍କ ବିଭାଗୀୟ ଦାୟିତ୍ୱ ହେଲା, 'ଔଷଧ କ୍ରୟ ପ୍ରଖଣ୍ଡର ନିର୍ଦ୍ଦେଶକ ଭାବରେ ସମସ୍ତ ସରକାରୀ ଚିକିତ୍ସାଳୟ ସକାଶେ ଔଷଧ କିଣିବା । ପ୍ରଖଣ୍ଡର କାମ ହେଲା, ରାଜ୍ୟର ମୋଟ ଚାରି-ପାଞ୍ଚ ଶହ କୋଟି ଟଙ୍କାର କାରବାର କରିବା । ଔଷଧ କିଣାରେ ଦୁର୍ନୀତି ନିବାରଣ ସକାଶେ ବିଭିନ୍ନ କମିଟିସବୁ ଗଠିତ ହୋଇଛି । 'ସ୍ଥାନୀୟ ସମିତି, 'କ୍ଷେତ୍ରୀୟ ସମିତି', 'ଉଚ୍ଚସ୍ତରୀୟ ସମିତି' ଏବଂ ସର୍ବୋପରି 'ସର୍ବାଧିକାର ପ୍ରାପ୍ତ ସମିତି' । କିଛି କ'ଣ ଗୋଳମାଳ ହେଲେ ପ୍ରତ୍ୟେକ ସମିତି ନିଜ ତଳର ସମିତିଠାରୁ କୈଫୟତ ତଲବ କରନ୍ତି, କାରଣ ସମସ୍ତଙ୍କର ବିଶ୍ୱାସ ଯେ, ସମିତିମାନେ ଭ୍ରଷ୍ଟ ମାତ୍ର ସମିତିର ସଭ୍ୟମାନେ ଶୁଦ୍ଧ ନିର୍ମଳ । ଏହି କାରଣରୁ ସଭ୍ୟମାନେ ସମିତିକୁ ବିଚ ରାସ୍ତାରେ ଛାଡ଼ି ଦେଇ ସ୍ୱୟଂ ଅଜଣା-ଅଶୁଣା ହୋଇ ରହିବାକୁ ଉଚିତ ମଣନ୍ତି । ଅନ୍ୟ ପକ୍ଷରେ ସଭ୍ୟ ଯେତେ ଅର୍ନ୍ତଧ୍ୟାନ ହୁଅନ୍ତି, ଔଷଧ କମ୍ପାନୀ ତାଙ୍କ ମନ ଜିଣିବାପାଇଁ ସେତେ ଅଧିକ ପ୍ରଚେଷ୍ଟା କରନ୍ତି । ଏହି ପରିପ୍ରେକ୍ଷୀରେ ଉଚ୍ଚତମ ସମିତିର ସଦସ୍ୟ ସଚ୍ଚିବ ଭାବରେ ଯୋଗୀବାବୁ ଗତ ଚାରିବର୍ଷ ହେଲା ସର୍ବାପେକ୍ଷା ଅଧିକ ଅର୍ନ୍ତଧାନ ରହିଥିଲେ, ଅଜଣା-ଅଶୁଣା ହୋଇ କାଳାତିପାତ କରୁଥିଲେ ।

ଔଷଧ କିଣା ପ୍ରକ୍ରିୟା ନିଶ୍ଚିତ ରୂପେ ଭାରି ଜଟିଳ । ତା'ର ପ୍ରତିଟି ପଦକ୍ଷେପ ଲିଖିତ ନିୟମାବଳୀ ଅନୁଯାୟୀ ଚାଲେ । ପୁରା ପ୍ରକ୍ରିୟାରେ ଅବଶ୍ୟ ଏକ ଅଲିଖିତ ନିୟମ ବି ରହିଥିଲା । ନିୟମଟି ଖୁବ୍ ସରଳ । ଏହି ନିୟମାନୁଯାୟୀ ପ୍ରତିବର୍ଷ ଟେଣ୍ଡର ଖୋଲାଯିବା ପରେ ଏବଂ ସମିତିରେ ପାସ ହେବା ଆଗରୁ, ଟେଣ୍ଡର୍ ପ୍ରାପ୍ତ ଔଷଧ କମ୍ପାନୀର ପ୍ରତିନିଧି ଯୋଗୀବାବୁଙ୍କୁ ଭେଟିବାକୁ ଆସେ ଏବଂ ଯିବାବେଳେ କହି ଦେଇଥାଏ ଯେ, ଟେବୁଲ ଉପରେ ଛାଡ଼ିଯାଇ ଥିବା ଚାବିପେଣ୍ଟା ଏବଂ ସୁନ୍ଦର ଖାମରେ ଭର୍ତ୍ତି କାଗଜପତ୍ର ହେଲା

Digitized by srujanika@gmail.com

ତଳେ ପାର୍କ କରା ହେଇଥିବା ଯୋଗୀବାବୁଙ୍କ ନୂଆଁ କାରର । ତା'ର ନମ୍ବର ହେଲା ..... । ଏହି ବାର୍ଷିକୀ ନିୟମ ଅନୁସାରେ ଯୋଗୀବାବୁ ତାଙ୍କର ବଡ଼ ଭ୍ରାଇଁକୁ ମାରୁତିଟିଏ, ସାନକୁ ଫିଏଟ ଏବଂ ଇଂଜିନିଅର ପୁଅକୁ ଆଉ ଏକ ଫିଏଟ୍ ଉପହାର ସୂତ୍ରରେ ଦେଇ ସାରିଲେଣି । ଏ ବର୍ଷ ଅର୍ଥାତ୍ ଚତୁର୍ଥ ବର୍ଷରେ ପ୍ରାପ୍ତ କାରଟି ହେଲା ସ୍ୱୟଂ ତାଙ୍କର । ଖାସ୍ ଅଧିକାରୀମାର୍କା ଏମ୍ବାସେଡର ।

ଏଥରର ଅସୁବିଧା ହେଲା ଯେ ମୋଟର କମ୍ପାନୀ ମାରୁତି-୧୦୦୦ ନାମରେ ଏକ ବଡ଼ ଏବଂ ବଢ଼ିଆ ମଡେଲର କାର ବଜାରକୁ ଛାଡ଼ିଲେ । ବଜାରରେ ଉପଲବ୍ଧ ବାକୀ ସମସ୍ତ କାର ଅପେକ୍ଷା ଏହା ଅଧିକ ବିଳାସପୂର୍ଣ୍ଣ ଏବଂ ମହଙ୍ଗା ମଧ୍ୟ । ଦ୍ୱିତୀୟ ଅସୁବିଧା ହେଲା ଯେ, 'ସର୍ବାଧିକାର ପ୍ରାପ୍ତ ସମିତି'ର ଅଧ୍ୟକ୍ଷ ଡଃ ରମେଶ ଖୁବ ପସନ୍ଦ କରିଥିଲେ ନୂଆ ମଡେଲର ଏହି କାରଟିକୁ । ସଂଯୋଗବଶତଃ ଅନ୍ୟ ଏକ ଔଷଧ ପ୍ରତିନିଧି ଉକ୍ତ କାର୍‌ଟିର ଚାବି ଓ କାଗଜପତ୍ର ଡଃ ରମେଶଙ୍କ ଟେବୁଲରେ ଛାଡ଼ି ଆସିଲେ ।

ସେ ଯାହାହେଉ, ଆଜି ପାଗ ଖୁବ୍ ଲୋଭନୀୟ ଏବଂ ଅଫିସର ସମସ୍ୟାଟିକୁ ଭୁଲି ଯାଇ ଯୋଗୀବାବୁ ପତ୍ନୀ ଓ କନ୍ୟାକୁ ଧରି କାରରେ ପରିଭ୍ରମଣ କରୁଥିଲେ । ଡଃ ରମେଶ ଜଣେ ଅସଲି ଡାକ୍ତର ନୁହଁନ୍ତି, ବରଂ ସଂସ୍କୃତରେ ପି.ଏଚ୍.ଡି.ବାଲା ଡକ୍ଟର । ଏହି ଘୃଣ୍ୟ ତଥ୍ୟଟିକୁ ସୁଦ୍ଧା ସେ ମନରୁ ବିଲକୁଲ ପୋଛି ଦେଇଥାନ୍ତି । ତାଙ୍କର ଏହି ବେ-ଫିକର ମନୋଭାବ ପଛରେ ଉଦ୍ଦେଶ୍ୟ ଥାଏ, ପତ୍ନୀ ଜାଣନ୍ତୁ, ତାଙ୍କ ପତିଦେବ କେତେ ଧୀର ସ୍ୱଭାବର । ଭିଜିଲାନ୍ସର ତରବାରୀ ମୁଣ୍ଡ ଉପରେ ଝୁଲୁଥିବା ସତ୍ତ୍ୱେ ସେ ବିଚଳିତ ନୁହନ୍ତି । ଝିଅ ସହ ଖୁସୀ ଗପ କରି କରି ଯୋଗୀବାବୁ ସାବଧାନତାର୍ ସହ ଅଫିସ ଫେରନ୍ତା ଭିଡ଼କୁ ଅତିକ୍ରମଣ କରୁଥାନ୍ତି । ଗାଡ଼ି ରାସ୍ତା ଉପରେ ଚାଲିଥାଏ ।

ଝିଅ ବରାବର କିଛି ନା କିଛି କହୁଥାଏ । ପତ୍ନୀ ଭାରି ଖୁସି ଯେ, ଏମିତି ସୁନ୍ଦରୀ ଓ ଆଧୁନିକା କନ୍ୟା ତାଙ୍କ ବଡ଼ ଜାଆ ଅଥବା ଦିଅର ଘରେ ଜନ୍ମ ହୋଇ ନାହାନ୍ତି । ଗାଡ଼ି ସହରର ଭିଡ଼ ପାରିହୋଇ ଖୋଲା ରାସ୍ତାରେ ଯାଇ ପହଞ୍ଚିଲା । ଏଠି ଅନ୍ତରୀକ୍ଷର ମରୁତ ଏବଂ ଆକାଶର ମେଘ ଯେତେ ରମଣୀୟ, ତତୋଽଧିକ ଅସହନୀୟ ପ୍ରତୀତ ହେଲା ରାସ୍ତାକଡ଼ର ପୂତିଗନ୍ଧମୟ ଆବର୍ଜନା । ଅର୍ଥାତ୍ ଚାରିଆଡ଼େ ଖାଲି ଅଳିଆ ଆଉ ଆବର୍ଜନା । ରାସ୍ତାର ଦୁଇକଡ଼େ ଖାଲ ଜମି ଦେଖି ସହରର ଆବର୍ଜନା ସବୁ ଟ୍ରକରେ ବୋହିଆଣି ପୁରେଇ ଦିଆଯାଇଛି । ଯୋଜନା ଅନୁଯାୟୀ, ଭବିଷ୍ୟତରେ ମାଟି ସମତଳ ହେବ, ରାସ୍ତା ପ୍ରଶସ୍ତ ହେବ । ମାତ୍ର 'ଭବିଷ୍ୟତ'ର 'ବର୍ତ୍ତମାନ' ହେଲା ଯେ ରାସ୍ତା ଦୁଇକଡ଼

Digitized by srujanika@gmail.com

ଯାକ ଆବର୍ଜନାମୟ । ପଶ୍ଚିମା ପବନର ଆଘାତରେ ତାର ଗରମ ଓ ବିଷାକ୍ତ ଗନ୍ଧ ସର୍ବବ୍ୟାପୀ କହିଲେ ଭୁଲ ହେବ ନାହିଁ । ଝିଅର ଉପସ୍ଥିତିକୁ ସଂପୂର୍ଣ୍ଣରୂପେ ଭୁଲିଯାଇ ପତ୍ନୀଙ୍କ ପାଟିରୁ ହଠାତ୍ ବାହାରି ପଡ଼ିଲା, 'ଗାଡ଼ି କଥା ପୁଣି କ'ଣ କରିବ ?'

ଦୁର୍ଗନ୍ଧର ଆୟତକ୍ଷେତ୍ରକୁ ଶୀଘ୍ରତିଶୀଘ୍ର ପାରିହେବା ଉଦ୍ଦେଶ୍ୟରେ ଯୋଗୀବାବୁ ଗାଡ଼ିର ସ୍ପିଡ୍ ବଢ଼େଇ ଦେଇଥାନ୍ତି । ଦୃଷ୍ଟି ରାସ୍ତା ଉପରେ ରହିଥାଏ । ସାମାନ୍ୟ ରହି ରହି ଉତ୍ତର ଦେଲେ, 'ଯିଏ ଦୀର୍ଘ ପନ୍ଦର ବର୍ଷ ଧରି ସରକାରୀ ଡାକ୍ତରଖାନାରେ ମୁଖ୍ୟ ସର୍ଜନ ରହିଛି, ଘରୋଇ ଚିକିତ୍ସା କରି ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରିଛି, ତାକୁ ପୁଣି ଏ ଶଙ୍କେ....'

ବାପାଙ୍କ ଭାଷାରେ ଗାଉଁଲି ଶବ୍ଦର ଏ ଧରଣର ବ୍ୟବହାରକୁ ଝିଅ ତୀବ୍ର ବିରୋଧ କଲା । ତଥାପି ଯୋଗୀବାବୁ କହି ଚାଲିଥାନ୍ତି, 'ତାକୁ ମଧ.... ଅର୍ଥାତ୍ ସେ ବି .... ମାନେ ତାର ବି କ'ଣ ଗାଡ଼ିଟିଏ କିଣିବାର ସାମର୍ଥ୍ୟ ନାହିଁ ?'

ତାଙ୍କ କଥାରୁ ମନେ ହେଲା, ଏହି ଯୁକ୍ତି ସେ ଭିଜିଲାନ୍ସ ଆଗରେ ଥୋଇ ପାରିବେନି । ସେମାନେ ଓଲଟି ପଚାରିବେ, 'ଘରୋଇ ଚିକିତ୍ସାରେ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରିବାର ପ୍ରମାଣ କ'ଣ ? କେତେ ଟଙ୍କା ଦେଇଛ ଆୟକର ବାବଦରେ ?'

କାରର ପ୍ରେକ୍ଷାପଟ ଦର୍ଶନୀ ବାଲା ଦର୍ପଣରେ ସେ ନିଜ ମୁହଁକୁ ଚାହିଁଲେ । ଆଉ ଆଗଭଳି ତାହା ଖୁସ ଦେଖା ଯାଉନି ।

ତଥାପି, ସବୁଯାକ ଦୁର୍ଗନ୍ଧ ଯାହା ହେଉ ପଛରେ ରହିଗଲା । ଆଗକୁ ଖାଲି ସିଧା ଚକଚକିଆ ପ୍ରଶସ୍ତ ରାଜରାସ୍ତା । ଦୁଇକଡ଼େ ଲତାଗୁଳ୍ମ, ବଡ଼ ବଡ଼ ଦୁବଘାସର ଦ୍ୱୀପପୁଂଜ, ପରିତ୍ୟକ୍ତ ମିଲିଟେରୀ ବେରେକ, ଶାଳ ଓ ଚାକୁଣ୍ଡା ଗଛର କାହିଁ କେଉଁଠି ନବଜାତ ଜଙ୍ଗଲ । ଆଜିର କାରଯାତ୍ରା ଏବଂ ଅର୍ନ୍ତଯାତ୍ରା ମଧ୍ୟରେ ଆଶ୍ଚର୍ଯ୍ୟ ରକମର ସାମଂଜସ୍ୟ ଖୋଜି ପାଉଥିଲେ ସେ । ଗୋଟାଏ ଆଡ଼େ, ଝିଅ ମନର ଉତ୍‌ଫୁଲ୍ଲ ଭାବ ସହ ତାଳ ଦେଇ ସିଧାସଳଖ ରାସ୍ତାରେ ମନପ୍ରାଣ ତାଙ୍କର ମୃଦୁଶୀତଳ ସମୀରଣର ଆଗକୁ ଆଗକୁ ମାଡ଼ି ଚାଲିଛି । ଅନ୍ୟ ପକ୍ଷରେ ସେହି ମନ ପୁଣି ଭୀଷଣ ଭାବରେ ଶଙ୍କାଗ୍ରସ୍ତ । ଗୋଟାଏ ଆଡ଼େ ରାସ୍ତାର ଦୁଇ ପାର୍ଶ୍ୱରେ ବିରାଜମାନ ସୌମ୍ୟ ନିର୍ଜନତା, ଅନ୍ୟ ଆଡ଼େ ଜଙ୍ଗଲ ଓ ଲତାଗୁଳ୍ମର ଆଢୁଆଳରେ ଲୁଚି ରହିଥିବା ବଣ୍ୟଜନ୍ତୁଙ୍କର ଭୟ !

'ହେଇ ଦେଖ, ଆମେ ଆସି ପହଞ୍ଚିଗଲେ' କହି ଯୋଗୀବାବୁ ଗୋଟାଏ ପ୍ରଶସ୍ତ ଶ୍ୟାମଦୁର୍ବାଦଳ ଢାବା ଆଗରେ ଗାଡ଼ି ଛିଡ଼ା କଲେ । ଢାବାର ଅନେକ ଗୁଡ଼ିଏ 'କଟେଜ' ଭଳିଆ ସାନସାନ ଆଧୁନିକ କୁଡ଼ିଆ । ସେହି ଅର୍ଦ୍ଧଗ୍ରାମୀଣ ପରିବେଶରେ ଏ ଅଞ୍ଚଳର ସବୁଠାରୁ ମନୋରମ ଏବଂ ବଢ଼ିଆ ରେଷ୍ଟୁରାଣ୍ଟ ଏଇଠି । ପୁରୁଣା ଅଭ୍ୟାସ

Digitized by srujanika@gmail.com

ବଶତଃ ଦୁଇଚାରି ଥର ସେ ଗାଡ଼ିର ହର୍ଣ ଦେଲେ । ହେଲେ ସବୁଦିନ ଯେମିତି ହୁଏ, କେହି ପରିଚାରକ କଫିର ଅର୍ଡ଼ର ନେବାପାଇଁ ଦୌଡ଼ି ଆସିଲା ନାହିଁ । ବିରକ୍ତ ହୋଇ ସେ ଗାଡ଼ିରୁ ଓହ୍ଲାଇଲେ । ଝିଅ ଏହି ଅନନ୍ୟ ଅନୁଭବର ମଜା ନେବାପାଇଁ କହିଲା, 'ପାପା, ମୁଁ ବି ଆସିବି ।' ମା'କୁ ସଂବୋଧନ କରି ପୁଣି ସେ କହିଲା, 'ମମ୍ମି, ତୁମେ ବି ଆସୁନ ।' ତେଣିକି ଯୋଗୀବାବୁଙ୍କ ପାଦରେ ପାଦ ମିଳାଇ ସେ ଆଗକୁ ବଢ଼ିଲା । ଧୀରେ କରି ସେ ବାପାଙ୍କ ପ୍ରଶସ୍ତ ଅଣ୍ଟାକୁ, ଯେଉଁଠି ହାତ ପହଞ୍ଚି ପାରିବ, ଆବୋରି ଧରିଲା । ଯୋଗୀବାବୁଙ୍କର ସବୁ ମନସ୍ତାପ, ଜାଣି, ଏତିକିରେ ପାଣି ପାଣି ହୋଇଗଲା । ଯୋତାରୁ ଛଅ ଇଞ୍ଚ ଉପରକୁ ଉଠିଗଲେ ସେ ।

ରେଷ୍ଟୁରାଣ୍ଟ ଭିତରୁ ବାହାରକୁ ବାହାରିଲା ବେଳକୁ ଶୀତଳ ପବନ ବୋହୁଥାଏ, ଧୀରେ ଧୀରେ ବର୍ଷା ଆରମ୍ଭ ହୋଇଯାଇ ଥାଏ । ତାଙ୍କର ମନେ ପଡ଼ିଲା, ଗାଡ଼ିରୁ ବାହାରି ସେ କାଚ ବନ୍ଦ କରି ନାହାନ୍ତି । ଗାଡ଼ିରେ ତାଲା ବି ପଡ଼ି ନ ଥିଲା । ଫଳରେ ତାଙ୍କ ଆଶଙ୍କାମତେ ଗାଡ଼ି ଭିତରକୁ ପାଣି ପଶିଛି, ସିଟ ଓଦା ହୋଇଯାଇଛି । ତଳେ ପଡ଼ିଥିବା ଗାଲିଚା ବି ପାଣିରେ ତିନ୍ତି ଯାଇଛି । ଗାଡ଼ି ଭିତରେ କେତୋଟି ମଶା ଓ ଝଡ଼ିପୋକ ଭଣଭଣ ହେଉଥାନ୍ତି ।

ମା' ଝିଅଙ୍କୁ ବର୍ଷାରୁ ରକ୍ଷା କରିବାପାଇଁ ଯୋଗୀବାବୁ କାରର ପଛ ପାଖ ସିଟ୍‌ର ସୁଖିଲା ଅଂଶରେ ବସେଇ ଦେଇ, ସିଟ୍ ଓ ଗାଲିଚାର ପାଣି ପୋଛିବାକୁ ଲାଗିଲେ । ମଶାଙ୍କ ପାଇଁ ଡର ନ ଥିଲା । ଗାଡ଼ି ଚାଲିଲେ ସେମାନେ ଆପେ ଆପେ ବାହାରିଯିବେ । ସେ ବ୍ୟସ୍ତ ହୋଇ ପାଣି ପୋଛୁଥାନ୍ତି, ସାମନାରୁ ମାରୁତି କାରଟିଏ ଆସି ତାଙ୍କ ଆଗରେ ଅଟକିଲା । ଜଣେ ପରିଚିତ ସହକର୍ମୀ କାର ଭିତରୁ ମୁହଁ କାଢ଼ି ପଚାରିଲେ, 'ସାର୍, କିଛି ସାହାଯ୍ୟ ଦରକାର କି ?'

– ନା ନା, କିଛି ନାହିଁ । ସବୁ ଠିକ ଅଛି । ଧନ୍ୟବାଦ ।

– ତା'ହେଲେ ତଳକୁ ଆସୁନାହାନ୍ତି, କଫି ପିଇବା । ଭାଉଜ ନମସ୍କାର ।

– ନା ନା, ଏବେ ଆମେ ପିଇଲେ ପରା । ଧନ୍ୟବାଦ ।

– ଆଉ କାର କେମିତି ଚାଲିଛି ?

– ବହୁତ ବଢ଼ିଆ । ଧନ୍ୟବାଦ ।

– କିଛି ଅସୁବିଧା ନାହିଁ ତ ? କୌଣସି ସମସ୍ୟା ?

– ନା ନା, ନୂଆ ଗାଡ଼ିରେ ପୁଣି କି ସମସ୍ୟା ?

Digitized by srujanika@gmail.com

ଯୋଗୀବାବୁଙ୍କ ମନ ଭିତରର ବିରକ୍ତିଭାବ ଏବେ କଣ୍ଠରେ ପ୍ରକାଶ ପାଇବାକୁ ଲାଗିଲା । ଶେଷ ବାକ୍ୟ ପଛରେ ''ଧନ୍ୟବାଦ'' ଶବ୍ଦ ଯୋଡ଼ିବାର ଆଉ କୌଣସି ପ୍ରୟୋଜନ ନ ଥିଲା । ତେଣୁ ଯୋଡ଼ିଲେନି ସେ ।

– ହେଲେ ବି । ନୂଆଁ ଗାଡ଼ି ତ । କେବେ କେବେ ଅସୁବିଧାରେ ପକେଇ ଦିଏ । ଗାଡ଼ିର କି ଭରସା ?

ଯୋଗୀବାବୁ ଆଉ ସିଟ ପୋଛି ପାରିଲେନି, ଅସଭ୍ୟ ଲୋକଟିକୁ ତୀକ୍ଷ୍ଣ ଦୃଷ୍ଟିରେ ଦେଖି ଅସଭ୍ୟ ଭଳି କହିଲେ, 'କ'ଣ କହିଲେ ? ମୁଁ ବୁଝି ପାରିଲିନି ।'

ଲୋକଟି ତତୋଽଧିକ ଅସଭ୍ୟତା ପୂର୍ବକ ଉତ୍ତର ଦେଲା, 'ଆଠ-ଦଶ ଦିନରେ ବୁଝି ଯିବେନି, ସାର । ହଉ ମୁଁ ଆସୁଛି ସାର । ନମସ୍କାର ।'

ଯୋଗୀବାବୁ ଙ୍ଖରରୁ ବାହାରି ଆସିଲେ । ପ୍ରଶସ୍ତ ରାସ୍ତାରେ ଗତିଶୀଳ ଲୋକଟିର କାରକୁ ରାଗରେ ଚାହିଁଲେ । ବେଳୁବେଳ କ୍ଷୁଦ୍ର ହୋଇ ଯାଉଥାଏ କାରଟି । ଠିକ୍ ସେତେବେଳେ ପିଠିରେ କାହା ହାତର କୋମଳ ସ୍ପର୍ଶ ପାଇ ପଛକୁ ଓଲଟିଲେ । ଝିଅ କହୁଥାଏ, 'ପାପା, ଭିତରକୁ ଆସ । ବର୍ଷାରେ ଭିଜୁଛ କାହିଁକି ?'

ଝିଅ କାରର ଆଗପଟ ହେଇ ପଛ ଦରଜା କଡ଼କୁ ଗଲା । ଦରଜା ଖୋଲି ଭିତରକୁ ପଶିବା ପୂର୍ବରୁ କ୍ଷଣଟିଏ ସ୍ଥିର ରହିଗଲା ସେ । ପଛକୁ ଓଲଟି କିଛି କ'ଣ ଖୋଜିବାରେ ଲାଗିଲା ।

– କ'ଣ ହେଲା ?

– ନା, କିଛି ନାହିଁ ପାପା । କାଚକୁ ଜିଆଟିଏ ଚଢ଼ି ଆସିଛି ।

ଯୋଗୀବାବୁ ପଛ ଆଡ଼ୁ ବୁଲି ସେ କଡ଼କୁ ଗଲେ । ଚାରି ଇଞ୍ଚର ଅତି ସରୁ ଜୀବଟିଏ ସାମନା ଦରଜାରେ ଲାଗିଥିବା ଖୋପ ପାଖରେ ଇତସ୍ତତ ହେଉଥାଏ । ଝିଅକୁ ସରୁ ବାଡ଼ିଟିଏ ମିଳିଗଲା । ଜିଆଟିକୁ ସେ ବାଡ଼ିରେ ଗାଡ଼ି ବାହାରକୁ ଆଣିବାକୁ ଚେଷ୍ଟା କଲା । ମାତ୍ର ଜୀବଟି ଗାଡ଼ିର ଦରଜା ଓ 'ବଡି ମଝି ଫାଙ୍କରେ କାହିଁ କେଉଁଠି ପଶିଗଲା ।'

ଯୋଗୀବାବୁ ଝିଅ ହାତରୁ ବାଡ଼ିଟିକୁ ଝିଙ୍କି ନେଲେ । କହିଲେ, 'ସବୁ ବିଗାଡ଼ି ଦେଲୁ ।' ସ୍ୱରରେ ତୀବ୍ର ବିରକ୍ତିଭାବ ସ୍ପଷ୍ଟ ପ୍ରତିଫଳିତ ହେଉଥାଏ ।

– ପାପା, କ'ଣ ଏମିତି ହଉଛ ମ ? ଜିଆଟିଏ ତ । ଚାଲିଯିବନି ? ନଗଲେ ସେଇଠି ମରିଯିବ ।

Digitized by srujanika@gmail.com

ମୁଣ୍ଡରୁ ଚୁଁଇଫାଳ କରି ଯୋଗୀବାବୁ ବାଡ଼ିଟିକୁ ଚିରିଲେ । କିଛି କହୁ ନଥାନ୍ତି । ବାଡ଼ିଟି ଆହୁରି ପତଳା ଓ ତୀକ୍ଷ୍ଣ ହେଲା । ତାକୁ ସେହି ଫାଙ୍କ ଭିତରେ କେଞ୍ଚି ଜୀବଟିକୁ ଖୋଜିବାକୁ ଚେଷ୍ଟା କଲେ । କିଛି ଫଳ ହେଲାନି । ଦରଜା ଖୋଲି ସେ ପୁନର୍ବାର ଜୀବଟିକୁ ଖୋଜିଲେ । ଜୀବଟିର ଦେଖା ମିଳିଲାନି ।

ହଠାତ ସେ ପତ୍ନୀଙ୍କ ଆଡ଼େ ମୁହଁ ବୁଲାଇ କହିଲେ, 'ତୁମେ ଦୁହେଁ ଯାଇ ରେଷ୍ଟୁରାଣ୍ଟରେ ବସ । ମୁଁ ଯାକୁ ବାହାର କରିଦିଏ । ତା'ପରେ ଯିବା ।'

ଝିଅ ହସିବାକୁ ଲାଗିଲା, 'ପାଆପାଆ ! ତୁମେ ବି କ'ଣ ହୁଅ ଯେ । ବେଚାରା ଜିଆଟା ପଛରେ ଏତେ ଧନ୍ଦି ହଉଛ କାହିଁକି କହିଲ ? ଯିବା ଚାଲ ମ !'

– ସେଟା ଜିଆ ନୁହେଁ । ନାଗଛୁଆ ।

ପତ୍ନୀ ଆଦେଶ ମାନି ରାସ୍ତା କଡ଼କୁ ଗଲେ । ଝିଅ ପ୍ରଶ୍ନିଳ ଦୃଷ୍ଟିରେ ଅନେଇଲା, 'ନାଗଛୁଆ ?'

– ହଁ ହଁ ନାଗଛୁଆ । ବିଷାକ୍ତ ନାଗର ଛୁଆ ।

– ଓହୋ ପାପା ! ସେ ବଡ଼ ପାଟିରେ ହସିଲା । 'ତୁମେ ମତେ କ'ଣ ଭାବିଲ କି ? ମୁଁ କ'ଣ ନାଗଛୁଆକୁ ଜିଆ କହିବି ?' ମା'ର ହାତକୁ ଟାଣି ସେ ଗାଡ଼ି ଭିତରେ ବସେଇଲା । ବାପାକୁ କହିଲା, 'ପାପା, ଚାଲମ ।'

ହେଲେ ଯୋଗୀବାବୁଙ୍କର ଏକା ଜିଦ । ନାଗଛୁଆକୁ ଖୋଜି ବାହାର କରିବେ । ମା-ଝିଅଙ୍କୁ ବର୍ଷା ଓ କାରରୁ ଦୂରରେ ରଖିବାକୁ ରେଷ୍ଟୁରାଣ୍ଟ ଭିତରକୁ ପଠାଇଲେ । ତେଣିକି ଭାରି ବ୍ୟବସ୍ଥିତ ଢଙ୍ଗରେ କାର ଭିତରୁ ଗୋଟି ଗୋଟି କରି ଜିନିଷ କାଢ଼ିଲେ । ସବୁକୁ ଓଲଟ ପାଲଟ କରି ଜୀବଟିର ଅନ୍ୱେଷଣ କଲେ । କିଛି ଫଳ ହେଲାନି ।

ଫେରିଲାବେଳେ ତାଙ୍କ ମୁଖମଣ୍ଡଳ ଗମ୍ଭୀର ଦିଶୁଥାଏ । ହେଲେ ଚେହେରାରେ ରୁକ୍ଷତା ନ ଥାଏ । ଗାଡ଼ି ସାଧାରଣ ବେଗରେ ଚାଲିଥାଏ । ସମସ୍ୟା ହେଲା ଯେ, ରାସ୍ତା ପାରି ହେଉଥିବା ସାଧାରଣ ଲୋକ କିମ୍ବା ଚାଲୁଥିବା ପଥିକଙ୍କ ଆଡ଼କୁ ସେ ଗାଡ଼ିର ଷ୍ଟିଅରିଂକୁ ହଠାତ୍ ମୋଡ଼ି ଦିଅନ୍ତି । ଝିଅ ଚୁପ୍ ଥାଏ । ଥରେ ତ ଗାଡ଼ି ଗୋଟାଏ ରିକ୍ସାକୁ ଛୁଇଁଗଲା । ରିକ୍ସାବାଲା ଅକଥ୍ୟ ଭାଷାରେ ଗାଳି ଦେଇ ଦେଇ ରିକ୍ସାକୁ ରାସ୍ତାତଳକୁ ଟାଣି ନେଲା । ତଥାପି ଯୋଗୀବାବୁଙ୍କର କୌଣସି ପ୍ରତିକ୍ରିୟା ଜଣା ପଡ଼ିଲାନି । ଗାଡ଼ି ଚାଳନାର ଶୈଳୀରେ ବି କୌଣସି ପରିବର୍ତ୍ତନ ଦେଖା ଗଲାନି ।

Digitized by srujanika@gmail.com

ଝିଅ ପଚାରିଲା, 'ପାପା, ଗାଡ଼ି ମୁଁ ଚଲେଇବି ?'

ମୁଣ୍ଡ ଟୁଙ୍ଗାରି ସେ ମନା କଲେ । ପ୍ରଥମେ ଗାଡ଼ି ଧୀରେ ହେଲା । ପରେ ରାସ୍ତା କଡ଼କୁ ଆସି ଠିଆ ହେଲା । କିଛି ବେଳ ଧରି ସେ ସିଟ ତଳକୁ ନିଘା କଲେ । କାର ଚଟାଣରେ ବିଛା ହୋଇଥିବା ଗାଲିଚା ଓ ରବରର ଦରିକୁ ଓଲଟ ପାଲଟ କଲେ । ଝିଅ ଅଭିଯୋଗ ଭରା ସ୍ୱରରେ ପଚାରିଲା, 'ପାପାଆଥା ! କାହିଁ ଏମିତି ହେଉଛ ? କହିଲି ପରା ଛିଆଟିଏ ସେଇଟା । କେତେବେଳୁ ମରି ସାରିବଣି ।'

– ନା ନା, ଛିଆ ନୁହେଁ ।

ପତ୍ନୀ ବିରକ୍ତ ହୋଇ କହିଲେ, 'ଯାହା ବି ହେଉ । କ'ଣ ଏ ଯାଏଁ ଆଉ ସେ ଥିବ ? କେତେବେଳ ଧରି କାରକୁ ସଫା କଲ ପରା ! ଚାଲି ଯାଇ ନ ଥିବ ?'

ପୁଣି ଗାଡ଼ି ଷ୍ଟାର୍ଟ ହେଲା । ଏକ ନିର୍ଦ୍ଦିଷ୍ଟ ଗତିରେ କିଛି ଦୂର ଗଲାପରେ, ଯୋଗୀବାବୁ କହିଲେ, 'ତୁମେ ଠିକ କହିଛ । ବାହାରି ଯିବଣି । ଚାରୋଟି ଯାକ ଦରଜା ଅନେକ ବେଳ ଧରି ଖୋଲା ରହିଥିଲା । ତଥାପି ନାଗଛୁଆ କଥା ତ ! ଆଉ ଟିକେ ସାବଧାନତା ରଖି କାମ କଲେ କ୍ଷତି କ'ଣ ?' ପୁଣି ଝିଅ ଆଡ଼େ ଚାହିଁ କହିଲେ, 'ଆଇ ଆମ ସରି, ବେବି ।' ଗାଡ଼ିକୁ ପୁଣି ରାସ୍ତା କଡ଼େ ଛିଡ଼ା କରି ସିଟ ତଳେ ନାଗଛୁଆକୁ ଖୋଜିବାରେ ଲାଗିଲେ ସେ ।

ଭିଜିଲାନ୍ସ ଡି.ଏସ୍.ପି. ସାଙ୍ଗରେ ଭେଟବାର୍ତ୍ତା ନିୟମାନୁସାରେ ହେଲା । ଅର୍ଥାତ୍ ବାଲିଗାର ଯୋଜନା ମୁତାବକ କାର୍ଯ୍ୟକ୍ରମ ସମ୍ପନ୍ନ ହେଲା । ଡି.ଏସ୍.ପି. ଆଡୁ ଯେଉଁସବୁ ପ୍ରଶ୍ନ ହେବ, ତାକୁ ଅନୁମାନ କରି ବାଲିଗାବାବୁ ଯୋଗୀବାବୁଙ୍କ ସକାଶେ ଉତ୍ତର ପ୍ରସ୍ତୁତ କରିଦେଲେ । ଆଗରୁ ଜଣାଥିଲା, ଜେ.ବି. ଫର୍ମାସ୍ୟୁଟିକାଲ୍ସର ପ୍ରତିନିଧି ଯୋଗୀବାବୁଙ୍କ ବିରୋଧରେ ବୟାନ ଦେବେ । କାରଣ ତାଙ୍କ କମ୍ପାନୀର ଟେଣ୍ଡର ପାସ ହେଇନି । ଦେଖୁଁ ଦେଖୁଁ କୋଟି କୋଟି ଟଙ୍କାର ତାଙ୍କ ବ୍ୟବସାୟ ପାଣିରେ ପଡ଼ିଗଲା । କମ୍ପାନୀ ପାଇଁ ବଡ଼ ଦୁର୍ଯୋଗ ହେଲା ଯେ, ତାଙ୍କ ପ୍ରତିଯୋଗୀ ଔଷଧ କମ୍ପାନୀର ପ୍ରତିନିଧି ମାରୁତି -୧୦୦୦ କାରର ଚାବିଟିକୁ ସମିତିର ଅଧକ୍ଷଙ୍କ ଟେବୁଲ ଉପରେ ରଖି ଦେଇଛି । ମୋଟ କଥା ହେଲା ଏମ୍ୟାସେଡର ଏବଂ ମାରୁତି-୧୦୦୦ ନାମକ ଦୁଇଟି ମୋଟର ମଧ୍ୟରେ ଯେଉଁ ମହାଭାରତର ଆରମ୍ଭ ହେଇଥିଲା, ତାର ପ୍ରତିଫଳନ ଦେଖାଗଲା ଦୁଇ ଔଷଧ କମ୍ପାନୀଠାରେ । ସଂପୃକ୍ତ ମହାଭାରତରେ ଯୋଗୀବାବୁଙ୍କ ସ୍ଥିତି ହେଲା ଶତ୍ରୁ ପକ୍ଷର କୌଣସି ଏକ ରଥ-ସାରଥୀ ତୁଲ୍ୟ । ମହାରଥୀଙ୍କର ବୀରଗତିପ୍ରାପ୍ତ ହେବା ପୂର୍ବରୁ ନିଜ ଛାତିରେ ତୂଣିରାଘାତର ତୀବ୍ର ଆଶଙ୍କାକୁ ଅନୁଭବ କରୁଥାନ୍ତି ସେ ।

Digitized by srujanika@gmail.com

ଯୋଗୀବାବୁ ଦାଖଲ କରିଥିବା କାର କିଣାର ରସିଦ, ବେଙ୍କ ବାଲାନ୍ସ ପ୍ରମାଣ, ବୀମା କାଗଜ ଏବଂ ରେଜିଷ୍ଟ୍ରେସନ ପ୍ରମାଣ ପତ୍ର ଆଦି ଦେଖିଲା ପରେ ଡି.ଏସ୍.ପି. ବିଭିନ୍ନ କିସମର ପ୍ରଶ୍ନ ପଚାରିଲେ । ଏଥିରେ ସନ୍ତୁଷ୍ଟ ହେଇ ମନ୍ତବ୍ୟ ଦେଲେ, ଯୋଗୀବାବୁ ସ୍ୱୟଂ ଗାଡ଼ି କିଣିଛନ୍ତି । ପୁଣି କହିଲେ, 'ମାତ୍ର ଜେ.ବି. ଫର୍ମାସ୍ୟୁଟିକାଲ୍ସର ରେଜିଷ୍ଟାରରେ ଏହି କାର ନାଁରେ ଲକ୍ଷେ ସତୁରୀ ହଜାର ଟଙ୍କାର ବ୍ୟୟ ଅଟକଳ ଦେଖା ଯାଇଛି । ତା'ଛଡ଼ା କମ୍ପାନୀର ପ୍ରତିନିଧି ନିତୀଶ କୁମାରର ବୟାନ ମୁତାବକ, କାରର ରେଜିଷ୍ଟ୍ରେସନ, ବୀମା କାଗଜ ଆଦି କାମ ସେ ନିଜେ କରିଛି । ଆପଣ କେବଳ ଦୁଇ ଚାରୋଟି ଯାଗାରେ ଦସ୍ତଖତ ମାତ୍ର କରିଛନ୍ତି । ଏ ସଂକ୍ରାନ୍ତରେ ଆପଣ ଯାହା କହିବା କଥା କୁହନ୍ତୁ ।'

ଯୋଗୀବାବୁଙ୍କ ତରଫରୁ ବାଲିଗା ବାବୁ କହିଲେ, 'ଯାହା କହିବା କଥା, ମୁଁ ଉପଯୁକ୍ତ ସମୟରେ ସକ୍ଷମ ପଦାଧିକାରୀଙ୍କ ଆଗରେ କହିବି । ବର୍ତ୍ତମାନ କେବଳ ଏତିକି କହିବିଯେ ଗତ ବର୍ଷମାନଙ୍କରେ ସରକାରଙ୍କଠାରୁ ଏହି କମ୍ପାନୀ କୋଟି କୋଟି ଟଙ୍କାର ବ୍ୟବସାୟ ପାଇଛି । ଏବର୍ଷ ତା'ର ଟେଣ୍ଡର ଉପରେ ରହି ଥିଲା ବୋଲି ଅନ୍ୟ ଏକ କମ୍ପାନୀକୁ, ଯାହାର ଟେଣ୍ଡର ମୂଲ୍ୟ ସର୍ବନିମ୍ନ ରହିଥିଲା, ଅର୍ଡ଼ର ମିଳିଛି । ଏଥିପାଇଁ ଦୁଃଖିତ ହୋଇ ସେମାନେ ଯଦି ସରକାର ଓ ସରକାରଙ୍କ ଉଚ୍ଚାଧିକାରୀଙ୍କୁ ବଦନାମ କରନ୍ତି..... ।'

— ଆପଣଙ୍କ ପି.ଏ. ଉପରେ ଆପଣଙ୍କର କ'ଣ ଧାରଣା ?

— ମୋର ପି.ଏ. ?

ବାଲିଗା ବାବୁ ଏଭଳି ଏକ ପ୍ରଶ୍ନ ପରୀକ୍ଷାରେ ପଡ଼ିବ ବୋଲି ଆଶା କରି ନ ଥିଲେ । ତେଣୁ ତା'ର ଉତ୍ତର ବି ପ୍ରସ୍ତୁତ କରାଯାଇ ନ ଥିଲା । ପ୍ରଶ୍ନ ଶୁଣି ପ୍ରଥମେ ଯୋଗୀବାବୁ କିଛି ବେଳ ହଡ଼ବଡ଼େଇ ଗଲେ । ପୁଣି ଧୈର୍ଯ୍ୟ ରଖି ଉତ୍ତର ଦେଲେ, 'ମୋର ପି.ଏ. ଏକଦମ ଫାଷ୍ଟକ୍ଲାସ କିସମର ଲୋକ । ଗତ ଚାରିବର୍ଷ ହେଲା, ସେ ମୋ ତଳେ କାମ କରୁଛି ।' ଏତିକି କହିଲା ପରେ ସେ ପି.ଏ.ର ଗୋପନୀୟ ଚରିତ୍ର ଦସ୍ତାବେଜରେ ପ୍ରତିବର୍ଷ ଲେଖିଥିବା ଶବ୍ଦମାନଙ୍କୁ ଦେହାରାଇଲେ ।

— ସେ ନିତୀଶ କୁମାରର ସମର୍ଥନରେ ବୟାନ ଦେଇଛି ।

— ଯା'ର ଅର୍ଥ ହେଲା, ପଇସା ଦେଇ କାହାକୁ ବି କିଣା ଯାଇପାରେ ।

ଡି.ଏସ୍.ପି. ନିଜର ସହମତି ଜଣାଇଲେ, ତେଣିକି ମୃଦୁ ହସି ମନ୍ତବ୍ୟ ଦେଲେ,'ବୁଝିଲେ, କେବଳ ଆପଣଙ୍କୁ ଓ ମତେ ବାଦଦେଲେ ଏ ଦୁନିଆଁରେ ସମସ୍ତେ ବିକ୍ରୀ ହେବାପାଇଁ ଟାକି ରହିଛନ୍ତି ।'

Digitized by srujanika@gmail.com

ଯୋଗୀବାବୁ ସାକ୍ଷାତକାରକୁ ନେଇ ବିଶେଷ ଅସନ୍ତୁଷ୍ଟ ନ ଥିଲେ । ମାତ୍ର ଭବିଷ୍ୟତକୁ ନେଇ ନିଶ୍ଚିତ ବି ନ ଥିଲେ । ତାଙ୍କୁ ଜଣା, ଭିଜିଲାନ୍ସ ତଦନ୍ତ କାର ଯାକେ ସୀମିତ ରହିବ ନାହିଁ । ଯେ କୌଣସି କୋଣରୁ ଯେ କୌଣସି ଧରଣର ଆକ୍ରମଣ ତାଙ୍କ ଉପରେ ହୋଇପାରେ । ତା'ସତ୍ତ୍ୱେ ଭାଗ୍ୟ ଭଲ ଯେ, କିଣାବିକା କଥାକୁ ନେଇ ମଜାରେ ମଜାରେ ଡି.ଏସ୍.ପି. କହିଛି, ସେ ବିକ୍ରୀ ପାଇଁ ଉପଲବ୍ଧ ନୁହେଁ । ଅର୍ଥାତ୍ ଉପଲବ୍ଧ । ଏ ସମ୍ପର୍କରେ ବାଲିଗାକୁ ପଚାରିବାକୁ ପଡ଼ିବ ।

ସବୁକଥା ଚିନ୍ତାକରି ସେ ଅଫିସ ବାହାରିଲେ । ନୁଆଁକାର ଆସିବା ଦିନରୁ ଯୋଗୀବାବୁ ଷ୍ଟାଫ୍‌କାର ବଦଳରେ ଏହି ଗାଡ଼ିରେ ଅଫିସ ଯାଆନ୍ତି । ଗାଡ଼ି ଅନ୍ତତଃ ଦୁଇ ଚାରି ହଜାର କି.ମି. ଚାଲୁ । ଗାଡ଼ିର ମା' କ୍ଷୀରପିଆ ଦାନ୍ତସବୁ ପଡ଼ିଯାଉ । ତେଣିକି ଉଚିତ ଚିକିତ୍ସା ବ୍ୟବସ୍ଥା କରାଯିବ । ହେଲେ ଏହି କିଛି ଦିନ ହେଲା ଗାଡ଼ିକୁ ନେଇ ଏକ ନୂଆଁ ସମସ୍ୟା ଦେଖା ଦେଇଛି । ଚାରି ଇଞ୍ଚର ଛୋଟିଆ ଜୀବଟି ଗାଡ଼ି ଭିତରେ ଅର୍ନ୍ତଧାନ ହେଲା ଦିନରୁ ସେ ଚାରି ଦିଗରୁ ଭାରି ଅସୁରକ୍ଷିତ ଅନୁଭବ କରୁଛନ୍ତି । ଆଜି ଅଫିସ ଗଲାବେଳେ ଅସୁରକ୍ଷାର ମାତ୍ରା ବଢ଼ିଗଲା ଯେମିତି । ଏ ଭିତରେ ନାଗଛୁଆ ତ ବଡ଼ ହେଇ ସାରିବଣି । ଆଉ କ'ଣ ସେ ଡୋର ପରି ପତଳା ହୋଇ ରହିଥିବ ? ଗାଡ଼ିର ଯେ କୌଣସି କଣରୁ ଉଭା ହୋଇପାରେ । ଗୋଡ଼ ପାଖରେ । କାନ୍ଧ ଉପରେ । ଆଉ କ'ଣ ଛୋଟ ହୋଇଛି ଯେ ତାକୁ ଯୋତା ତଳେ ମାଡ଼ି ମକଚି ଦେଇ ହେବ ? ଏବେ ତ ନାଗଛୁଆରୁ ବିରାଟକାୟ ବିଷାକ୍ତ ନାଗ ହେଇ ଯିବଣି । ଗାଡ଼ି ଭିତରୁ ତାର ଖାଲି ଫୁତକାର ଶୁଣାଯିବ । ଦେଖାଯିବନି । ଜଣା ପଡ଼ିବନି, କେଉଁଠି ରହି ସେ ଜିଭ ଲମ୍ୱାଇ ଫଁ ଫଁ କରୁଛି ।

ଯୋଗୀବାବୁ ଗାଡ଼ି ରଖିଲେ । ରାସ୍ତାର ବିଲକୁଲ କଡ଼ରେ । ଖୋଲାରେ ସେ ଯୋର ଯୋରରେ ଦୀର୍ଘ ନିଶ୍ୱାସ ନେବାକୁ ଚାହୁଁଥିଲେ । ହୁଏତ ସେଥିରେ ବିକୃତ ଚିନ୍ତାଯାକ ନାକପୁଡ଼ା ଦେଇ ବାହାରିଯିବେ, ପବନରେ ମିଳେଇ ଯିବେ ! କିନ୍ତୁ ଗାଡ଼ି ଯେଉଁଠି ରହିଥିଲା, ସେଠି ଗାଡ଼ି ରଖିବା ମନା । ଟ୍ରାଫିକ ପୋଲିସ ଜଣକ ବିଭତ୍ସ ହ୍ୱିସଲ ବଜେଇ ତାଗିଦା କଲା । ସାଂଗେ ସାଂଗେ ସେ ସିଗାରେଟ ଧରାଇ ରାସ୍ତାର ଅଂଫିସଗାମୀ ଭିଡ଼ରେ ପୁଣି ନିଜକୁ ସାମିଲ କରିଦେଲେ ।

ଯୋଜନା ଥିଲା ଅଫିସ ଯିବା ସମୟରେ ରାସ୍ତାରେ ସେ ଶାନ୍ତିରେ ପି.ଏ. ବାଲା ସମସ୍ୟା କଥା ଚିନ୍ତା କରିବେ । ମାତ୍ର ସମୟର ସେହି କାଳଖଣ୍ଡଟି କ୍ଷୁଦ୍ର ସାପଟିର କବଳରେ ପଡ଼ିଗଲା । ତେଣୁ, ଅଫିସରେ ପି.ଏ. ଯେତେବେଳେ ଆଜି 'କ୍ଲିଅର' ହେବାକୁ

Digitized by srujanika@gmail.com

ଥିବା ଫାଇଲ ଗୁଡ଼ିକୁ ଆଣି ବସିଲା ତାଂକୁ ଯେମିତି ଏକ ଝଟକା ଲାଗିଲା । ଆରଂଭରୁ ସେ ଏହି ଯୁବ ପି.ଏ.ର ନିଷ୍କଳଂକ ଏବଂ ସୁଂଦର ରୂପଗୁଣକୁ ପ୍ରଶଂସା କରି ଆସିଛନ୍ତି । ବିନା କୌଣସି ଯୁକ୍ତିରେ ତାକୁ ଆପଣାର ମନେ କରିଛନ୍ତି । ଆଜି ବି ସାମାନ୍ୟ ଭାବବିହ୍ୱଳ ହୋଇ ଚିନ୍ତା କଲେ, ତା' ହାତଧରି ପଚାରିବି କି, 'କ'ଣ ନବୀନ, ସତରେ ତୁ ମତେ ବରବାଦ କରିବାକୁ ଚାହୁଁ ?' ଅଜାଣତରେ ସେ ଚଉକି ଛାଡ଼ି ଛିଡ଼ା ହେଲେ । ପୁଣି ନିଜକୁ ନିୟନ୍ତ୍ରଣରେ ରଖି ପି.ଏ.କୁ କହିଲେ, 'ଠିକ ଅଛି । କିଛି ସମୟ ଉତ୍ତାରୁ ମୁଁ ତୁମକୁ ଡାକିବି ।'

ସେ ବାହାରିଗଲା ପରେ ସ୍ଥିର କଲେ, ବାଲିଗା ବାବୁକୁ ହିଁ ତାର ସମାଧାନ ପନ୍ଥା ପଚାରିବେ ।

ବାଲିଗା ବାବୁ ପାଖରେ ସମାଧାନର ପନ୍ଥା ନଥିଲା । ତାଙ୍କ ପରାମର୍ଶ ହେଲା, 'ପି.ଏ. କୁ କିଣି ପକାଅ ।' ପ୍ରଥମେ ଯୋଗୀବାବୁ ବି ଏକଥା ଚିନ୍ତା କରିଥିଲେ । ମାତ୍ର 'କାଠିକର କଥା' ମନେ କରି ଆଗକୁ ବଢିଲେନି । କହିଲେ, 'ସେ ଯଦି ବିକ୍ରୀ ହେବାକୁ ମନା କରେ ?'

'ସେହି ସ୍ଥିତିରେ...କ'ଣ ଆଉ କହିବି ? ତାକୁ 'ଫିନିଶ' କରିଦିଅ ।'

ସେଦିନ ସଂଧ୍ୟାର କଥା ଇଏ । ତା'ପରଦିନ ନିଷ୍ପତ୍ତି ନେଲେ, ଅଫିସ ନିଜ କାରରେ ଯିବେନି । ଗତକାଲିର ସେହି ଅଦୃଶ୍ୟ ନାଗର ଫୁତକାର ଏବଂ ଦଂଶନର ଭୟରୁ ଆଶୁ ସୁରକ୍ଷା ମିଳିବା କଥା । ଷ୍ଟାଫକାର ପାଇଁ ଅଫିସକୁ ଫୋନ କଲେ । ମାତ୍ର ପରିବହନ ପ୍ରଭାଗରେ ଫୋନ ରିଂ ହେଲା କେବଳ । କେହି ଉଠାଇଲେ ନାହିଁ । ଏକଥା ସେ ଆଗରୁ ଆଶଂକା କରିଥିଲେ । ଅଗତ୍ୟା ନିଜ କାରରେ ଅଫିସ ବାହାରିଲେ । ଅବଶ୍ୟ ଯାହା ହେଇଛି, ଠିକ ହେଇଛି । ନାଗଛୁଆ ପ୍ରତି ଭୟର ତ କିଛି ଖାସ ଆଧାର ନାହିଁ । ଦ୍ୱିତୀୟତଃ, ନିଜ କାରରେ ଅଫିସ ଗଲେ, କେହି କହିବନି ଯେ ତଦନ୍ତ ଭୟରେ ସେ ଗାଡ଼ିଟିକୁ ଲୁଚେଇ ରଖିଛନ୍ତି । ଲୋକଙ୍କ ସଂଦେହୀ ଦୃଷ୍ଟିକୁ କଡ଼ା ନଜରରେ ଦେଖିଲେ ଯାଇ ହିଁ ଉଚିତ ଜବାବ ଦେଇହେବ !

ଭୟର କୌଣସି ଖାସ ଆଧାର ରହୁ ନ ରହୁ, ଗାଡ଼ିରେ ବସିବା କ୍ଷଣି ଦୁଃସ୍ୱପ୍ନର ପୁନରାବୃତ୍ତି ହେଲା । ତାଙ୍କୁ ଲାଗିଲା, ସିଟ ତଳେ କିଛି ଗଡ଼ଗଡ଼ ହେଉଛି । କେତେବେଳେ ଉଠୁଛି, ପୁଣି ପଡୁଛି, ଆଉ କେତେବେଳେ ଗଡୁଛି । ଝଟକରି ସେ ଗାଡ଼ିରୁ ବାହାରି ଆସିଲେ । ଡ୍ରାଇଭର ସିଟରେ ତାଙ୍କ କଳା ଚଷମାର ଖୋଳଟି ପଡ଼ିଛି ।

Digitized by srujanika@gmail.com

ଚଷମାର ଖୋଳକୁ କାର ଡ୍ରୟର୍‌ରେ ରଖି ସେ ଦୀର୍ଘ ଶ୍ୱାସ ନେଲେ ଏବଂ ସାବଧାନତାର ସହିତ ଗାଡ଼ିକୁ ଗେରେଜରୁ କାଢ଼ିଲେ । ରାସ୍ତାରେ ଗଲାବେଳେ ମନ ଏକା ସମୟରେ ଦୁଇଟି ବିପରୀତ ଭାବନାରେ ଗୁନ୍ଥି ହେଇଥାଏ । ପ୍ରଥମତଃ, ତାଙ୍କୁ ଜଣା, ଗାଡ଼ି ଭିତରେ ସେ ପୁରାପୁରି'ସୁରକ୍ଷିତ । ଦ୍ୱିତୀୟତଃ, ଏବେ ବି ମନେ ହେଉଛି, ତାଙ୍କ ତଳପଟେ କିଛି ଗଡ଼ୁଛି, ଖସ ଖସ ହେଉଛି, ବେଳେ ବେଳେ ଉପରକୁ ବି ଉଠୁଛି । ଅଳ୍ପ ସମୟ ମଧ୍ୟରେ ପ୍ରଥମ ଭାବନା ଦୂରୀଭୂତ ହେଲା । ଦ୍ୱିତୀୟ ଅନୁଭବ ହିଁ ସମଗ୍ର ଚେତନାକୁ କବଳିତ କରିଦେଲା । ଏହା ନିଃସଂଦେହ ଯେ, ତାଙ୍କ ତଳଭାଗରେ କିଛି ଗୋଟାଏ ଚିକ୍କଣିଆ, କୋମଳ ବସ୍ତୁ ଏପଟ ସେପଟ ହେଉଛି । କେତେବେଳେ ଉପରକୁ ଉଠୁଛି ତ ଆଉ କେତେବେଳେ ନିତମ୍ବ ତଳେ ପ୍ରସରି ଯାଉଛି । ସେ ତାକୁ ଜାଣିବାକୁ ଚାହାନ୍ତି ନାହିଁ, ଅଥଚ ତାଙ୍କୁ ଜଣା କ'ଣ ସେ ଜୀବଟି !

ତାଙ୍କ ଶ୍ୱାସ ପ୍ରଶ୍ୱାସ ରୁଂଧି ହେଲାଭଳି ଲାଗିଲା । ନିତମ୍ବକୁ ସେ ଆଗପଛ କଲେ, ତଦ୍ୱାରା ତଳେ ଗୁରୁଣ୍ଡୁଥିବା ଜୀବଟି ଅଧିକ ସୁବିଧା ପାଇଲା ବୋଧହୁଏ ! ସେ ଖସିଯାଇ ତାଙ୍କ ପେଣ୍ଟ ଭିତରକୁ ପଶିଗଲା ଯେମିତି । ଏବେ ତାର ଚିକ୍କଣିଆ କୋମଳ ଶରୀର ତାଙ୍କ ମାଂସକୁ ଲାଗିଲାଣି । ଜୀବଟି ତାଙ୍କ ପେଟଯାଏଁ ଆସିବାକୁ ଚାହେଁ ! ଅଜାଣତରେ ସେ ନିଃଶ୍ୱାସ ନେବା ବଂଦ କରିଦେଲେ । ବ୍ୟଗ୍ରତାରେ ନାକପୁଡ଼ା ଦେଇ ପବନ ଟାଣିବାକୁ ଚେଷ୍ଟା କଲେ । ମାତ୍ର ଭୟ ହେଲା, ଏହାଦ୍ୱାରା କାଳେ ନାଗସାପଟି (ସେ ନିଃସଂଦେହ ଯେ ଜୀବଟି ନାଗସାପ !) ତାଙ୍କ ନାକବାଟେ ଭିତରକୁ ପଶି ଆତ୍ମସ୍ଥ ହେଇଯିବ !

ଅନେକ ବର୍ଷ ତଳେ ସେ ଯେତେବେଳେ ମେଡ଼ିକାଲ ଛାତ୍ର, ସାଂଗ ମେଳରେ କେତେଥର ସିନେମା ଦେଖିବାକୁ ଯାଆନ୍ତି । ପର୍ଦାର କେବଳ ଭୟାନକ ଦୃଶ୍ୟ କାହିଁକି, ମାନବୀୟ ଦୁର୍ଦଶା ଓ ଯନ୍ତ୍ରଣା ଦୃଶ୍ୟ ବି ତାଙ୍କ ପାଇଁ ବେଳେବେଳେ ଅସହନୀୟ ମନେ ହୁଏ । ସେତେବେଳେ ଆତ୍ମରକ୍ଷା ନିମିତ୍ତ ଗୋଟାଏ ଭଲ ବିକଳ୍ପ ଖୋଜିଥିଲେ ସେ । ପର୍ଦାରୁ ଦୃଷ୍ଟି ଫେରାଇ ଅନ୍ୟଆଡ଼େ ଦେଖନ୍ତି । ଅଂଧକାର ମଧ୍ୟରେ ଦରଜାରେ 'ଏକଜିଟ' ଲେଖା ହେଇଥିବା ନାଲି ଅକ୍ଷର, ଚଉକିରେ ବସିଥିବା ଅସଂଖ୍ୟ ଦର୍ଶକ, ସେମାନଙ୍କ ହୋ ହଲ୍ଲା, ପ୍ରୋଜେକ୍ଟରରୁ ନିର୍ଗତହେଇ ଆସୁଥିବା ଆଲୋକର କିରଣ- ଏସବୁକୁ ନଜର ଦେଲେ ତାଙ୍କ ସମ୍ମୋହନ ... ଅବାସ୍ତବିକତାର ବାସ୍ତବିକ ରୂପ ସୁସ୍ପଷ୍ଟ ହୁଏ । ବିଗତ ଦିନର ସେହି ଅନୁଭୂତିକୁ ମନେ ପକାଇ ସେ ଦୀର୍ଘଶ୍ୱାସ ନେଲେ ଏବଂ ନିଜର ବାଁ ଏବଂ ଡ଼ାହାଣ କଡ଼ର ଦୃଶ୍ୟକୁ ଧ୍ୟାନ ସହକାରେ ଦେଖିବାକୁ ଲାଗିଲେ । ସେହି ପ୍ରକ୍ରିୟାରେ ସେ କେତେ ଇଂଚ ସିଟ ଉପରକୁ ଉଠିଗଲେ । ଅର୍ଥାତ୍ ଏକ୍ସିଲେଟରରେ ଡ଼ାହାଣ ପାଦ

Digitized by srujanika@gmail.com

ଯୋରରେ ଚାପିହେଲା । ସବୁ କିଛି ଅଜାଣତରେ । ଆତ୍ମସନ୍ତୁଷ୍ଟୀର ସହିତ ସେ ଦେଖୁଛନ୍ତି, ତାଙ୍କ ସୁପରିଚିତ ସଂସାର ପୂର୍ବବତ ରହିଛି । କିଛି ବଦଳିନି । ଏପଟେ ପାଦ ଏକ୍ସିଲେଟରରେ ଚାପି ହେବାରୁ ଭୟଂକର ବେଗରେ ଗାଡ଼ି ଆଗକୁ ବଢ଼ିଲାଣି । ସାମନାର ଟ୍ରାଫିକ ଇତଃସ୍ତତ ଦୌଡ଼ି କୌଣସି ପ୍ରକାରେ ତାଂକୁ ବାଟ ଦେଉଥାଏ । ଗାଡ଼ି ପାଗଳଂକ ପରି ଛୁଟୁଥାଏ । ଏବଂ ଆଶ୍ଚର୍ଯ୍ୟର କଥା ଏଯାଏଁ କୌଣସି ଦୁର୍ଘଟଣା ଘଟିନି । ଯାହା ହେଉ, ଗାଡ଼ିର ବେଗ କିଛି କ୍ଷଣ ଉତ୍ତାରୁ ସହଜ ହେଲା । ଦୁର୍ଘଟଣାର ଭୟ ସୌଭାଗ୍ୟକୁ ତାଂକୁ ଆଗର ସବୁ କିସମର ଭୟରୁ ବର୍ତ୍ତମାନ ମୁକ୍ତି ଦେଲା ।

ସଂଧ୍ୟାରେ ଅଫିସରୁ ବାହାରିବା ବେଳେ ତାଂକୁ ସକାଳର ଅନୁଭୂତି କଥା ମନେ ପଡ଼ିଲା, ନିଜକୁ ରାଂପି ନେଲା ପରି ଦୁଃସ୍ୱପ୍ନଟିଏ ଯେମିତି ! ଦୁଃସ୍ୱପ୍ନ ପରି ତାକୁ ଭୁଲିଯିବାକୁ ସେ ଚେଷ୍ଟା କଲେ । ଏପଟେ ଅଫିସରେ ଆଜି ଆଉ ଗୋଟାଏ ଘଟଣା ଘଟିଥିଲା । ତାକୁ ନେଇ ଥଣ୍ଡା ମସ୍ତିଷ୍କରେ ଚିନ୍ତା କରିବାର ଆବଶ୍ୟକତା ଥିଲା, ତା'ପରେ ବାଲିଗା ସହ ଘଟଣାଟି ସଂପର୍କରେ ଆଲୋଚନା କରିବାକୁ ହେବ । ତେଣୁ, ଦୁଃସ୍ୱପ୍ନଟିକୁ ମନେ ପକାଇବାକୁ ସମୟ କାହିଁ ? ତାକୁ ତୁରନ୍ତ ଭୁଲିବାକୁ ହେବ ।

ସ୍ଥିର କଲେ, ଅଫିସରୁ ବାହାରି ସିଧା ଘରକୁ ଫେରିବେନି । କମ୍ ଭୀଡ଼ଭାଡ଼ବାଲା କୌଣସି ରେଷ୍ଟୁରାଣ୍ଟରେ ବସି ଏକାନ୍ତରେ କଫି ପିଇବେ । ନୋହିଲେ କୌଣସି ନିର୍ଜନ ରାସ୍ତାରେ ଗାଡ଼ି ରଖି ସମାଧାନର ବିକଳ୍ପଗୁଡ଼ିକୁ ପରଖିବେ, ପଏଣ୍ଟ ସବୁ ନୋଟ କରିବେ ଏବଂ ସେଠାରୁ ଯାଇ ବାଲିଗାକୁ ଭେଟିବେ । ଚିନ୍ତାକରିବା ପାଇଁ ତାଂକୁ ସ୍ଥିରଚିତ୍ତ ଓ ବିବେକବନ୍ତ ହେବାକୁ ପଡ଼ିବ । ସମାଧାନ ପାଇଁ ବୁଦ୍ଧି ଖଟେଇବାକୁ ପଡ଼ିବ । ସହରରୁ ବାହାରିଥିବା ଗୋଟାଏ ଚିକଣିଆ ସିଧା ରାସ୍ତାରେ ପହଂଚିଲା ପରେ ତାଙ୍କର ଆତ୍ମବିଶ୍ୱାସ ବଢ଼ିଗଲା ଯେମିତି । ସମଗ୍ର ଘଟଣାଟିକୁ ସେ ସ୍ଥିରବୁଦ୍ଧିରେ ଚିନ୍ତା କରିବାକୁ ଚେଷ୍ଟା କଲେ । ଜଣେ ପୋଖତ ସର୍ଜନ ଭାବରେ ଜଟିଳ ଅପରେସନ ସବୁ କଲାବେଳେ ଯେଉଁ ଧୀରମତି ଓ ବିବେକର ଉପଯୋଗ ସେ ବର୍ଷ ବର୍ଷ ଧରି କରି ଆସିଥିଲେ, ଆଜି ତାକୁ ପୁର୍ନବ୍ୟବହାର କରିବା ଜରୁରୀ ଥିଲା ।

ଅଫିସର ଘଟଣାଟି ହେଲା : ସକାଳେ ଅଫିସରେ ପହଂଚି ଯୋଗୀବାବୁ ଦେଖିଲେ ପି.ଏ. ର ଦେଖାନାହିଁ । ଜଣେ କିରାଣୀ ଆସି କହିଲା, କୌଣସି ସୂଚନା ନ ଦେଇ ପି.ଏ. ବାବୁ କୁଆଡ଼େ ଚାଲିଯାଇଛନ୍ତି । କିଛି ବେଳ ପରେ ଦେଖିଲେ, ଟେବୁଲ ଉପରେ ପି.ଏ. ର ଏକ ଆବେଦନ ପତ୍ର ଥୁଆ ହୋଇଛି । ଲେଖିଛି, ସତର୍କତା ବିଭାଗର ଡ଼କରା ପାଇ ସେ କିଛି ତଦନ୍ତ କାମରେ ବାହାରକୁ ଯାଉଛି । ଶୀଘ୍ର ଫେରିବ । ଯୋଗୀବାବୁ ଅପରାହ୍ନ ଯାକେ

Digitized by srujanika@gmail.com

ଅନିଶ୍ଚିତତା ଓ ଆଶଂକା ମଧ୍ୟରେ ଖୁବ୍ ଦୋଦୁଲ୍ୟମାନ ସ୍ଥିତିରେ ଦିନ କାଟିଲେ । ସେ ନିଜକୁ ନିଜେ ଆଶ୍ୱାସନା ଦେଲେ, ତା'ଭଳିଆ କୋମଳ ଓ ନିଷ୍କଳଂକ ରୂପୀ ବ୍ୟକ୍ତି କେବେ ଖଳନାୟକ ହେଇ ନପାରେ । ଅପରାହ୍ନ ତିନିଟା ପରେ ପି.ଏ. ଅଫିସକୁ ଫେରି ସୂଚିତ କଲା ଯେ, ଭିଜିଲେନ୍ସବାଲା ତାକୁ ଟିକେ ବେଶି ସମୟ ଧରି ଅଟକେଇ ରଖିଲେ । ଯୋଗୀବାକୁ ଟିକିଏ ଚିନ୍ତା କଲେ । ମନର ଉତ୍ତେଜନାକୁ ଚାପି ରଖି ପଚାରିଲେ, ''କିଛି କ'ଣ ହେଲାକି ? ତୁମର କିଛି ବୟାନ ନେଲେ ?''

ପି.ଏ. କହିଲା, 'ନା ସାର୍, କିଛି ହେଇନି । ସେମାନେ ଖାଲି ୟ୍ୟାତ୍ତୁ ସ୍ୟାତ୍ତୁ ପଚାରିଲେ ।'

- କୋଉ କଥା ?

- ୟ୍ୟାତ୍ତୁ ସ୍ୟାତ୍ତୁ କଥା, ସାର୍ ।

- ୟାତ୍ତୁ ସ୍ୟାତ୍ତୁ କଥା ମାନେ ? ତାର ଅର୍ଥ କ'ଣ ?

- ୟ୍ୟାତ୍ତୁ ସ୍ୟାତ୍ତୁ କଥା, ସାର । ଭାରି ସରଳତାର ସହ ପି.ଏ. ଉତ୍ତର ଦେଲା ପରେ ସାହେବଂକ ଟେବୁଲରେ ବାଜୁଥିବା ଫୋନର ରିସିଭର ଉଠାଇଲା । ପି.ଏ.ର କର୍ତ୍ତବ୍ୟ ଅନୁସାରେ ମୁହଁକୁ ରିସିଭର ପାଖରୁ ଖଣ୍ଡେ ଦୂରକୁ ଆଣି ସୂଚନା ଦେଲା, 'ଏମଏଲଏ ବାଜପାୟୀଙ୍କ ଫୋନ, ସାର ।' ଯୋଗୀବାକୁ ଯେତେବେଳେ ରିସିଭର ନେଲେ, ସେ ତାଂକ ରୁମରୁ ବାହାରି ଆସିଲା ।

ଏମଏଲଏ ସାଂଗରେ ଫୋନବାର୍ତ୍ତା କଲାପରେ ତାଂକ ମୁଣ୍ଡରେ ଯେମିତି ବିଜୁଳି ଖେଳିଲା । ବାଲିଗା ସାଂଗରେ ଏ ସଂପର୍କରେ ପରାମର୍ଶ କଲେ କିଛି ଲାଭ ହେବନାହିଁ । ସେ ତ' ପ୍ରଥମରୁ ତା' ପରାମର୍ଶ ଦେଇସାରିଛି, 'ତାକୁ କିଣି ପକାଅ ।' କିଣିବା ପାଇଁ ଆଉ ସମୟ ନାହିଁ । ବାଲିଗା ଆହୁରି କହିଥିଲା, କିଣି ନ ପାରିବ ଯଦି 'ଫିନିଶ' କରିଦିଅ । ବାଲିଗା ଜଣେ ଭୂତପୂର୍ବ ଜଜ ହେଇ ନ ପାରେ ! ସେ ଗୋଟାଏ ମସ୍ତବଡ଼ ଗୁଣ୍ଡା ! ଭୟଂକର ହତ୍ୟାକାରୀ ହେବାର ବି ତାର କ୍ଷମତା ଅଛି !

ଟେବୁଲରେ ଥିବା ଡ଼ାଇରେକ୍ଟ ଫୋନରେ ସେ ଭିଜିଲେନ୍ସ ଡ଼ିଏସପିକୁ ପଚାରିଲେ, 'ମୋର ପି.ଏ. କୁ ପଚରା ଉଚୁରା କଲା ପରେ ଆପଣ ନିଶ୍ଚିତ ହେଲେ ତ ?'

ଡ଼ି.ଏସ.ପି.ର ବଂଧୁତ୍ୱପୂର୍ଣ୍ଣ ଉତ୍ତର, 'ଅବଶ୍ୟ ଏ ସଂବଂଧରେ ମୋର କିଛି କହିବା କଥା ନୁହଁ । ଖାସ କରି ଆପଣଙ୍କୁ । ତଥାପି, ଆପଣଂକ ପି.ଏ. ଏବଂ ନିତୀଶ କୁମାରର ବୟାନ ଭିତରେ କୌଣସି ପ୍ରଭେଦ ନାହିଁ ।'

Digitized by srujanika@gmail.com

- ମୁଁ କହୁ ନ ଥିଲି ଆପଣଂକୁ ! ପଇସା ମିଳିଲେ ଆଜିକାଲି ଯେ କେହି ବିକ୍ରୀ ହେଇଯିବ ।

- ତାହେଲେ ଆପଣ ତାକୁ କିଣି ନେଇଥାନ୍ତେ । ଏତିକି କହିଲା ପରେ ଡ଼ିଏସ.ପି ଯୋର ଯୋରରେ ହସିଲା ଅର୍ଥାତ୍ ସେ ମଜାକ କରୁଛି ।

ସିଧା, ସଫା ଏବଂ ଫାଙ୍କା ରାସ୍ତାରେ ଗାଡ଼ି ଚଳେଇ ଗଲାବେଳେ ସେ ଚିନ୍ତା କଲେ, ଏବେ ବି ବିଶେଷ ଡ଼େରି ହେଇନି । ପି.ଏ.ର ଔପଚାରିକ ବୟାନ ଏ ଯାଏଁ ନିଆ ଯାଇନି, ପରେ ନିଆଯିବ । ତାକୁ ଆଜିବି କିଣାଯାଇ ପାରେ ।

ଆଉ ଦ୍ୱିତୀୟ ବିକଳ୍ପ ?

ଯଦି ତୀବ୍ର ଗତିରେ ଧାବମାନ ଏହି ବଳବାନ ମୋଟର ଆଗକୁ ସେ ଆସିଯାଏ, ତାକୁ କ'ଣ ଅସରପା ପରି ମାଡ଼ିଯିବା କଥା ନୁହେଁ ? ଯୋଗୀବାବୁଂକ ଧାରଣା, ଏବେ ବି ମୁଣ୍ଡ ତାଙ୍କର ଗରମ ହେଇନି ! ଥଣ୍ଡା ଅଛି । ନାଗ ସାପଟି ପୁଣି ମୁଣ୍ଡ ଭିତରେ ପଶି ଫୁତକାର ଆରଂଭ କଲାଣି ।

'କାହିଁକି ମ ? କାହିଁକି ମାଡ଼ିଯିବା କଥା ନୁହେଁ ?' ପ୍ରଶ୍ନଟିର ସେ କୌଣସି ସନ୍ତୋଷଜନକ ଉତ୍ତର ପାଇଲେ ନାହିଁ ।

ଗାଡ଼ି ଭୟଂକର ଗତିରେ ମାଡ଼ି ଚାଲିଥାଏ । ଯୋଗୀବାବୁ ସିଟ୍‌ର ଚାରି ପାଂଚ ଇଂଚ ଉପରକୁ ଉଠି ଆସିଥାନ୍ତି । ତାଂକ ଡ଼ାହାଣ ପାଦର ସବୁଯାକ ନଖ ଏକ୍ସିଲେଟରକୁ ଝାଂପି ଧରିଥାନ୍ତି । ତାଂକ ନଜର ସମ୍ମୁଖସ୍ତ ରାସ୍ତା ଉପରେ ରହିଥାଏ । କଥା ହେଲା, ହଠାତ୍ ଦେଖିଲେ, ଆଗରେ ଜଣେ ସାଇକଲଧାରୀ ଯାଉଛି । ତାକୁ ଦେଖି ଯୋଗୀବାବୁ ଭାବିଲେ, ତାଙ୍କ ପି.ଏ. ଯାଉଛି । ଅଫିସ କାମ ସାରି ସାଇକଲରେ ତା' ଗାଁକୁ ଫେରୁଛି ! ସେ ପାଟି କଲେ, 'ମିଃ ବାଲିଗା, ତୁମେ ଠିକ କହିଛ ।' ବୋଧହୁଏ ସେ କହିନାହାନ୍ତି, କେବଳ ଭାବୁଥିଲେ ମନେ ମନେ ।

ବଡ଼ ଆଶ୍ଚର୍ଯ୍ୟ କଥା- 'ପି.ଏ.' ପ୍ରାୟ କାର୍‌ର ବେଗରେ ସାଇକଲ ମାଡୁଥାଏ । କାର କବଳରୁ ରକ୍ଷା ପାଇବା ପାଇଁ ଅପ୍ରତ୍ୟାଶିତ ଭାବେ ଟେଢ଼ା-ମେଢ଼ା ରାସ୍ତାରେ ସେ ସାଇକଲ ଚଳେଇ ନେଉଛି । ଏତେବେଳକୁ ଯୋଗୀବାବୁଙ୍କ କାର ସାଇକଲ ଏବଂ ତାର ଆରୋହୀକୁ ଦଳି ଦେଇ ଆଗକୁ ମାଡ଼ିଯିବା କଥା । ମାତ୍ର ତା' ହେଇ ପାରୁନି । ପି.ଏ.ର ଖଇରିଆ ରଂଗର ସାର୍ଟ ଯୋଗୀବାବୁଙ୍କ କାରର ଆଗେ ଆଗେ ଫର୍ ଫର୍ ହେଇ ଉଡୁଥାଏ । ଅସ୍ତମାନ ସୂର୍ଯ୍ୟର କିରଣରେ ସାର୍ଟଟି ଚକଚକ ଦେଖାଯାଉଛି । ଯୋଗୀବାବୁ

Digitized by srujanika@gmail.com

ଦେଖିଲେ, ହଠାତ୍ ସାଇକଲ ରାସ୍ତା ତଳକୁ ଓହ୍ଲାଇ ଚାଲିଲାଣି । ସେ ତାଂକ କାରକୁ ବି ରାସ୍ତା ତଳକୁ ଉତାରିନେଲେ । ସାଇକଲ ଉପରେ ମାଡ଼ିଯିବା ପୂର୍ବରୁ ଦେଖିଲେ, ପି.ଏ. ସାଇକଲକୁ ନବେ ଡ଼ିଗ୍ରୀରେ ମୋଡ଼ି ଦେଇ ରାସ୍ତା ଉପରକୁ ନେଇଗଲାଣି । ସେ ବି କାରକୁ ମୋଡ଼ିଲେ । ଯେମିତି ହେଲେ ତାକୁ 'ଫିନିଶ' କରିବାକୁ ହେବ । ବାଲିଗା ଠିକ୍ କହିଛି ।

ହଠାତ୍ କାର ରାସ୍ତାକଡ଼ର ବିଜୁଳି ଖୁଣ୍ଟରେ ଯାଇ ଯୋରରେ ଲାଗିଲା । ସାଇକଲ-ଯାତ୍ରୀ ସେତେବେଳେ କାରର ମାତ୍ର କେତେ ଗଜ ପଛରେ ଥାଏ । ଦୁର୍ଘଟଣା ସ୍ଥଳରେ ସେ ପହଂଚିଲା ବେଳକୁ ଆଖପାଖରୁ ଅନେକ ଲୋକ ପହଂଚି ସାରିଥାନ୍ତି । ଯୋଗୀବାବୁଙ୍କର ପ୍ରଶସ୍ତ ଛାତି କାରର ଷ୍ଟିଅରିଂ ଓ ସିଟ୍ ମଝିରେ ଭିଷଣ ଭାବେ ଚାକି ହେଇଥାଏ । ଭାଂଗା ଝରକାର ଖଣ୍ଡେ କାଚ୍ ତାଙ୍କ ଗାଲ ଉପରେ ପଶିଯାଇଥାଏ । ଗାଲରୁ ସଦ୍ୟ ପ୍ରବାହିତ ରକ୍ତର ଧାର ସ୍ପଷ୍ଟ ଦିଶୁଥାଏ ।

ଡ୍ରାଇଭର କଡ଼ର ଦରଜା ମୋଡ଼ି ମକଚି ବିକୃତ ଦିଶୁଥାଏ । ସମସ୍ତଙ୍କର ଚିନ୍ତା, ଡ୍ରାଇଭରକୁ ବାହାର କରିବେ କେମିତି ! ଠିକ୍ ସେତେବେଳକୁ ଦୁର୍ଘଟଣା ସ୍ଥଳରେ ଟ୍ରକଟିଏ ଆସି ଛିଡ଼ା ହେଲା । ଟ୍ରକ ଡ୍ରାଇଭର କୌଣସିପ୍ରକାରେ କାର୍‌ର ଦରଜା ଭାଂଗି ଗୋଟାଏ ପଟକୁ ପେଲିଦେଲା । ତା'ରି ନେତୃତ୍ୱରେ ଲୋକ ଯୋଗୀବାବୁଙ୍କୁ ଗାଡ଼ି ଭିତରୁ କାଢ଼ିଲେ । ଟ୍ରକ ଡ୍ରାଇଭର ତାଂକୁ ନିଜ ଗାଡ଼ିରେ ଲଦି କେତେଜଣ ଅଜ୍ଞାତ ବ୍ୟକ୍ତିଙ୍କ ସହାୟତାରେ ସହରର ବଡ଼ ଡ଼ାକ୍ତରଖାନାରେ ପହଂଚେଇ ଦେଲା ।

ସାଇକଲ-ଯାତ୍ରୀ ପାଖ ଗାଁର ଜଣେ ଯୁବକ । କଲେଜରେ ପାଠ ପଢ଼େ । ତାର ବେଶି ଆଗ୍ରହ ଖେଳରେ । ସାଇକଲ ସେ କେବେ ଆସ୍ତେ ଚଲାଏନା । ଅନ୍ୟଥା ତାଂକ ଗାଁର ଫୁଫୁଲା ବୁଢା ପୋଷ୍ଟମେନ୍‌କୁ ତା'ର ମନେ ପଡ଼ିଯାଏ । ପୂରା ବଳ ଦେଲା ପରେ ସୁଦ୍ଧା ବେଚାରା ବୁଢ଼ା ପୋଷ୍ଟମେନ୍‌ର ସାଇକଲ କଁ କଁ ଶବ୍ଦକରି ଆସ୍ତେ ଆସ୍ତେ ଚାଲେ । ଯୁବକ ଜଣକ କିଛି ବେଳ ଧରି ଦୁର୍ଘଟଣା ସ୍ଥଳରେ ଏକତ୍ରିତ ଭିଡ଼ର କଥାବାର୍ତ୍ତା ଶୁଣିଲା । ଯାହାହେଉ ବେଚାରା ଗାଡ଼ିବାଲା ଏତେ ଆଘାତ ପାଇ ସୁଦ୍ଧା ବଂଚିଯାଇଛି । ଲୋକ କଥାବାର୍ତ୍ତା କରୁଥିଲେ । ଲୋକ ବୁଝିପାରୁ ନଥିଲେ, ଏତେ ସଫାସୁତୁରା ଆଉ ପ୍ରଶସ୍ତ ରାସ୍ତା ଥାଉଁ ଥାଉଁ ଡ୍ରାଇଭର ଗାଡ଼ିକୁ ରାସ୍ତା ତଳକୁ ବାରଂବାର ନେ ଆଣ କରୁଥିଲା କାହିଁକି ?

ସାଇକଲ-ଯାତ୍ରୀକୁ ପ୍ରଶ୍ନଟିର ଉତ୍ତର ଜଣାଥିଲା, କାରଣ ଗାଡ଼ିର ଆଗ ବଂପର ଅନେକ ଥର ସାଇକଲର ପଛ ମଡ଼ଗାର୍ଡ଼କୁ ଛୁଇଁଛି । ଜାଣି, ମୃତ୍ୟୁର ଚୁଂବନ ଦେଇଛି । ଦୃଶ୍ୟଟିକୁ ମନେ ପକାଇ ସେ ଏବେ ବି ଆତଂକିତ ହୋଇ ଉଠୁଥିଲା । ତାର ବିଶ୍ୱାସ ହେଉ

Digitized by srujanika@gmail.com

ନଥାଏ, ଲୋକ ଏମିତି ପାଗଳାମି କରନ୍ତି ବୋଲି । ଯେହେତୁ ତାର ନିଜର ବିଶ୍ୱାସ ହେଉ ନଥିଲା, ସେ ବା କେମିତି ଆଶା କରିବ, ଅନ୍ୟମାନେ ଏକଥାକୁ ବିଶ୍ୱାସ ଯିବେ ବୋଲି ?

ଦୁର୍ଘଟଣାଗ୍ରସ୍ତ ଭଂଗା ଗାଡ଼ିଟିର ଅବାସ୍ତବ ରୂପକୁ ସେ ଆତଂକିତ ନଜରରେ ଚାହିଁଲା ଅନେକ ବେଳ ଧରି । ତେଣିକି ବିନା କାହାକୁ କିଛି କହି ତା' ସାଇକଲ ସଂଭାଳିଲା ଏବଂ ପୂର୍ବବତ ତୀବ୍ର ଗତିରେ ନିଜ ଗାଁ ଆଡ଼କୁ ମୁହାଁଇଲା । ଯୋଗୀବାବୁଙ୍କ ନୂଆଁ ଏଂବାସେଡ଼ର ପଡ଼ିଥାଏ !!

❑

Digitized by srujanika@gmail.com

ଖଦଡ଼ମୁନା

ବସନ୍ତ ଋତୁ । ସକାଳ ବେଳା । ତାର ରମଣୀୟତା କହିବାର ନୁହେଁ । କବି ଓ କବିତା ଦୃଷ୍ଟିରୁ ରମଣୀୟତା ସାଂଗରେ ତହିଁରେ ଆହୁରି କେତେ କ'ଣ ରହିଥାଏ, ସେକଥା ତ ମୋଟେ କହିବାର ନୁହେଁ । ଯାହା କହିବାର କଥା, ସେ ହେଲା : ହିମ୍ମତପୁରା ଗାଁରେ ଆଜି ସକାଳୁ ସକାଳୁ କୁନ୍ତୀଦେବୀ ଓ ତାର ପାଂଚଜଣ ଅନୁଚର ଆସି ପହଂଚିଲେ । ଗାଁ ମୁଣ୍ଡରେ ଥିବା କୂଅର ଚାଂଦରେ ଲିଂବ ଗଛର ଛାଇ ତଳେ ବସିଲେ ସମସ୍ତେ । ସେମାନେ ଗତକାଲି ବି ଆସି ଏହି ଯାଗାରେ ବସିଥିଲେ । କାଲି ଥିଲେ ବାରଜଣ, ଆଜି ପାଂଚ । ଜଣେ ଲୋକକୁ ତା ବେଉଷାରୁ ଆମେ କହନ୍ତି, କମାର ବା କୁଂଭାର ବା ଦିନ ମଜୁରିଆ । ସେହି ଆଧାରରେ ଆଗନ୍ତୁକମାନେ ହେଲେ ଠେଟ ଡ଼କାୟତ ।

ବଢ଼େଇ, କମାର କିମ୍ବା ରେଜା କୁଲିମାନେ କାମ ମଝିରେ ତୋରାଣି ପିଇବା ପାଇଁ ଆସି କୌଣସି କୂଅର ଚାଂଦ ଚାରିକଡ଼େ ଖୋଲାମେଲା ହେଇ ବସନ୍ତି, ନିଜ ନିଜର ଦା', ହାତୁଡ଼ି ଆଦି ସାଜ ସରଂଜାମ କୂଅ ନଂଦରେ ଆଉଜେଇ ରଖନ୍ତି । ଠିକ ସେମିତି ଡ଼କାୟତମାନେ ବି ନିଜ ନିଜର ଦେଶୀ ବଂଧୁକ ଗୁଡ଼ିକୁ କୂଅ ନଂଦରେ ଡ଼େରି ଦେଇ ଘର ପରିବାର କଥା ଗପିବାକୁ ଲାଗିଲେ । ଏପଟେ ଗାଁର ପିଲାଟିଏ ଆଦେଶ ପାଇ ଲୋକଙ୍କୁ ଡ଼ାକିବାକୁ ଯାଇଥାଏ- ଡ଼କାୟତ ଆସିଛନ୍ତି । ସମସ୍ତେ ଗାଁ ମୁଣ୍ଡ କୂଅ ପାଖରେ ଆସି ଜମା ହୁଅ । ଗାଁ ଏ ମୁଣ୍ଡରୁ ସେ ମୁଣ୍ଡକୁ ପିଲାଟି ଡ଼ାକି ଚାଲିଥାଏ ଏବଂ ତା' ପଛେ ପଛେ ଏକ ଭୟ ଓ ଅଶ୍ୱସ୍ତିର ବାତାବରଣ ଗାଁ ସାରା ଖେଳି ଯାଉଥାଏ । ଧୀରେ ଧୀରେ ଲୋକ କୂଅ ପାଖରେ ଆସି ଜମାହେଲେ । ଅନେକ ଲୋକ ଚାଂଦ ସାମନା ମାଟିରେ ଗାମୁଛା ପାରି ବସିଗଲେଣି । ରାଜା-ରାଜୁଡ଼ା ଯୁଗର କଥା ହେଇଥିଲେ, ଦାନ୍ତରେ ତିରଣ ଧରି ପହଂଚିଥାନ୍ତେ । ଆଜିକାଲିକା କଥା । ମୁହଁ ଖୋଲା ଥିଲା । କାହାରି ମୁହଁରେ ତିରଣ ନଥିଲା । ପ୍ରତ୍ୟେକଂକର ହାବଭାବରୁ ସୁସ୍ପଷ୍ଟ ଯେ, ସେମାନେ ବିକଳରେ କେବଳ ପ୍ରାଣଭିକ୍ଷା କରୁଛନ୍ତି ।

କିଛି ଲୋକ ଡ଼ାକୁ ଆସିବା ଆଗରୁ ବଡ଼ି ଭୋରରୁ ବିଲକୁ ଚାଲିଗଲେଣି । ଡ଼କାୟତ ଦଳ ସେମାନଂକର ପ୍ରତୀକ୍ଷା କଲେ ନାହିଁ । ତାଙ୍କ ଆବଶ୍ୟକତା ମୁତାବିକ ଶ୍ରୋତାଂକର

Digitized by srujanika@gmail.com

ସମାଗମ ହେଲା ଉତ୍ତାରୁ ଜଣେ ଡ଼କାୟତ ଉପସ୍ଥିତ ଜନତାକୁ କଡ଼ା ନଜରରେ ଅନେଇ ଘୋଷଣା କଲା, 'କୁନ୍ତୀଦେବୀର ଝୁଲାମୁନା କିଏ ରଖିଛ, ଫେରାଇଦିଅ ।'

'କୁନ୍ତୀଦେବୀ' ହେଲା ଦସ୍ୟୁସୁଂଦରୀ, ଅବଶ୍ୟ ପୋଲିସ ଓ ସଂବାଦପତ୍ରର ଭାଷାରେ । କାରଣ ସେ ଜଣେ ସ୍ତ୍ରୀ ଏବଂ ସାଂଗରେ ଡ଼କାୟତ ବି । ଅନ୍ୟଥା ତା'ଠାରେ ଗାଁଲୋକ କେବେ ସୌନ୍ଦର୍ଯ୍ୟ ଦେଖି ନାହାନ୍ତି । ତାଂକ ପାଇଁ ସେ ଜଣେ ଦସ୍ୟୁ ସର୍ଦ୍ଦାର ମାତ୍ର । ଡ଼କାୟତଦଳର ତାଗିଦା ଶୁଣି ଲୋକ ଅନୁମାନ କରିନେଲେ, କୁନ୍ତୀଦେବୀ ପାଖରେ ଗୋଟାଏ ଝୁଲାମୁନା ଥିଲା । କୌଣସି କାରଣବଶତଃ ମୁନାଟି ହଜିଯାଇଛି । ଗାଁ ଲୋକ ଏକଥା ମଧ୍ୟ ଅନୁମାନ କରିନେଲେ ଯେ, ସେମାନେ ବଡ଼ ବିପଦରେ ପଡ଼ିଛନ୍ତି ।

ଡ଼କାୟତମାନେ ଗାଳିଗୁଲଜ କରିନାହାନ୍ତି । ଭଦ୍ର ଭାବରେ ବୁଝେଇ ଦେଇଛନ୍ତି କଥାଟିକୁ । 'ଗଲାକାଲି ଏହି ଗାଁ ଦେଇ କୁନ୍ତୀଦେବୀର ଦଳ ଯାଉଥିଲା । ଏହି କୂଅର ଚାଂଦରେ ବସି ସେମାନେ ତୋରାଣି ପିଇଥିଲେ । ଭୁଲରେ କୁନ୍ତୀଦେବୀର ଝୁଲାମୁନଟି ଛାଡ଼ି ଦେଇଗଲେ । ଏଯାଏଁ ତାର ଟେର ମିଳିନି । ଗାଁବାଲା ଶୀଘ୍ରାତିଶୀଘ୍ର ଝୁଲାମୁନଟି ଫେରାଇ ଦିଅନ୍ତୁ ।' ଠିକ ଏହିଭଳି ଭଦ୍ର ଭାବରେ ବୁଝାଇ ସୁଝାଇ ମଧ୍ୟଯୁଗରେ ଦିନେ ନାଦିରଶାହ ମୋଗଲ ସମ୍ରାଟ ମହମ୍ମଦଶାହ ପାଖରୁ କୋହିନୁର ହୀରା ନେଇଥିଲା ।

ଜଣେ ଡ଼କାୟତ କହିଲା, 'ଦୁଇଦିନ ପରେ ଆମେ ପୁଣି ଆସିବୁ । ସେତେବେଳେ ଝୁଲାମୁନା ନିହାତି ମିଳିଯିବା କଥା । ନୋହିଲେ ଗାଁର କେହି ଛାଡ଼ ପାଇବ ନାହିଁ ।' ଏହି ଧମକଟିକୁ ଡ଼କାୟତଟି ଆଶୀର୍ବାଦ ଦେଲା ମୁଦ୍ରାରେ ଦେଇଗଲା । କଥାଟିକୁ ଲୋକେ ହଜମ କରିବା ପୂର୍ବରୁ, ସିନେମା ଓ ସିରିଅଲରେ ସାଧାରଣତଃ ଯେମିତି ଦେଖିବାକୁ ମିଳେ, ତୃତୀୟ ଡ଼କାୟତ ଜଣକ ଗର୍ଜନ କଲା, 'ସାବଧାନ । ପୋଲିସ ପାଖରେ ଯଦି ଖବର ପହଂଚିଛି, କେହି ବଂଚିବ ନାହିଁ । ଜଣ ଜଣ କରି ସମସ୍ତେ ଗୁଳି ଖାଇ ମରିବ ।'

ଡ଼କାୟତମାନଙ୍କର କେବଳ କଣ୍ଠସ୍ୱର କାହିଁକି, 'ଡ଼ାଇଲଗ' ଗୁଡ଼ିକ ବି ପୁରା ଫିଲ୍ମି ଭଂଗୀରେ । ସାଧାରଣତଃ ଫିଲ୍ମି ଡ଼ାଇଲଗ ଶୁଣି ଗାଁ ଲୋକଙ୍କର ଦୁଃଖ ଲାଘବ ହୁଏ । ସେଥିପାଇଁ ମଝିରେ ମଝିରେ ସେମାନେ ସହରକୁ ଯାଇ ସିନେମା ଦେଖନ୍ତି । ସରକାର ବି ଗାଁରେ ଆଣି ସିନେମା ଦେଖାନ୍ତି । ହେଲେ ଆଜି ଡ଼ାଇଲଗଗୁଡ଼ିକ ଦହିଭଳିଆ ସେଇଠି ବସି ଜମାଟ ବାନ୍ଧି ଗଲେ । ଲୋକଙ୍କ ମୁହଁରୁ କିଛି ବାହାରୁ ନଥାଏ । ଶେଷରେ ଡ଼କାୟତ ଦଳ ଯିବାକୁ ବାହାରିଲାରୁ ଗାଁର ବୁଢ଼ା ଲୋକ ଜଣେ ହାତଯୋଡ଼ି ପଚାରିଲା, 'ହଜୁର,

Digitized by srujanika@gmail.com

ଝୁଲାମୁନାଟି ଦେଖିବାକୁ କେମିତି ? ମାନେ କପଡ଼ାର ମୁନା, ନା ଆଉ କୋଉ ଜିନିଷର ? ଦେଖିବାକୁ ତାର ରଂଗ କେମିତି ?'

ଜଣେ ଡ଼କାୟତ ଉତ୍ତର ଦେଲା, 'ଗାଂଧି ଆଶ୍ରମବାଲା ଝୁଲା ମୁନା ।'

ବୁଢ଼ାର ମୁଖମଣ୍ଡଳରୁ ସ୍ପଷ୍ଟ ପ୍ରତୀତ ହେଲା ଯେ, ତାକୁ କିଛି ବୁଝାପଡ଼ି ନାହିଁ । ତେଣିକି ଡ଼ାକୁଜଣକ ପ୍ରାଂଜଳ ଭାବେ କଥାଟିକୁ ବୁଝାଇ ଦେଲା, 'ଗାଂଧି ଆଶ୍ରମବାଲା ଖଦଡ଼ମୁନା । ରଂଗ ନୀଳ ଓ ଧଳା । କାଂଧର ଝୁଲାମୁନା ।'

ଠିକ ସେହିଦିନ ସଂଧ୍ୟା ନ ହେଉଣୁ ଗାଁରେ ପୋଲିସ ହାଜର । ଗୋଟି ଗୋଟି କରି ଗାଁର ସବୁ ଘର ଖାନତଲାସୀ ନେଲା ପରେ ଯେତେବେଳେ ପୋଲିସ କୁନ୍ତୀଦେବୀର ଝୁଲାମୁନା କାହିଁ କେଉଁଠି ପାଇଲା ନାହିଁ, ବାଧରେ ପଡ଼ି ଦୁଇ ଜଣଙ୍କ ଘରୁ ତାଂକୁ ଦେଶୀ ବଂଧୁକ ଓ ଗୁଳି ବାହାର କରିବାକୁ ପଡ଼ିଲା । ଯାହାଘରୁ ବଂଧୁକ ମିଳିଥିବାର ଅଭିଯୋଗ ହେଇଥାଏ, ତାକୁ ନିୟମାନୁସାରେ ମାଡ଼ ମାରି ସାରି ପୋଲିସ ମଧ ଗାଁଟା ସାରା ଲୋକଙ୍କୁ ସେହି କୂଅର ଚାଂଦ ଆଗରେ ଏକତ୍ରିତ କଲା ଏବଂ ସୂଚିତ କଲା ଯେ, 'ପୋଲିସକୁ ଖବର ମିଳିଛି । କୁନ୍ତୀଦେବୀର ଡ଼ାକୁଦଳ ଆଜି ସକାଳେ ଏହି ଗାଁକୁ ଆସିଥିଲେ । ଗାଁ ଲୋକ ଏଯାଏଁ ଖବରଟିକୁ ଥାନାରେ ଦେଇନ କାହିଁକି ? ଆରେ ଏ ଶଳା ମୁଖିଆ, ତୁ ଆଗ ଜବାବ ଦେ ।'

'ଶଳା ମୁଖିଆ' ଅର୍ଥାତ୍ ଗାଁର ନିର୍ବାଚିତ ଲୋକ ପ୍ରତିନିଧି ସବା ପଛରେ ଡ଼ରିମରି ଢାକିଢୁକି ହେଇ ଛିଡ଼ା ହେଇଥାଏ । ବାଧ ହୋଇ ଏବେ ଜବାବ ଦେଲା, 'ମତେ ଜଣା ନାହିଁ ହଜୁର । ଗାଁକୁ ଆଜି କେହି ଆସି ନାହାନ୍ତି ।'

ପ୍ରତ୍ୟୁତ୍ତରରେ ପୋଲିସ ମୁହଁରୁ କେବଳ ଗାଳି ବର୍ଷିଲା । ଅକଥ୍ୟ ଗାଳିର ବର୍ଷା ମୂଷଳଧାରର ଆକାର ନେଲା ବେଳକୁ ବିନା ବିଚାର ଆଲୋଚନା ଆଉ ଆଦୌ ଯୁକ୍ତିତର୍କ ନକରି ଗାଁ ଲୋକ ସ୍ଥିର କରିନେଲେ ଯେ ମୁଖିଆର କଥାକୁ ଦୋହରାଇବେ । ପ୍ରତ୍ୟେକ ହାତଯୋଡ଼ି କହୁଥାନ୍ତି, 'କୁନ୍ତୀଦେବୀ କିଂବା ତାଂ'ଦଳ ଗାଁକୁ ଆଜି ଆସିନାହାନ୍ତି ।' ବାକ୍ୟଟିକୁ କେବେ ସେମାନେ ଦୁଇହାତ ଟେକି କହନ୍ତି, ତ ଆଉକେବେ କାନ୍ଦି କାନ୍ଦି କହନ୍ତି । ତ' ପୁଣି କେବେ ଶପଥ ନେଇ କହନ୍ତି । ଆଉ କେବେ ଯଥୋଚିତ ମାତ୍ରାରେ ଦୃଢ଼ଭଂଗୀରେ କହନ୍ତି । ସତ୍ୟବାଦୀ ବାଳକଟିଏ ମିଛ କହିବାର ଅଭିଯୋଗରୁ ତ୍ରାହି ପାଇବାପାଇଁ ଯେତେ ସବୁ ପଦ୍ଧତି ଆଚରଣ କରେ, ସବୁ ପଦ୍ଧତିକୁ ଗୋଟାକ ପରେ ଗୋଟାଏ ସେମାନେ

Digitized by srujanika@gmail.com

କାର୍ଯ୍ୟୋପଯୋଗୀ କରିବାକୁ ଚେଷ୍ଟା କଲେ । ଉତ୍ତରରେ ପୋଲିସ ମୁହଁରୁ ଅଧିକରୁ ଅଧିକ ଗାଳି ବର୍ଷିଲା, ଲୋକଙ୍କ ଉପରେ ବେଶି ବେଶି ବେତମାଡ଼ ପଡ଼ିଲା ।

ଶେଷରେ ଥାନାବାବୁ ବିଷୟଟିକୁ ପ୍ରାଞ୍ଜଳ ଭାବେ ବର୍ଣ୍ଣନା କଲେ, 'ହରଗାଁରେ ପଅରଦିନ ଡକାୟତ ପଶିଥିଲେ, ଏକଥା ତୁମେମାନେ ଜାଣ । ଏ ହେଲା କୁନ୍ତୀଦେବୀ ଦଳର କାମ । ଡକାୟତିରେ ଗାଁର ମୋଟ ଦେଢ଼କେଜି ଓଜନର ସୁନା ଗହଣା ଯାଇଛି । ତାର ଦାମ୍ କେତେ ହେବ ଜାଣିଛ ? ପାଞ୍ଚଲକ୍ଷଟଙ୍କାରୁ ଊଣା ନୁହେଁ । ପୋଲିସକୁ ଜଣା, କୁନ୍ତୀଦେବୀ ତା' ଝୁଲାମୁନାରେ ସବୁତକ ଗହଣାକୁ ରଖିଥିଲା । ଝୁଲାମୁନା ଏଇଠି କେଉଁଠି ହଜିଛି । ତୁମେ ଗାଁବାଲା କ'ଣ ପାଞ୍ଚଲକ୍ଷ ଟଙ୍କା ହଜମ କରିପାରିବ ? ଯେଉଁ ପମ୍ପରେ ଟ୍ରକ ଚକରେ ହାଓ୍ୱା ଭର୍ତ୍ତି କରାଯାଏ ଯଦି ସେହି ପମ୍ପରେ ବେଙ୍ଗ ପେଟକୁ ପବନ ପଶେ ଜାଣିଛ ପରିଣାମ କ'ଣ ହେବ ? ପେଟ ଢୋ କରି ଫାଟି ଯିବନି ? ଶଳେ, ତୁମେ ସମସ୍ତେ ସେହି ବେଙ୍ଗର ଦୁର୍ଦ୍ଦଶା ଭୋଗିବ । ପାଞ୍ଚଲକ୍ଷଟଙ୍କା ଗିଳିବାପାଇଁ ତୁମର ବଳ ଅଛି ? ଜଣ ଜଣ କରି ସମସ୍ତଙ୍କ ଉପରେ ଚାରିଶହ ବାର ଦଫା ଲାଗିବ ।' ଶେଷରେ ଆଉଥରେ ସେ ଗର୍ଜନ କଲେ, 'ଶଳେ, କୋଉଠି ରଖିଛ ଝୁଲାମୁନା ଏବେ ବାହାର କର ।'

ହେଲେ, ଖଦଡ଼ ମୁନାର ମାଲିକାଣୀ ଯଦି ନିଜେ ଗାଁକୁ ଆସିନି, ଝୁଲାମୁନା ବା ଗାଁରେ ପହଞ୍ଚିବ କେମିତି ? ଝୁଲାମୁନାଟିକୁ ଚବିଶଘଣ୍ଟା ଭିତରେ ଆଣି ଯେକୌଣସି ମତେ ଥାନାରେ ଜମା ଦେବାକୁ ତାଗିଦା କରି ଶେଷରେ ପୋଲିସର ବି ଗସ୍ତ ଶେଷ ହେଲା । ଗଲାବେଳେ ପୋଲିସଦଳ ତଦାରଖରୁ ମିଳିଥିବା ଦୁଇଟି ଯାକ ଦେଶୀବନ୍ଧୁକ ଏବଂ ଦୁଇଜଣ ଅଭିଯୁକ୍ତଙ୍କୁ ସାଙ୍ଗରେ ଥାନାକୁ ନେଇଗଲେ । ତାଙ୍କର ଶେଷ ଧମକି ହେଲା, 'କାଲି ସନ୍ଧ୍ୟାରେ ଆମେ ପୁଣି ଆସିବୁ ।'

ଗାଁଟି ବହୁତ ଛୋଟ । ମୋଟ ଘର ଚାଳିଶ ପଚାଶରୁ ବେଶି ହେବ ନି । ଅପନ୍ତରା ବଣ ଭୂଇଁରେ କେତେଗୋଟି ଝାଟିମାଟିର କୁଡ଼ିଆ । ଦେଖିଲେ ମନେହେବ, ବସନ୍ତର ଦାଗଭରା ଅପରଛନିଆ ମୁହଁରେ ଯେମିତି କେତୋଟି ବ୍ରଣ ଉଠିଛି । ଲୋକ ବାଞ୍ଝ ଜମିରୁ ଖଣ୍ଡେ ଖଣ୍ଡେ ନେଇ ସେଥିରେ ହଳ କରନ୍ତି, କୋଡ଼ି କୋଦାଳ ଚଳାନ୍ତି । ପରିଣାମତଃ ଚଣା, ହରଡ଼ ଭଳି କିଛି ଚାଷ ହେଇଯାଏ । କେବେ କେବେ ସବୁ ମରିଯାଏ, କିଛି ଅମଳ ହୁଏନା । ସେ ଯାହା ହେଉ ଭଗବାନଙ୍କ ଆଶୀର୍ବାଦରୁ ଗାଁକୁ ଲାଗି କିଛି ସମାନ୍ତର ଟାଙ୍ଗରାଭୂଇଁ ରହିଥିଲା । ସେଠି ଥାଏ କଣ୍ଟାବଣର ଛୋଟିଆ ଜଙ୍ଗଲଟିଏ ଏବଂ କେତୋଟି

Digitized by srujanika@gmail.com

ମହୁଲ ବୁରେଇ ବା ବଣ । ଚଣା ଓ ହରଡ଼ ଚାଷ ଅପେକ୍ଷା ଲୋକଙ୍କର ବଡ଼ ଭରଷା ରହିଥିଲା ଏହି ମହୁଲ ବୁରେଇ ଉପରେ । ମହୁଲ ଫୁଲକୁ ସୁଖେଇ ତହିଁରୁ ସେମାନେ ଦେଶୀ ମଦ ରାନ୍ଧନ୍ତି । ବଳି ପଡ଼ିଥିବା ଫୁଲରେ ଧଳା ରାଶି ମିଶେଇ 'ମହୁଲିସିଝା' କରି ଖାଆନ୍ତି । ମହୁଲ ଫଳ ଅର୍ଥାତ ଚାରକୁ ସିଝେଇ ଖରାଦିନେ ତରକାରୀ ରାନ୍ଧନ୍ତି, ତେଲ ପେଡ଼ନ୍ତି । ପର୍ବପର୍ବାଣୀରେ ବର୍ଷରେ ଥରେ ଅଧେ ଘରେ ନିୟମାନୁସାରେ ଯେଉଁ ପିଠାପଣା ତିଆରି କରିବାକୁ ପଡ଼େ, ଏହି ତେଲ ସେତେବେଳେ ବେଶ୍ କାମରେ ଲାଗେ । ମହୁଲ ପତ୍ର ପୁଣି ଗାଁ ଲୋକଙ୍କ 'ଲଞ୍ଚ-ଡିନର'ରେ 'ଟ୍ରେ'ର କାମ କରେ । ଲୋକଙ୍କର ଧାରଣା ଯେ, ମହୁଲଗଛ ମଜବୁତ ନୁହେଁ । ତେଣୁ, ତହିଁରୁ ଭଲ ଖଟ, ଦରଜା ଆଦି ଫର୍ନିଚର ତିଆରି ହୋଇପାରେନା । ତା'ସତ୍ତ୍ୱେ ମହୁଲଗଛ ବ୍ୟବହାର କରି ସେମାନେ ଖଟ, ଚୌକାଠ, ଦରଜା ଆଦି ତିଆରନ୍ତି । ଗାଁରେ ଯିଏ ଯେତେବେଳ ପରଲୋକ ଗମନ କରେ, ମହୁଲ କାଠରେ ପୁଣି ଚିତା ଜଳେ । ସେତେବେଳେ ମନେହୁଏ, ଘରୋଇ ଫର୍ନିଚର ତୁଳନାରେ ଚିତା ଜାଳିବାରେ ତାର ବଡ଼ ଉପଯୋଗିତା ରହିଛି ।

ଏଭଳି ଏକ ଗାଁରେ ପାଞ୍ଚଲକ୍ଷ ଟଙ୍କାକୁ ଯଦି କେବଳ ଠଣ ଠଣ ଗଣି ଦିଆଯାଏ, ଲୋକଙ୍କ ପେଟ ଫାଟି ଅନ୍ତବୁଜୁଳା ବାହାରି ପଡ଼ିବ । ସେଥିପାଇଁ ମୋଟର ପମ୍ପର ବା ଦରକାର ପଡ଼ିବ କାହିଁକି ? ଗାଁ ଲୋକ ମିଶି ସ୍ଥିର କଲେ, ଦୁର୍ଦ୍ଦଶାରୁ ତ୍ରାହି ପାଇବାପାଇଁ ମାତ୍ର ଗୋଟାଏ ବାଟ – ଯେମିତି ହେଲେ ଝୁଲାମୁନାଟିକୁ ଖୋଜି ବାହାର କରିବାକୁ ହେବ । ଲୋକଙ୍କ ପେଟ ଫାଟିବା ଆଗରୁ ଝୁଲାମୁନାଟି ତା' ପ୍ରକୃତ ଉତ୍ତରାଧିକାରୀ ପାଖରେ ଯାଇ ପହଞ୍ଚିବା କଥା । ଅବଶ୍ୟ ଝୁଲାମୁନାର ପ୍ରକୃତ ଦାୟାଦ ସକାଳୁଆ ଅତିଥି, ନା ସଂଜବେଳିଆ ଅତିଥି, ତାହା ଶେଷଯାଏଁ ସ୍ଥିର ହୋଇ ପାରି ନ ଥାଏ । ସେ ଯାହା ହେଉ, ଲୋକ ନିଜ ଘର ଚାରିକଡ଼େ ଯାଇ ଖୋଜିଲେ । ରାତିରେ ଲଣ୍ଠନ ଝୁଲେଇ ଥର ଥର କରି କେତେ ଥର କୂଅରେ କଣ୍ଟା ବି ପକେଇଲେ । ବଡ଼ ଭୋରରୁ ଯାଇ ଆଖପାଖର ଜଙ୍ଗଲ, କଣ୍ଟାବଣ, ଗାତ ଖାଲ ସବୁ ତଲାସିଲେ । ହେଲେ ଝୁଲାମୁନାର କାହିଁ କେଉଁଠି ଦେଖା ମିଳିଲା ନାହିଁ । ତା' ବଦଳରେ ଗାଁ ବାହାରେ ସେହି ପଞ୍ଚ ମହାରଥିଙ୍କ ସାଙ୍ଗରେ ଭେଟ ହେଲା । ଦ୍ୱାପରଯୁଗ କଥା ହୋଇଥିଲେ ନିଶ୍ଚୟ ସେମାନଙ୍କୁ ଦ୍ରୌପଦୀର ପାଞ୍ଚପତି ପଞ୍ଚୁପାଣ୍ଡବ ସାଙ୍ଗେ ତୁଳନା କରାଯାଆନ୍ତା । କଳିଯୁଗ କଥା । ତେଣୁ, କୁନ୍ତୀଦେବୀର ଅନୁଚର ବୋଲି ସେମାନେ ପରିଚୟ ପାଆନ୍ତି ।

Digitized by srujanika@gmail.com

ଦୀର୍ଘ ତିନିଦିନ ଯାଏ ଏହି ପ୍ରକ୍ରିୟା ନିୟମିତରୂପେ ଚାଲିଲା । ସକାଳେ ଡାକୁ ଦଳ ଆସନ୍ତି, ସଂଧ୍ୟାରେ ପୋଲିସ ଦଳ । ଗାଁର ଉନ୍ମୁକ୍ତ ଛାତି ଉପରେ ବିରାଜମାନ କେଉଁ ଅଦୃଶ୍ୟ ଲମ୍ୱ ପଟାର ଦୁଇକଡ଼େ ବସି ଦୁଇଦଳ ଯେମିତି 'ଉଠାପକା' ଖେଳ ଖେଳୁଛନ୍ତି । ପ୍ରତିଥର ଗାଁର କେହି ନା କେହି ମାଡ଼ ଖାଏ, ଛାତିରେ ତା'ର ବନ୍ଧୁକର ସଙ୍ଗୀନକୁ ଖେଞ୍ଚି ଦିଆଯାଏ, ପୁରା ଗାଁଟାକୁ ଜାଳିପୋଡ଼ି ଛାରଖାର କରିଦେବାର ଶକ୍ତ ଧମକ ମିଳେ । ଏହି ପ୍ରକ୍ରିୟାରେ ଗାଁ ଲୋକଙ୍କ ଦେହ ଓ ମନର ପୀଡ଼ା ଏତେ ବଢ଼ିଯାଏ ଯେ ତାକୁ ରାତିରେ ଘଣ୍ଟା ଘଣ୍ଟା ଧରି ମହୁଲି ମଦ ପିଇ ଧୋଇଲା ପରେ ବି ସେ ନିର୍ମୂଳ ହୋଇ ପାରେନା । କିଛି କିଛି ପୀଡ଼ା ଆରଦିନଯାଏ ବି ରହିଯାଏ ।

ଅବସ୍ଥା ଅସମ୍ଭାଳ ହେବାରୁ ଚତୁର୍ଥଦିନ ଗାଁ ମୁଖିଆ ତା'ର ମଇଳା ଧୋତି ଉପରେ ଧୂଆସଫା କୁରୁତା ପିନ୍ଧିଲା । ପାଦରେ ଗୋଟିଆ ବୁନ୍ଦେଲଖଣ୍ଡି ଚମଡ଼ା ଯୋତା ପିନ୍ଧିଲା । ମୁଣ୍ଡରେ ଟୋପି ଲଗେଇଲା, କାନ୍ଧରେ ଅଙ୍ଗବସ୍ତ୍ର ଧରିଲା ଏବଂ ଗାଁର ଦୁଇଜଣ ଯୁଆନ ଟୋକାଙ୍କୁ ସାଙ୍ଗରେ ଧରି ସମସ୍ତଙ୍କ ଅଜାଣତରେ ବହୁକୋଶ ଦୂରରେ ସ୍ଥିତ ସହର ଅଭିମୁଖେ ଚାଲିଲା । ଉଦ୍ଦେଶ୍ୟ – ସ୍ଥାନୀୟ ଏମ.ଏଲ.ଏ.କୁ ଯାଇ ଭେଟିବ । ମୁଖିଆର ଏହି ବିଦେଶଯାତ୍ରା ଏବଂ ଏମ.ଏଲ.ଏ. ସହ ଉଚ୍ଚସ୍ତରୀୟ ଆଲୋଚନା ମଧ୍ୟ ଶେଷରେ ବିଫଳ ହେଲା ।

ଏମ.ଏଲ.ଏ. ହେଲେ ଜଣେ ଆଦର୍ଶବାଦୀ ବ୍ୟକ୍ତି । ତାଙ୍କ କହିବା କଥା ଯେ, 'ମାମଲା କିଛି ଛୋଟକାଟର ନୁହେଁ । ପୁରା ପାଞ୍ଚଲକ୍ଷ ଟଙ୍କାର ଗହଣା । ପୋଲିସ ଯଦି କେଶଟିକୁ ତଦନ୍ତ କରୁଛି, ସେଥିରେ କ୍ଷତି କ'ଣ ? ଯଦି ସୁନାଗହଣା ତୁମ ଭିତରୁ କେହି ରଖିଛ, ଅବିଳମ୍ୱେ ତାକୁ ଯାଇ ଥାନାରେ ଜମା ଦିଅ । ଏଥିରେ ମୁଁ ବା କ'ଣ ସାହାଯ୍ୟ କରିପାରିବି ? ହଁ, ଝୁଲାମୁନାଟିକୁ ଯଦି ପୋଲିସ ପାଖରେ ଜମାଦେବାରେ କିଛି ସମସ୍ୟା ଥାଏ, ମୋ' ପାଖରେ ତାକୁ ଆଣି ଜମାଦିଅ । ମୁଁ ଯାଇ ଥାନାରେ ରଖି ଦେଇ ଆସିବି । ଅଯଥାରେ ତୁମେ ଥାନାକୁ ବା ଯିବ କାହିଁକି ? ତୁଚ୍ଛାଟାରେ ପୋଲିସ ତୁମକୁ ହଇରାଣ କରିପାରେ । ତେଣିକି ମୁଁ କଥା ଦେଉଛି, ପୋଲିସ ଗାଁ ଲୋକଙ୍କୁ ଗିରଫ କରିବନି । ବରଂ ସମସ୍ତଙ୍କୁ ସରକାରୀ ସାକ୍ଷୀ କରିଦେବ ।'

ସେହିଦିନ ନିଜର ପୂର୍ବ-ଯୋଜନା ଅନୁଯାୟୀ ଡାକୁଦଳ ତିନୋଟି ଘରେ ନିଆଁ ଲଗେଇ ଦେଲେ ଏବଂ ସଂଧ୍ୟାରେ ପୋଲିସ ତିନିଜଣଙ୍କୁ ବେଆଇନ ମଦ ରାନ୍ଧିବା ଅଭିଯୋଗରେ ହାଜତକୁ ପଠେଇ ଦେଲେ ।

Digitized by srujanika@gmail.com

· ପଞ୍ଚମ ଦିନ, ଦୁଇପହରେ ଗାଁର ଦୁଇଟି ପିଲା ତାଙ୍କ ବ୍ୟକ୍ତିଗତ କାମରେ କଣ୍ଟାବଣ ଆଡ଼େ ଯାଇଥିଲେ । 'ବଡ଼' ପିଲାଟିର ବୟସ ବାର ବର୍ଷ । 'ସାନ' ତା'ଠାରୁ ଦୁଇ ବର୍ଷ ସାନ । କଥା ଆରମ୍ଭରେ କୁହାଯାଇଛି ଯେ, ଇଏ ହେଲା ବସନ୍ତ ଋତୁର ଘଟଣା । ଅର୍ଥାତ ପାଗ ଖୁବ ରମଣୀୟ ହେଉଥାଏ ଏବଂ ଏକଥା ସତ ଯେ ପ୍ରତ୍ୟେକ ରମଣୀୟ ପାଗରେ ପିଲାଏ ଜଙ୍ଗଲରେ ବିଚରଣ କରିବାକୁ ଖୁବ ଭଲ ପାଆନ୍ତି । ପିଲା ଦୁଇଟିର ବ୍ୟକ୍ତିଗତ କାମ ହେଲା, ଜଙ୍ଗଲରୁ କାଇଁଚ ଗୋଟାଇ ଆଣିବା । କାଇଁଚ କଣ୍ଟାବଣ ଭିତରେ ଲାଖି ରହିଥିବା ଏକ ଲତାର ଫଳ । ସୌଭାଗ୍ୟର କଥା, ଭଗବାନ ନାଲି କାଇଁଚରେ କଳା ମୋତିଭଳିଆ ବିନ୍ଦୁଟିଏ ରଖି ଦେଇଛନ୍ତି । ତା' ଉପରେ ପିଲାଙ୍କର ଭାରି ସଉକ । ଏ ଦି'ଜଣ ପିଲା ବି ସେ ସଉକିରୁ ବାଦ ଯାଆନ୍ତେ କେମିତି ? ତାଙ୍କର ଯୋଜନା ହେଲା, ଘରେ କାହାକୁ କିଛି ନ କହି ଦୁଇ ପହରେ ଜଙ୍ଗଲକୁ ଚାଲି ଯିବେ ଏବଂ ସେଠି ଢେରସାରା କାଇଁଚ ଗୋଟାଇବେ ।

କାଇଁଚ ଗୋଟାଉଁ ଗୋଟାଉଁ ଦୁହେଁ ଯାକ ଘଞ୍ଚ କଣ୍ଟାବଣ ପାଖରେ ପହଞ୍ଚିଗଲେ । ବୁଦା ଭିତରେ କାଇଁଚ ଲତା ବେଶ ମାଡ଼ିଥାଏ । ହେଲେ ତା' ଭିତରକୁ ପଶିବା କଷ୍ଟ । ଏ ପଟେ ନାଲି ନାଲି କାଇଁଚର ଲୋଭ ସେମାନେ ସମ୍ଭାଳି ପାରୁ ନାହାନ୍ତି । ଆଗ ଆଣ୍ଠୁମାଡ଼ି ଏବଂ ଶେଷରେ ଛାତିରେ ଭରା ଦେଇ ଦୁହେଁ ଘୁଷୁରି ଘୁଷୁରି ବୁଦା ଭିତରେ ଯାଇ ପହଞ୍ଚିଲେ ।

ଏ କ'ଣ ? ବୁଦା ଭିତରେ ଧଳା ରଙ୍ଗର ଖଦଡ଼ ଝୁଲାମୁଣାଟିଏ ପଡ଼ିଛି । ସାଙ୍ଗେ ସାଙ୍ଗେ ଦୁହିଁଙ୍କର ହଂସା ଉଡ଼ିଗଲା । କିଛି ବେଳ ଧରି ଆଖିର ପଲକ ପଡ଼ିଲା ନାହିଁ । ବିସ୍ଫାରିତ ନୟନରେ ଦୁହେଁଯାକ ଝୁଲାମୁଣାକୁ ଦେଖୁଛନ୍ତି, ତ ଦେଖୁଛନ୍ତି । କେତେବେଳ ପରେ ପୁଣି ଜୀବନ ପଶିଲା । 'ବଡ଼' ପିଲାଟିର ମୁହଁରେ ହସର ସରୁଧାରଟିଏ ଦେଖାଗଲା । ହାଃ ହାଃ ହେଇ ସେ ହସିବାକୁ ଉଦ୍ୟତ ହେଉଥାଏ । ମାତ୍ର 'ସାନ' ପିଲାଟି ନିଜ ହାତକୁ 'ବଡ଼'ର ମୁହଁରେ ଢାଙ୍କୁଣି ଭଳି ଜାକି ରଖିଲା । ଏହା ଦେଖି 'ବଡ଼' ମନେ ମନେ 'ସାନ'ର ବୁଦ୍ଧିମତାକୁ ପ୍ରଶଂସା କଲା । ଗୋଟାଏ ହାତରେ ମୁହଁ ଉପରୁ 'ସାନ'ର ହାତକୁ କାଢ଼ି ସେ ଅନ୍ୟ ହାତରେ ଭାରି କଷ୍ଟରେ ଝୁଲାମୁଣାଟିକୁ ନିଜ ଆଡ଼କୁ ଟାଣି ଆଣିଲା ।

'ସାନ' ଚାପା କଣ୍ଠରେ ପଚାରିଲା, 'ଦେଖିଲୁ, କ'ଣ ଅଛି ?'

Digitized by srujanika@gmail.com

'ବଡ଼' ଖଦଡ଼ ଝୁଲାମୁନାଟିକୁ ବୁଦା ଭିତରୁ କାଢ଼ି ଆଣିଲା ସିନା ! ଏବେ ତା'ର ହାତ ଚାଲୁ ନ ଥାଏ । ଭାରି କଷ୍ଟରେ ସେ ମୁନାଟିକୁ ଖୋଲିଲା ।

ସବା ଉପରେ ଥାଏ ଗୋଟିଏ ମଇଳା ଗାମୁଛା । ତାକୁ ଧୀରେ କରି ଟାଣି ଆଣି 'ବଡ଼' ବାହାରକୁ ଫିଙ୍ଗିଦେଲା । ତା' ତଳେ ଥାଏ କପଡ଼ାର ଛୋଟ ପୁଟୁଳିଟିଏ । ଗଣ୍ଠି ଖୋଲି ଦେଖିଲେ, ଚାରୋଟି ସୁଖିଲା ରୁଟି । ସାଙ୍ଗରେ ବଡ଼ ପିଆଜଟିଏ ବି ଥାଏ । କାନିରେ ଲୁଣ ଟିକଏ ବନ୍ଧା ହୋଇଥାଏ ।

-- 'ଫିଙ୍ଗି ଦେ । କେତେ ଦିନର ବାସି ରୁଟି ଯାକ ।' 'ସାନ' ଆଗଭଳି ଚାପା କଣ୍ଠରେ କହିଲା । 'ବଡ଼' ଉତ୍ତର ଦେଲା, 'ନା, ମ କାହିଁକି ଫିଙ୍ଗିବା ? ଗରମ ତାବାରେ ରଖି ଦେଲେ ଖାଇ ହେଇଯିବ ।'

ସୁଖିଲା ଚମଡ଼ା ପରି ଦେଖାଯାଉଥିବା ରୁଟିଗୁଡ଼ିକୁ ଦୁହେଁ କେତେବେଳେ ଯାକ ଗମ୍ଭୀରତାର ସହ ଅନେଇ ରହିଲେ । ଶେଷରେ 'ସାନ' କହିଲା, 'ଡାକୁମାନେ ତ ଆମଠାରୁ ବି ବେଶି ଗରିବ ତାହେଲେ' । 'ବଡ଼' ସେ ଯାଏଁ ଚିନ୍ତା କରି ଚାଲିଥାଏ । ପରିଶେଷରେ ସ୍ୱ-ଗାଂଭୀର୍ଯ୍ୟକୁ ବଜାୟ ରଖି କହିଲା, 'କିପାଇଁ ତା'ହେଲେ ଚାରୋଟି ଲେଖା ରୁଟି କାନିରେ ବାନ୍ଧି ଏମାନେ ଏତେ ଘନ ଜଙ୍ଗଲରେ ଦିନରାତି ବୁଲନ୍ତି ଯେ ?'

ଝୁଲାମୁନାର ବାକୀ ଜିନିଷତକ ବି ସେମାନେ ଖୋଲିବାକୁ ଲାଗିଲେ । ପିତଳର ଗିଲାସଟିଏ ଅଛି । ତା'ତଳକୁ ପାନିଆଟିଏ । 'ବଡ଼' ଦର୍ପଣରେ ନିଜ ଚେହେରାକୁ ଦେଖିଲା । ଗର୍ବରେ ତା'ର ଆଖି ଦୁଇଟି ଖୁବ ବଡ଼ ଜଣା ପଡୁଥାଏ ।

ଏଥର 'ସାନ' ହସିବା ପାଇଁ ପ୍ରସ୍ତୁତି କଲା । ମାତ୍ର 'ବଡ଼'ର ବାରଣ ମାନି ବିଚାରା ହସି ପାରିଲା ନାହିଁ ।

ଝୁଲାମୁନାର ସବା ତଳେ କାଗଜ ଘୋଡ଼େଇ କିଛି ଜିନିଷ ରଖା ହେଇଥାଏ । 'ସାନ' ଆଗ୍ରହରେ କହିଲା, 'ଏଥିରେ ଗୁଡ଼ ଥିବ, ଖାଇବା ।

–ବନ୍ଧୁକ । କାଗଜ ଠୁଙ୍ଗା ଖୋଲି 'ବଡ଼' କହିଲା । ନିଜ କଣ୍ଠସ୍ୱର ଶୁଣି ସେ ଚମକି ପଡ଼ିଥିଲା ଏଥର ।

ଦୁହେଁଯାକ ଇଂରାଜୀ ଜ୍ଞାନରୁ ବଞ୍ଚିତ । ନୋହିଲେ କହିଥାନ୍ତେ 'ସ୍ମିଥ ଏଣ୍ଡ ବେସନ'ର 'ଥାର୍ଟି ଟୁ ବୋର' ମାର୍କା ପିସ୍ତଲଟିଏ । ଇସ୍ପାତ ତିଆରି ନୀଳରଙ୍ଗର କେତେ ସୁନ୍ଦର ଖେଳଣାଟିଏ । ଆଗରୁ ସେମାନେ ବନ୍ଧୁକ ଦେଖିଛନ୍ତି । କିନ୍ତୁ ସବୁଗୁଡ଼ା ଦେଶୀ

Digitized by srujanika@gmail.com

ବନ୍ଧୁକ । ବଡ଼ ଭାରି ଓଜନ, ଦେଖିବା ପାଇଁ ବି ବାଜେ । ସେଗୁଡ଼ିକ ତୁଳନାରେ ଏହି ପିସ୍ତଲ ଯେ ନିଶ୍ଚିତ ରୂପେ ଅଧିକ ସୁନ୍ଦର ଏବଂ ଚକଚକିଆ – ଏଥିରେ ସନ୍ଦେହ ନାହିଁ। ପିସ୍ତଲ ଦେଖି ଦୁହେଁ ଭୟରେ ଥରୁଥାନ୍ତି । ମାତ୍ର ତାହା ଏତେ ଚିକ୍କଣ ଆଉ ଚକଚକିଆ ଯେ ଆଉଁସିବାକୁ ହାତ ଆପେ ଆପେ ଚାଲି ଯାଉଥାଏ ।

'ବଡ଼' ତାକୁ ଦୁଇ ଚାରିଥର ଆଉଁସି ଓଲଟପାଲଟ କରି ଦେଖିଲା । ପିସ୍ତଲ ଚଲେଇବା ଭଙ୍ଗୀରେ ବି ଟେକି ଧରିଲା କିଛି ବେଳ । 'ସାନ'ର ଆଉ ଧୈର୍ଯ୍ୟ ରହୁନି । ସେ ମଧ୍ୟ ପିସ୍ତଲକୁ ଆଉଁସିଲା । ହାତ ତା'ର କୋଉଠି ବାଜିଲା କେଜାଣି, ଢୋ କରି ପିସ୍ତଲରୁ ଗୁଳିଟିଏ ଫୁଟିଲା । ଗୁଳିଶବ୍ଦ ଶୁଣି ଦୁଇ ଛୁଆଯାକ ଚମକି ପଡ଼ିଲେ । କିନ୍ତୁ ତା'ଠାରୁ ବଡ଼ କଥା କଣ୍ଟାବଣର ସେହି ଜଙ୍ଗଲର ଚାରିଆଡ଼େ ଅଶ୍ୱସ୍ତିର ଆସ୍ତରଣଟିଏ ଘୋଡ଼ି ହୋଇଗଲା ଯେମିତି । ମହୁଲ ବୁରେଇ ଏବଂ ବଣବୁଦା ମଧ୍ୟରୁ ଶହ ଶହ ଚଢ଼େଇ ଚିଁ....ଚିଁ କରି ଆକାଶକୁ ଉଡ଼ିଗଲେ । ଚାରିଆଡ଼େ କେତେବେଳ ଧରି ଚିଁ..ଚିଁ..ଚିଁ..ଚିଁ ର ବିକଟାଳ ରଡ଼ି । ଦୁହେଁଯାକ ଛୁଆ ବୁଦା ଭିତରେ ଥିବାରୁ ଚଢ଼େଇଗୁଡ଼ିକୁ ଦେଖି ପାରୁ ନ ଥିଲେ । ସେମାନଙ୍କ ବିକୃତ ରଡ଼ି, ଭୟ ଏବଂ ଜଡ଼ତା ସ୍ପଷ୍ଟ ଶୁଭୁଥାଏ । ସବୁଗୁଡ଼ିକ ବଣିଚଢ଼େଇ ଆଉ କୁଆ ।

ପିସ୍ତଲ ହାତରୁ ଖସି ତଳେ ପଡ଼ିଲା । ଝୁଲାମୁନା ଓ ତା' ଭିତରର ପେଡ଼ି ପୁଟୁଳା ସବୁ ସେଇଠି ପଡ଼ିଥାନ୍ତି । ଦୁହେଁଯାକ ପିଲା ଜଣକ ଉପରେ ଆଉଜଣେ ଗଡ଼ିମାଡ଼ି ବୁଦା ଭିତରୁ ବାହାରିଲେ । ଝୁଲାମୁନା ଆଡ଼େ ଆଉ ନଜର ନାହିଁ । ଘୁଷୁରି ଘୁଷୁରି ଛାତିର ଭାରାରେ ଆଗକୁ ମାଡ଼ି ଚାଲିଛନ୍ତି । ଭୟ ଯୋଗୁଁ ହେଉ ବା ଅନ୍ୟ କୌଣସି କାରଣରୁ ହେଉ ଆଉ ଗାଁ ଆଡ଼େ ଆସି ନାହାନ୍ତି । ଗାଁର ଓଲଟା ଦିଗରେ ଦଉଡ଼ି ଚାଲିଲେ । ବଣବୁଦା ଭିତରେ ଅନେକ ବାଟ ଗଲାପରେ ଶୁଣିଲେ ଘନଘନ ବନ୍ଧୁକର ଶବ୍ଦ । ଛାତିଏ ଗହୀରର ଭର୍କାଗାତ ଭିତରକୁ ପ୍ରାଣ ଭୟରେ ଡେଇଁପଡ଼ି କିଛିବେଳ ବସିଗଲେ । ମଝି ମଝିରେ ବନ୍ଧୁକର ଶବ୍ଦ ଶୁଭୁଥାଏ ।

ଅଙ୍କାବଙ୍କା ଖାଇ ଭିତରେ ଅନେକ ବେଳ ଧରି ଦଉଡ଼ିଛନ୍ତି ସେମାନେ । ତିନି ପାହୁଣ୍ଡ ନ ଯାଉଣୁ ବନ୍ଧୁକର ଶବ୍ଦ ଶୁଭେ । ତାଙ୍କୁ ଲାଗେ, ଏଥରକ ଗୁଳି ସେମାନଙ୍କ ପିଠିରେ ଫୁଟିବ । କାଳେ କାଇଁଚ ଯୋଗୁଁ ଗୁଳି ଫୁଟୁଥିବ ଆଶଙ୍କା କରି ଦୁହେଁ ଯାକ ସାଉଁଟିଥିବା ସବୁତକ କାଇଁଚକୁ ହାପପେଣ୍ଟ ପକେଟରୁ କାଢ଼ି ରାସ୍ତାରେ ବିଞ୍ଚିଦେଲେ । ପକେଟ ଖାଲି ହେଲା ପରେ ଶାନ୍ତିରେ ନିଃଶ୍ୱାସ ମାରିଲେ । ମାତ୍ର ବନ୍ଧୁକର ଶବ୍ଦ ବନ୍ଦ ହେଲାନାହିଁ ।

Digitized by srujanika@gmail.com

ଅନେକ ବେଳ ଉତ୍ତାରୁ ଶେଷରେ ଯାହାହେଉ ଦୁଆ ଦି'ଟା ଗୋଟାଏ ଖାଇ ବାଟ ଦେଇ ଗାଁର ସେମୁଣ୍ଡରେ ଯାଇ ପହଞ୍ଚିଲେ । ନିଜ ଘରକୁ ଯିବାପାଇଁ ବେଳ କାହିଁ ? ପାଖର କୁଡ଼ିଆ ଗୋଟାକରେ ପଶିଗଲେ । ସେଠି ବି ଗୁଳିର ଶବ୍ଦ । ସାଙ୍ଗରେ ଯଥୋଚିତ ଗାଳି ବି ମିଳିଲା । ଦୁହିଁଙ୍କୁ ଦଉଡ଼ି ଖଟ ଗୋଟାକରେ ମଳାମୁର୍ଦ୍ଧାର ପରି ପଡ଼ି ରହିଥିବା ବୁଢ଼ା ଜଣକ ପାଟିକଲା, 'ପଳା । ସିଧା ଘରେ ଯାଇ ଲୁଚିଯାଅ । ବାହାରକୁ ବାହରିବ ନାହିଁ ।'

ଗୋଟାଏ କାନ୍ଥ ସରିଲେ ଆଉ ଗୋଟାଏ କାନ୍ଥରେ ଆଉଜି ଆଉଜି ଲୁଚି ଲୁଚି ଦୁଇଟି ଯାକ ପିଲା ନିଜ ଘରେ ପହଞ୍ଚିଲେ । ଡରିମରି ମୁହଁ କଳାକାଠ ପଡ଼ିଯାଇଥାଏ । ଗାଁ ଦାଣ୍ଡ ପୁରା ଜନଶୂନ୍ୟ । ସମସ୍ତେ ନିଜ ନିଜ ଘର ଭିତରେ ପଡ଼ିଥାନ୍ତି । ରହି ରହି ଆସୁଥିବା ଗୁଳିର ଶବ୍ଦ ଘର ଭିତରୁ ଅଧିକ ସ୍ପଷ୍ଟ ଶୁଣାଯାଉଥାଏ । ଚାରିଆଡ଼େ ଅଶ୍ୱସ୍ତି ଯେମିତି ମାଡ଼ି ପଡୁଥାଏ । ଚଢ଼େଇମାନଙ୍କର ଚେଁ ଚାଁ କେତେବେଳୁ ବନ୍ଦ ହୋଇଗଲାଣି । କିଛି ବେଳ ଉତ୍ତାରୁ ଦୂରରେ ମୋଟରର ଘର୍ ଘର୍ ଶବ୍ଦ ଶୁଣାଗଲା । ବୁଢ଼ାଟିଏ ମନ୍ତବ୍ୟ ଦେଲା, 'ଆଉ ଗୋଟାଏ ଗାଡ଼ି ପୋଲିସ ଆସି ପହଞ୍ଚିଲେ' ।

ବୁଢ଼ା ଲୋକଟିର ମନ୍ତବ୍ୟରୁ ସ୍ପଷ୍ଟ ହେଲା ଯେ, ଆଜି ଦୁଇ ପହରେ ମଧ୍ୟ ପୋଲିସ ଗାଁକୁ ଆସିଥିଲା । ଫେରିଲା ବେଳେ ହଠାତ୍ ବନ୍ଧୁକ ଶବ୍ଦ ଶୁଣି ଜଙ୍ଗଲ ପାଖରେ ପୋଲସି ଦଳ ଅଟକିଗଲେ । ତେଣିକି ଜଙ୍ଗଲକୁ ତିନିଆଡୁ ଘେରାଉ କରାଗଲା । ପୋଲିସର ଗୋଟାଏ ପ୍ଲାଟୁନ ଜଙ୍ଗଲ ଭିତରକୁ ପଶିଛନ୍ତି । ଡକାୟତ ଦଳ ପ୍ରଥମେ ଗୋଟାଏ ଗୁଳି ଫୁଟାଇ ଦେଇ ଜଙ୍ଗଲ ଭିତରେ ଛକି ରହିଛନ୍ତି । ଆଜି ଦୁଇ ଦଳ ଭିତରେ ଘଣ୍ଟା ଘଣ୍ଟା ଧରି ଖଣ୍ଡଯୁଦ୍ଧ ଚାଲିବ । ଡାକୁଦଳ ବି ଘନ ଘନ ଫାଏରିଂ କରିବେ । ଘମାଘୋଟ ଲଢ଼େଇ ହେବ । କିନ୍ତୁ ଅନ୍ଧାର ହେବା ଆଗରୁ ପୋଲିସ ଦଳ ଜଙ୍ଗଲ ଭିତରୁ ପଳେଇ ଆସିବା କଥା । ଅନ୍ଧାର ହେଲେ ଡାକୁମାନେ ଜଙ୍ଗଲ ଭିତରକୁ ପଶିଯିବେ ।

ବଡ଼ ଧ୍ୟାନର ସହ 'ସାନ' ପିଲା ସବୁକଥା ଶୁଣିଲା । ସେ କିଛି କହିବାକୁ ଚାହୁଁଥିଲା । ମାତ୍ର ପୂର୍ବବତ 'ବଡ଼' ତାକୁ ବାରଣ କଲା । କିଛି ବେଳ ଦୁହେଁ ଦୁହିଁଙ୍କୁ ଶଙ୍କିତ ଦୃଷ୍ଟିରେ ଅନାଅନି ହେଲେ । ଶେଷରେ ଦୁହେଁ ସବା ଭିତର ଘରକୁ ପଶିଗଲେ । ଖଦଡ଼ମୁନାର ରହସ୍ୟ ରହସ୍ୟରେ ରହିଗଲା ।

❑

Digitized by srujanika@gmail.com

ସୁରକ୍ଷା

ସେଦିନ କ୍ଲବରେ ଖେଳ ସାରି ରାତିରେ ଯେତେବେଳେ ମିଃ. ଟଣ୍ଡନ ଘରକୁ ଫେରନ୍ତି, ଦେଖିଲେ ବଙ୍ଗଳାର ଫାଟକ ଖୋଲା ରହିଛି । ଆଜି ଦେଢ଼ ଘଣ୍ଟା ଡେରିରେ ଫେରିଥିଲେ ସେ । ଫାଟକ ଆଦୌ ଖୋଲା ରହିବା କଥା ନୁହେଁ । ତାଙ୍କୁ ଆଶ୍ଚର୍ଯ୍ୟ ଲାଗିଲା । କିନ୍ତୁ ଆହୁରି କେତେ ଯେ ନୁଆଁ ଆଶ୍ଚର୍ଯ୍ୟ ଏ ଭିତରେ ଘଟି ସାରିଛି, ସେ ବା ଜାଣିବେ କେମିତି ? ପୋର୍ଟିକୋରେ ଗାଡ଼ିର ଆଲୁଅ ବିଚ୍ଛୁରିତ ହୋଇ ପଡୁଥାଏ । ମାଳି ଗାଡ଼ିର ହେଡଲାଇଟ ଆଗକୁ ଆସି ଛିଡ଼ା ହେଇଗଲା । ପତ୍ନୀ ଉଷାଦେବୀ ନିଜ ପୃଥୁଳ ଶରୀରକୁ ଢାଙ୍କି ରଖିଥିବା ଢିଲା ଶାଢ଼ୀକୁ ସମ୍ଭାଳି ସମ୍ଭାଳି ବାରଣ୍ଡାର ସିଡ଼ିଯାଏଁ ପହଞ୍ଚି ଯାଇଛନ୍ତି । ମାଳିକୁ କିଛି କହୁଥାନ୍ତି ସେ ।

ଅନ୍ୟ ଦିନ ତୁଳନାରେ ସବୁ ନୂଆଁ ନୂଆଁ । ଏତେ ଡେରିରେ ଘରକୁ ଫେରିଲେ ସାଧାରଣତଃ ଫାଟକ ବନ୍ଦ ଥାଏ । ବନ୍ଦ ଫାଟକ ଆଗରେ ଗାଡ଼ି ଛିଡ଼ା କରି ଦୀର୍ଘ ତିରିଶ ସେକେଣ୍ଡ ଯାଏଁ ତାଙ୍କୁ ହର୍ଣ୍ଣ ବଜାଇବାକୁ ପଡ଼େ । ଶେଷରେ ବିରକ୍ତ ହୋଇ ସେ ହିଁ ଫାଟକ ଖୋଲନ୍ତି । ପୁଣି, ଗାଡ଼ିକୁ ବଙ୍ଗଳା ଭିତରକୁ ଆଣି ସେ ନିଜେ ଫାଟକ ବନ୍ଦ କରନ୍ତି । ଦୁହିତା ରଚନା ଓରଫ ରୁଚି ଦରଜା ଖୋଲେ । ଉଷାଦେବୀ ସେତେବେଳେ ସ୍ୱ-କୋଠରୀରେ ଚାରିଇଞ୍ଚ ମୋଟ ଡନଲପ ଗଦିରେ ଶୋଇ ଶୋଇ ଟେପରେ ଶାସ୍ତ୍ରୀୟ ସଙ୍ଗୀତର କୌଣସି ରୁଚିପୂର୍ଣ୍ଣ କେସେଟ ଶୁଣୁଥାନ୍ତି ।

କିନ୍ତୁ ଆଜି ଗାଡି ନ ରହୁଣୁ, ଉଷାଦେବୀ ସିଡ଼ିରୁ ଓହ୍ଲାଇ ଆସି କହିଲେ, 'ତୁମେ ଦେଖିଲ ?'

'କ'ଣ ?'

'ତାକୁ' ।

ମିଃ. ଟଣ୍ଡନ ହେଲେ ଜଣେ ଗମ୍ଭୀର ଏବଂ ଚିନ୍ତାଶୀଳ ପ୍ରକୃତିର ବ୍ୟକ୍ତି । ଅବସରପ୍ରାପ୍ତ ଜଣେ ଉଚ୍ଚ ପଦାଧିକାରୀ । ଢଗଢମାଳିରେ ନା ସେ କିଛି କହନ୍ତି, ନା ଶୁଣିବାପାଇଁ ଆଗ୍ରହ ଦେଖାନ୍ତି । ଭୂଲତାକୁ ଆବଶ୍ୟକ ମାତ୍ରାରେ ସଙ୍କୁଚିତ କରି ସେ ଭଲଭାବେ ପତ୍ନୀଙ୍କୁ ଦେଖିଲେ । 'ତୁମେ କହିବାକୁ କ'ଣ ଚାହୁଁଛ' ?

Digitized by srujanika@gmail.com

'ତୁମେ ଫାଟକ ସେକଡ଼ ଖୁଣ୍ଟ ପାଖରେ ଜଣେ ଲୋକକୁ ଦେଖିନ ? ଗୋଟାଏ ବଡ଼ ଗୁଣ୍ଡା..... ରୁଚିର ପିଛା ଧରିଛି' ।

କାରରେ ଫେରିବାବେଳେ ମୃଦୁମଳୟ ମିଃ ଟଣ୍ଡନଙ୍କ ଚେହେରାରେ ଫୁର୍ତ୍ତି ଭରି ଦେଇଥିଲା । ଚିକ୍କଣିଆ ନିଛାଟିଆ ରାସ୍ତା । ସୁଗନ୍ଧିତ ଫୁଲରେ ସୁସଜ୍ଜିତ ଗଛମାନେ ମାଡ଼ି ପଡୁଥିଲେ । ତାରକାମୟ ଆକାଶ ଫରଚା ଦେଖାଯାଉଥାଏ । ଏଭଳି ପରିବେଶରେ ଉଷାଦେବୀଙ୍କ ମନ୍ତବ୍ୟ ଅଯଥା ନାଟକୀୟ ପ୍ରତୀତ ହେଲା । କହିଲେ, 'କ'ଣ ସବୁ ତୁମେ ବେକାର କଥା ଚିନ୍ତା କର ଯେ ! ସଫା କରି କହ ।'

ଯା ପରେ ଅନେକ ନୂଆଁ ତଥ୍ୟ ପ୍ରକଟିତ ହେଲେ । ବଙ୍ଗଳା ସାମନାରେ ଷାଠିଏ ଫୁଟର ଚଉଡ଼ା ରାଜରାସ୍ତା । କଡ଼େ କଡ଼େ ବିଜୁଳିଖୁଣ୍ଟମାନ ରହିଛି, ହେଲେ ଅନ୍ଧାକାରାଛନ୍ନ । ମିଃ. ଟଣ୍ଡନ ରୋଜ ଗାଡ଼ିରେ ଫେରନ୍ତି । ହେଲେ, ଆଶ୍ଚର୍ଯ୍ୟର କଥା, କେବେ ତାଙ୍କର ନିଘା ଯାଇନି ଯେ ଏହି କିଛିଦିନ ହେଲା ଖୁଣ୍ଟର ଗୋଟାଏ ବି ବାଲ୍‌ବ ଜଳୁନି । ସେ ଯାହା ବି ହେଉ, ଗୁଣ୍ଡାଟି କୁଆଡ଼େ ଅନ୍ଧାରୁଆ ଖୁଣ୍ଟ ପାଖକୁ ଲାଗି ଠିଆ ହୋଇଥାଏ । ପ୍ରଥମେ ମାଳି ଦେଖିଥିଲା । ଆଜି ରୁଚି । ସଞ୍ଜ ହେବା କ୍ଷଣି ଆଜି ବି ଗୁଣ୍ଡାଟି ଆସି ପଇଁତରା ମାରିଲାଣି । ରାତି ଆଠଟାରେ ଅର୍ଥାତ୍ ପ୍ରାୟ ଦୁଇଘଣ୍ଟା ଆଗରୁ ରଚନା ଆଜି ଉର୍ମିଳାର ବଙ୍ଗଳାରୁ ବାହରି ରାସ୍ତା ପାରି ହୋଇ ଆସୁଥିଲା । ଗୁଣ୍ଡା ତାକୁ ଯାତୁ ସ୍ୟାତୁ କରି କହିଲା । ପଚାରିଲା, 'ଆପଣଙ୍କ ଘଣ୍ଟାରେ କେତେଟା ବାଜିଛି ?' ଭୟରେ ରଚନା ଦୌଡ଼ିବାକୁ ଲାଗିଲା । ପଛରୁ ସେ ବଡ଼ପାଟିରେ କହିଲା, 'ଏମିତି କାହିଁକି ଦୌଡୁଛ ? ସମୟ କହୁନ ! ମୋର ଘଣ୍ଟାଟି ଚାଲୁନି ତ !' କଷ୍ଟେ ମଷ୍ଟେ ରଚନା ବଙ୍ଗଳା ଭିତରକୁ ପଶି ଆସିଲା । ତା'ର ତ ଅବସ୍ଥା ଖରାପ । ଅଣନିଃଶ୍ୱାସୀ ସେ । ଖବର ପାଇ ମାଳି ଓ ଚାକର ଟୋକା ଦଉଡ଼ି କି ଗଲେ ଏବଂ ଗୁଣ୍ଡାଟି ଏବେ ବି ଛିଡ଼ା ହେଇଛି ବୋଲି ସୂଚନା ଦେବା ସକାଶେ ସାଙ୍ଗେ ସାଙ୍ଗେ ଫେରି ଆସିଲେ । ଉଷାଦେବୀ ମନାକଲେ ସେମାନଙ୍କୁ, 'କିଛି କହନା ତାକୁ । ପାଖରେ ଅସ୍ତ୍ରଶସ୍ତ୍ର ରଖିଥାଇ ପାରେ । ବାବୁ କ୍ଲବରୁ ଫେରନ୍ତୁ । ତା ପରେ ଯାଇ ଯାହା କରିବା ।'

'ରୁଚି କ'ଣ କରୁଛୁ ତୁ ?' କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କିମ୍ବା ସେନେଇ ଚିନ୍ତା କରିବା ପୂର୍ବରୁ ମିଃ ଟଣ୍ଡନ ପଚାରିଲେ ।

ରୁଚି ରୁମ ବନ୍ଦ କରି ଶୋଇ ଯାଇଥାଏ । ସେ ଆଗରୁ କହି ରଖିଛି, 'ମମି, ଏଠି ମୁଁ ଆଉ ରହି ପାରିବିନି । ଠିକ ଏ ଭଳିଆ ଜଣେ ଲୋକକୁ, ମତେ ତ ଲାଗୁଛି ଠିକ ଏହି ଲୋକଟି ନିଶ୍ଚୟ, ଏହି କିଛି ଦିନ ହେଲା ଆମ କଲେଜ ଗେଟରେ ମୁଁ ଦେଖିଛି । ମମି,

Digitized by srujanika@gmail.com

ଏ ସବୁ ଫାଲତୁ ଟେନସନ ମତେ ଭଲ ଲାଗେନା । ମୁଁ ମାମୁଁଙ୍କ ପାଖକୁ ଚାଲିଯିବି । ନା କ'ଣ କହୁଛ ?'

ମିଃ. ଟଣ୍ଡନଙ୍କର ମୁହଁ ସୁଖି ଗମ୍ଭୀର ଦେଖାଗଲା । ସେ ଗେଟ ପାଖକୁ ଗଲେ । ଉଷାଦେବୀ ତାଗିଦା କଲେ, 'ସେ ଯଦି ଯାଇ ନ ଥିବ, ତାକୁ କିଛି କହିବନି । ପୋଲିସକୁ ଖବର ଦେବା ହିଁ ଭଲ ହେବ ।' ତାଙ୍କ ପଛେପଛେ ମାଳି ଓ କିଶୋର ଚାକର ଟୋକା ବି ବାହାରିଲେ । ଗେଟର ଲକ୍ଷ୍ମଣରେଖା ପାରିହେଲା ପରେ ମିଃ. ଟଣ୍ଡନ ଏକ ଅଜବ ଧରଣର ଅସ୍ୱସ୍ତି ଅନୁଭବ କଲେ । ଧୂଆଁଳିଆ ରାସ୍ତା ସେକଡ଼କୁ ଗଲେ । ଆଦୌ କିଛି ଜଟିଳ ଲାଗୁନଥାଏ । ଫୁର୍ତ୍ତିଦାର ମୃଦୁମଳୟ, ବସନ୍ତର ନଭରେ ବିକିରିତ ତାରାମଣ୍ଡଳ, ପ୍ରଶସ୍ତ ରାସ୍ତା ! ସତର୍କତାର ସହ ସେ ଚାରିଆଡ଼େ ନଜର ବୁଲେଇଲେ । ବଙ୍ଗଳାର ଆର କଡ଼େ ଅନ୍ଧାରୁଆ ଖୁଣ୍ଟ ତଳେ ବେଦିପ୍ୟମାନ ସିଗାରେଟର ନିଆଁ ଦେଖା ଯାଉଥାଏ । ମୁହୂର୍ତ୍ତକ ମଧ୍ୟରେ ସୌମ୍ୟ ସହଜତା ସବୁ ଭାଙ୍ଗି ଚୁରମାର ହୋଇଗଲା । ରାସ୍ତା ଏକ ଦୁର୍ଦ୍ଦାନ୍ତ ପ୍ରତିକୃତି ପରି ମନେ ହେଲା ।

ମିଃ ଟଣ୍ଡନ କେବେ ଅଯଥା ଉତ୍ତେଜନା ବା କୌଣସି ପ୍ରକାର ଝମେଲାର ପାଖ ମାଡ଼ନ୍ତିନି । ଜୀବନର ପ୍ରତିଟି ରାସ୍ତା ତାଙ୍କ ପାଇଁ ସିଧା ଓ ସହଜ । ତାଙ୍କୁ କେବେ ଥାନା, କଚେରୀର ବାରଣ୍ଡାରେ ବସିବାକୁ ପଡ଼ିନି; ବେଗ ଧରି ପରିବା ବୋହିବାକୁ ପଡ଼ିନି; ବସର ଟିକଟ ବା ଟ୍ରେନ ଆରକ୍ଷଣ ପାଇଁ ଲମ୍ବା ଲାଇନରେ କେବେ ସେ ଛିଡ଼ା ହେଇ ନାହାନ୍ତି; ବନ୍ଧୁକର ଲାଇସେନ୍ସ ହେଉ, କି କାର ରେଜିଷ୍ଟ୍ରେସନ, ବିଜୁଳିର ବିଲ ଦିଆ ହେଉ କି ଟେଲିଫୋନ ପାଇଁ ଧାଁ ଦଉଡ଼ ହେଉ – ସବୁ କାମ ତାଙ୍କପାଇଁ ଅନ୍ୟମାନେ କରିଛନ୍ତି । କେବେ ସେ ଏସବୁ ଝମେଲାରେ ପଡ଼ିନାହାନ୍ତି । ବିମାନ ଯାତ୍ରା ବେଳେ ପରବର୍ତ୍ତୀ ବିମାନପାଇଁ ଆରକ୍ଷଣ ନିମିତ୍ତ କେବଳ ଯାହା ଦୁଇ ଚାରିଥର ଲାଇନରେ ଛିଡ଼ା ହେବାକୁ ପଡ଼ିଛି । ବାସ୍ ଏତିକି । ଏ କଥା ଅବଶ୍ୟ ସତ ଯେ ଛିଡ଼ା ହେବାର କଷ୍ଟ ଯୋଗୁଁ ସେ ବେଳାରେ ଆରକ୍ଷଣ କର୍ମଚାରୀଙ୍କ ପ୍ରସନ୍ନତା ଓ କାର୍ଯ୍ୟରତ କୋମଳାଙ୍ଗୀମାନଙ୍କର ସ୍ମିତହସ ତାଙ୍କୁ ଆକୃଷ୍ଟ କରିପାରିନି । ସେ ଅବଶ୍ୟ ଭିନ୍ନ କଥା... ।

ଆଜି ହଠାତ୍ ତାଙ୍କ ବ୍ୟବସ୍ଥିତ ଏବଂ ଶୃଙ୍ଖଳିତ ଜୀବନର ସରହଦକୁ ଡେଇଁ କେଉଁ ଏକ ପାଶବିକ ଶକ୍ତି ଆକ୍ରମଣ ପାଇଁ ରଣହୁଙ୍କାର ଦେଉଥିଲା । ଏଥିରେ ସେ ସାମାନ୍ୟ ବିଚଳିତ ପ୍ରତୀତ ହେଲେ । ମାତ୍ର ଅନେକ ବର୍ଷର ଅନୁଭବ ଯୋଗୁଁ ଧୈର୍ଯ୍ୟର ସହ ପରିସ୍ଥିତିର ମୁକାବିଲା କରିବାକୁ ପ୍ରଯତ୍ନ କଲେ । ମିଃ ଟଣ୍ଡନ ଥାନାକୁ ଫୋନ୍ କଲେ । ଥାନାରୁ ଜଣେ ତଂନ୍ଦ୍ରାଳୁ ସିପାହୀ ପରାମର୍ଶ ଦେଲା, 'ପୋଲିସ ପେଟ୍ରୋଲ ସହ

Digitized by srujanika@gmail.com

ଯୋଗାଯୋଗ କରନ୍ତୁ ।' ବାରମ୍ବାର ଟେଲିଫୋନ ଏବଂ ନିଜ ଭୂତପୂର୍ବ ପଦବୀର ଉଲ୍ଲେଖ କଲାପରେ ସେ ଆଶ୍ୱସ୍ତ ହେଲେ ଯେ ଶେଷରେ ପୋଲିସ ଦଳ ଘଟଣାସ୍ଥଳକୁ ଏବେ ପହଞ୍ଚୁଛନ୍ତି । ପରେ ପୋଲିସ ଆସିବାରୁ ଜଣାପଡ଼ିଲା ଯେ, ରାସ୍ତାକଡ଼େ କେହି ନାହାନ୍ତି । ପେଟ୍ରୋଲ ପାର୍ଟି ପ୍ରତି ମିଃ ଟଣ୍ଡନଙ୍କ ମନରେ ଏକପ୍ରକାର ବିତୃଷ୍ଣା ଜାତ ହେଲା । ଅବଶ୍ୟ ପୋଲିସ କିଛି କହି ନ ଥିଲା । ମାତ୍ର ମିଃ ଟଣ୍ଡନଙ୍କର ସନ୍ଦେହ ହେଲା, ସେମାନେ ଘଟଣାଟିକୁ ଆଦୌ ଗୁରୁତ୍ୱ ଦେଉନାହାନ୍ତି । ସେମାନଙ୍କ ଧାରଣା, ଅଯଥାରେ ସେମାନଙ୍କୁ ହଇରାଣ କରାଯାଇଛି ।

ପରଦିନ ସକାଳେ 'କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ସଙ୍କଟ', 'ଚୀନ-ଭିଏତନାମ ମଧ୍ୟରେ ଜାତ ହୋଇଥିବା ଉତ୍ତେଜନା' ଏବଂ 'ଆଫ୍ରିକୀୟ ଦେଶ ମଧ୍ୟରେ ପରିବ୍ୟାପ୍ତ ଗୃହଯୁଦ୍ଧ' ଆଦି ଖବରମାନ ସମାଚାରପତ୍ରର ପୃଷ୍ଠା ମଣ୍ଡନ କରୁଥିଲେ । ନିଜର ଏକଇର ବଡ଼ ପୁତ୍ରର ଭାରତୀୟ ବିଦେଶ ସେବାରେ ନିଯୁକ୍ତି ଦିନଠାରୁ ଗତ କେତେବର୍ଷ ହେଲା, ମିଃ ଟଣ୍ଡନଙ୍କ ପରିବାରରେ ଅର୍ନ୍ତରାଷ୍ଟ୍ରୀୟ ସମାଚାରକୁ ଘରୋଇ ଦାୟିତ୍ୱ ମନେକରି ପାଠ କରାଯାଏ । ମାତ୍ର, ଆଜିର ଏ ସ୍ଥିତିରେ ଅର୍ନ୍ତରାଷ୍ଟ୍ରୀୟ ଖବରମାନ ତାଙ୍କ ଧ୍ୟାନକୁ କେନ୍ଦ୍ରୀଭୂତ କରିପାରିଲେ ନାହିଁ । ସେ ତତ୍‌କ୍ଷଣାତ୍ ସମାଚାରପତ୍ରର ତୃତୀୟ ପୃଷ୍ଠାକୁ ଚାଲିଯାଇ ସ୍ଥାନୀୟ ସମାଚାର ଉପରେ ଦୃଷ୍ଟି ନିକ୍ଷେପ କଲେ । ବଡ଼ ଆଶ୍ଚର୍ଯ୍ୟ କଥା, ଖୋଦ ଏହି ସହରରେ ନିଜ ବଙ୍ଗଳାର ମାତ୍ର ତିନି କିଲୋମିଟର ଦୂରରେ ସ୍ଥିତ ଉଚ୍ଚବିତ୍ତୀୟ କଲୋନୀରେ ଗତ ରାତିରେ ଦୁଇ ଦୁଇଟି ହତ୍ୟା, ଏକାଧିକ ଲୁଟତରାଜ ଏବଂ ଡକାୟତି ସଂଘଟିତ ହେଇ ଯାଇଛି । ପୂରା ସହରଟି ଆତଙ୍କ ଓ ଅରାଜକତାରେ ଥର ଥର କମ୍ପୁଛି । ଏ ସବୁ କ'ଣ ପ୍ରତିଦିନର ଘଟଣା, ନା କେବଳ ଗତରାତିର ଦୁର୍ଘଟଣା – ସେ ନିଶ୍ଚିତ ହୋଇ ପାରିଲେ ନାହିଁ । ମନ ହେଲା, ପୁରୁଣା ସମାଚାରପତ୍ରର ପୃଷ୍ଠା ଓଲଟାଇବାକୁ । ମାତ୍ର ଏଥିରେ କେବଳ ମନ ଯାହା ବିଚଳିତ ହେବ ଆଶଙ୍କା କରି ସେ ସମାଚାରପତ୍ରର ଚତୁର୍ଥ ପୃଷ୍ଠାକୁ ଚାଲିଗଲେ । ସେଠି ଇଜିପ୍ଟ ଓ ଇସ୍ରାଏଲର ସମ୍ପର୍କକୁ ନେଇ କୌଣସି ଏକ ବିଦେଶୀ ଲେଖକର ନିବନ୍ଧ ପ୍ରକାଶିତ ହୋଇଥିଲା । ସେହି ଜ୍ଞାନବର୍ଦ୍ଧକ ନିବନ୍ଧରେ ତାଙ୍କ ଆଖି ଅନେକ ବେଳଯାଏଁ ଲାଖି ହୋଇ ରହିଗଲା ।

କେତେବେଳୁ ରୁଚି ଚୁପଚାପ ତାଙ୍କ ପଛରେ ଆସି ଛିଡ଼ା ହେଇଥାଏ । ମିଃ ଟଣ୍ଡନ ତା' ଆଡ଼େ ଚାହିଁ ଉତ୍ସାହଭରା କଣ୍ଠରେ ସଂଭାଷଣ କଲେ, 'ହେଲୋ ବେବି' ।

ସ୍ମିତ ହସି ରୁଚି ବାପାଙ୍କ ଉତ୍ସାହବାଣୀକୁ ଆମୃଷ୍ଟ କଲା । କହିଲା, 'ପାପା, ମତେ ଦିନ ଗୋଟାଏ ବେଳେ ବ୍ରିଟିଶ କାଉନସିଲ ଲାଇବ୍ରେରୀରୁ ଆଣି ପାରିବ ?'

Digitized by srujanika@gmail.com

'କାହିଁକି ? ତୁ ନିଜେ ଆସିବାରେ କିଛି ଅସୁବିଧା ଅଛି କି ?' ଏତିକି ନ କହୁଣୁ ସେ ସଂକୋଚ ଅନୁଭବ କଲେ । ରୁଚିଆଡୁ କିଛି ଜବାବ ମିଳିବା ଆଗରୁ ସାଙ୍ଗେ ସାଙ୍ଗେ କହିଲେ, ' ନୋ ପ୍ରୋବ୍ଲେମ୍ । ମୁଁ ତ ଏମିତିରେ ସେ ଆଡ଼େ ଯିବି । ଫେରିବା ବେଳେ ତତେ ସାଙ୍ଗରେ ନେଇ ଫେରିବି ।'

– ନା ପାପା, ମୁଁ ଜାଣେ ତୁମକୁ ଭାରି କଷ୍ଟ ହେବ । ଛାଡ଼ । ମୁଁ ଅଟୋ ଧରି ନିଜେ ଚାଲି ଆସିବି ।

ସେ ରୁଚିକୁ ବୁଝାଇବାକୁ ଚେଷ୍ଟା କଲେ । ମାତ୍ର ରୁଚି ତା' ନିଜ ଯୁକ୍ତିକୁ ନିଜେ ଖଣ୍ଡନ କରି ଚାଲିଲା । ସେ ଏତେ ଦୃଢ଼ ନିଶ୍ଚିତ ଯେ ପାପାଙ୍କ କୌଣସି କଥା ଶୁଣିବାକୁ ପ୍ରସ୍ତୁତ ନୁହେଁ । 'ନା ପାପା, ତୁମେ କାହିଁକି ଅଯଥାରେ କଷ୍ଟ କରିବ ?'

ସେଦିନ ସଂଧ୍ୟାରେ ହଠାତ୍ ମେଘ ଉଠେଇଲା । ତୀବ୍ର ବେଗରେ ଝଡ଼ ବୋହିଲା । ଖଣ୍ଡା, ତରବାରୀ ଚାଲିଲା ପରି ବିଜୁଳି ଚମକିଲା । ଅସମୟରେ ଘୋଟି ଆସୁଥିବା ଅନ୍ଧକାରକୁ ଲକ୍ଷ୍ୟ କରି ମିଃ ଟଣ୍ଡନ କର୍ପୋରେସନ ଅଫିସକୁ ଫୋନ କଲେ । ଆଜି ରାତିରେ ତାଙ୍କ ଏ ପଟର ଷ୍ଟ୍ରିଟ-ଲାଇଟ ଯେମିତି ହେଲେ ଠିକ୍ ହେବା କଥା । ସେପଟୁ ଉତ୍ତର ଆସିଲା, ବିଜୁଳି ବିଭାଗର 'ରାସ୍ତା ଆଲୁଅ ପ୍ରଭାଗ'କୁ ଜଣାନ୍ତୁ । ଅନ୍ୟପକ୍ଷରେ ସଂପୃକ୍ତ ପ୍ରଭାଗର କହିବା କଥା ଯେ ମାମଲା ଏତେ ସହଜ ନୁହେଁ । ଜଣେ ଠିକାଦାରର ବିଲ ପାସ ହେଇନି, ନୋହିଲେ ଟ୍ରାନ୍ସମିଶନ ଲାଇନରେ କିଛି ଗଣ୍ଡଗୋଳ ଅଛି । ଯାହା ବି ହେଉ, ସବୁ ଠିକ ହେବାକୁ ଅନ୍ତତଃ ଆଠ ଦଶ ଦିନରୁ କମ ସମୟ ଲାଗିବନି ।

ସ୍ଥିତି ତାଙ୍କପାଇଁ ଭାରି ଅସହନୀୟ । ପୁଣି ସହରର ଏହି ଅଞ୍ଚଳଟିର ଭାଗ୍ୟ ଯେ ବିଶୃଙ୍ଖଳ ଅମଲାତନ୍ତ୍ର ହାତରେ ବନ୍ଧା ହେଇଛି, ତାକୁ ଗ୍ରହଣ କରିବା କମ ଅପମାନ ଜନକ ହୋଇ ନ ପାରେ । ମାତ୍ର ତା'ଠାରୁ ବି ଅଧିକ ଅପମାନଜନକ ମନେ ହେଲା, ବିନା କୌଣସି ପି.ଏ. ଆଦିର ସହାୟତା ନେଇ କନିଷ୍ଠ ପଦାଧିକାରୀମାନଙ୍କୁ ଫୋନ କରିବା, ବାରମ୍ବାର ନିଜର ଭୂତପୂର୍ବ ପଦବୀର ଉଲ୍ଲେଖ କରିବା । ସେଥିପାଇଁ ମିଃ ଟଣ୍ଡନ ସ୍ଥିର କଲେ ରାଜ୍ୟ ବିଦ୍ୟୁତ ନିଗମର ଚେଆରମେନଙ୍କୁ ଫୋନକରି ଜଣାଇବେ । ତାଙ୍କର ଦ୍ୱିତୀୟ ମହତ୍ତ୍ୱପୂର୍ଣ୍ଣ ନିଷ୍ପତ୍ତି ହେଲା, ଆଜି ସେ କ୍ଲବ ଯିବେନି । ଚେଆରମେନଙ୍କ ସହ ଫୋନରେ ଭେଟ ହେଲାନି, ଯାହାକି ସେ ଆଗରୁ ଆଶଙ୍କା କରିଥିଲେ । ଇଟାଲୀ କିମ୍ବା ଜର୍ମାନୀ ଗସ୍ତରେ ଯାଇଥିଲେ ସେ । ଫୋନରେ ଉତ୍ତରଦାତ୍ରୀଙ୍କୁ ଜଣାନାହିଁ, ତାଙ୍କ ଅନୁପସ୍ଥିତିରେ ଚେଆରମେନଙ୍କ କାମ କିଏ ଦେଖୁଛି । ମିଃ ଟଣ୍ଡନ ଟିକିନିଖି ପଚାରିବାରୁ

Digitized by srujanika@gmail.com

କନଭେଣ୍ଟି ଇଂରାଜୀରେ ଉତ୍ତର ଆସିଲା, 'ଏଇଟା ଘର । ବିଦ୍ୟୁତବୋର୍ଡ଼ର ଅଫିସ ନୁହେଁ ।'

କ୍ଷୁର୍ଣ୍ଣ ବଦନରେ ସେ ଫୋନର ରିସିଭରକୁ କଚାଡ଼ି ଦେଲେ । ଏଣିକି ତାଙ୍କ ଧ୍ୟାନ ରାସ୍ତାଆଡ଼େ କେନ୍ଦ୍ରିତ ହେଲା । ସେ ଯାଏଁ ରାସ୍ତା ସଂପୂର୍ଣ୍ଣ ଅନ୍ଧକାରାଚ୍ଛନ୍ନ । ମାଳିକୁ ଡାକିଲେ । କହିବାକୁ ଇଚ୍ଛା ହେଲା, 'ଦେଖିଲୁ, କ'ଣ ଆଜିବି କେହି ଖୁଣ୍ଟ ତଳେ ଛିଡ଼ା ହୋଇଛି ?' ହେଲେ କହିପାରିଲେନି । ପାରିବାରିକ କଥାରେ ମୁଣ୍ଡ ପୂରାଇବାକୁ ତାକୁ ଏତେ ସାହସ ମିଳିବା କଥା ନୁହେଁ । ମାଳି ଆସିଲାରୁ ତାକୁ ପଚାରିଲେ, 'ମେମ ସାହେବ କ'ଣ କରୁଛନ୍ତି ?'

'ତାଙ୍କ କୋଠରୀରେ ଗୀତ ଶୁଣୁଛନ୍ତି ।'

ଏବେ ସେ ସେଆଡ଼େ ଧ୍ୟାନକେନ୍ଦ୍ରିତ କଲେ । ଘର ଭିତରୁ ଭାଓଲିନର ରେକର୍ଡ଼ ଶୁଣା ଯାଉଥାଏ । ଉଷାଦେବୀ ପାଗ ଅନୁକୂଳ କୌଣସି ରାଗର ରେକର୍ଡ଼ିଂ ଶୁଣୁଛନ୍ତି ବୋଧେ । ସଙ୍ଗୀତର ମୂର୍ଚ୍ଛନା ମିଃ ଟଣ୍ଡନଙ୍କୁ ପ୍ରତିବୋଧ ଦେଲା । ବିତୃଷ୍ଣାରେ ଜର୍ଜରିତ ଶିରା ପ୍ରଶିରା କ୍ରମଶଃ ଶିଥିଳ ହେବାକୁ ଲାଗିଲେ । ସାଙ୍ଗକୁ ମନରେ ବୃଥା ଆତ୍ମସନ୍ତୋଷ ସୃଷ୍ଟି ହେଲା, ଆଜିର ଏହି ମେଘୁଆ ପାଗ, ମୃଦୁ ସମୀରଣର ଶୀତଳ ପ୍ରବାହ ଏବଂ ଭାଓଲିନର ସାଙ୍ଗୀତିକ ପରିବେଶରେ କୌଣସି କାମ ଜଟିଳ, ଅସହଜ ହେଇ ନ ପାରେ । ମାଳିକୁ ପରବର୍ତ୍ତୀ ଆଦେଶ ଅପେକ୍ଷାରେ ଅପେକ୍ଷାରତ ରଖି ସେ ବାରଣ୍ଡାରେ ପଦଚାରଣା କରିବାକୁ ଲାଗିଲେ । ଧୀରେ ଧୀରେ ସେ ବଙ୍ଗଳାର ଗେଟ ପାଖକୁ ଗଲେ । ରାସ୍ତା ନିଛାଟିଆ ଓ ଅନ୍ଧାରୁଆ ହେଇଥାଏ । ହେଲେ ପାଖ ବଙ୍ଗଳାରୁ ବିଜୁଳି ଆଲୁଅ ଆସି ରାସ୍ତା ଉପରେ ବୃତ୍ତାକାର, ବର୍ଗାକାର, ତ୍ରିଭୁଜାକାର କ୍ଷେତ୍ର ସବୁ ସୃଷ୍ଟି କରିଥାଏ । ସେ ଆଶ୍ୱସ୍ତିର ନିଃଶ୍ୱାସ ନେଲେ । ମାତ୍ର ପର ମୁହୂର୍ତ୍ତରେ ଅନୁଭବ କଲେ ଯେ ଏସବୁ କେବଳ ମନକୁ ବୃଥା ଆଶ୍ୱାସନା ଦେବା କଥା ଯାହା । ବଙ୍ଗଳାର ଯେଉଁ କଡ଼ଟି କିଛି ସମୟ ଆଗରୁ କେବଳ ଜନଶୂନ୍ୟ ମନେ ହେଉଥିଲା, ସେଠି ଏବେ ସେ ଖୁଣ୍ଟକୁ ଲାଗି ଜଣକୁ ଛିଡ଼ା ହେଇଥିବାର ଅନୁମାନ କଲେ । ଅଳ୍ପ ସମୟ ପରେ ଲୋକଟି ପୁଣି ଲାଇଟର ଜାଳି ସିଗ୍ରେଟ ପିଇବା ଆରମ୍ଭ କଲା ।

ମିଃ ଟଣ୍ଡନ ବଙ୍ଗଳା ଭିତରକୁ ଆସି ଫାଟକ ବନ୍ଦ କଲେ । ପୂର୍ବବତ ଧୀରେ ଧୀରେ ସେ ବାରଣ୍ଡାକୁ ଚାଲି ଆସିଲେ । ପତ୍ନୀଙ୍କ ରୁମରେ ପହଞ୍ଚି ଆରାମ ଚଉକିରେ ବସି ଗଲେ । କିଛି ସମୟ ଭାଓଲିନ ଶୁଣିଲେ । ଉଷାଦେବୀ କହିଲେ, 'ଭଲ ହେଲା, ତୁମ୍ଭେ ଆଜି କ୍ଲବ ଯାଇନ ।'

'ରୁଚି କେଉଁଠି ?'

Digitized by srujanika@gmail.com

'ତା' ରୁମରେ । ଗୁଣ୍ଡାଟି ଖୁଣ୍ଟ ପାଖରେ ପୁଣି ଠିଆ ହେଇଛି ଶୁଣି, ସେ ମୋ ଆଗରେ ଆସି ବିରକ୍ତ ହେଲା । ଠିକ୍ ତ କହୁଛି ସେ । ତୁମେ କାହାକୁ ଟିକେ କହି ଦଉନ କାହିଁକି ?'

ବଡ଼ ଚାକିରୀର ଲାଭ କେବଳ ମହତ୍ତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାରେ ବା ମୋଟା ଅଙ୍କର ଦରମା ମିଳିବା ଯାଏଁ ସୀମିତ ନ ଥାଏ । ବଡ଼ ଲାଭ ହେଲା, ସମସ୍କନ୍ଧ ଏବଂ ଅନେକ ଉଚ୍ଚ କ୍ଷମତାଧାରୀଙ୍କ ସାଙ୍ଗରେ ପାରିବାରିକ ସଂପର୍କ ସ୍ଥାପିତ ହେଇଯାଏ । ଯାହାର ଗାଡ଼ିର ଚିହ୍ନ ଓ ଚାକରଙ୍କ ସମୂହକୁ ସାନ ସ୍କୁଲର ପିଲାଏ ଭେଳିକି ହେଇ ଦେଖନ୍ତି, ତାଙ୍କୁ ପଡ଼ୋଶୀ ଅଧିକାରୀଙ୍କ ପୁଏ 'ଅଙ୍କଲ' କିମ୍ବା 'ବଡ଼ବାପା' ସମ୍ବୋଧନ କରି ଡାକନ୍ତି । ଅତି ଆନନ୍ଦରେ ବାଲ୍ୟକାଳ ତାଙ୍କର ସହରର ଧନାଢ୍ୟ ସିଭିଲ ଲାଇନ୍ସରେ କଟିଯାଏ । ସେ ଯାହା ହେଉ, ମିଃ ଟଣ୍ଡନଙ୍କର ହୁଏତ ଏକଥା ମନେ ପଡ଼ି ନଥାନ୍ତା । ମାତ୍ର ରୁଚି ମନେ ପକେଇଲା ଏବଂ ତାକୁ ଉଧୃତ କରି ଉଷାଦେବୀ କହିଲେ, 'ଡଃ ମନଚନ୍ଦାକୁ କହୁନ କାହିଁକି ? ରୁଚି କହୁଥିଲା, ଆଜିକାଲି ତା'ର ମଣ୍ଟି ଅଙ୍କଲଙ୍କର ଏଇଠି ପୋଷ୍ଟିଂ ହେଇଛି ।'

ମଣ୍ଟି ଅଙ୍କଲ ଉର୍ଫ ଡଃ ମନଚନ୍ଦା ଅପରାଧ ଶାସ୍ତ୍ରରେ ଅତୀତରେ ଗବେଷଣା କରୁଥିଲେ । ମିଃ ଟଣ୍ଡନ ଯେତେବେଳେ ଗୋଟାଏ ସାନ ଜିଲ୍ଲାର ପୁଲିସ ଅଧୀକ୍ଷକ, ସେତେବେଳେ ମଣ୍ଟିର ପି.ଏଚ୍.ଡି. ସରିଲା । ବର୍ତ୍ତମାନ ସେ ଗୋୟେନ୍ଦା ବିଭାଗର ଡି.ଆଇ.ଜି । ମିଃ. ଟଣ୍ଡନଙ୍କୁ ପ୍ରସ୍ତାବଟି ଶୁଣି ଆଶ୍ୱସ୍ତି ମିଳିଲା । ମୁଣ୍ଡରେ ହାତ ଦେଇ ସେ କହିଲେ, 'ମୋର ବି ବୋଧହୁଏ ମତିଭ୍ରମ ହୋଇଗଲାଣି । ଏ ଯାଏଁ ମନଚନ୍ଦା କଥା ମନେ ବି ପଡୁନି ।' ଟେଲିଫୋନର ଝଂଝଟ ଛାଡ଼ି ସେ ତା' ବଙ୍ଗଲାରେ ପହଞ୍ଚିଗଲେ । ଘରେ ମନଚନ୍ଦା ନ ଥିଲା । ଗସ୍ତରେ ଯାଇଥିଲା । କ'ଣ ହେଲା କେଜାଣି ପ୍ରତ୍ୟେକ ଅଧିକାରୀ ଆଜିକାଲି ଗସ୍ତରେ ବ୍ୟସ୍ତ ! ଅବଶ୍ୟ ଶ୍ରୀମତୀ ମନଚନ୍ଦା ସହାସ୍ୟ ବଦନରେ, ଆଗଭଳି, ସ୍ୱାଗତ କଲେ । ଚା' ଦେଲେ । ରୁଚି ଓ ଉଷାଦେବୀଙ୍କ ଭଲମନ୍ଦ ପଚାରିଲେ । ମିଃ ଟଣ୍ଡନଙ୍କ ମୁହଁରୁ ଖୁଣ୍ଟବାଲା ଗୁଣ୍ଡାର କଥା ଶୁଣି, ପୂର୍ବବତ, ବୌଦ୍ଧିକ ପରାମର୍ଶ ଦେଲେ, 'ବୁଝିଲେ ଭାଇସାବ, ଆପଣଙ୍କ ପେଟରେତ କିଛି କଥା ରହେନି । ସେଥିପାଇଁ, ମୁଁ କହୁଥିଲି, କ୍ଲବରେ ଏକଥା ମୋଟେ ଉଲ୍ଲେଖ କରିବେ ନାହିଁ । ନୋହିଲେ ଶହେ ତୁଣ୍ଡକୁ ହଜାରେ କଥା । ଲୋକ ରୁଚି ନାଁରେ ହିଁ ଯାତ୍ରୁ ସ୍ୟାତ୍ରୁ କରି ଗପିବେ ।'

ପରାମର୍ଶ ପାଇଁ ମିଃ ଟଣ୍ଡନ ଶ୍ରୀମତୀ ମନଚନ୍ଦାଙ୍କୁ କୃତଜ୍ଞତା ଜଣାଇଲେ । କାହିଁକି ନା ଥରେ ତ ତାଙ୍କ ମନକୁ ସେକଥା ଆସିଥିଲା, କୌଣସି ଦୁର୍ବଳତାର ଶିକାର ହୋଇ ରୁଚି ଯଦି ଲୋକଟିକୁ ପ୍ରୋତ୍ସାହିତ କରୁଥାଏ ! ଲୋକଟି ତା' କଲେଜ ଗେଟରେ ବି କୁଆଡ଼େ ପଇଁତରା ମାରୁଛି । ଅବଶ୍ୟ କଲେଜରେ ବୁଲୁଥିବା ଗୁଣ୍ଡା ଓ ଏହି ଗୁଣ୍ଡା ଜଣେ

Digitized by srujanika@gmail.com

ଲୋକ ବୋଲି ସେ ଯୋର ଦେଇ କହୁନି । ସେ ଯାହା ବି ହେଉ ଖୋଲାଖୋଲି ପୁରା ପ୍ରସଙ୍ଗଟିକୁ ନେଇ ରୁଚି ସାଙ୍ଗରେ ଆଲୋଚନା କରିବାକୁ ତାଙ୍କର ସାହସ ହେଲାନି ।

ମନେମନେ ସେ ନିଜକୁ ବି ଗାଳିଦେଲେ । ଜଣେ ଦି'ଜଣ କ୍ଲବ ସାଙ୍ଗଙ୍କ ଆଗରେ ଘଟଣାଟିର ଉଲ୍ଲେଖ କରି ସାରିଛନ୍ତି । ତାଙ୍କୁ ଲାଗିଲା, ସେମାନେ ଘଟଣାଟିକୁ ଓଲଟ ପାଲଟ କରି କେତେ ସଂଭାବନା ଦେଖି ସାରିବେଣି ତହିଁରେ । ହୁଏତ ନିଜ ନିଜ ପତ୍ନୀ ଆଗରେ କହୁଥିବେ, 'କିଏ ଜାଣିଛି ଲୋକଟିକୁ । ରୁଚିର କେହି ବିଫଳ ପ୍ରେମିକ ବି ହୋଇପାରେ ସେ । ଦେଖ କ'ଣ ହେଉଛି ।'

ସେଦିନର ସମାଚାରପତ୍ରରେ ବିଶେଷ ଅଶାନ୍ତି ନ ଥିଲା । ତୃତୀୟ ପୃଷ୍ଠାରେ 'ଯୁବତୀଙ୍କୁ ଅଶ୍ଳୀଳ ବ୍ୟବହାର ପ୍ରଦର୍ଶନ' ଏବଂ 'ରିକ୍ସାରେ ଯାଉଥିବା ମହିଳାଙ୍କ ଗହଣା ଲୁଟ' ଶୀର୍ଷକ ଖବରରେ ବିଶେଷ ତାକତ ନ ଥିଲା । ଗୁଣ୍ଡାଦଳର ପାରସ୍ପରିକ ଅର୍ନ୍ତଯୁଦ୍ଧର କାହିଁ କେଉଁଠି ଉଲ୍ଲେଖ ନ ଥିଲା ପେପରରେ । ତା' ଯାଗାରେ ଛାତ୍ରଙ୍କ ଆରକ୍ଷଣ ବିରୋଧୀ ଆନ୍ଦୋଳନର ଖବର ପୃଷ୍ଠା ମଣ୍ଡନ କରୁଥାଏ । ସରକାରୀ ଗାଡ଼ିକୁ ଟେକାପଥର ମାଡ଼ ଓ ବସ ପୋଡ଼ିର ବିଶେଷ ବିଶେଷ ଉଲ୍ଲେଖ ରହିଥାଏ । ଅଜାଣତରେ ମିଃ ଟଣ୍ଡନଙ୍କ ପାଟିରୁ ବାହାରି ପଡ଼ିଲା, 'ଦି କଣ୍ଟ୍ରି ହେଜ୍ ଗନ୍ ଟୁ ଦି ଡଗ୍ସ ।' ପ୍ରଦତ୍ତ ମନ୍ତବ୍ୟଟିର ପୁଷ୍ଟି ପାଇଁ ସେ ସମାଚାରପତ୍ରର ସପ୍ତମ ପୃଷ୍ଠାକୁ ଗଲେ । ସେଠିକା ଆଞ୍ଚଳିକ ସମ୍ବାଦରେ ଡକାୟତି, ହତ୍ୟା ଏବଂ ମହିଳାଙ୍କ ପ୍ରତି ଅସଦାଚରଣର ବିସ୍ତୃତ ବର୍ଣ୍ଣନ ଥାଏ । ସେ ସମାଚାରପତ୍ରକୁ ତଳେ କଚାଡ଼ି ଦେଲେ । ଆସ୍ତିକ ନ ହେବା ସତ୍ତ୍ୱେ ତୁଣ୍ଡରୁ ବାହାରି ପଡ଼ିଲା, 'ଓଃ ଗଡ୍' ।

ପାଗ ଚିପ୍‌ଚିପା ଲାଗୁଥାଏ । ଆକାଶରେ ମେଘ ଢାଙ୍କି ଥାଏ, ମାତ୍ର ପବନ ବୋହୁ ନ ଥାଏ । ଲନର ଫୁଲମାନେ ନିଷ୍ପ୍ରଭ ଜଣା ପଡୁଥାନ୍ତି । ତାଙ୍କୁ କିଛି ଭଲ ଲାଗୁ ନ ଥାଏ । ପାଗ, ସମାଚାରପତ୍ର, ମନଚନ୍ଦାର ଅନୁପସ୍ଥିତି, ଆଗତ ସଂଧ୍ୟାର ଆତଙ୍କ, ରୁଚିର ନିଷ୍କଳଙ୍କ ଚେହେରା – ସମସ୍ତେ ମିଶି ତାଙ୍କୁ ଉଦ୍‌ବିଗ୍ନ କରି ସାରିଥାନ୍ତି । ତାଙ୍କର ଭାବ ବିଚାର କୂଳକିନାରା ପାଉନି । ଦୁଃଶ୍ଚିନ୍ତା ଯୋଗୁଁ ବଙ୍ଗଳାର ବନ୍ଦ ଫାଟକ ବି ଖୋଲା ପ୍ରତୀତ ହେଲାଣି । ସିନେମା ପୋଷାକ ପରିହିତ କେତେଜଣ ଗୁଣ୍ଡା ଫାଟକ ଦେଇ ବଙ୍ଗଳାକୁ ପଶିଲେଣି ! ହାତରେ ଛୁରୀ ଧରିଥାନ୍ତି ! ଏ ଉଚ୍ଛିଆ ଦିବାସ୍ୱପ୍ନରୁ ତ୍ରାହି ପାଇବାପାଇଁ ସେ ଯୋର ଜବରଦସ୍ତି ଆଖି ଦୁଇଟିକୁ ନିମିଳିତ କଲେ । କିଛି ବେଳ ପରେ ପୁଣି ଖୋଲିଲେ । ନିଜ ଦୁର୍ବଳତାକୁ ତିରସ୍କାର କରି ହସିଲେ ସାମାନ୍ୟ । ଏ ସବୁ ସତ୍ତ୍ୱେ ମନେହେଲା, ଯେମିତି କିଛି ହଜି ଯାଉଛି । 'ଅତୀତ' ଆଉ 'ବର୍ତ୍ତମାନ' ହୋଇ ରହି ନାହିଁ । ସମ୍ମୁଖର ଲନ, ବାରଣ୍ଡାର ଗଦିବାଲା ରଙ୍ଗୀନ ବେତର ଚଉକି,

Digitized by srujanika@gmail.com

ଦ୍ରୁମମାନଙ୍କରେ ଚଟାଣ ଯାକେ ଓହଳୁଥିବା ପର୍ଦ୍ଦା, ଶାନ୍ତ ସ୍ନିଗ୍ଧ ପରିବେଶ – ସବୁ କିଛି ତାଙ୍କୁ ଅସ୍ୱାଭାବିକ ମନେ ହେଲା । ସତେଯେମିତି ସେ କୌଣସି ଏକ ସୁସଜ୍ଜିତ ଜାହାଜରେ ଆସୀନ ଏବଂ ଦୁର୍ଭାଗ୍ୟକୁ ଜାହାଜଟି ଜଳମଗ୍ନ ଅବସ୍ଥାରେ !

ମାଳି ଆସି ଉଷାଦେବୀଙ୍କୁ ଚୁପ ଚୁପ୍ କିଛି କହିଲା । ବିରକ୍ତିଭରା କଣ୍ଠରେ ମିଃ. ଟଣ୍ଡନ ପଚାରିଲେ, 'ବଡ଼ ପାଟିରେ କହୁନୁ କାହିଁକି ?' ଉଷାଦେବୀ ଉତ୍ତର ଦେଲେ, 'ତା'ର ସାହସ ତ ଦେଖ । ଅନ୍ଧାର ନ ହେଉଣୁ ଆସି ହାଜର । ଆଜି ସାଇକଲଟିଏ ଧରି ଆସିଛି । ଆମ ବାହାର ପାଚେରୀକୁ ଲାଗି ସାଇକଲ ଛିଡ଼ା କରିଦେଇ ନିଜେ ଖୁଣ୍ଟ ପାଖରେ ଯାଇ ବସିଲାଣି ।'

ପ୍ରଶ୍ନିଳ ଦୃଷ୍ଟିରେ ସେ ମାଳି ଆଡ଼େ ଚାହିଁଲେ । ମାଳି କହିଲା, 'ପତଳା ଶରୀର । ବୟସ ପଚିଶ ଛବିଶରୁ ଅଧିକ ହେବନି । ସାହେବ ଆଦେଶ ଦେଲେ, 'ଏବେ ଯାଇ ଠିକ କରି ଦିଅନ୍ତି ତାକୁ ।' ମିଃ. ଟଣ୍ଡନ ମନା କଲେ । ଫୋନରେ ଥାନାବାଲାଙ୍କୁ ଏମିତି କଡ଼ା କରି କହିଲେ ଯେ, ସାଙ୍ଗେ ସାଙ୍ଗେ ପୋଲିସ ପେଟ୍ରୋଲ ହାଜର ହୋଇଗଲା । ମାତ୍ର, ସେତେବେଳେକୁ, ଯାହାର ଡର ଥିଲା, ସାଇକଲ ଓ ସାଇକଲ-ଯାତ୍ରୀ ଅନ୍ତର୍ଦ୍ଧାନ ହୋଇ ସାରିଥାନ୍ତି ।

'ମା' ରୁଚି, ତୁ କିଛି ଖରାପ ଭାବିବୁନି । ମନରୁ ଗଢ଼ି ମୁଁ କିଛି କହୁନି । କିନ୍ତୁ ଏବେ ଠିକ କରି ପୋଲିସକୁ ମୁଁ 'ଇନଭଲ୍ୱ' କରିବାକୁ ଚାହେଁ । ତେଣୁ ଆମେ ନିଶ୍ଚିତ ହେବା କଥା ଯେ, ସେମାନଙ୍କ ପ୍ରଶ୍ନର ଉତ୍ତର ଦେଲାବେଳେ କିଛି ଏମିତି କଥା ନ ଆସୁ ଯଦ୍ୱାରା ..... ।'

'ପାପା, ତୁମେ ଜାଣିବାକୁ ଚାହୁଁଛ ତ ମୁଁ ସେ ଟୋକାକୁ ଜାଣେ କି ନାହିଁ ? ସିଧା କାହିଁକି ପଚାରୁନ ? କହୁନ, ସବୁ ମୋର ଦୋଷ ! ଦୁନିଆଁରେ ଯାହା ଯେଉଁଠି ହଉଛି, ତା'ପାଇଁ ମୁଁ ଦାୟୀ !'

'ରୁଚି ପ୍ଲିଜ୍... ।'

'ପାପା, ତୁମେ ମତେ କିଛି କୁହନା । ତୁମେ ସଦାବେଳେ ମତେ କାହିଁକି ...।'

'ରୁଚି, ପ୍ଲିଜ୍..... ।' ବାପ୍-ଝିଅ ଭିତରେ କଥାବାର୍ତ୍ତା ସେଇଠି ବନ୍ଦ ହେଲା । ଫୋନ ରିଂ ହେଲା । କ୍ଲବର ଜଣେ ସାଙ୍ଗର ଫୋନ । କହୁଛି, 'ଭାଇ, ଏତେ ନାରାଜ କାହିଁକି ? ପୁରା ସପ୍ତାହେ ହେଲା ତୁମର ଦେଖା ନାହିଁ । ଆଉ ସେ 'ଇଭଟିଜ୍‌ର' କଥା କ'ଣ ହେଲା ?'

ରୁକ୍ଷ ସ୍ୱରରେ ସେ ଜବାବ ଦେଲେ, 'କୋଉ ଇଭଟିଜର ?'

Digitized by srujanika@gmail.com

'ସରି । ମାତ୍ର ସେଦିନ ତୁମେ କହୁ ନ ଥିଲ .... ।'

'ହଁ, ଛୋଟିଆ କଥାଟିଏ ସେ । ଅସଲରେ ଏହି କିଛିଦିନ ହେଲା ମୋର .... ।'

'ଆରେ ଆରେ । ହେଲା କ'ଣ ? ଏବେ ଦେହ କେମିତି ଅଛି ?'

ହେଲେ ଏ ସବୁ କଥାରେ ପରିବେଶର ଜଟିଳତା ଦିନକୁ ଦିନ ବୃଦ୍ଧି ପାଉଥାଏ । ପୋଲିସ ଆସେ; ଫେରିଯାଏ । ତା' ଆସିବା ଆଗରୁ ଲୋକଟି ଛୁ ମନ୍ତର ହୋଇଯାଏ । ଏବେ ଘଟଣାର ସଦ୍ୟ ସଂସ୍କରଣ ହେଲା ଯେ, ପୋଲିସର ଗସ୍ତ ପରେ ପରେ ସେ କୁଆଡୁ ଆସିଯାଏ । ଆଜିକାଲି ସେ ଆଉ ଖୁଣ୍ଟକୁ ଆଉଜି ବସୁନି । ଆଖପାଖରେ ଚଲାବୁଲା ବି ଆରମ୍ଭ କରିଦେଲାଣି । ମନଚନ୍ଦା ବାବୁ ଆଜିଯାଏଁ ଗସ୍ତରୁ ଫେରି ନ ଥିଲେ । ଫଳତଃ ଗୋଏନ୍ଦା ବିଭାଗର ଜଣକୁ ଲୋକଟିର ସନ୍ଧାନ ନେବାର ଯୋଜନା ଯୋଜନାରେ ହିଁ ରହି ଯାଇଥାଏ । ପ୍ରସଙ୍ଗଟି ଉପରେ ଦିନୁ ଦିନ ପୋଲିସର ଗୁରୁତ୍ୱ ଦେବା ବି ହ୍ରାସ ପାଉଥାଏ । ଥାନାକୁ ଫୋନ କଲେ ଟେଲିଫୋନ୍ ଦାୟିତ୍ୱରେ ଥିବା ସିପାହୀ ମଧ୍ୟ ରୁକ୍ଷ ସ୍ୱରରେ ଜବାବ ଦିଏ, 'ଠିକ ଅଛି ସାର । ଇନସ୍ପେକ୍ଟର ବାବୁଙ୍କୁ ମୁଁ ଜଣାଇ ଦେବି ।' ଥରେ ଅଧେ ତ ଫୋନ କରିବା ସତ୍ତ୍ୱେ ବି ପୋଲିସ ପେଟ୍ରୋଲର ଦର୍ଶନ ମିଳିଲା ନାହିଁ । ଏ ପଟେ ରାତି ଦଶଟା ଯାଏଁ ସିଗାରେଟ ଟାଣି ଟାଣି ଜୀବଟି ଆରାମରେ ବୁଲି ଚାଲିଥାଏ ।

ସେଦିନ ସଂଧ୍ୟାରେ ହଠାତ୍ ରାସ୍ତାକଡ଼ରେ ବିଜୁଳିବତୀମାନ ଜଳି ଉଠିଲା । ବାରଲାଇଟ ଏବଂ ମଝି ମଝିରେ ମର୍କୁରୀ ବଲ୍‌ବ ଯୋଗୁଁ ଦୀପାବଳିର ବାତାବରଣ ସୃଷ୍ଟି ହେଲା । ମିଃ ଟଣ୍ଡନଙ୍କ ମନ ଉଲ୍ଲସିତ ହୋଇ ଉଠିଲା । ତାଙ୍କୁ ଲାଗିଲା, ସମସ୍ୟାର ସମାଧାନ ହୋଇଗଲା । ଉତ୍‌ଫୁଲ୍ଲିତ ହୋଇ ସେ ଗେରେଜରୁ ଗାଡ଼ି କାଢ଼ିଲେ । କ୍ଲବ ବାହାରିଲେ । ରାସ୍ତାର ସେହି ନିର୍ଦ୍ଧାରିତ କୋଣରେ ଗାଡ଼ିକୁ ଆସ୍ତେ କଲେ । ଖୁଣ୍ଟ ତଳେ କେହି ନାହାନ୍ତି । ତାଙ୍କୁ ଆଶ୍ୱାସନା ମିଳିଲା । ହେଲେ ତାଙ୍କୁ ଜଣା, ଏ ଆଶ୍ୱାସନାର କୌଣସି ମୂଲ୍ୟ ନାହିଁ । ଗାଡ଼ିର ଗତି ବଢ଼ାଇବା ସକାଶେ ସେ ଏକ୍ସିଲେଟରରେ ଯୋର ଦେଲେ । କିନ୍ତୁ ପାଦରେ ବଳ ନ ଥିଲା । ସେତେବେଳକୁ ତାଙ୍କ ନଜର ପଡ଼ି ସାରିଥିଲା– ଖୁଣ୍ଟର ପଚାଶ ଗଜ ଦୂରରେ ସ୍ଥିତ ଗଛ ତଳେ ସାଇକଲଟିଏ ଛିଡ଼ା ହେଇଛି ଏବଂ ତା' ଉପରେ ବସି ଜଣେ ଲୋକ ସିଗାରେଟ ଟାଣୁଛି ।

ତାଙ୍କୁ ଭାରି ରାଗ ମାଡ଼ିଲା । ଅନ୍ୟାୟ ଓ ଅନାଚାର ବିରୁଦ୍ଧରେ ଏତେ ବେଶି ରାଗ ଆଗରୁ କେବେ ତାଙ୍କୁ ମାଡ଼ି ନ ଥିଲା । ସେ ଆଗ ଛକରୁ ଗାଡ଼ିକୁ ବୁଲେଇ ଦେଇ ବଙ୍ଗଲାକୁ ଫେରି ଆସିଲେ । ବ୍ରେକକୁ ଖୁବ୍ ଯୋରରେ ଚାପି ସେ ଗାଡ଼ି ଛିଡ଼ା କଲେ । ଧଡ଼ାସ କରି

Digitized by srujanika@gmail.com

ଗାଡ଼ିର ଦରଜା ବନ୍ଦ କଲେ । ତେଣିକି ଘର ଭିତରକୁ ପଶିଲେ । ପାଟିରୁ ବାହାରିଲା, 'ଶଳା ହାରାମି, ଭଦ୍ରଲୋକଙ୍କୁ ରଖି ଦେବନି ଏଠି ।'

ଏପରି ଅଶ୍ଳୀଳ ଭାଷା ପ୍ରୟୋଗ କରି ସେ ଅନେକ ବର୍ଷ ହେଲା କାହାକୁ ଗାଳି କରି ନ ଥିଲେ ।

ଉଷାଦେବୀ ଆଜିକାଲି ଆଉ ଉଚ୍ଚ ଭଲ୍ୟୁମରେ ଟେପ ଶୁଣନ୍ତିନି । କଥାବାର୍ତ୍ତା ବେଳେ ତାଙ୍କୁ ଟେପ୍‌ର ଭଲ୍ୟୁମ୍ କମ୍ କରିବାକୁ ପଡ଼େନି । କହିଲେ, 'ଆଜି ବି ଛିଡ଼ା ହେଇଛି ?'

'ହଁ, ଯାହା ବି ହେଉ, ସମସ୍ୟାକୁ ପୂର୍ଣ୍ଣାହୁତି ଦେବାକୁ ହେବ । ତୁମେ ମାଳିର ଗାଁ ଲୋକଙ୍କ କଥା କହୁଥିଲ ନା ?'

'ମାଳି ନିଜେ କହୁଥିଲା ସେ କଥା । ତାଙ୍କ ଗାଁର କୁଆଡ଼େ ଅନେକ ଲୋକ ଏଇଠି ରିକ୍ସା ଚଳାନ୍ତି; କିଛି ଲୋକ ଗୁପଚୁପ ବିକନ୍ତି । ସମସ୍ତେ ମାଳିର ନିଜ ଲୋକ । କହୁଥିଲା ସାହେବ ଯଦି ଆଦେଶ ଦେବେ, ଦିନ ଗୋଟାକରେ ତାକୁ ଠିକ କରିଦେବି । କେହି ଜାଣି ବି ପାରିବେନି । ବଙ୍ଗଲାର ସାହେବଙ୍କର ଯେ କେତେ ବଳ ଥରେ ଜାଣିଲେ ଲୋକଟି ଆପେ ଆପେ ଉଭାନ ହେଇଯିବ । କହୁଛି, ତାର ଜଣେ ସାଙ୍ଗକୁ କୁଆଡ଼େ ବଡ଼ ବଡ଼ ଗୁଣ୍ଡା ବି ଜାଣନ୍ତି । ଗାଁରେ ହତ୍ୟା ମାମଲାରେ ପଡ଼ି ଏଠିକି ଚାଲି ଆସିଛି । ନାଁ ବଦଳେଇ ଏଠି କୁଆଡ଼େ ପାନ ଦୋକାନ କରେ । ତା' ନାଁ ଶୁଣିଲେ କୁଆଡ଼େ ଏ ଲୋକଟିର ପିଳେହି ପାଣି ହୋଇଯିବ ।'

ମାଳିର ଅଯାଚିତ ସହଯୋଗକୁ ନେଇ ଘରେ ଆଗରୁ ବି ଚର୍ଚ୍ଚା ହେଇଛି । ପ୍ରଥମେ ଶୁଣିଲା ପରେ ମିଃ. ଟଣ୍ଡନ ରାତିରେ ଶୋଇ ପାରିଲେନି । ତାଙ୍କୁ ଲାଗିଲା, ସଫାସୁତୁରା ରାଜରାସ୍ତା ଛାଡ଼ି ସେ ତେଢ଼ା ମେଢ଼ା ସୁଡ଼ଙ୍ଗର ବାଟ ଧରୁଛନ୍ତି । ତାଙ୍କୁ ଡର ମାଡ଼ିଲା, ସହଯୋଗ ଦେଲା ପରେ ମାଳିର ସହଚରମାନେ ଆଜୀବନ ତାଙ୍କଠାରୁ ପଇସା ଠକି ନେବାକୁ ଚେଷ୍ଟା କରିବେ; ଅପରାଧ ଜଗତରେ ତାଙ୍କୁ ତାଲିକାଭୁକ୍ତ କରିଦେବେ; ପ୍ରତି ପାଦରେ ତାଙ୍କ ପାଖକୁ ସାହାଯ୍ୟ ପାଇଁ ଧାଇଁବେ; ସୁପାରିଶ ପାଇଁ ଆସିବେ । ସେମାନଙ୍କ ପାଇଁ ଜମାନତ ଯୋଗାଡ଼ କରିବାକୁ ପଡ଼ିବ; ତାଙ୍କଠାରୁ ମୋଟା ରକମର ଅର୍ଥ ଦାବୀ କରିବେ; ମିଃ. ଟଣ୍ଡନ ପ୍ରତିକ୍ଷଣରେ ସେମାନଙ୍କ ବ୍ଲେକମେଲର ଶୀକାର ହେବେ । ସେଦିନ ମାଳିର ଆସନ୍ନ ସହଯୋଗକୁ ସେ ପ୍ରତ୍ୟାଖ୍ୟାନ କରି ଦେଇଥିଲେ ।

ମାତ୍ର ଆଜି ଆଉ ନୁହେଁ । କହିଲେ, 'ଠିକ୍ ଅଛି, ମାଳିକୁ ଡାକ । କଥାବାର୍ତ୍ତା କରିନେବା । କାଲି ଯାକେ ମାମଲା ରଫାଦଫା ହେବା କଥା ।'

Digitized by srujanika@gmail.com

ଆଗରୁ ଡରୁଥିଲେ, ଏ ଘଟଣା ପରେ ମାଳି ଓ ତାଙ୍କ ଭିତରେ ସଂପର୍କର ନିଶ୍ଚୟ ନୂଆଁ ସମୀକରଣ ସୃଷ୍ଟି ହେବ । ମାତ୍ର ଏବେ ରାଗର ମାତ୍ରା ଏତେ ଅଧିକ ଥିଲା ଯେ, ତିଳ ପ୍ରମାଣ ସେ ଡର କାହିଁ କୁଆଡ଼େ ଉଡ଼ି ଛିନଛତର ହେଇଗଲା ।

ହେଲେ ଏତେ ଆୟୋଜନ ସବୁ ବେକାର ଗଲା, କାରଣ ତା' ପରଦିନ ସଂଧ୍ୟାରେ ସେ ଗୁଣ୍ଡା ଆସିଲା ନାହିଁ । ରାସ୍ତା ଉପରେ ବିଛୁରିତ ବିଜୁଳିର ନିର୍ମଳ କିରଣରେ ସୁଖ ଓ ଶାନ୍ତିର ଢେଉ ଖେଳିବାକୁ ଲାଗିଲେ । ସାଇକଲ ଓ ସାଇକଲ ଯାତ୍ରୀର କାହିଁ କେଉଁଠି ଛାୟା ବି ପଡ଼ି ନ ଥାଏ । ମାଳି ଓ ତା'ର ଲୁକ୍କାୟିତ ସହଚରମାନେ ତିନି ଚାରିଘଣ୍ଟା ପର୍ଯ୍ୟନ୍ତ ଅପେକ୍ଷା କଲା ପରେ ନିରାଶ ହୋଇ ଫେରିଗଲେ । ତୃତୀୟ, ଚତୁର୍ଥ ଓ ପଞ୍ଚମ ରଜନୀରେ ବି ପୂର୍ବବତ ଦୃଶ୍ୟ । ରାସ୍ତାରେ କାହାରି ଅପେକ୍ଷାରେ ଦିନ କାଟୁଥିବା ସେହି ଗୁଣ୍ଡା ଜଣକ ବୋଧହୁଏ ଇଲାକା ଛାଡ଼ି କାହିଁ କୁଆଡ଼େ ଅର୍ନ୍ତଧାନ ହୋଇଗଲାଣି ।

ଏସବୁ ସତ୍ତ୍ୱେ ଟଣ୍ଡନ ପରିବାରକୁ ତା' ଦାଉରୁ ରକ୍ଷା ମିଳି ନ ଥାଏ । ଯେତେବେଳେ ମାଳିର ସହଚରମାନେ ବଙ୍ଗଳାର ଆଖପାଖରେ ପହରା ଦିଅନ୍ତି, ପରିବାରର ବ୍ୟାକୁଳତା ଓ ଆଶଙ୍କା ସୀମା ପାର କରିଯାଏ । କିଛି କ'ଣ ଘଟିବାର ବା ଶୁଣିବାର ବ୍ୟଗ୍ରତାରେ ବଙ୍ଗଳାର ବହିପତ୍ର, ସାଙ୍ଗୀତିକ ଟେପ ଓ ତା'ର ରେକର୍ଡ଼, ତାସଖେଳ ଏବଂ ବିଳାସର ବାକୀ ସମସ୍ତ ସାଜ ସରଞ୍ଜାମ ସ୍ଥିର ନିଶ୍ଚଳ ହେଇ ପଡ଼ି ରହନ୍ତି । ଟଣ୍ଡନ ପରିବାର ସେ ଅଜ୍ଞାତ ବ୍ୟକ୍ତି ବଦଳରେ ଏବେ ସ୍ୱୟଂ ନିଜର ଆତଙ୍କରେ ଛଟପଟ ହେଉଥିଲା ।

ହଠାତ୍ ସେଦିନ ସମାଚାରପତ୍ରରେ ପ୍ରକାଶିତ ଗୋଟିଏ ଫଟୋ ଏବଂ ଛୋଟ ଖବରଟିଏ ସମସ୍ୟାର ଆଶୁ ସମାଧାନ କରିଗଲା । ତାଙ୍କର ଏହି ନୂଆ ସଂଭ୍ରାନ୍ତ କଲୋନୀର ରାସ୍ତା ଆଗରେ ଯାଇ ଏକ ରମଣୀୟ ସ୍ଥାନରେ ମିଶୁଥିଲା । ସେଠି ନଦୀ-ନାଳ ବୋହୁଥିଲେ, ନୁଆଁ କରି ଜଙ୍ଗଲ ତିଆରି ହେଇଥିଲା, ଲତା-କୁଂଜ ଶୋଭା ପାଉଥିଲେ, ହରିଣ ଚରୁଥିଲେ, ସୁରମ୍ୟ ପାହାଡ଼ ଥିଲା, ପିକନିକ ପାଇଁ ଆବଶ୍ୟକ ହେଉଥିବା ନିର୍ଜ୍ଜନତା ଓ ଆକର୍ଷଣୀୟ ଘାଟୀମାନେ ରହିଥିଲେ । ସଂକ୍ଷେପରେ କହିବାକୁ ଗଲେ ପର୍ଯ୍ୟଟନ ଓ ବନବିଭାଗର ମିଳିତ ଉଦ୍ୟମରେ ସେଠି ପର୍ଯ୍ୟଟକମାନଙ୍କପାଇଁ ସ୍ୱର୍ଗର ସର୍ଜନା କରାଯାଇଥିଲା । ସେଇଠି ନର୍ଦ୍ଦମାରେ ଗୋଟାଏ ଭଙ୍ଗା ସାଇକଲ ଏବଂ ନିକଟସ୍ଥ ବୁଦାମୂଳେ ଅର୍ଦ୍ଧଗଳିତ ଅବସ୍ଥାରେ ଶବଟିଏ ମିଳିଥିଲା । ସମ୍ବାଦପତ୍ରରେ ସାଇକଲ ଓ ଲାସର ଫଟୋ ପ୍ରକାଶିତ ହେଇଥାଏ । ସାଙ୍ଗରେ ଛୋଟିଆ ସମ୍ବାଦଟିଏ ।

Digitized by srujanika@gmail.com

ଉଲ୍ଲେଖ ଥାଏ : ଲାସ କୌଣସି ଅଜ୍ଞାତ ବ୍ୟକ୍ତିର । ସମସ୍ତ ପ୍ରଚେଷ୍ଟା ସତ୍ତ୍ୱେ ପୋଲିସ ଏ ଯାଏଁ ତା'ର ଠିକଣା ପାଇ ପାରିନି । ଅତି ନୃଶଂସ ଭାବରେ ହତ୍ୟା କରା ଯାଇଥିଲା ତାକୁ । ଦେହରେ ପଚିଶ ତିରିଶଟି ଛୁରାଘାତର ଚିହ୍ନ ରହିଛି, ଇତ୍ୟାଦି ଇତ୍ୟାଦି ।

ନିହତ ବ୍ୟକ୍ତିଟି ନିର୍ଦ୍ଦିଷ୍ଟଭାବରେ ସେ ନା ଆଉ କିଏ – ତାହା ଏ ଯାଏଁ ପ୍ରମାଣିତ ହୋଇ ନ ଥାଏ । ତଥାପି ସମ୍ବାଦପତ୍ରରେ ଲାସ ଓ ସାଇକଲର ଫଟୋ ପ୍ରକାଶିତ ହେବା ଦିନରୁ ବଙ୍ଗଳା ଆଖ ପାଖରେ ମାଳିର ସହଚରମାନଙ୍କୁ ଆଉ ଡ୍ୟୁଟି ଦେବାକୁ ପଡ଼ିଲା ନାହିଁ । ଠିକ୍ ସେହିଦିନ ମିଃ ଟଣ୍ଡନ ଉଷାଦେବୀଙ୍କ ସାଙ୍ଗରେ ରହସ୍ୟଟିର ଅନ୍ୟସବୁ ସମ୍ଭାବନାଗୁଡ଼ିକ ଉପରେ ମଧ୍ୟ ରେଖାପାତ କଲେ । 'ମତେ ଲାଗୁଛି, ଲୋକଟିର ଦୃଷ୍ଟି ଆଦୌ ଆମ ଘର ଆଡ଼େ ନ ଥିଲା । ବରଂ ରାସ୍ତା ଆର କଡ଼େ ନୂଆଁ ହୋଇ ଆରମ୍ଭ ହୋଇଥିବା ସାଂଧ୍ୟକାଳୀନ ବ୍ୟାଙ୍କ ଉପରେ ରହିଥିଲା ।' ନିଜ ଯୁବାବସ୍ଥାରେ ପଢ଼ିଥିବା କେତୋଟି ଗୋୟେନ୍ଦା ଉପନ୍ୟାସର କଥାବସ୍ତୁକୁ ମନେ ପକାଇ ଉଷାଦେବୀ କହିଲେ, 'ଏଥିରେ ଅସମ୍ଭବ କିଛି ନାହିଁ । କେବେ କେବେ ଡାକୁମାନେ ବେଙ୍କ ଡକାୟତି କରିବା ପୂର୍ବରୁ ମାସ ମାସ ଧରି ସେଠିକାର କାର୍ଯ୍ୟପ୍ରଣାଳୀ ଉପରେ ଗଭୀର ଅଧ୍ୟୟନ କରନ୍ତି ।' ସେ ଯାହା ହେଉ ମିଃ ଟଣ୍ଡନ ପରିବାର ଏବେ ନିଶ୍ଚିନ୍ତ ରହିଲେ । ବେଙ୍କ ଡକାୟତିର ସମ୍ଭାବନା ଯୋଗୁଁ ଘଟଣାଟି କୌଣସି ଚାଲୁ ସିନେମାର ଗରମାଗରମ କଥାବସ୍ତୁ ଅପେକ୍ଷା କମ୍ ରୋମାଞ୍ଚପୂର୍ଣ୍ଣ ମନେ ହେଉ ନ ଥାଏ ।

ତା' ପରଦିନ ଠାରୁ ମାଳି ତା' ବଗିଚା ଓ ଫୁଲର ପାରମ୍ପରିକ ସେବାରେ ତନ୍ମୟ ହୋଇ ରହିଲା । ମିଃ ଟଣ୍ଡନ ନିୟମିତ କ୍ଲବ ଗଲେ । ଉଚ୍ଚ ଭଲ୍ୟୁମରେ ଉଷାଦେବୀ ମୁନିବର ଅଲ୍ଲୀ ଖାଁ କଣ୍ଠର ଶୁଦ୍ଧ କଲ୍ୟାଣ ରାଗ ଓ ବି.ଜି. ଯୋଗଙ୍କର ଭାଓଲିନ ବାଦନ ଶୁଣିବାକୁ ଲାଗିଲେ । ରୁଚି ସ୍ୱେଚ୍ଛାପୂର୍ବକ ନିର୍ଭୟରେ ଆଲୋକିତ ରାସ୍ତା ପାରି ହୋଇ ଉର୍ମିଳାର ବଙ୍ଗଳାକୁ ଗଲା । ଫୁଲ, ଗଛଲତା, ସୋଫା ଓ ପର୍ଦ୍ଦାର ସୁକାନ୍ତି ପୁଣି ଥରେ ବଙ୍ଗଳାକୁ ଅବତରିତ ହେଲେ । ଆତଙ୍କର କଳାଛାୟା ଅଦୃଶ୍ୟ ହେଲା । ଉତ୍ପାତ ଓ ବିପ୍ଳାତର କାହାଣୀ ଶେଷ ପାଇଲା । ସୂର୍ଯ୍ୟ ସୁପ୍ରଭ ଦେଖାଗଲେ; ଆକାଶ ଫରଚା ଦିଶିଲା । ଚନ୍ଦ୍ରର କିରଣ ମନୋରମ ପ୍ରତୀତ ହେଲା । ମିଃ ଟଣ୍ଡନଙ୍କର ଆଇ.ଏଫ.ଏସ୍ ପୁତ୍ରର ପତ୍ରମାନ ପୁଣିଥରେ ବିଦେଶର ଉତ୍କଣ୍ଠାପୂର୍ଣ୍ଣ ବାର୍ତ୍ତା ବହନ କରି ଚର୍ଚ୍ଚାର ମୁଖ୍ୟ ପ୍ରସଙ୍ଗ ହେଲେ । ରୁଚି ତା' ଚିତ୍ରକଳାର ଏକକ ପ୍ରଦର୍ଶନୀ ନିମନ୍ତେ ଆବଶ୍ୟକ ପ୍ରସ୍ତୁତି ମଧ୍ୟ ଆରମ୍ଭ କରିଦେଲା ।

ସମାଚାରପତ୍ରର ପ୍ରଥମପୃଷ୍ଠାରେ ମିଃ ଟଣ୍ଡନଙ୍କର ପୁଣି ଆଜିକାଲି ମନ ଲାଖି ଗଲାଣି । ତୃତୀୟ ଓ ସପ୍ତମ ପୃଷ୍ଠାର ଭୟାନକ ଦୁନିଆଁ ଏକ ଦୁଃସ୍ୱପ୍ନ ପରି ମସ୍ତିଷ୍କରୁ

Digitized by srujanika@gmail.com

ତିରୋହିତ ପ୍ରାୟ ସ୍ଥିତିରେ । ତାହା ଏତେ ମାତ୍ରାରେ ତିରୋହିତ ଯେ ସମ୍ବାଦପତ୍ରରେ ଯେଉଁଦିନ ପ୍ରକାଶିତ ହେଲା, ଲାସଟି ବୋଧହୁଏ ଜଣେ ନକ୍ସଲବାଦୀର ଏବଂ ହତ୍ୟାର କାରଣ ଆନ୍ତରିକ କଳହ ହୋଇପାରେ, ମିଃ ଟଣ୍ଡନଙ୍କର ଦୃଷ୍ଟି ତୃତୀୟ ପୃଷ୍ଠାକୁ ଯିବାକୁ ବେଳ ପାଇଲାନି । ପ୍ରଥମ ପୃଷ୍ଠାରେ ପ୍ରକାଶିତ ଚୀନ ଓ ଭିଏତନାମ ମଧ୍ୟରେ ଆରମ୍ଭ ହେଇଥିବା ଯୁଦ୍ଧ ଭିତରେ ସେ ଅଟକି ରହିଲେ । ତାଙ୍କୁ ଜଣା ବି ପଡ଼ିଲା ନି ଯେ, ବିଜୁଳି ଆଲୁଅର ଯଥୋଚିତ ପ୍ରକାଶ ସତ୍ତ୍ୱେ ତାଙ୍କ ଚାରି ପାଖ ପାଚେରୀ ଆରକଡ଼େ ବିଦ୍ୟମାନ ଦୁନିଆଁରେ କିଛି ବି ପରିବର୍ତ୍ତନ ହୋଇନି । ସ୍ଥିତି ବିଲକୁଲ ଆଗଭଳି !

❑

Digitized by srujanika@gmail.com

ଛକ

ଛକରେ ନିର୍ବାଚନ ପୋଷ୍ଟର, ପତାକା ଓ ଲାଉଡ୍‌ସ୍ପିକରରେ ଭର୍ତ୍ତି ଚାରି ପାଞ୍ଚଟି ଜୀପ୍ ଛିଡ଼ା ହୋଇଥିଲେ । ଜୀପର ବନେଟରେ ଆସୀନ ନିର୍ବାଚନ ସେନାନୀ ନିଜ ନିଜ ପ୍ରାର୍ଥୀଙ୍କ ହନୁମାନ ଚାଳିଶା ପଢୁଥାନ୍ତି । ଲୋକ ଭିଡ଼ର ରୂପ ନେଇ ସାରିଥାନ୍ତି ।

ଛକରେ ଜଣକ ଉପରେ ହଠାତ୍ ଜୀପ ମାଡ଼ିଗଲା । ଜୀପ ତଳୁ ତାକୁ ଅଣା ହେଲାବେଳକୁ ବିଚାରାର ମଣିଷତ୍ୱ ଉଭାନ୍ ହୋଇ ସାରିଲାଣି । ଲୋକେ 'ଇନକିଲାବ୍ ଜିନ୍ଦାବାଦ୍' ଆଦିର ସ୍ଲୋଗାନ୍ ଦେଲେ । 'ଆଦି' ରେ ଦୋ ଅକ୍ଷରି ମଧ୍ୟ ମିଶିଥିଲା ।

ଜୀପ୍‌ରେ ନାରଙ୍ଗୀ ରଙ୍ଗର ନିର୍ବାଚନ ପତାକା । ଜଣେ ବାହାରି ବନେଟରେ ଚଢ଼ିଗଲା । ଭିଡ଼ ଉପରେ ନଜର ବୁଲାଇ ନିଶ୍ଚିତ ହେଲା ଯେ, ସାରାଦେଶଟା ତା'ର ଜମିଦାରି । କନ୍ୟାକୁମାରୀରୁ ମାନସରୋବର ଏବଂ ଅଟକରୁ କଟକ ଯାଏଁ ଦେଖିବା ଠାଣିରେ ପୁଣି ଥରେ ଭିଡ଼କୁ ଦେଖିସାରି ସେ କହିଲା, 'ବନ୍ଧୁଗଣ, ଶାନ୍ତି ଶାନ୍ତି । ଜୀପ୍‌ର ଡ୍ରାଇଭରକୁ ପୋଲିସ ହାଜତକୁ ପଠା ସରିଲାଣି । ତେଣୁ ଆପଣମାନେ ଶାନ୍ତ ହୁଅନ୍ତୁ ।'

'ହେଲେ ପୋଲିସତ ଆସିନାହିଁ ।' ଭିଡ଼ ଭିତରୁ ଜଣେ କେହି ପାଟି କଲା । ସତକଥା, ସଚରାଚର ଯେମିତି ହୁଏ, ପୋଲିସ ଘଟଣାସ୍ଥଳକୁ ଆସି ନ ଥାଏ, ଅଧା ବାଟରେ ଥାଏ ।

'ଠିକ୍ କଥା । କିନ୍ତୁ ଜଣେ କନେଷ୍ଟବଳ ଆରମ୍ଭରୁ ଆମ ଜୀପରେ ଥିଲା । ତା' ଜିମାରେ ଆମେ ଡ୍ରାଇଭରକୁ ଥାନାକୁ ପଠାଇ ସାରିଛୁ ।' ବକ୍ତାର ମୁଖମଣ୍ଡଳରୁ ଏକ ଦୂରଦ୍ରଷ୍ଟାର ତେଜ ଫୁଟି ଉଠୁଥାଏ । ଭିଡ଼ର ଦାବି- ଆମେ ଜୀପରେ ନିଆଁ ଲଗେଇ ଦେବୁ ।

'ନା, ବନ୍ଧୁଗଣ । ସେଥିପାଇଁ ଆଉ ବେଳ ନାହିଁ । ଉଛୁର କରିଦେଲେ ଆପଣମାନେ । କଥାବାର୍ତ୍ତା, ବିଚାର ଆଲୋଚନାର ପ୍ରକ୍ରିୟା ଆରମ୍ଭ ହେଲା ପରେ ସେଠାରେ ହିଂସାର ଆଉ ସ୍ଥାନ ନଥାଏ ।'

କିଛି ଲୋକ ମୃତ ବ୍ୟକ୍ତିକୁ ଥାନା ଆଉ ଡାକ୍ତରଖାନା ବାଟ ଦେଇ ଶ୍ମଶାନକୁ ନେଲେ । ଛକରେ ପାଟିଗୋଳର ମାତ୍ରା ବଢ଼ିଲା । ମୋଟରବାଲାଙ୍କ ସହ, ବିନା

Digitized by srujanika@gmail.com

ମୋଟରବାଲାଙ୍କ ଶ୍ରେଣୀ ସଂଘର୍ଷ, ପୂର୍ବରୁ ଘଟିଥିବା ଅଘଟଣର ସ୍ମରଣ, ଗୀତାର ଉଦ୍ଧୃତି, ଜୀବନଟା ପାଣି ଭଳି ତତ୍ତ୍ୱର ବିଶ୍ଲେଷଣ– ସବୁ ସାମିଲ ଥିଲେ ପାଟିଗୋଳରେ । ଛକର ଅନତି ଦୂରରେ ନିର୍ବାଚନ ସଂଗ୍ରାମର ଟ୍ୟାଙ୍କ – ଅର୍ଥାତ୍ ପୋଷ୍ଟର ବାଜି, ଡାକବାଜି ଯନ୍ତ୍ର ଛୁଟିଲା ଏବଂ ଭାଷଣର କମାଣ ଗର୍ଜି ଉଠିଲା ।

ଛକର ଗୋଟାଏ କଡ଼ରେ କଫି ହାଉସ । ଧୂଆଁ ଯେଉଁଠି, ନିଆଁ ସେଇଠି ନ୍ୟାୟରେ କେତେଜଣ ବୁଦ୍ଧିଜୀବୀ ସେଇଠି । ସମସ୍ୟା ଭିତରେ ସମସ୍ୟା ଖୋଜି ଖୋଜି ସମସ୍ତେ ସମସ୍ୟାଗ୍ରସ୍ତ । ଦୁର୍ଘଟଣା ଖବର ଶୁଣି ତନ୍ମଧ୍ୟରୁ ଜଣେ କହିଲେ, 'ଦେବୀଦୀନ ବାବୁ ଆଉ ଇହଜଗତରେ ନାହାନ୍ତି ।'

- କ'ଣ କହିଲ ? ଦେବୀଦୀନ ବାବୁ ?

- ହଁ, ସେ ଆଉ ଇହଜଗତରେ ନାହାନ୍ତି । ଜୀପ ଦୁର୍ଘଟଣାରେ ତାଙ୍କର ପ୍ରାଣ ଗଲା ।

- କିଏ ସେ ।

- ଦେବୀଦୀନ ବାବୁଙ୍କୁ ଜାଣିନ ? ସ୍ୱାଧୀନତା ସଂଗ୍ରାମୀ । ତିନି ତିନି ଥର ଜେଲ ଯାଇଛନ୍ତି - ୧୯୨୧, ୧୯୨୬, ପୁଣି ୧୯୪୨ ମସିହାରେ । ବୁଢ଼ା ଖୁବ୍ ସ୍ୱାଭିମାନୀ ଥିଲା । ସ୍ୱାଧୀନତା ସଂଗ୍ରାମୀବାଲା ପେନସନ ବି ଛୁଇଁଲା ନାହିଁ । ମନ୍ତ୍ରୀପଦ, ଖଦିବୋର୍ଡ଼ ଅଧ୍ୟକ୍ଷ କାହାରି ଲୋଭ ଚଢ଼ି ନ ଥିଲା ତାକୁ । ଭାରତ ସେବକ ସମାଜର ଜୀପ ଓ ଭତ୍ତାକୁ ବି ଲାତ ମାରିଥିଲା । ସାମାନ୍ୟ ପାଗଳା କିସମର । ଆଜି ଜୀପ ତଳେ ତା'ର ପ୍ରାଣ ଗଲା ।

ସରକାରୀ ଅଫିସରେ ଚାକିରୀରତ ଜଣେ ବୁଦ୍ଧିଜୀବୀ ମତ ଦେଲେ, 'ସତରେ ? ଦେବୀଦୀନ ବାବୁ ? ମାନେ ଦେ-ବୀ-ଦୀ-ନ ବାବୁ ! ଆରେ, ଆମ ଅଞ୍ଚଳର ଜଣେ ଜଣାଶୁଣା ଶହୀଦ ଥିଲେ ସେ । ତାଙ୍କ ମୃତ୍ୟୁରେ ଆଜି ସରକାରୀ ଅଫିସ ବନ୍ଦ ହେବା କଥା । ଦୋକାନ ବଜାର ମଧ୍ୟ ।'

- ଏ ଭଳି ମଉକା ପାଇଁ ମୁଁ କବିତାଟିଏ ଲେଖିଛି । କିନ୍ତୁ ପେପରବାଲା ବହୁତ କମ୍ ପଇସା ଦିଅନ୍ତି । ତାକୁ କାହିଁକି ଦେବି ? ଆଉ ଜଣେ କହିଲେ ।

ଦଣ୍ଡାୟମାନ ଜୀପ ଚାରିକଡ଼େ ନିର୍ବାଚନ ବାଲାଙ୍କ ଭିଡ଼ ବଢ଼ିଲା । ସବୁ ପାର୍ଟିକୁ ଏହି ଦୁର୍ଘଟଣା ଯୋଗୁଁ ଏକ ଗଭୀର ଧକ୍କା ପହଞ୍ଚିଛି ।

ରାଜନୀତିର ବାଁ କଡ଼େ ଧାବମାନ ପାର୍ଟିର ପ୍ରାର୍ଥୀ ନିଜେ ଜୀପର ବନେଟକୁ ଚଢ଼ିଗଲେଣି । ବଡ଼ ପାଟିରେ କହୁଥାନ୍ତି, 'ଭାଇମାନେ, କୁହନ୍ତୁ ଭଲା, ହତ୍ୟାକାରୀକୁ

Digitized by srujanika@gmail.com

କି ଆପଣ ଭୋଟ ଦେବେ ? ଜୀପ ମଡ଼େଇ ଅମର ଶହୀଦ ଦେବୀଦୀନବାବୁଙ୍କ ପ୍ରାଣହନ୍ତା କି କେବେ ଆପଣମାନଙ୍କ ଭୋଟ ପାଇବାକୁ ଯୋଗ୍ୟ ?

'ଗାଡ଼ି ତଳେ ପଡ଼ି ପ୍ରାଣ ଦେଲା ଉତ୍ତାରୁ ସିନା ଅମର ଶହୀଦ ହେଲେ । ଆଗରୁ ତ ନ ଥିଲେ ।' ଜଣେ ଭିଡ଼ ଭିତରୁ ପାଟି କଲା ।

ଆଉ ଜଣେ କହିଲା, 'ସମସ୍ତେ ଜାଣନ୍ତି ଏକଥା । ଅମର ଶହୀଦଟା ଏଭଳି ଏକ ପଦବୀ ଯା ପଛରେ ସର୍ବଦା ବନ୍ଧନୀ ଥାଏ ଏବଂ ବନ୍ଧନୀ ମଧ୍ୟରେ 'ମରଣୋତ୍ତର' ବା 'ପୋସ୍ତମସ' ଲେଖା ଯାଇଥାଏ ।

ଆଉ ଏକ ଜୀପ୍‌ର ଡାକବାଜି ଯନ୍ତ୍ର ବୁଲେଇ ବାଲେଇ ସେହି କଥାକୁ ଦୋହରାଉ ଥାଏ, 'କ'ଣ ପ୍ରତିକ୍ରିୟାବାଦୀକୁ, ସମାଜର ଶତ୍ରୁକୁ, ହତ୍ୟାକାରୀକୁ ଆପଣମାନେ କେବେ ଭୋଟ ଦେବେ ?'

ଠିକ୍ ଏତିକିବେଳେ ହତ୍ୟାକାରୀ ଆଖ୍ୟାପ୍ରାପ୍ତ ପାର୍ଟିର ଆଉ ଏକ ଜୀପ ଆସି ସେଠି ପହଞ୍ଚିଲା । ଜଣେ ବ୍ୟକ୍ତି ଜୀପ୍‌ରୁ ଉତ୍ରୁରି ବନେଟ ଉପରକୁ ଚଢ଼ିଲେ । ଲୋକ ଜୀପ ଆଡ଼କୁ ମାଡ଼ି ଯିବା ଉପରେ । ବନେଟରେ ଦଣ୍ଡାୟମାନ ନେତା ନିଜ ବକ୍ତବ୍ୟରେ କହିଲେ, 'ଭାଇମାନେ, ଅମର ଶହୀଦ ଦେବୀଦୀନବାବୁଙ୍କ ମୃତ୍ୟୁ ଆମ ସମସ୍ତଙ୍କୁ ବାଧିଛି । ତାଙ୍କର ବୟସ ହୋଇ ଆସିଥିଲା । ଜୀପ ତଳକୁ ଆସିଗଲେ । ଜାଣି ପାରିଲେ ନାହିଁ । ଜୀପର ଭାର ସମ୍ଭାଳି ପାରିଲେ ନାହିଁ । ଏସବୁ ସତ୍ତ୍ୱେ, ତାଙ୍କ ସଂପର୍କରେ ଆଲୋଚନାର ଆଜି ବିଶେଷ ଆବଶ୍ୟକତା ରହିଛି । ଘଟଣାକୁ ନେଇ ପୋଲିସ ମଧ୍ୟ ତଦନ୍ତ ଆରମ୍ଭ କଲାଣି । ଏହି ପରିପ୍ରେକ୍ଷୀରେ ଆଜି ପ୍ରଶ୍ନ ଉଠେ, ଦେବୀଦୀନ ବାବୁଙ୍କ ମୃତ୍ୟୁପାଇଁ ପ୍ରକୃତରେ ଦାୟୀ କିଏ ? ଗୀତାରେ କହିଛି.... ।' ତେଣିକି ଗରମ ଭିଡ଼ ଉପରେ ପାଛିଆରେ ପାଛିଆଏ ଥଣ୍ଡା ଗୀତା ଢାଳିଦେଲେ ସେ । ପ୍ରଦେଶରେ ପଡ଼ି ଉଠି ଚାଲୁଥିବା ସରକାର ଏବଂ ତାକୁ ଚଲାଉଥିବା ପାର୍ଟି ଆଡ଼କୁ ଆଙ୍ଗୁଳି ନିର୍ଦ୍ଦେଶ କରି କହିଲେ, 'ଏମାନେ ହେଲେ ଦେବୀଦୀନ ବାବୁଙ୍କ ପ୍ରକୃତ ହତ୍ୟାକାରୀ ।'

ପୁଣି କହିଲେ, 'ଉଣେଇଶି ଶହ ବୟାଳିଶ ମସିହାରୁ ଆଜି ଯାଏଁ କ'ଣ କରିଛି ଏ ସରକାର ସ୍ୱାଧୀନତା ସଂଗ୍ରାମର ଅମର ଶହୀଦମାନଙ୍କ ପାଇଁ ? ବନ୍ଧୁଗଣ, ବିଚ ରାସ୍ତାରେ ଏ ପ୍ରଶ୍ନ ପଚାରିବାର ବେଳ ଆସି ଯାଇଛି ଆଜି । ନିଜେ ଏମାନେ ଉଚ୍ଚ ପଦବୀ ସବୁ ଜାବୁଡ଼ି ରଖିଛନ୍ତି; ପ୍ରାସାଦରେ ରହି, ପଞ୍ଚତାରକା ହୋଟେଲରେ ପ୍ରସାଦ ଖାଉଛନ୍ତି, ଇମପୋର୍ଟେଡ ଗାଡ଼ି ଚଢୁଛନ୍ତି ଆଉ ଶାସନ କରୁଛନ୍ତି ଆମ ଉପରେ । କିନ୍ତୁ ସମାଜର ଅଗଣିତ ଦେବୀଦୀନ ପାଇଁ କ'ଣ କରିଛନ୍ତି ଏମାନେ ? କ'ଣ ପାଇଛନ୍ତି ସେମାନେ ? କେବଳ ତିରସ୍କାର ! ଉପେକ୍ଷା ! ଭୋକ ! ପାଗଳାମୀ ! ବେଶ୍ ଏତିକି ତ !

Digitized by srujanika@gmail.com

'ବନ୍ଧୁଗଣ, ଆଜି ନୁହେଁ, ବହୁଦିନ ତଳେ ଏ ସରକାର ଓ ତାର ଦଳ ଦେବୀଦୀନ ବାବୁଙ୍କୁ ହତ୍ୟା କରି ସାରିଛି । ପଚିଶ ବର୍ଷ ପୂର୍ବେ ।' ସାମାନ୍ୟ ନୀରବତା ଏବଂ ତା ପଛରେ କରତାଳି । 'କ'ଣ ଆପଣମାନଙ୍କୁ ଦେଖାଯାଉନାହିଁ ଏ ସବୁ ? କ'ଣ ୟା ପରେ ସୁଦ୍ଧା ଶହୀଦର ଉପେକ୍ଷାକାରୀକୁ ଭୋଟ ଦେବେ ଆପଣ ?'

'କହୁଛନ୍ତି ତୁମ ପାର୍ଟି କ'ଣ କରିଛି ? ଆମ ପାର୍ଟି ସର୍ବଦା ଏଭଳି ମହାପୁରୁଷର ପୂଜା ଆରାଧନା କରିଛି । ବିନା କୌଣସି ଢୋଲ ମାଦଳ ବଜେଇ ଆମେ ତାଙ୍କୁ ଆର୍ଥିକ ସହଯୋଗ କରିଛୁ । ଆଜି ମଧ୍ୟ ତାଙ୍କ ଶୋକସନ୍ତପ୍ତ ପରିବାରକୁ ପାଞ୍ଚହଜାର ଟଙ୍କା ଦେଇ ସାରିଲୁଣି ।'

ଯେଉଁ ପାର୍ଟି ଶାସନରେ ଆସୀନ ଥିଲେ, ପ୍ରାସାଦରେ ରହି ପଞ୍ଚତାରକା ହୋଟେଲରେ ପ୍ରସାଦ ପାଉଥିଲେ, ଇତ୍ୟାଦି, ଇତ୍ୟାଦି – ଏ ଭିତରେ ତାଙ୍କ ନେତା ବି ଜୀପର ବନେଟକୁ ଚଢ଼ି ସାରିଥିଲେ । 'ଦେବୀଦୀନବାବୁ ଆମ ଭଳି କ୍ଷମତା-ପିପାସୁ ନ ଥିଲେ । ସ୍ୱାଭିମାନୀ ଥିଲେ । କାହାରିଠାରୁ ଜୀବନରେ ଅଧୁଲିଟିଏ ମଧ୍ୟ ସାହାଯ୍ୟ ଭିକ୍ଷା କରିନାହାନ୍ତି । ତଥାପି, ଆମେ ତାଙ୍କ ପରିବାର ବର୍ଗଙ୍କୁ ମାସିକ ଦୁଇଶହ ଟଙ୍କା ଭତ୍ତା ଦେବାର ନିଷ୍ପତ୍ତି କରି ସାରିଛୁ ।'

ବାମପନ୍ଥୀ ଦଳର ପ୍ରତିନିଧି କହିଲେ, 'ଆମେ ତାଙ୍କ ପୁଅ ନାଁରେ 'ଜନତା ପୁସ୍ତକ ଭଣ୍ଡାର'ର ଏଜେନ୍ସି ଦେଇଛୁ । ଏ ଦୁର୍ଘଟଣା ପରେ ପରେ କମରେଡ୍ ଲେନିନଙ୍କର ସମଗ୍ର ସାହିତ୍ୟ ମଧ୍ୟ ତାଙ୍କ ପୁଅ... ।'

ପ୍ରତ୍ୟେକ ଘଟଣାକୁ ପଛୁଆ ଜାତି ସହ ଯୋଡୁଥିବା ପାର୍ଟିର ନେତା ପାଟି କଲେ, 'ଦେବୀଦୀନବାବୁ ହରିଜନ ହୋଇ ନ ଥିଲେ କି'ଣ ବିଚ ବଜାରରେ ଜୀପ ମଡ଼େଇ ତାଙ୍କୁ ହତ୍ୟା କରାଯାଇଥାନ୍ତା ? ଯଦି ସହରର ଅବସ୍ଥା ଆଜି ଏତେ ତଳକୁ ଗଲାଣି, ମଫସଲର କି ଦୁରବସ୍ଥା ହେଉ ନ ଥିବ ? ଭାଇମାନେ, କେତେଦିନ ଆଉ ସହିବା ହରିଜନ ଉପରେ ସବର୍ଣ୍ଣର ଏ ଅତ୍ୟାଚାର ? ବନ୍ଧୁଗଣ, ଏ ଅତ୍ୟାଚାର ଚଲେଗା ନହିଁ, ଚଲେଗା ନହିଁ ।'

ସହ-ସେନାନୀଗଣ ପାଳିଆ ଧରିଲେ, 'ନହିଁ ଚଲେଗା, ନହିଁ ଚଲେଗା ।'

ଭାଇମାନେ, ଯେ ହେଲା ଦଳିତମାନଙ୍କ ସ୍ୱାଭିମାନର ପ୍ରଶ୍ନ । ଗଭୀର ଭାବରେ ଆମକୁ ଚିନ୍ତା କରିବାକୁ ପଡ଼ିବ । ଆପଣମାନେ ଜାଣନ୍ତି, ଆମେ ପୁଞ୍ଜିପତିଙ୍କ ପାର୍ଟି ନୋହୁଁ । ଦେବୀଦୀନବାବୁଙ୍କ ପରିବାରକୁ ଲାଞ୍ଚ ଦେବାର ତାକତ ଆମର ନାହିଁ । ତଥାପି ଦଳିତ ଭାଇମାନେ ନିଜ ଭିତରେ ତାଙ୍କ ପାଇଁ ଚାନ୍ଦା ମାଗୁଛନ୍ତି ।'

Digitized by srujanika@gmail.com

ସ୍ୱାଧୀନ ପ୍ରାର୍ଥୀ ଜଣେ କହିଲେ, 'ବନ୍ଧୁଗଣ, ମୋ ସାଙ୍ଗରେ ଉପସ୍ଥିତ ଥିବା ଏହି ଭଦ୍ରବ୍ୟକ୍ତି ଜଣକ ହେଲେ ଦେବୀଦୀନବାବୁଙ୍କ ପୁତୁରା । ଆପଣମାନେ ତାଙ୍କ କଥା ଟିକିଏ ଶୁଣନ୍ତୁ । ତାଙ୍କ ପରିବାରକୁ ଆଶ୍ରା ଦେବାର କ୍ଷମତା ମୋ ପାଖରେ ଅଛି । କିନ୍ତୁ ଏ ହେଲା ରାଜନୈତିକ ଆଦର୍ଶର ପ୍ରଶ୍ନ । ଆଦର୍ଶ ପାଇଁ ଅନ୍ତତଃ ପଇସା କଥା ନ ଉଠିଲେ ଭଲ । ଦେବୀଦୀନ ବାବୁ ଥିଲେ ମୋର ଖାସ ଲୋକ । ଆପଣମାନେ ତାଙ୍କ ପୁତୁରା । ଆପଣଙ୍କ ନାଁଟା କ'ଣ କି – ହଁ, ତାଙ୍କଠାରୁ ଶୁଣନ୍ତୁ ।'

ସେତେବେଳକୁ ବାକି ସ୍ୱାଧୀନ-ସେନାନୀ ଓ ସହ-ସେନାନୀଙ୍କ ବକ୍ତବ୍ୟ ମଧ୍ୟ ଆରମ୍ଭ ହୋଇ ସାରିଥିଲା । ଦେବୀଦୀନବାବୁଙ୍କ ନାଁରେ ରୀତିମତ ନିଲାମ ଡାକରା ଚାଲିଥାଏ । ଅଭାବ ଥାଏ କେବଳ ଏକ ଡୁଗ୍‌ଡୁଗିର । ଭିଡ଼ର ମାତ୍ରା କମ୍ ହେଉ ନଥାଏ । ସଡ଼କ ଦୁର୍ଘଟଣା ନିୟନ୍ତ୍ରଣରେ ବିଫଳ ପୋଲିସ ବିରୁଦ୍ଧରେ ସହର ବ୍ୟାପି ହରତାଳ– ଭିଡ଼ରେ ଛକ ପଡୁଥାଏ, ଉଠୁଥାଏ ।

ଅମର ଶହୀଦଙ୍କ ନାଁରେ ଲୋକଙ୍କ ଉତ୍ସାହ ଜୁଆର ଭଳି ଫୁଲୁଥାଏ । ତାଙ୍କ ପ୍ରଶଂସା ଓ ତ୍ୟାଗର କାହାଣୀ ସବୁଆଡ଼େ । ଭାବୀ ପୀଢ଼ିକୁ ତାଙ୍କ ପ୍ରଦର୍ଶିତ ପଥରେ ପଥିକ ହେବାପାଇଁ ଉପଦେଶ ମିଳୁଥାଏ । ରାସ୍ତା କଡ଼ରେ ଜଣେ ଅସନ୍ତୁଷ୍ଟ ଯୁବକ ତା' ଅକର୍ମା ବାପକୁ ଗାଳି ଦେଇ କହୁଥାଏ, 'ତୁମକୁ ଟିକିଏ ଲାଜ ମାଡୁନି ? ୧୯୪୨ ମସିହାରେ ତୁମେ ବି ତ ଜେଲ ଯାଇଥିଲ । ଦେଶ ପାଇଁ ଏତେ କାମ କଲ, ପୁଅ-ଝିଅଙ୍କ ପାଇଁ କିଛି କରି ପାରିଲନି ! କିଛି ନ ହେଲେ ଦେବୀଦୀନବାବୁଙ୍କ ପରି ଅନ୍ତତଃ ରାସ୍ତାଟା ତ ପାର ହୋଇ ପାରିଥାନ୍ତ ?'

❑

Digitized by srujanika@gmail.com

ଦଂଗା

ବେଶ କିଛିଦିନ ଧରି ଭୀଷଣ ଶୀତ ଏବଂ ବର୍ଷା ହେଲା ପରେ ସେଦିନ ହଠାତ୍ ଆକାଶରେ ସୂର୍ଯ୍ୟ ଦେଖା ଦେଇଥାନ୍ତି, ପବନରେ ବସନ୍ତର ମାଦକତା ଭରିଯାଇଥାଏ । ଅବଶ୍ୟ ରବିବାର ଥାଏ । ମାତ୍ର ଛୁଟିଦିନ ହୋଇ ନଥିଲେ ବି ଅଫିସ୍‌ରେ ବସି କାମ କରି ହୋଇ ନଥାନ୍ତା । ରବିବାବୁ ପତ୍ନୀଙ୍କୁ କହିଲେ, ''ଶୀଘ୍ର କିଛି ଖାଦ୍ୟ ଓ ପାନୀୟ ବନ୍ଧାବନ୍ଧି କର । ରବିବାରଟିକୁ କେହି ନଷ୍ଟ କରିବା ପାଇଁ ପହଞ୍ଚିଲା ବେଳକୁ ଚାଲ ପିକ୍‌ନିକ୍ ପାଇଁ ବାହାରିଯିବା ।'' ଠିକ୍ ସେତେବେଳକୁ ମେସେଜ ଆସିଲା, ତାଙ୍କ କାର୍ଯ୍ୟକ୍ଷେତ୍ର ଅନ୍ତର୍ଭୁକ୍ତ କୌଣସି ଏକ ଜିଲ୍ଲାର କେଉଁ ଏକ ଗାଁରେ ଦଂଗା ଆରଂଭ ହୋଇଯାଇଛି । ଏ ଯାଏଁ ଦୁଇଜଣ ଲୋକ ମରିସାରିଲେଣି ଦଂଗାରେ ।

ସାଂପ୍ରଦାୟିକ ଦଂଗା । 'ମେସେଜ' ୱେରଲେସରେ ଆସିଥିଲା । ସଂପୃକ୍ତ ଜିଲ୍ଲାର ପୋଲିସ ଏସ.ପି. ଦେଶର ସଂବାଦପତ୍ରୀ ଭାଷାକୁ ଅନୁକରଣ କରି ଲେଖିଥିଲେ, ଦୁଇଟି ସଂପ୍ରଦାୟ ମଧ୍ୟରେ ଗଣ୍ଡଗୋଳ; ଅଥଚ ସଂପ୍ରଦାୟ ଦୁଇଟିର ନାମୋଲ୍ଲେଖ କରି ନଥିଲେ । ଆଜିଯାଏଁ ରବିବାବୁ ଉକ୍ତ ଏସ.ପି.କୁ 'କାମଚଳା' ଏବଂ 'ଖରାପ' ମଝିରେ ବୋଲି ଭାବୁଥିଲେ, ମେସେଜ ପଢ଼ି ତାକୁ 'ଖରାପ' ଶ୍ରେଣୀଭୁକ୍ତ କରି.ପକାଇଲେ । ପତ୍ନୀଙ୍କ ଆଡ଼େ ଚାହିଁ କହିଲେ, ''ଘଟଣାଟି ସଂପର୍କରେ ସବିଶେଷ ବିବରଣୀ ଜାଣିବା ପାଇଁ ବୋଧେ ମତେ ବି ବିବିସି ଶୁଣିବାକୁ ପଡ଼ିବ ।''

ପିକ୍‌ନିକ୍ କଥା ସେଇଠି ରହିଲା । ରବିବାବୁ ମନ୍ତବ୍ୟ ଦେଲେ, ''ପିସ୍ତୁରାମଠାରୁ ବି ଏବେ ମେସେଜ୍ ଆସିଯିବ । ହୁଏତ ମତେ ବି ଘଟଣାସ୍ଥଳକୁ ଯିବାକୁ ପଡ଼ିପାରେ !''

ଠିକ୍ ସେଇୟା ହେଲା । ମିସ୍ତୁରାମର ନାଁ ନ ହେଉଣୁ, ଜଣେ ସିପାହୀ, ଯିଏ ତାଙ୍କ ବଂଗଳାରେ ରୋଷେୟା କାମ ବି କରେ, ମେସେଜଟିଏ ଆଣି ଆସିଲା ।

ମେସେଜ-ପିସ୍ତୁରାମଠାରୁ ଆସିଥିଲା । ପିସ୍ତୁରାମ ଅର୍ଥାତ ପୁନିତ ରାମ ଚୌଧୁରୀ, ରାଜ୍ୟର ପୋଲିସ ମହାନିର୍ଦ୍ଦେଶକ । ଲେଖାଥିଲା, ମେସେଜ ପହଂଚିଲା ବେଳକୁ ଆପଣ

Digitized by srujanika@gmail.com

ହୁଏତ ଦଂଗାଗ୍ରସ୍ତ ଗାଁକୁ ଯାଇସାରିଥିବେଣି । ସବିଶେଷ ବିବରଣୀ ଜଣାଇବେ । ଶୀଘ୍ରାତିଶୀଘ୍ର ଦଂଗା ନିୟନ୍ତ୍ରଣ ତଥା ଶାନ୍ତି ସ୍ଥାପନ ନିମନ୍ତେ ମେସେଜରେ କୌଣସି ଉଲ୍ଲେଖ ନଥିଲା । ଡିଆଇଜି ସ୍ତରର ଉଚ୍ଚାଧିକାରୀଙ୍କୁ ସେତିକି କର୍ତ୍ତବ୍ୟବୋଧ ଜଣାଥାଏ ବୋଲି ବୋଧେ ଆଶା କରାଯାଉଥିଲା ।

ଏସ.ପି.ଙ୍କ କହିବା କଥା ଯେ, ପରିସ୍ଥିତି ସଂପୂର୍ଣ୍ଣ ନିୟନ୍ତ୍ରଣାଧୀନ ରହିଛି, ଯଦିଓ ଘଟଣା ସ୍ଥଳରେ ଦୁଇଜଣଙ୍କର ପ୍ରାଣହାନି ଏବଂ ଅନେକ ଆହତ ହୋଇସାରିଥିଲେ । ରବିବାବୁ ପତ୍ନୀଙ୍କ ଉଦ୍ଦେଶ୍ୟରେ କହିଲେ, ‘‘ଶୀଘ୍ର ବ୍ରେକଫାଷ୍ଟ ରେଡ଼ିକର ।’’

ସାମାନ୍ୟ ବିରତି ପରେ ଖାଇବା ଟେବୁଲରେ ବ୍ରେକଫାଷ୍ଟ ପାଇଁ ରବିବାବୁ, ପତ୍ନୀ ଏବଂ ସେମାନଙ୍କର ଦୁଇପୁଅ ବସିଗଲେ । ସାନପୁଅ ଦୂରଦର୍ଶନର କେଉଁ ଏକ ଚକୋଲେଟ ବାଲା ବିଜ୍ଞାପନ ଠାଣିରେ ଜଳଖିଆକୁ କେବଳ ଚାଟୁଥାଏ, ଖାଉନଥାଏ । ଚକୋଲେଟ ବଦଳରେ ଜଳଖିଆ ସ୍ୱାସ୍ଥ୍ୟ ପାଇଁ କେତେମାତ୍ରାରେ ଲାଭପ୍ରଦ- ତାକୁ ନେଇ ବେଶ ଚର୍ଚ୍ଚା ଚାଲିଲା । ସାନପୁଅକୁ ବାଦ ଦେଲେ ବାକୀ ମାନେ ନିୟମ ମୁତାବିକ ଜଳଖିଆ ବି ଖାଇଲେ । ହଠାତ୍ ମନେ ପଡ଼ିଗଲା ଭଙ୍ଗୀରେ ପତ୍ନୀ କହିଲେ, ‘‘ତୁମର ଯଦି ବେଶି ଡ଼େରି ହେଉ ନଥାଏ, ଆଉ ପଂଦର ମିନିଟ୍ ଅପେକ୍ଷା କରିପାରିବ ? ଭାବୁଛି, ପିଲାଙ୍କୁ ନେଇ ମୁଁ ବି ପାପାଙ୍କୁ ଭେଟି ଆସନ୍ତି । ବାଟରେ ଆମକୁ ଓହ୍ଲାଓଦେବ ।’’

ରବିବାବୁଙ୍କର ଏମିତିରେ ଡ଼େରି ହୋଇ ସାରିଥିଲା । ତଥାପି ସେ ‘ପଂଦର ମିନିଟ’ ଅପେକ୍ଷା କରିବାକୁ ରାଜି ହେଲେ । ପ୍ରାୟ ଅଢ଼େଇ ଘଣ୍ଟା ପରେ ପୂରା ପରିବାର ଗାଡ଼ିରେ ବସି ଦଂଗାଗ୍ରସ୍ତ ଗାଁ ରାସ୍ତାରେ ଚାଲିଲେ ।

ଜିଲ୍ଲାଟି ପ୍ରତି ପତ୍ନୀଙ୍କର ମନରେ ଏକ ବିଶେଷ ଆକର୍ଷଣ ରହିଥିଲା । ଏହାର କାରଣ ନୁହେଁ ଯେ ସେଠି ଶସ୍ତାରେ ବହୁମୂଲ୍ୟ ଗହଣା ମିଳେ । ତା’ ଅବଶ୍ୟ ମିଳେ । ମାତ୍ର ଆକର୍ଷଣର କାରଣ ହେଲା, ରାସ୍ତାରେ ତାଙ୍କ ‘ପାପା’ଙ୍କର ଫାର୍ମ ହାଉସ । ମା’ ମଲା, ବିବାହିତ ପୁତ୍ର-କନ୍ୟା ବି ପାଖରୁ ଗଲେ । ଏବେ ‘ପାପା’ ସେହି ଫାର୍ମ ହାଉସର ଜଣେ ‘ଭଦ୍ର ଚାଷୀ’ । ସରକାରୀ ଉଚ୍ଚ ପଦବୀରୁ ଅବସର ନେଇ ସାରିଛନ୍ତି । ଦୀର୍ଘ ଦିନର ସରକାରୀ ଚାକିରୀ ସତ୍ତ୍ୱେ ତାଙ୍କ ଆତ୍ମା ମରି ନଥିଲା ବୋଲି ତାଙ୍କର ବିଶ୍ୱାସ । ଗାଁର ଚାଷୀ-ମଜୁରିଆଙ୍କ ଗହଣରେ ତାକୁ ଚୀର ଅମର କରି ରଖିବା ସକାଶେ ସେ ଶାନ୍ତିରେ ଫାର୍ମ ହାଉସରେ ରହୁଥିଲେ । ମୁଖ୍ୟ ସଡ଼କରୁ ଚାରି କିଲୋମିଟର ଭିତରକୁ ବାଟଭାଙ୍ଗି

Digitized by srujanika@gmail.com

ଗଲେ ଫାର୍ମହାଉସ । ସେଠି ପତ୍ନୀ ଆଉ ପିଲାଙ୍କୁ ଓହ୍ଲାଇ ରାଜରାସ୍ତାରେ ଆଉ ପଁଷଠି କିମି ଆଗକୁ ବଢ଼ିଲେ ଦଂଗାଗ୍ରସ୍ତ ଗାଁ ।

- ମୋ ଯୋଗୁଁ ତୁମର ଅଯଥା ଡେରି ହେଲା । କିନ୍ତୁ କ'ଣ ବା କରିହେବ ? 'ପାପା' ଭାରି ଏକାକୀ ଅନୁଭବ କରନ୍ତି ସେଠି । ଦିନେ ଦୁଇଦିନ ଭିତରେ ଯେମିତି ହେଲେ ଥରେ ମୁଁ ଆସିଥାନ୍ତି ତାଙ୍କ ପାଖକୁ ।

ରବିବାବୁ ଚୁପ ଥା'ନ୍ତି । କିଛିବେଳ ଉତ୍ତାରୁ କାରର ଝରକା ଦେଇ ବାହାରକୁ ଅନେଇଲେ । ''ପାପାଙ୍କୁ ଲେଫ୍ଟନେଣ୍ଟ ଗଭର୍ଣ୍ଣରବାଲା ଅଫରକୁ ମନା କରିବାର ନଥିଲା ।''

-ତୁମେ ବୁଝି ପାରିବନି । ମା' ଚାଲିଗଲା ପରେ ନା... ।

-ଅବଶ୍ୟ ତା'ବି ସତ । ପତ୍ନୀଙ୍କ କଥା କାଟି ରବିବାବୁ ମନ୍ତବ୍ୟ ଦେଲେ । ପତ୍ନୀ ତୀକ୍ଷ୍ଣ ଦୃଷ୍ଟିରେ ଚାହିଁଲେ । ତାଙ୍କର ସଂଦେହ ହେଲା, ପାପାଙ୍କର ଗୌରବ ଏବଂ ମର୍ଯ୍ୟାଦା ଅନୁରୂପ ମନ୍ତବ୍ୟ ପତି ଦେଇନାହାନ୍ତି । ରବିବାବୁଙ୍କର ପ୍ରକୃତ ମନୋଭାବ ଜାଣିବା ପାଇଁ ସେ ଭଲକରି ତାଙ୍କ ମୁହଁକୁ ଚାହିଁଲେ । ମୁହଁ ଝରକା ଦେଇ ବାହାରକୁ ଅନାଉଥାଏ । ଶେଷଯାଏଁ ପତ୍ନୀ ରବିବାବୁଙ୍କ ପ୍ରକୃତ ମନୋଭାବ ଜାଣିପାରିଲେ ନାହିଁ ।

ଫାର୍ମହାଉସ ପାଇଁ ବାଟଭାଙ୍ଗିବା ଆଗରୁ ଗୋଟାଏ ପୋଲିସ ଥାନା ରହିଥିଲା । ରବିବାବୁ କହିଲେ, ''ମୁଁ ଥାନାରେ ବସି କିଛି କାମ କରୁଛି ।'' ଡ୍ରାଇଭରକୁ ନିର୍ଦ୍ଦେଶ ଦେଲେ, ''କୋଡ଼ିଏ ମିନିଟ୍‌ରେ ମେମଙ୍କୁ ଫାର୍ମହାଉସରେ ଛାଡ଼ିକି ଆସ ।'' ପୁଣି ପତ୍ନୀଙ୍କ କାନ୍ଧରେ ହାତ ରଖି କହିଲେ, ''ସବୁ ଯଦି ଠିକ୍‌ଠାକ୍ ରହେ ରାତିରେ ପାପାଙ୍କ ସାଂଗରେ ମିଶି ଡ଼ିନର କରିବା । ଫାର୍ମ ହାଉସରେ । ରାତିରେ ହିଁ ଘରକୁ ଫେରିଯିବା ।''

ଯା' ପରବର୍ତ୍ତୀ ଦୃଶ୍ୟରେ ପ୍ରଚଳିତ ଇଂରାଜୀ କାଇଦାରେ ବିଦାୟକାଳୀନ ଟା ଟା... ବାଏ ବାଏ... ପର୍ବ ଚାଲିଲା । ଗାଡ଼ି ଫାର୍ମହାଉସ ଆଡ଼େ ଆଗେଇଗଲା; ରବିବାବୁ ଥାନାଦାର, ସିପାହୀଙ୍କ ଗହଣରେ ବସି ହତ୍ୟା, ଲୁଟ, ଦଂଗା ଓ ବଳତ୍କାରର ସଂସାରକୁ ଅଣ୍ଡାଳିବାକୁ ଲାଗିଲେ ।

ପତ୍ନୀ ଅର୍ଥାତ୍ ପାପାଙ୍କ ଝିଅ ଅତୀତର ଯେଉଁ କିଛି ସମୟ ଫାର୍ମହାଉସରେ ଅତିବାହିତ କରିଥିଲେ, ତାର ସଂସ୍ମରଣରେ ବର୍ତ୍ତମାନକୁ ଭୁଲିଯିବାକୁ ମନସ୍ଥ କଲେ । ତାଙ୍କ ପାଇଁ ଅତୀତର ସେହି ଫାର୍ମହାଉସବାଲା ସ୍ୱପ୍ନ ଏବଂ ବର୍ତ୍ତମାନର ଅଧିକ ମନମତାଣିଆ

Digitized by srujanika@gmail.com

ଦିବାସ୍ୱପ୍ନ ଭିତରେ ସମାହିତ ହେବାରେ ଏକ ଅପୂର୍ବ ଆନନ୍ଦ ରହିଥିଲା । ମନେହେଲା ଏ ଏକ ଭିନ୍ନ ଦୁନିଆଁ !

.ଭିନ୍ନ ଭିନ୍ନ ପ୍ରଜାତିର ଗଛ, ଶ୍ୟାମଳ ଲତାଗୁଳ୍ମର ବିସ୍ତୃତ ଶସ୍ୟକ୍ଷେତ୍ର ମଝିରେ ପାପାଙ୍କର ଗୋଟାଏ ଛୋଟିଆ 'କଟେଜ' । କଟେଜର ବାରଣ୍ଡାରେ ପାଦ ଦେଲାକ୍ଷଣି ଝିଅ ଖୁସିରେ ଆତ୍ମବିଭୋର ହୋଇଉଠିଲା । ଆଗ ଅପେକ୍ଷା ପାପାଙ୍କର ବୟସ ଦୁଇଚାରିବର୍ଷ ଊଣା ଜଣାପଡୁଥାଏ । ଗାଲ ପୂର୍ବାପେକ୍ଷା ଅଧିକ ନାଲି ଏବଂ ସତେଜ ଦେଖାଯାଉଥାଏ । ସ୍ନେହପୂର୍ଣ୍ଣ କଥା କହି ସେ ନାତିମାନଙ୍କୁ ନିଜ ଆଡ଼କୁ ଟାଣୁଥାନ୍ତି । ଟେବୁଲ ଉପରେ ବିଦ୍ୟମାନ ବହିଟିକୁ ଦେଖାଇ ଜଣେ ନାତି କହିଲା, ''ଅଜା, ସେଇଟା କି ବହି ?''

ଅଜାଙ୍କର ଜବାବ, ''କମିକ୍ସ ।'' ପିଲାଏ ବହିର ପୃଷ୍ଠା ଓଲଟାଇଥିଲେ । ସୁପରିଚିତ ଇଂରାଜୀ ଭାଷାରେ ଲେଖା ହେବା ସତ୍ତ୍ୱେ ବହିଟି ଅବୁଝା ମନେ ହେଲା । ନାକ ଟେକି ଜଣେ ନାତି ତାର ଶୀର୍ଷକ ପଢ଼ିଲା, ''ଯୋ...ଗା...ବା...ଷି...ଷ୍ଠା, ଯେ କି ବହି ?

ବହିଟିକୁ ନିଜ ହାତକୁ ନେଇ ଅଜା କହିଲେ, ''ଏ ହେଲା ମୋ ଭଳିଆ ବୁଢ଼ାଙ୍କର କମିକ୍ସ ।''

ପାପାଙ୍କ ମନ୍ତବ୍ୟରେ ତୀବ୍ର ଅସହମତି ଦର୍ଶାଇ ଝିଅ ନିଷ୍ଠାପୂର୍ବକ କହିଲା, ''ପାପା ଆପଣଙ୍କୁ କିଏ ବୁଢ଼ା କହିବ ଯେ ?'' ସେପଟେ ପାପା ନାତିମାନଙ୍କୁ ଭିତର ଘରକୁ ଯିବାପାଇଁ କହୁଥାନ୍ତି । ଆରେ ଭିତରକୁ ଯାଅ । ଦେଖ ସେଇଠି ତୁମର କମିକ୍ସ ବହିସବୁ ପେକେଟରେ ବଂଧା ହେଇଛି । ହଁ, ଆଲମାରୀକୁ ବି ଖୋଲି ଦେଖିବ । ସେଥିରେ ବି କିଛି ମାଲ ଥାଇପାରେ !

ଆଲମାରୀ ଭିତରେ ଚକୋଲେଟ ରଖା ହେଇଥିଲା ।

''ପାପା, ଆଜି ଜାଣିଛ ନା । ରବିର 'ସନଡ଼େ'ଟା ପୂରା ନଷ୍ଟ ହୋଇଗଲା । ସକାଳ ଆଠଟାରେ ତାକୁ ଦଂଗାର ଖବର ମିଳିଲା । ବିଚାରା ! କୁଆଡ଼େ ଦୁଇଜଣ ମରିଛନ୍ତି । ହିନ୍ଦୁ କି ମୁସଲମାନ, ସେକଥା ଜଣାପଡ଼ିନି ।''

ପାପା ହାତଘଡ଼ିକୁ ଅନାଇଲେ । ହଠାତ୍ ତାଙ୍କର କର୍ତ୍ତବ୍ୟବୋଧ କଥା ମନେପଡ଼ିଲା । ''ତାହେଲେ ଏତେବେଳ ଯାଏଁ ରବି କ'ଣ କରୁଥିଲା ? ତାକୁ ତ ଅନେକ ଆଗରୁ ଘଟଣାସ୍ଥଳରେ ପହଞ୍ଚିଯିବା କଥା ।''

Digitized by srujanika@gmail.com

- ମୋ ଯୋଗୁଁ ତାର ଡ଼େରି ହୋଇଗଲା ।

- ନା ନା ସେକଥା ମୁଁ ମାନିବିନି । ତୋ ଯୋଗୁଁ ତାର କାହିଁକି ଡ଼େରି ହେବ ଯେ ? ଆଜିକାଲି ଅଫିସ୍‌ରେ କାର୍ଯ୍ୟଶୈଳୀ ବଦ୍‌ଳିଗଲାଣି । ଆଚ୍ଛା, ତୋର 'ସାଇକୋସାଇଟିସ' କଥା କ'ଣ ହେଲା ?

ଦୁଇପହର ଯାଇ ଧୀରେ ଧୀରେ ସୂର୍ଯ୍ୟାସ୍ତ ଆରଂଭ ହେଲା । ଆଜିକାଲି ଗୋଧୂଳିର ଅବଧି କିଛି ଲମ୍ବା ଜଣାପଡ଼େ । ଦେଖିବାକୁ ଆକାଶ ଫର୍ଚ୍ଚା ରହିଥାଏ । ହେଲେ, ଦୂର କ୍ଷିତିଜରେ ଗୋଲାକାରର ଗୋଟାଏ ଛୋଟିଆ ଲାଲିମା ଏବଂ ତାରି ତଳେ ଗାଢ଼ କଳା ଘେରାଟିଏ । ବେଳୁବେଳ ଘେରାଟିର କଳେବର ବୃଦ୍ଧି ପାଉଥାଏ । ଆର୍ଦ୍ରତା ସତ୍ତ୍ୱେ ପବନରେ ଥଣ୍ଡାର ତୀବ୍ରତା ନଥାଏ । କଟେଜ ଆଗରେ ଦୂରଦୂରାନ୍ତର ଯାଏଁ ଫଳନ୍ତି ଫସଲର ଏ୍ୟାନ୍ତ ପରିସୀମା ଉପରେ ଦୃଷ୍ଟିରଖି ଝିଅ ପାପାଙ୍କ ସାଙ୍ଗରେ ବସି ଖୁସିଗପ କରୁଥାଏ ।

କୈଶୋରାବସ୍ଥାରେ କେତେ କେତେଦିନ ସେ ପାପାଙ୍କ ସାଙ୍ଗରେ ତମ୍ବୁ, ଡ଼ାକବଙ୍ଗଳା ଏବଂ ସାର୍କିଟ ହାଉସରେ ରହିଛି; ସଂଭ୍ରାନ୍ତ ବଂଶଜ ଏବଂ ଉଚ୍ଚାଧିକାରୀଙ୍କ ସହ ବଂଧୁତା, ଶୀକାର, ପାର୍ଟି, ନୈଶ ଭୋଜି; ମଝିରେ ପୁଣି କିଛି ବର୍ଷ ପାଇଁ ଦିଲ୍ଲୀ ପ୍ରବାସ, ମହାନଗରୀର ରହଣି । ଗୋଟାଏ ସାନ ସହରରୁ ଯାଇ ପରିବାର ମହାନଗରୀରେ କିଛିଦିନ ସଂକୁଚିତ ଅବସ୍ଥାରେ ଏବଂ ତଦ୍‌ପରେ ମହାନନ୍ଦରେ ସମାହିତ ଭାବରେ ରହିଗଲା । ଶେଷରେ ପୁଣି ମା'ର ଲଣ୍ଡନରେ ମୃତ୍ୟୁ, ଶୋକାଚ୍ଛନ୍ନ ପାରିବାରିକ ପରିବେଶ, ସ୍ୱୟଂ ପ୍ରଧାନମନ୍ତ୍ରୀଙ୍କ ହାତଲେଖା ଶୋକ ସଂଦେଶ- ସବୁକିଛି ଝିଅର ମନେ ପଡ଼ିଯାଉଛି ଆଜି ।

ପରବର୍ତ୍ତୀ ଅଧ୍ୟାୟରେ ଆରଂଭ ହେଲା ବିଚ୍ଛେଦ ପର୍ବ । ମା'ର ଚାଲିଯିବା ପରେ ଝିଅର ବାହାଘର, ପୋଲିସ ଉଚ୍ଚାଧିକାରୀଙ୍କ 'ମେମସାହେବ' ବାଲା ଖାତିର, ପାପାଙ୍କର ଅବସର ଗ୍ରହଣ ଏବଂ ସବୁ କିସମର ଚାକଚକ୍ୟରୁ ସନ୍ୟାସ ଗ୍ରହଣ, ଫାର୍ମହାଉସ, ଚାଷ, ପରିବେଶର ଶୁଦ୍ଧ ନିର୍ମଳ ବାୟୁ, ଏଠିକାର ଏକାକୀ ପଣ, କଟେଜ, ଶ୍ୟାମଳ ଶସ୍ୟ କ୍ଷେତ୍ର... ।

''ପାପା, ସଚ୍ଚୋଟ, ନିର୍ଭିକ ଏବଂ ପରିଶ୍ରମୀ ଅଫିସର ପାଇଁ ପିସ୍ତୁରାମର ମନରେ ଦରଦ ନାହିଁ ।''

Digitized by srujanika@gmail.com

''ପାପା, ଏଥର କଟେଜ ଆହୁରି ସୁନ୍ଦର ଦେଖାଯାଉଛି । ରୁମ ଭିତରମାନଙ୍କରେ କିଏ ଏତେସବୁ ଫୁଲ ସଜେଇ ରଖୁଛି ? କିଚେନ ବି କେତେ ସଫା ସୁତୁରା ଦିଶୁଛି...''

- ମତେ ଜଣେ ଆଦିବାସୀ ଝିଅ ମିଳିଯାଇଛି । ଖ୍ରୀଷ୍ଟିଆନ । ନାଁ ଜେନ । ଆଜି ତାର ଛୁଟୀ । ନୋହିଲେ ଭେଟିଥାନ୍ତୁ । ଭାରି ଭଲ ଝିଅ । ବିଚାରୀ ଭାରି ଦୁଃଖି । ମରଦ ତାର ବନ ବିଭାଗରେ ଚୌକିଦାର ଚାକିରୀ କରୁଥିଲା । ଦୁଇ ବର୍ଷ ତଳେ ଦୁର୍ଘଟଣାରେ... ।''

''ରୋଷେଇ ବି ଆସେ ତାକୁ ?''

- ହଁ, ଶିଖୁଛି ଏବେ । ଖୁବ ବଢ଼ିଆ 'ସୁପ' ତିଆରି କରେ ।

ପାପାଙ୍କର ହ୍ୱିସ୍କି-ସୋଡ଼ାର ସମୟ ହେଇ ଆସିଥିଲା ।

''ପାପା, ଆପଣ କିଛିଦିନ ମୋ ପାଖରେ ଆସି ରହନ୍ତୁ ।''

- ଆରେ ତୁ କିଛିଦିନ ଆସି ବରଂ ଫାର୍ମହାଉସରେ ରହ ।

ଝିଅ କଥାର ନାଟକୀୟତା ଦେଖି ପାପା କିଛି ବେଳ ଚୁପ ରହିବାକୁ ମନସ୍ଥ କଲେ । ପୁଣି ହ୍ୱିସ୍କିର ଢୋକ ପାଟିକୁ ଗଳା ଉଭାରୁ ନିଜେ ନାଟକ କରିବାକୁ ବାହାରି ପଡ଼ିଲେ । ''ମୋ ଲାଗି ତୁ ଆଦୌ ଚିନ୍ତା କରିବୁନି । ମୁଁ ଏକଦମ ଭଲରେ ଅଛି ।''

''ପାପା, ଆପଣ କିଛିଦିନ ଅନିଲ ପାଖରେ ଆମେରିକାରେ ଯାଇ ରହୁନାହାନ୍ତି ?''

''ତୁ ଯାଇ ରହ କିଛିଦିନ । ଦରକାର ଯଦି ଫ୍ଲାଇଟ ଟିକଟ ପାଇଁ ମୁଁ ବି କିଛି ସାହାଯ୍ୟ କରିବି ।''

ଜଣେ କେହି ବାରଣ୍ଡାର ଖୁଣ୍ଟ ପାଖରେ ଛିଡ଼ା ହେଇଥିଲା । ପାପା ପଚାରିଲେ, ''କ'ଣ କହୁଥିଲ କି ମେନେଜର ବାବୁ ?''

ପାପାଙ୍କ କଥା ଶୁଣି ମେନେଜର ସାମନାକୁ ଆସିଲା । ପାଇଜାମା ଏବଂ ପୁଲଓଭରରେ ସେ ବେଶ 'ସ୍ମାର୍ଟ' ଦିଶୁଥାଏ । କହିଲା, ''ସେ ବିହନ କଥା ବୁଝିବାକୁ କହୁଥିଲି ।''

''ବିହନ କଥା ବୁଝିବା ପାଇଁ କ'ଣ ଏଇଟା ଠିକ ସମୟ ବୋଲି ଭାବିଲ ?''

Digitized by srujanika@gmail.com

''ନା ସେକଥା ନୁହେଁ ଯେ ! 'କୁଅଁରଜୀ' ଏଠିକୁ ଆସିବେ ତ ! ଯଦି ଉଚିତ ମନେ କରନ୍ତି, ତାଙ୍କ କାନରେ ଆପଣ କଥାଟିକୁ ପକେଇ ଦିଅନ୍ତୁ ।''

ପାପା କହିଲେ, ''ଠିକ ଅଛି ।''

ମେନେଜର ଗଲା ଉତ୍ତାରୁ ଝିଅ ପାପାଙ୍କ ଆଡ଼କୁ ପ୍ରଶ୍ନିଳ ଦୃଷ୍ଟିରେ ଅନେଇଲା । 'କୁଅଁରଜୀ' ଅର୍ଥାତ୍ ରବି, ଡ଼ିଆଇଜି ରବିବାବୁ । ପାପା କିଛି ନୂଆଁ ସମସ୍ୟା ଭିତରେ ପଡ଼ିଛନ୍ତି ବୋଧେ । ଅର୍ଥ ହେଲା, ଡ଼ିଆଇଜି ତାକୁ ସମାଧାନ କରିବ । ପ୍ରତିଦାନରେ ପାପା ଝିଅକୁ ମୂଲ୍ୟବାନ ଉପହାର ଦେବେ । ନୂଆଁ ରଂଗୀନ ଟିଭି, ନୋହିଲେ ହିରାର ଟପ୍ସ ।

''କଥା କଣ କି, କୃଷି ବିଭାଗ ସାଙ୍ଗରେ କଥା ହେଇ ପାଞ୍ଚ ଏକଡ଼ ଜମିରେ ନୂଆଁ କିସମର ଗୋଟାଏ ଗହମ ବିହନ ଉତ୍ପାଦନ କରୁଛି ମୁଁ । ନୂଆଁ କୃଷି ଅଧିକାରୀ ଗହମକୁ ବିହନର ମର୍ଯ୍ୟାଦା ଦେବାକୁ ନାରାଜ । ତାର ଅଭିଯୋଗ ହେଲା ଯେ, ଆମ ଉତ୍ପାଦନ ପଦ୍ଧତିରେ କିଛି ଊଣା ରହିଯାଇଛି । ମନ୍ତ୍ରୀ କୁଆଡ଼େ ତାର ମାମୁଁ । ସେଥିପାଇଁ ଧରାସରା କିଛି ମାନୁନି । ଭାବୁଛି, ସେ ଯାହା ଚାହିଁବ, ସେଇୟା କରିବ । ମୋ ଆଗରେ ଏବେ ଦୁଇଟି ବିକଳ୍ପ- ପ୍ରଥମ, ଅମଳ ହେଲା ପରେ ଗହମକୁ ସାଧାରଣ ଗହମ ମୂଲ୍ୟରେ ବିକ୍ରୀ କରିବି । ନୋହିଲେ, ଦ୍ୱିତୀୟ ବିକଳ୍ପ ହେଲା- କୃଷି ଅଧିକାରୀ ସାଙ୍ଗରେ ରୀତିମତ ଝଗଡ଼ା କରିବି । ସେ ଯାହାହେଉ ଏକଥା ନିଶ୍ଚିତ ଯେ, କେବେ ତାକୁ ଲାଞ୍ଚ ମୁଁ ଦେଇ ପାରିବିନି । କସ୍ମିନକାଳେ ମୁହଁ ବି ଦେବିନି ।''

- ଆପଣ ରବିକୁ କହିଦେଉ ନାହାନ୍ତି ?

- ସେହିକଥା କହିବା ପାଇଁ ତ ମେନେଜର ଆସିଥିଲା ।

ସଂଧ୍ୟାରେ ଜହ୍ନ ଉଇଁଲେ । ବିଜୁଳି ଆଲୁଅର ପରିଧି ବାହାରେ ବିଦ୍ୟମାନ ଗଛମାନଙ୍କର ଅନ୍ଧାରୁଆ ଡ଼ାଳମାନ ପବନ ଖାଇ ଜହ୍ନ ଆଲୁଅରେ ଦୋହଲୁଥିଲେ । ଝିଅ କହିଲା, ''ରବି ଏଠିକାର କୃଷି ବିଭାଗର ଡେପୁଟୀ ଡ଼ାଇରେକ୍ଟରକୁ ଭଲଭାବେ ଜାଣେ । ଦିକ୍ଷିତ ନା ସେମିତି କିଛି ତାଙ୍କ ନାଁ । ମଝିରେ ମଝିରେ ଆମ ଘରକୁ ଆସନ୍ତି । ପଣ୍ଡିତ କିସମର ଲୋକ । ଆଉ ତ ଆଉ, ପିଆଜ ରସୁଣ ବି ଖାଆନ୍ତି ନାହିଁ ।''

ପାପା ପଚାରିଲେ, ''ଲାଂଚ ଖାଆନ୍ତି ନା ନାହିଁ ?''

ଝିଅର ଉତ୍ତର, ''ବୋଧହୁଏ ଲାଂଚବି ସେ ଖାଆନ୍ତି ନାହିଁ ।''

Digitized by srujanika@gmail.com

ଏବେ ଗଛର ଡ଼ାଳଗୁଡ଼ିକ ବେଶି ବେଶି ଜୋରରେ ଦୋହଲୁଥାନ୍ତି । ତାଙ୍କର ଛାୟାନୃତ୍ୟକୁ ଝିଅ ଏକଦୃଷ୍ଟିରେ ଦେଖୁଥାଏ । ପୁଣି ଘର ଭିତରକୁ ମୁହଁକରି କହିଲା, "କ'ଣରେ ପିଲାମାନେ, ଟିଭିରେ କେତେବେଳ ଯାଏଁ ଆଉ ଲଟକି ରହିବ ? ବାରଣ୍ଡା ଯାଏଁ ବି ବାହାରିବ ନା ନାହିଁ ?"

ଏପର୍ଯ୍ୟନ୍ତ ଦଂଗା ପ୍ରସଂଗ ପ୍ରାଗ ଐତିହାସିକ ଯୁଗର କେଉଁ ଏକ ପଥର ଚଟାଣ ତଳେ ଚାପି ହୋଇ ରହିଥିଲା । ମୋଟର ଗାଡ଼ିର ଆଲୁଅ ଆସି ଫାର୍ମହାଉସର ଗଛ ଉପରେ ପଡ଼ିଲା କ୍ଷଣି ପ୍ରସଂଗଟି ଆଉଥରେ ଉଜ୍ଜୀବିତ ହେଲା ।

ଦୁଇଟି ଗାଡ଼ିରୁ ଗୋଟାକରେ ଅର୍ଥାତ୍ ଆଗ ଗାଡ଼ିରେ ରବିବାବୁ ବସିଥିଲେ । ପଛ ଜୀପ୍‌ରେ ସଶସ୍ତ୍ର ପୋଲିସ ବାହିନୀ । କଟେଜ ଆଗରେ ରବିବାବୁ ଗାଡ଼ିରୁ ଓହ୍ଲାଇ ସାରିଲା ପରେ ଦୁଇଟି ଯାକ ଗାଡ଼ି ଅନତି ଦୂରରେ ଗଛ ଉହାଡ଼ରେ ଯାଇ ଅଟକିଲେ ।

"କେମିତି କଟିଲା ?" ପ୍ରଶ୍ନଟିର ଉତ୍ତର ରବିବାବୁ ତତ୍‌କ୍ଷଣାତ ଦେଲେ ନାହିଁ । ଆଗ ଗ୍ଲାସରେ ଅଳ୍ପ ହ୍ୱିସ୍କି ଢ଼ାଳିଲେ । ସୋଡ଼ା ମିଶାଇ ଗ୍ଲାସକୁ ଭର୍ତ୍ତିକଲେ । ଆରାମ ଚଉକିରେ ଆରାମରେ ଯାଇ ବସିଲେ କିଛିବେଳ । ଶେଷରେ ଜୋର ଜୋରରେ ନିଶ୍ୱାସ ଟାଣି କହିଲେ, "ପରିସ୍ଥିତି ଭାରି ଖରାପ । ଭାଗ୍ୟ ଭଲ ହିନ୍ଦୁ-ମୁସଲିମ ଦଂଗା ନୁହେଁ ।"

ଏତେବେଳକୁ ପାପାଙ୍କ ଡ଼କରା ପାଇ ରୋଷେଇୟା ଆସି ସାରିଥାଏ । ନିର୍ଦ୍ଦେଶ ଗଲା, "ସମସ୍ତଙ୍କ ପାଇଁ ଅର୍ଥାତ ଜୀପରେ ଆସୀନ କନଷ୍ଟେବଲ ଦଳ ପାଇଁ ଚା'ର ବ୍ୟବସ୍ଥା କର । ସାଙ୍ଗରେ ବିସ୍କୁଟ ଫିସକୁଟ ବି ଦେଇଦେ ।"

ପାପାଙ୍କ ପାଟିଶୁଣି ପିଲାଏ ବାରଣ୍ଡାରେ ହାଜର । ରବିବାବୁ କହୁଥାନ୍ତି, "ପାଞ୍ଚଟି ଘର ଜଳିଛି । ଚାରୋଟି ମୁସଲମାନ ଘର ଏବଂ ଆଉ ଗୋଟାଏ ମଝିରେ ଥିବା ହିନ୍ଦୁର ଘର । ଅସଲରେ ସେଠିକାର ଠାକୁରମାନଙ୍କ (କ୍ଷତ୍ରୀୟ) ସାଙ୍ଗରେ 'ଏମାନଙ୍କର' ପୁରୁଣା ଝଗଡ଼ା । ଆଗରୁ କଥା କୋର୍ଟ କଚେରୀ ଯାଏଁ ଯାଇ ସାରିଛି । ଜମି ପାଇଁ ଝଗଡ଼ା । ରକ୍ଷା ହେଇଛି, ପୋଲିସ ଆଗରୁ ଉଭୟ ଗୋଷ୍ଠୀ ନାଁରେ ଶହେ ସାତ ଦଫାରେ କେଶ କରିସାରିଛି । ଗତକାଲି ହଠାତ୍ ଝଗଡ଼ା ବଢ଼ିଗଲା । ଠାକୁରଙ୍କର ଗୋଟାଏ ଗୋଷ୍ଠୀ 'ଏମାନଙ୍କ' ଉପରେ ଆକ୍ରମଣ କଲା । ଗୁଳିବାଜିରେ ଜଣେ ସାଙ୍ଗେ ସାଙ୍ଗେ ମରିଗଲା । ନିଆଁରେ ପୋଡ଼ି ଆଉ ଜଣେ ମଲା । ସବୁଯାକ ହତ୍ୟା ଆଉ ରାହାଜାନିର ମାମଲା । ସାଂପ୍ରଦାୟିକ ଦଂଗା ନୁହେଁ । ସରକାରୀ ଭାଷାରେ ଅବଶ୍ୟ ଦଂଗା, କିନ୍ତୁ ସାଂପ୍ରଦାୟିକ ବୋଲି ତାକୁ ଆଦୌ କୁହାଯାଇ ପାରିବ ନି ।"

Digitized by srujanika@gmail.com

''ପିଏସି (ପ୍ରୋଭିନସିଆଲ ଆର୍ମଡ଼ କନଷ୍ଟେବଲରି) ମୁତୟନ ହେଇ ଯାଇଛି ?''

''ହଁ, ଅବଶ୍ୟ ଏହି ମାମଲାରେ ଆମ ଏସପି ସାହେବ ଖୁବ ବଢ଼ିଆ କାମଟେ କରିଛନ୍ତି । କାଲି ରାତିରେ ହିଁ କଲେକ୍ଟର ସାଙ୍ଗରେ ସେ ଘଟଣାସ୍ଥଳ ପରିଦର୍ଶନ କରି ପକେଇଲେ । ଆଜି ସକାଳକୁ ଆବଶ୍ୟକୀୟ ଗିରଫଦାରୀ ଆଦିବି ସରିଗଲାଣି । ଦୁଇ ପକ୍ଷରୁ କିଛି କିଛି ଗିରଫ ହେଇଛନ୍ତି । ଦୁଇ ପକ୍ଷରୁ କିଛି କିଛି ଲୋକ ହାଜତକୁ ନ ଗଲେ, ଆମ ଚାକିରୀଟା ଯିବ ଯେ ! ସେ ଭୁଲ କିଏ କରିବ ?''

ପତ୍ନୀ ରବିବାବୁଙ୍କ ଠାରୁ ପୂରା ଘଟଣା ଶୁଣି ଉତ୍ତେଜିତ ଜଣାପଡୁଥାନ୍ତି । ଉତ୍ତେଜନାରେ ତାଙ୍କ ଚେଆରଟି ସୁଦ୍ଧା ଥରିବାକୁ ଲାଗିଲା । ''ପୂରା ଗାଁଟା ଜଳିପୋଡ଼ି ଛାରଖାର ହେଇ ଯାଇଥିବ ! ପୋଡ଼ା ଘର, ଦରପୋଡ଼ା ମଣିଷର ଶବ, ଗୁଳିବିଦ୍ଧ ଶରୀର, ଆହତ ବ୍ୟକ୍ତିର ଶରୀରରୁ ବୋହି ପଡୁଥିବା ଧାର ଧାର ରକ୍ତ, କେମିତି ଏସବୁ ବିଭତ୍ସ ଦୃଶ୍ୟ ତୁମେମାନେ ଆଖିରେ ଦେଖିପାର ଯେ ? ହେ ଭଗବାନ !

ସୁଯୋଗ ପାଇ ପିଲାଏ ବି ଯୋଗଦେଲେ ଆଲୋଚନାରେ । ''ଡେଡି, ଡେଡି, କିଛିଦିନ ତଳେ ଟିଭିରେ ଏ ଭଳିଆ ସିନେମାଟିଏ ଆସି ନଥିଲା ! ନାଁ କ'ଣ ଥିଲା ? ଦାମୁଲ । ଢ଼ିସୁମ ଢ଼ିସୁମ ଗୁଳି ଚାଲିଥାଏ, ଏପଟେ କୁଡ଼ିଆ ଘରମାନଙ୍କରେ ନିଆଁ ଲାଗିଥାଏ ।''

''ପିଲାମାନେ ତୁମେ ଭିତରକୁ ଗଲ । ଶୀଘ୍ର ଖିଆପିଆ ସାର । ଘଣ୍ଟାଏ ଭିତରେ ଆମେ ବାହାରିବା ।''

''ଦାମୁଲର ଭିଲିଏନ ନା ଡେଡି ! ତାକୁ ମୁଁ... ।''

ଦୁଇ ନାତିଙ୍କୁ ଅଗତ୍ୟା ପାପା ଭିତର ଘରକୁ ନେଇଗଲେ । ସେଠୁ ଆସି ଆଲୋଚନାରେ ଯୋଗଦେଲା ବେଳକୁ ରବି ବାବୁର ବ୍ୟାଖ୍ୟାନ ଚାଲିଥାଏ । ''ଭାରି ଅବଶୋଷର କଥା । ନିଆଁରେ ଜଳି ମରିଥିବା ଲୋକଟିର ଘରେ କେହି ନାହାନ୍ତି । କେବଳ ଯୁବତୀ ଝିଅଟିଏ । ସତର ଅଠର ବର୍ଷ ହେବ ବୟସ । ଦେଖିବାକୁ କୋମଳ ନିରିହ ଝିଅଟିଏ । ସେ କାନ୍ଦି ବି ପାରୁନଥାଏ । ମୋ ସାମନାରେ ଆସି ଠିଆ ହେଲା । ଅନେକବେଳ ଯାଏ କେବଳ ଠିଆ ହେଇ ରହିଥାଏ । ଭାରି ବିଷମ ସ୍ଥିତି । ପାପା, ଆପଣ ଠିଆ ହେଲେ ଯେ । ବସୁ ନାହାନ୍ତି ! ଝିଅଟି ପଛରେ କେତେଜଣ ସ୍ତ୍ରୀ ଲୋକ

Digitized by srujanika@gmail.com

ଠିଆ ହୋଇ କାନ୍ଦୁଥାନ୍ତି । ହେଲେ ଏ ଝିଅଟି ଖଂବଭଳିଆ କେବଳ ଠିଆ ହୋଇଥାଏ । ମତେ ଅନାଇଥାଏ । ମତେ ବି ନୁହେଁ, ମୋ କାନ୍ଧର ପୋଲିସିଆ ଷ୍ଟାରମାନଙ୍କୁ କେବଳ ଅନାଇଥାଏ... ।''

କ୍ବାଇଁର ଅଯଥା ଭାବପ୍ରବଣତା ଦେଖି ହେଉ ବା ଅନାଥ ଝିଅଟି ପ୍ରତି ସଂବେଦନଶୀଳତା ଯୋଗୁଁ ହେଉ- ପାପାଙ୍କ ଭ୍ରୂଲତା ସଂକୁଚିତ ହେଲା । ସେ କେବଳ କ୍ବାଇଁର କଥା ଶୁଣୁଥାନ୍ତି ।

''କିଛିବେଳ ପରେ ଝିଅଟି କହିବା ଆରମ୍ଭ କଲା ତ ଆଉ ବଂଦ ପଡ଼ିଲାନି । କେବଳ ଗୋଟାଏ କଥା ଦୋହରାଉଥାଏ, 'ମୁଁ ଏବେ କୋଉଠିକି ଯିବି ?'

''ତୁମେ କି ପଦକ୍ଷେପ ନେଇ ?''

''କିଛିଦିନ ପାଇଁ ତାକୁ ଏବେ 'ମହିଳା ସୁରକ୍ଷା ଗୃହ'କୁ ପଠେଇ ଦେଇଛି । ଜଣେ ପୋଲିସ ସିପାହୀ ଏବଂ ଝିଅଟିର ପଡ଼ୋଶୀ କେତେଜଣ ମିଶି କାଲି ତାକୁ ସେଠି ଛାଡ଼ିଆସିବେ ।''

''ଅନ୍ୟ ବିକଳ୍ପ କିଛି ନଥିଲା ?''

''ଆମର ଜଣେ ସବଇନସ୍ପେକଟର ଅଛି । ତା'ଘର ବି ସେଠି କେଉଁଠି । କହୁଥିଲା, ସେ ଝିଅଟିକୁ ନିଜ ଘରେ ନେଇ ରଖିବ । ତା' ମା' ବିମାର । ଝିଅଟି ତାଙ୍କର ଦେଖାଶୁଣା କରିବ । ହେଲେ ମୁଁ ମନା କଲି । ସେ କ୍ଷେତ୍ରରେ ଲୋକ ପୋଲିସକୁ ସଂଦେହ ଚକ୍ଷୁରେ ଦେଖିବେ ।''

''ହେଲେ 'ସୁରକ୍ଷା ଗୃହ' ଉପରେ କି କେବେ ଭରସା କରାଯାଇପାରେ ?'' ପାପା ମନ୍ତବ୍ୟ ଦେଲେ । ''ଆଦୌ ସୁରକ୍ଷିତ ନୁହନ୍ତି ସେଗୁଡ଼ିକ ।''

- ଆପଣ ଠିକ୍ କହୁଛନ୍ତି ଯେ, ପାପା ! ତଥାପି ଯାହା ବି ହେଉ ନା କାହିଁକି ସେଇଟା ହେଲା ସରକାରୀ ସଂସ୍ଥା । ଆମ ଉପରେ କେହି ଆଂଗୁଳି ଉଠେଇ ପାରିବେ ନାହିଁ । ଆମେ ପରା 'ଗ୍ଲାସହାଉସ'ରେ ବସିଛୁଁ । କେହି ବି ପଥରଟିଏ ଫିଙ୍ଗି ନାକେଦମ୍ କରିଦେବ ।''

ପାପାଙ୍କ ହାତରେ ଏବେ ତିନି ନମ୍ବର 'ପେଗ' । ଗୋଟାଏ ଢୋକ ନେଇ କହିଲେ, ''ଜମାନା ଖରାପ । ଏତେ ବଡ଼ ଦେଶ । ହେଲେ ଅନାଥ ଝିଅଟି ପାଇଁ ସୁରକ୍ଷିତ ଛାତଟିଏ କୋଉଠି ଖୋଜିଲେ ପାଇବନି ।'' ତେଣିକି କ୍ବାଇଁଙ୍କ ଆଡ଼କୁ ଚାହିଁ

Digitized by srujanika@gmail.com

କହିଲେ, ''ଅନ୍ୟ ବିକଳ୍ପ ନ ହେବା ଯାଏଁ ଅନ୍ତତଃ ଫାର୍ମହାଉସକୁ ଆଣି ଆସିଥାନ୍ତ । ମୁଁ କିଛିଦିନ ତାର ସୁରକ୍ଷା ଦାୟିତ୍ୱ ନେଇଥାନ୍ତି ।''

ରବିବାବୁ ତୀର୍ଯ୍ୟକ ଦୃଷ୍ଟିରେ ଶ୍ୱଶୁର ମୁହଁକୁ ଅନାଇଲେ । ମନେ ମନେ ଭାବିଲେ, ବାଃ ବାଃ ରେ ! ବୁଢ଼ାର ସଉକି ଦେଖ ! ତା ପରେ କହିଲେ, ''ନା ନା ପାପା, ସେ ଭୁଲ ତ ମୁଁ ଜମା କେବେ କରିବିନି । ଆପଣ ହେଲେ ମୋର ଶ୍ୱଶୁର । ସିଧା ସଂବଂଧ । ସେଥିରେ ପୁଣି ଯଦି ଝିଅଟିକୁ ଆପଣଙ୍କ ପାଖରେ ରଖିଦିଏଁ... ।''

ଝିଅ ବି ପାପାଙ୍କ ପ୍ରସ୍ତାବରେ ବିରକ୍ତି ପ୍ରକାଶ କଲା । କହିଲା, ''ଏମିତି ବି ପାପା । ଜଣେ ଚାକରାଣୀ ତୁମ ପାଖରେ ରହି କାମ ପରା କରୁଛି ।''

ପାପା କୌଣସି ଉତ୍ତର ଦେଲେନି । ଚୁପ ଥାଆନ୍ତି । କିଛି କ'ଣ ଚିନ୍ତା କରୁଥାନ୍ତି । ଝିଅ ଚେୟାରରୁ ଉଠି କହିଲା, ''ମୁଁ ଦେଖେଁ ଖାଇବା କଥା କେତେଦୂର ଗଲା !''

ଝିଅର ପ୍ରସ୍ଥାନ ପରେ ପାପା ଚ୍ଚାଇଁ କଡ଼କୁ ନିଜ ଚଉକିକୁ ଟାଣି ଆଣିଲେ । ''ତୁମ ପାଖରେ ଗୋଟାଏ କାମ ଥିଲା ରବି । ତୁମେ ତ ଚାଲିଯାଉଛ । ଫାର୍ମହାଉସର ଛୋଟିଆ ସମସ୍ୟାଟିଏ ରହିଛି । ତୁମେ ଶୁଣିନିଅ । ଅବଶ୍ୟ ପୂରା ଘଟଣାଟି ମୋ ମେନେଜର ଆସି ବଖାଣିବ... ।''

ପ୍ରକୃତ ଦଂଗା ଅର୍ଥାତ୍ ବିନା ଦ୍ୱନ୍ଦରେ ଯାହାକୁ ସମସ୍ତେ ଦଂଗା ବୋଲି ସ୍ୱୀକାର ଗଲେ, ତାହା ଆରଂଭ ହେଲା ଏହି ଘଟଣାର ତିନିଦିନ ପରେ । ପାପାଙ୍କର ଆଶଙ୍କା ଅନୁରୂପ, ଅନାଥ ଝିଅଟିକୁ 'ମହିଳା ସୁରକ୍ଷା ଗୃହ'ରୁ ଭାରି ରହସ୍ୟମୟ ଭାବେ କେହି ହରଣଚାଲ କରିନେଲା । ତାକୁ ନେଇ ଆରଂଭ ହେଲା ଦଂଗା ।

ଖବର ପାଇ ସାଂଗେ ସାଂଗେ ରବିବାବୁ ଦଂଗାଗ୍ରସ୍ତ ସହର ପରିଦର୍ଶନ କଲେ । ଯୋର ସୋରରେ ଚାଲିଲା ଦଂଗା ନିୟନ୍ତ୍ରଣ କାମ । ପିଏସି, ବିଏସଏଫ, ସେନା ଅଦି ମୁତୟନ ଆରଂଭ ହେଲା ବେଳକୁ, ସେଆଡ଼େ ରାଷ୍ଟ୍ରୀୟ ସଂବାଦପତ୍ରମାନେ ଦଂଗାର ବିସ୍ତୃତ ବିବରଣୀ ଛାପିବା ଆରଂଭ କରିଦେଲେଣି । ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ କେନ୍ଦ୍ରୀୟ ଗୃହମନ୍ତ୍ରୀଙ୍କର ଦଂଗାଗ୍ରସ୍ତ ଅଂଚଳ ପରିଦର୍ଶନ କାର୍ଯ୍ୟକ୍ରମ ନିର୍ଦ୍ଧାରିତ ହୋଇ ସାରିଥାଏ ।

ଅବଶ୍ୟ ରବିବାବୁଙ୍କ ପରି ସୁଦକ୍ଷ, ସୁଯୋଗ୍ୟ ପୋଲିସ ଅଧିକାରୀଙ୍କ ପାଇଁ ଏଥିରେ ଚିନ୍ତାର କୌଣସି କାରଣ ନଥିଲା । ତେଣୁ, ଗୃହମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ ଶୁଣି ତାଙ୍କ ସହକର୍ମୀ ମାନେ ଯେତେ ବିଚଳିତ ହେଉଥାନ୍ତି, ରବିବାବୁ ତାର ସେତେ ଅଧିକ

Digitized by srujanika@gmail.com

ମଜା ନେଉଥାନ୍ତି । ମଜା ବା କାହିଁକି ସେ ନ ନେବେ ଯେ ? ଉଚ୍ଚସ୍ତରୀୟ ବୈଠକଗୁଡ଼ିକରେ ନିର୍ଭୁଲ ଇଂରାଜୀରେ ରବିବାବୁଙ୍କକ ପରି କେହି ତଥ୍ୟ ପେଶ କରିପାରନ୍ତି ନାହିଁ ! ତଥ୍ୟଗୁଡ଼ିକୁ ପୁଣି ସେ ଯଥୋଚିତ ବିଶ୍ଳେଷଣ ବି କରିପାରନ୍ତି, ତଥ୍ୟ ଆଧାରରେ ବିକଳ୍ପଗୁଡ଼ିକୁ ମଧ୍ୟ ପ୍ରସ୍ତୁତ କରିପାରନ୍ତି ଏବଂ ତା'ଠୁ ବଡ଼ କଥା ସର୍ବାପେକ୍ଷା ଗ୍ରହଣୀୟ ବିକଳ୍ପଟିକୁ ଗ୍ରହିତ କରେଇ ପାରନ୍ତି ।ଏସବୁ କାମ ପାଇଁ ପୋଲିସ ବିଭାଗରେ ତାଙ୍କର ଖୁବ୍ ପ୍ରସିଦ୍ଧି । ଦଂଗାରେ ସର୍ବସ୍ୱାନ୍ତ ପରିବାରକୁ ଥଇଥାନ କରିବା ଅପେକ୍ଷା ଏଭଳି କାମ ସକାଶେ ସର୍ବଦା ଅଧିକ ଦକ୍ଷତା ଏବଂ କର୍ତ୍ତବ୍ୟନିଷ୍ଠାର ଆବଶ୍ୟକତା ପଡ଼େ ! ରବିବାବୁଙ୍କ ପାଖରେ ସେହି ଆବଶ୍ୟକୀୟ ଦକ୍ଷତା ଓ କର୍ତ୍ତବ୍ୟନିଷ୍ଠା ବେଶ ଭର୍ତ୍ତି ହୋଇ ରହିଥିଲା । ଜଣେ ଅନାଥ୍ ଯୁବତୀକୁ ଅସୁରକ୍ଷିତ ଅବସ୍ଥାରେ କାହିଁକି 'ମହିଳା ସୁରକ୍ଷା ଗୃହ'ରେ ରଖାଯାଇଥିଲା ବୋଲି ପ୍ରେସ ତରଫରୁ ପୋଲିସ ବିରୋଧରେ ଯେଉଁ ଅଭିଯୋଗ କରାଯାଇଥିଲା, ତାର ଯଥୋଚିତ ଜବାବ ସେ ଏତେ ସୁନ୍ଦର ଭଙ୍ଗୀରେ ଦେଇଥାନ୍ତି ଯେ, ପ୍ରେସବାଲା ବି ତାଙ୍କର ଏବଂ ଜବାବର ଭୂରିଭୂରି ପ୍ରଶଂସା କରୁଥାନ୍ତି !

ରବିବାବୁ ନିଜ ସଫଳତାରେ ନିଜେ ଆତ୍ମହରା ହୋଇ ପଡୁଥାନ୍ତି । ତାଙ୍କର ମନେହେଲା, ସେ ଜଣେ ଧୈର୍ଯ୍ୟବାନ ଏବଂ ଅନୁଭବୀ ପାଇଲଟ, ଯାହାକୁ ବିମାନ ଚଢ଼ି ବୁଲିବାକୁ କାଲିଠାରୁ ଅପୂର୍ବ ସୁଯୋଗ ମିଳିଯିବ । ନିଜେ ପସନ୍ଦ କରିଥିବା ବିମାନ ମନଭରି ଖୋଲା ଆକାଶରେ ଚଢ଼ି ବୁଲିବେ ସେ !!

❑

Digitized by srujanika@gmail.com

ପ୍ରୀତୀଶ ଆଚାର୍ଯ୍ୟ

ପ୍ରୀତୀଶ ଆଚାର୍ଯ୍ୟଙ୍କର ଜନ୍ମ ବରଗଡ଼ ଜିଲ୍ଲାର ଗର୍ଭଣା ଗ୍ରାମରେ । ୧୯୬୩ ମସିହା ମାର୍ଚ୍ଚ ୯ ତାରିଖରେ । ଆରଂଭିକଶିକ୍ଷା ଗାଁ, ସୋହେଲା ହାଇସ୍କୁଲ ଏବଂ ସମ୍ବଲପୁର ଗଂଗାଧର ମେହେର ମହାବିଦ୍ୟାଳୟରେ, ଉପାଧ୍ଯୁତ୍ତର ଶିକ୍ଷା ନୂଆଦିଲ୍ଲୀ ସ୍ଥିତ ଜବାହରଲାଲ ନେହେରୁ ବିଶ୍ୱ-ବିଦ୍ୟାଳୟରେ । ଅରୁଣାଚଳ ବିଶ୍ୱ-ବିଦ୍ୟାଳୟରେ ନଅ ବର୍ଷ ଅଧ୍ୟାପନ (୧୯୮୮ ରୁ ୧୯୯୭), ସଂପ୍ରତି NCERTର ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ଶିକ୍ଷା ଓ ସଂସ୍ଥାନରେ ଇତିହାସ ପ୍ରାଧ୍ୟାପକ ଭାବରେ ଅବସ୍ଥାପିତ । ଓଡ଼ିଆରେ ତିନୋଟି ଗଳ୍ପସଂକଳନ 'ପୌଷ ପାହିଲେ ଯାଇ' (୧୯୮୬), 'ଆମ୍ରଲିପି' (୧୯୮୯) ଏବଂ 'ପାତ୍ରୀ ଅନ୍ୱେଷଣ' (୨୦୦୧) ଗୋଟାଏ ନିବନ୍ଧ ସଂଗ୍ରହ 'ଅପନିନ୍ଦା ଉପାଖ୍ୟାନ' (୨୦୦୪), ତଥା ଅନୁବାଦ 'ସାଂପ୍ରଦାୟିକତା : ଏକ ପରିଚୟ' (ମୂଳ- ପ୍ରଫେସର ବିପିନ ଚଂଦ୍ର) ପ୍ରକାଶିତ । ଅନେକ ଗଳ୍ପ 'ସମକାଳିନ ଭାରତୀୟ ସାହିତ୍ୟ, 'ଜନସତ୍ତା', 'ବାଗାର୍ଥ' ଆଦି ପତ୍ରିକାରେ ପ୍ରକାଶିତ । ଅନେକ ପ୍ରବଂଧ ଓଡ଼ିଆ ଏବଂ ଇଂରାଜୀର ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ।

Digitized by srujanika@gmail.com

୧୯୬୦ ଦଶକରେ ଯେତେବେଳେ 'ରାଗ ଦରବାରୀ' ନାମରେ ହିନ୍ଦୀରେ ଉପନ୍ୟାସଟିଏ ପ୍ରକାଶିତ ହେଲା, ସେତେବେଳ ଯାଏଁ ଶ୍ରୀଲାଲ ଶୁକ୍ଳଙ୍କୁ ସାହିତ୍ୟ ଜଗତରେ ଅନେକ ଲୋକ ଜାଣିନ ଥିଲେ । 'ରାଗଦରବାରୀ' ତାଙ୍କୁ କେବଳ ହିନ୍ଦୀ କାହିଁକି, ସମଗ୍ର ଭାରତୀୟ ସାହିତ୍ୟ ଜଗତରେ ବି ଖୁବ ଜଣାଶୁଣା କରିଦେଲା । କେବଳ ବ୍ୟଙ୍ଗରଚନା କ୍ଷେତ୍ରରେ ନୁହେଁ, ପ୍ରେମଚାନ୍ଦଙ୍କ ପରେ ଉଚ୍ଚକୋଟୀର ସାହିତ୍ୟକୁ ସର୍ବବୋଧ କରିବାରେ ଯେଉଁ କେତେକ ସାହିତ୍ୟିକ ଗଣା ହେଲେ, ସେଥିରେ ଶ୍ରୀଲାଲ ଶୁକ୍ଳ ବି ଏଣିକି ରହିଲେ । ପ୍ରାୟ ପ୍ରତ୍ୟେକ ଭାରତୀୟ ଭାଷା ଓ ଇଂରାଜୀରେ ଆଜି ତାଙ୍କ ଗଳ୍ପ ଏବଂ ଅନ୍ୟାନ୍ୟ ବ୍ୟଙ୍ଗ ରଚନା ଅନୁଦିତ ଏବଂ ପ୍ରକାଶିତ । ଗ୍ରାମ୍ୟ ଜୀବନ, ସହରି ନିଃସଂଗତା ଏବଂ ଉଚ୍ଚ ମଧ୍ୟବିତ୍ତୀୟ ସଂବେଦନହୀନତାର ଅଂଦିକଂଦିକୁ ସେ ଯେଉଁ ସହଜତାର ସହ ଅଭିବ୍ୟକ୍ତ କରନ୍ତି, ବ୍ୟବସ୍ଥା ଓ ବ୍ୟବସ୍ଥାକାରମାନଙ୍କ ପ୍ରତି ବ୍ୟଂଗୋକ୍ତି କରନ୍ତି, ତାହା ନିଶ୍ଚିତ ରୂପେ ପ୍ରଣିଧାନଯୋଗ୍ୟ । ତାଙ୍କର ରସାଳ ଏବଂ ବ୍ୟଙ୍ଗାତ୍ମକ ଅଭିବ୍ୟକ୍ତି ପଛରେ ଯେଉଁ ଗାଂଭୀର୍ଯ୍ୟ, ମାନବୀୟ ସଂବେଦନା ଓ ମୂଲ୍ୟବୋଧ, ତାହା ପାଠକକୁ ଆମୋଦିତ କରେ ନିଶ୍ଚୟ, ମାତ୍ର ତା'ଠାରୁ ଅଧିକ ମାତ୍ରାରେ ପ୍ରଚଳିତ ସାମାଜିକ ବ୍ୟବସ୍ଥା ପ୍ରତି ଚିନ୍ତାଶୀଳ କରେ, ବିଚଳିତ ବି କରେ । ଏହି ସଂକଳନରେ ସ୍ଥାନିତ ପ୍ରତ୍ୟେକଟି ଲେଖା ତାଙ୍କର ବ୍ୟଙ୍ଗାତ୍ମକ ଅଭିବ୍ୟକ୍ତିର ଗୋଟାଏ ଗୋଟାଏ ଉଦାହରଣ । ଓଡ଼ିଆ ସାହିତ୍ୟ ଓ ପାଠକ ଆଗରେ ନିଶ୍ଚିତ ରୂପେ ଗଳ୍ପଗୁଡ଼ିକ ଏକ ଭିନ୍ନଦୃଷ୍ଟି ଦେବ- ଏଥିରେ ସଂଦେହ ନାହିଁ ।

ବର୍ଣ୍ଣ ପ୍ରକାଶନ
ବାଦାମବାଡ଼ି, କଟକ

Digitized by srujanika@gmail.com